# ଧରିତ୍ରୀ
DHARITRI

ବାଲେଶ୍ୱର, ଶୁକ୍ରବାର, ନଭେମ୍ବର ୩୦/୨୦୧୮ (୨୦ ପୃଷ୍ଠା) | Balasore, Friday, November 30/ 2018 | ★★★★

୪୫ଶ ଭାଗ ୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




## ମୁମ୍ବାଇରେ ଦୀପିକାଙ୍କ ୱେଡ଼ିଂ ରିସେପ୍‌ଶନ୍

ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍ ମୁମ୍ବାଇରେ ବିବାହ ଭୋଜି ଦେଇଛନ୍ତି। ଏଥିରେ ପାଖାପାଖି ୧୨୦୦ ଅତିଥି ଅଂଶଗ୍ରହଣ କରିଥିଲେ।

୧୨

୧୭

## ବିମୁଦ୍ରୀକରଣ ଏକ କଠୋର ନିଷ୍ପତ୍ତି

ବିମୁଦ୍ରୀକରଣ ଦେଶର ଅର୍ଥନୀତି ପାଇଁ ଏକ କଠୋର ନିଷ୍ପତ୍ତି ଥିଲା ବୋଲି ପ୍ରଧାନମନ୍ତ୍ରୀଙ୍କ ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟନ କହିଛନ୍ତି।



### ହକି ବିଶ୍ୱକପ୍

ଫଳାଫଳ

ODISHA HOCKEY MEN'S WORLD CUP BHUBANESWAR 2018

**ଗୁରୁବାର**

ପ୍ରଥମ ମ୍ୟାଚ

ଆର୍ଜେଣ୍ଟିନା-୪
ସ୍ପେନ-୩

ଦ୍ୱିତୀୟ ମ୍ୟାଚ

ନ୍ୟୁଜିଲାଣ୍ଡ-୨
ଫ୍ରାନ୍ସ-୧

### ଆଜିର ସମ୍ପାଦକୀୟ

ବର୍ଦ୍ଧିତ ଏମ୍‌ଏସ୍‌ପି ଯଥେଷ୍ଟ ନୁହେଁ

### ଆଜିର ମନ୍ତବ୍ୟ

“ ବ୍ରିଟେନର ବ୍ରେକ୍‌ଜିଟ୍ ଭବିଷ୍ୟତ ପାର୍ଲାମେଣ୍ଟ ନିଷ୍ପତ୍ତି ଉପରେ ନିର୍ଭର କରେ।

–ଥେରେସା ମେ, ବ୍ରିଟେନ ପ୍ରଧାନମନ୍ତ୍ରୀ

### କିଛି ତଥ୍ୟ

୨୦୧୬-୧୭ରେ ଦେଶର ଜିଡ଼ିପି ଅଭିବୃଦ୍ଧି ୭.୧% ରହିଥିବା ବେଳେ ୨୦୧୭-୧୮ରେ ୬.୭%କୁ ହ୍ରାସ ଘଟିଛି। – ନୀତି ଆୟୋଗ



ହକି ବିଶ୍ୱକପ୍‌ରେ ଗୁରୁବାର ଆର୍ଜେଣ୍ଟିନା ଓ ସ୍ପେନ୍ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ର ଏକ ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ।

# ଜନଶୁଣାଣି ପାଇଁ ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ

ଭୁବନେଶ୍ୱର,୨୯।୧୧(ବ୍ୟୁରୋ)

ପୋଲାଭରମ୍ ପ୍ରକଳ୍ପ ବିବାଦକୁ ନେଇ ସୁପ୍ରିମକୋର୍ଟ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଏହି ପ୍ରକଳ୍ପ ସମ୍ପର୍କରେ ଓଡ଼ିଶା ଏବଂ ଛତିଶଗଡ଼ରେ ଜନଶୁଣାଣି କରିବାକୁ ସର୍ବୋଚ୍ଚ ଅଦାଲତ ଉଭୟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଡିସେମ୍ବର ୧ ତାରିଖ ସୁଦ୍ଧା ଜନଶୁଣାଣି ପାଇଁ ଟର୍ମସ ଆଣ୍ଡ୍ କଣ୍ଡିଶନ୍ସ ଦାଖଲ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶା ସରକାରଙ୍କ ଏକ ଅନ୍ତରୀଣ ପିଟିଶନ ଉପରେ ଶୁଣାଣି କରି ସୁପ୍ରିମକୋର୍ଟଙ୍କ ଏକ ୩ ଜଣିଆ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ବେଳେ ଆନ୍ଧ୍ର ସରକାରଙ୍କ ଓକିଲ ଯୁକ୍ତି ବାଢ଼ିଥିଲେ ଯେ ପ୍ରକଳ୍ପ କାର୍ଯ୍ୟ ବନ୍ଦ କରାଗଲେ ୩୦ ହଜାର କୋଟି ଟଙ୍କା କ୍ଷତି ହେବ। ଓଡ଼ିଶାକୁ ଜନଶୁଣାଣି ପାଇଁ ୭୫ ହଜାର ଟଙ୍କା ପ୍ରଦାନ କରାଯାଇଥିବା ଦର୍ଶାଇଥିଲେ। ଅନ୍ୟପକ୍ଷରେ ଏହି ପ୍ରକଳ୍ପ ବନ୍ଦ ନ କଲେ କ୍ଷୟକ୍ଷତି ପରିମାଣ ବହୁ ଅଧିକ ହେବ ବୋଲି ଓଡ଼ିଶା ସରକାରଙ୍କ ପକ୍ଷରୁ କୋର୍ଟଙ୍କୁ ଅବଗତ କରାଯାଇଥିଲା। କୋର୍ଟଙ୍କ ଏହି ନିର୍ଦ୍ଦେଶ ପରେ ପୋଲାଭରମ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହେବାକୁ ଥିବା ଲୋକମାନେ ନ୍ୟାୟ ପାଇବା ନେଇ ଆଶା ସଞ୍ଚାର ହୋଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୩ ତାରିଖରେ ହେବ।

ସୂଚନାଯୋଗ୍ୟ ଯେ, ଓଡ଼ିଶା ସରକାର ପ୍ରକଳ୍ପ କାର୍ଯ୍ୟ ବନ୍ଦ କରିବାକୁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ପ୍ରକଳ୍ପକୁ କେନ୍ଦ୍ର ସରକାର ଜାତୀୟ ପ୍ରକଳ୍ପ ମାନ୍ୟତା ଦେଇଛନ୍ତି। ଉଭୟ ରାଜ୍ୟରେ ଜନଶୁଣାଣି ହୋଇଥିବା ବିଷୟରେ ପୂର୍ବରୁ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ। ତେବେ କୋର୍ଟ ଓଡ଼ିଶା, ତେଲେଙ୍ଗାନା ଏବଂ ହାଇଦ୍ରାବାଦସ୍ଥିତ ଏକ ବେସରକାରୀ ସ୍ୱେଚ୍ଛାସେବୀ ସଂସ୍ଥା ରେଡିନେସ ଫର୍ ଏମ୍ପାୱାରମେଣ୍ଟ ଥ୍ରୁ ଲେଜିଟିମେଟ ଆକ୍ସନ(ଆର୍‌ଇଏଲ୍‌ଏ) ପକ୍ଷରୁ ଦାଏର କରାଯାଇଥିବା ପିଟିଶନର ଶୁଣାଣି କରି ଜନଶୁଣାଣି ପାଇଁ ଟର୍ମସ୍ ଆଣ୍ଡ୍ କଣ୍ଡିଶନ୍ସ ଦାଖଲ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ☞ପୃଷ୍ଠା–୪



### ପୋଲାଭରମ ବିବାଦ

■ ଡିସେମ୍ବର ୩ରେ ପରବର୍ତ୍ତୀ ଶୁଣାଣି

## ଉଦ୍‌ଯାପନୀ ସମାରୋହ ହେବ ଆହୁରି ଆକର୍ଷଣୀୟ
## ଅମିତାଭ, ସଚିନ୍ ଯୋଗଦେବା ନେଇ ଚର୍ଚ୍ଚା

**ତାଲିକାରେ ଅଛନ୍ତି ଆମିର୍, ଶାହିଦ, ଗାଙ୍ଗୁଲି, ଦ୍ରାବିଡ**





ଭୁବନେଶ୍ୱର,୨୯।୧୧(ବ୍ୟୁରୋ)

ପୁରୁଷ ହକି ବିଶ୍ୱକପ୍ ୨୦୧୮ର ଉଦ୍‌ଘାଟନୀ ସମାରୋହରେ ମାଧୁରୀ ଦୀକ୍ଷିତ, ଏ.ଆର୍. ରହମନ୍, ସଲ୍‌ମାନ୍ ଖାନ୍ ଓ ଶାହରୁଖ୍ ଖାନ୍‌ଙ୍କ ଭଳି ବହୁ ବଡ଼ ବଡ଼ ସେଲିବ୍ରିଟି ଯୋଗଦେବା ପରେ ଏବେ ସମସ୍ତଙ୍କ ନଜର ରହିଛି ଉଦ୍‌ଯାପନୀ ସମାରୋହ ଉପରେ। ଉଦ୍‌ଘାଟନୀଠାରୁ ଉଦ୍‌ଯାପନୀ ☞ପୃଷ୍ଠା–୪

## ଆଜି ୧୨ ଘଣ୍ଟିଆ ବାରିପଦା ବନ୍ଦ

ବାରିପଦା ଅଫିସ,୨୯।୧୧

ମୟୂରଭଞ୍ଜ ଆଦିବାସୀ ରିଭୋଲ୍ୟୁଶନାରି ୟୁଥ୍ ଆଣ୍ଡ ଷ୍ଟୁଡେଣ୍ଟ୍ସ ଆସୋସିଏଶନ (ମାରିସା) ପକ୍ଷରୁ ଶୁକ୍ରବାର ୧୨ ଘଣ୍ଟିଆ ବାରିପଦା ବନ୍ଦ ପାଳନ କରାଯିବ। ଦୁଇ ଦଫା ଦାବି ନେଇ ଶାନ୍ତିଶୃଙ୍ଖଳା ସହ ଏହି ବନ୍ଦ ପାଳନ କରାଯିବ ବୋଲି ମାରିସାର ଜିଲା ସଭାପତି ☞ପୃଷ୍ଠା–୪










# ବିବାହିତା ମହିଳାଙ୍କୁ ବଳାତ୍କାର

## ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି

ଭଦ୍ରକ ଅଫିସ, ୨୯।୧୧

ଭଦ୍ରକ ଜିଲା ବନ୍ତ ବ୍ଲକ କେନ୍ଦୁଆପଦା ଫାଣ୍ଡି ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ବୁଧବାର ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ପୀଡ଼ିତା ମହିଳାଙ୍କୁ ଗୁରୁବାର ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ସମ୍ପର୍କୀୟଙ୍କ କହିବା ଅନୁଯାୟୀ, ମହିଳା ଜଣଙ୍କ ବାପଘରୁ ଶାଶୁଘରକୁ ଫେରୁଥିବା ବେଳେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ତାଙ୍କୁ ନିକଟରେ ଥିବା ଏକ ପରିତ୍ୟକ୍ତ ଘରକୁ ଟେକି ନେଇଯାଇଥିଲେ। ସେଠାରେ କବାଟ ବନ୍ଦ କରି ତାଙ୍କୁ ବଳାତ୍କାର କରିଥିଲେ। ଖବର ପାଇ ମହିଳାଙ୍କ ପରିବାର ଲୋକେ ଗୁରୁବାର ତାଙ୍କୁ ଅଚେତ ଅବସ୍ଥାରେ ଉକ୍ତ ଘରୁ ଉଦ୍ଧାର କରିଥିଲେ। କେନ୍ଦୁଆପଦା ଫାଣ୍ଡି ଅଧିକାରୀ ବ୍ୟାସ ମହାପାତ୍ର ଜିଲା ଚିକିତ୍ସାଳୟରେ ପହଞ୍ଚି ପୀଡ଼ିତା ମହିଳାଙ୍କ ବୟାନ ରେକର୍ଡ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ଥାନାରେ କୌଣସି ଲିଖିତ ଅଭିଯୋଗ କରାଯାଇ ନ ଥିବା ସେ ପ୍ରତିକ୍ରିୟା ରଖିଛନ୍ତି।

■ କେନ୍ଦୁପତ୍ର ଉପରୁ ଜିଏସ୍‌ଟି ହ୍ରାସ କର

# ଅର୍ଥମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୯।୧୧(ବ୍ୟୁରୋ)

■ କେନ୍ଦ୍ରକୁ ରାଜ୍ୟର ପରାମର୍ଶ
■ ଆଦିବାସୀଙ୍କ ସ୍ୱାର୍ଥକୁ ବିପନ୍ନ କରନାହିଁ

କେନ୍ଦୁପତ୍ର ଉପରେ ରାଜ୍ୟର ଏକ ବଡ଼ ଭାଗ ଲୋକ ନିର୍ଭର କରୁଛନ୍ତି। ଏହା ସେମାନଙ୍କର ଜୀବନଜୀବିକା। ସେମାନଙ୍କ ଜୀବନ ଜୀବିକାକୁ ବିପନ୍ନ କରା ନ ଯାଉ। କେନ୍ଦୁପତ୍ର ଉପରେ ଲଗାଯାଇଥିବା ୧୮ ପ୍ରତିଶତ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)କୁ ତୁରନ୍ତ ହ୍ରାସ କରାଯାଉ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଏ ନେଇ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କୁ ଚିଠି ଲେଖିଛନ୍ତି।

ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, କେନ୍ଦୁପତ୍ର ଏକ ଲଘୁ ବନଜାତ ଦ୍ରବ୍ୟ। ଏହା ଆଦିବାସୀମାନଙ୍କର ଆର୍ଥିକ ଜୀବନରେଖା। ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ବନବାସୀ(ଜଙ୍ଗଲ ଅଧିକାରୀ ସ୍ୱୀକୃତି) ଆଇନ-୨୦୦୬ ଅନୁଯାୟୀ ଥିବା ଅଧିକାର ଅନୁସାରେ ଆଦିବାସୀମାନେ କେନ୍ଦୁପତ୍ର ତୋଳିଥାଆନ୍ତି। ୨୦୧୭ ଜୁଲାଇ ୧ ତାରିଖରେ ଜିଏସ୍‌ଟି ଲାଗୁ ହେବା ପରେ କେନ୍ଦୁପତ୍ର ଉପରେ ୧୮ ପ୍ରତିଶତ ଟିକସ ଲଗାଯାଇଛି। ଜିଏସ୍‌ଟି ଲାଗୁ ହେବା ପୂର୍ବରୁ ରାଜ୍ୟ ସରକାର କେନ୍ଦୁପତ୍ର ଉପରେ ମାତ୍ର ୫ ପ୍ରତିଶତ ମୂଲ୍ୟଯୁକ୍ତ ଟିକସ(ଭ୍ୟାଟ୍) ଲାଗୁ କରିଥିଲେ। ୫ରୁ ୧୮ ପ୍ରତିଶତ ଅତ୍ୟଧିକ ଟିକସ ବୃଦ୍ଧି ଆଦିବାସୀମାନଙ୍କ ଜୀବିକା ଉପରେ ବୋଝ ହୋଇଛି। ଏହି ଟିକସ ବୃଦ୍ଧି ଯୋଗୁ ହଜାର ହଜାର କୁଇଣ୍ଟାଲ କେନ୍ଦୁପତ୍ର ବିକ୍ରି ହୋଇ ନ ପାରି ବିଭିନ୍ନ ଗୋଦାମରେ ପଡିରହିଛି। ଓଡ଼ିଶା ବନ ଉନ୍ନୟନ ନିଗମ ଏ ନେଇ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇଛି। ଏହାର ପ୍ରଭାବ ରାଜ୍ୟର ୮.୫ ଲକ୍ଷ କେନ୍ଦୁପତ୍ର ତୋଳାଳି,ବନ୍ଧାଳି ଏବଂ ଋତୁକାଳୀନ ଶ୍ରମିକଙ୍କ ସାମାଜିକ ଓ କଲ୍ୟାଣକାରୀ ଯୋଜନା ଉପରେ ପଡିଛି। ଆଦିବାସୀ ଲୋକମାନଙ୍କର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି କେନ୍ଦୁପତ୍ର ଉପରୁ ଜିଏସ୍‌ଟି ହ୍ରାସ କରିବାକୁ ମୁଖ୍ୟମନ୍ତ୍ରୀ ଅର୍ଥମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।




## ନିଟ୍ ୟୁଜି ପରୀକ୍ଷା

# ୨୫ ବର୍ଷରୁ ଊର୍ଦ୍ଧ୍ୱ ପ୍ରାର୍ଥୀ ଆବେଦନ କରିପାରିବେ

ନୂଆଦିଲ୍ଲୀ,୨୯।୧୧(ପି.ଟି.)

ଡାକ୍ତରୀ ପଢ଼ିବା ଲାଗି ଆଗ୍ରହୀ ୨୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ଛାତ୍ରୀଛାତ୍ର ଆସନ୍ତାବର୍ଷ ହେବାକୁ ଥିବା ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା (ନିଟ୍) ଅଣ୍ଡରଗ୍ରାଜୁଏଟ ପରୀକ୍ଷା ପାଇଁ ଆବେଦନ କରିପାରିବେ। ଏଥିପାଇଁ ସୁପ୍ରିମକୋର୍ଟ ଗୁରୁବାର ଅନୁମତି ପ୍ରଦାନ କରିଛନ୍ତି। ତେବେ ସିବିଏସଇ ଧାର୍ଯ୍ୟ କରିଥିବା ସର୍ବୋଚ୍ଚ ବୟସସୀମାର ବୈଧତାକୁ ନେଇ ଚାଲିଥିବା ମାମଲାର ନିଷ୍ପତ୍ତି ଉପରେ ସେମାନଙ୍କ ପ୍ରାର୍ଥିତ୍ୱ ନିର୍ଭର କରିବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ନଭେମ୍ବର ୧ରେ ନିଟ୍ ୟୁଜି ୨୦୧୯ ପରୀକ୍ଷା ଲାଗି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ପ୍ରାର୍ଥୀଙ୍କ ସର୍ବୋଚ୍ଚ ବୟସ ପରୀକ୍ଷା ତାରିଖ ସୁଦ୍ଧା ୨୫ ବର୍ଷ ରଖାଯାଇଥିଲା। ଅର୍ଥାତ୍ ୨୦୧୯ ମେ' ୫ରେ ଯେଉଁମାନଙ୍କ ବୟସ ୨୫ ବର୍ଷରୁ ଅଧିକ ହୋଇଥିବ ସେମାନେ ପରୀକ୍ଷା ଦେବା ଲାଗି ଯୋଗ୍ୟ ବିବେଚିତ ହେବେ ନାହିଁ। ୨୦୧୯ରୁ ଜାତୀୟ ପରୀକ୍ଷା ଏଜେନ୍ସି (ଏନ୍‌ଟିଏ) ଅଧିକାଂଶ ପ୍ରବେଶିକା ପରୀକ୍ଷା ପରିଚାଳନା କରିବ। ନିଟ୍ ୟୁଜି ପରୀକ୍ଷା ଲାଗି ଏହା ଆବେଦନ ପ୍ରକ୍ରିୟା ନଭେମ୍ବର ୧ରୁ ଆରମ୍ଭ କରିଛି। ଏହାର ଶେଷ ତାରିଖ ନଭେମ୍ବର ୩୦ ଥିଲା ବେଳେ ୨୫ ବର୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ସୁଯୋଗ ଦେବା ଲାଗି ଆବେଦନ ସମୟସୀମା ବଢ଼ାଇବା ନିମନ୍ତେ ସୁପ୍ରିମକୋର୍ଟ ଏନ୍‌ଟିଏକୁ ନିର୍ଦ୍ଦେଶ ଦେଇଛନ୍ତି।

ପାରାଦୀପ ବନ୍ଦର ନ୍ୟାସ
ପସନ୍ଦିତ ବନ୍ଦର
SAGARMALA
ଏକ ଆଇଏସ୍ଓ ୯୦୦୧-୨୦୧୫ ପ୍ରମାଣିତ ଓ ଆଇଏସ୍‌ପିଏସ୍ ମାନ୍ୟ ବନ୍ଦର

- ଭାରତର ପୂର୍ବତଟର ସାମୁଦ୍ରିକ ପ୍ରବେଶପଥରେ ଏହାର ଅବସ୍ଥିତି ।
- ଗୋଟିଏ ସ୍ଥଳରେ ସମସ୍ତ ସେବା ଉପଲବ୍ଧ ।
- ପଣ୍ୟ କାରବାର ନିମିତ୍ତ ଆଧୁନିକ ଯନ୍ତ୍ରପାତିର ସୁବ୍ୟବସ୍ଥା ।
- ଦକ୍ଷ ଏବଂ ସୁଲଭ ସେବା ଉପଲବ୍ଧ ।
- ବର୍ତ୍ତମାନ କେପ୍ ସାଇଜ ଜାହାଜ ଅଭ୍ୟନ୍ତରୀଣ ପୋତାଶ୍ରୟ ମଧ୍ୟରେ ଏବଂ ୩,୫୦,୦୦୦ ଡିଡବ୍ଲ୍ୟୁଟି କ୍ଷମତା ବିଶିଷ୍ଟ ଜାହାଜ ସିଙ୍ଗଲ୍ ପଏଣ୍ଟ ମୁରିଂ (ଏସ୍‌ପିଏମ୍)ଠାରେ କାରବାର କରାଯାଉଅଛି ।
- ପାରାଦୀପ ବନ୍ଦରରେ ସାର ପଣ୍ୟର କାରବାର କରାଯାଉଅଛି ।
- ପାର୍ଶ୍ୱ ବ୍ୟବସାୟିକ କ୍ଷେତ୍ର ସହିତ ରେଳ ଓ ସଡ଼କର ଉତ୍ତମ ଯୋଗାଯୋଗ ବ୍ୟବସ୍ଥା ।
- ଶୁଷ୍କ ପୋତାଶ୍ରୟ (ଡ୍ରାଏ ଡକ୍) ସୁବିଧା ଉପଲବ୍ଧ ।
- କମ୍ପ୍ୟୁଟରଭିତ୍ତିକ କାର୍ଯ୍ୟ ପରିଚାଳନା ସହ ଇଲେକ୍‌ଟ୍ରୋନିକ୍ ଡାଟା ଇଣ୍ଟରଚେଞ୍ଜ (ଇ.ଡି.ଆଇ) ବ୍ୟବସ୍ଥା ଉପଲବ୍ଧ ।
- ଜାହାଜ ଯାତାୟତ ପ୍ରବନ୍ଧନ (ଭି.ଟି.ଏମ୍.ଏସ୍) ବ୍ୟବସ୍ଥା ଉପଲବ୍ଧ ।
- ଆର୍ଥିକବର୍ଷ ୨୦୧୭-୧୮ ରେ ୧୦୨ ନିୟୁତ ଟନ୍ ପଣ୍ୟ କାରବାର କରାଯାଇଛି ।
- ଆଗାମୀ ୨୦୨୦ରେ ବନ୍ଦରର ପଣ୍ୟ କାରବାର କ୍ଷମତା ୩୨୫ ନିୟୁତ ମେଟ୍ରିକ୍ ଟନ୍‌ରେ ପହଞ୍ଚିବ ।
- ଦେଶର ସମସ୍ତ ବୃହତ ବନ୍ଦରଗୁଡ଼ିକ ମଧ୍ୟରେ ପଣ୍ୟ କାରବାରରେ ପାରାଦୀପ ବନ୍ଦର ନିଜର ଦ୍ୱିତୀୟ ସ୍ଥାନ ବଜାୟ ରଖିଛି ।
- ସାଗରମାଳା ପ୍ରକଳ୍ପ: କ୍ଷମତା ସଂପ୍ରସାରଣର ଅଂଶବିଶେଷ, ସାଗରମାଳା ପ୍ରକଳ୍ପ ଅନ୍ତର୍ଗତ ୮,୭୬୪ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ବାହ୍ୟ ପୋତାଶ୍ରୟର ପରିକଳ୍ପନା କରାଯାଇଛି । ୨୨ ମିଟର ଗଭୀରତା ବିଶିଷ୍ଟ ୨ଲକ୍ଷ ଟନ୍ ଯାଏଁ ପଣ୍ୟବାହୀ ବୃହତ କେପ୍ ସାଇଜ ଜାହାଜ ସୁଚାରୁ ରୂପେ ଚଳାଚଳ କରିପାରିବ ।





www.paradipport.gov.in

NECC NATIONAL EGG CO-ORDINATION COMMITTEE 29.11.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 69 | 118 | 128 |
| CTC | 69 | 118 | 128 |
| DKL | 70 | 119 | 129 |
| BDK | 71 | 120 | 130 |
| BLS | 72 | 122 | 132 |
| ANG | 72 | 122 | 132 |

*Conditions Apply
Eggs Retail Price- 47/-Dozen
Issued in the Interest of Consumers






## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ................................


ଚିକୁନ୍
ପରିବାରବର୍ଗ


ସଙ୍କଳ୍ପ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

real estate

## SALE

30' road patta gharabari boundary residential plot at Benupur near Hanspal (100' road side). 9437033320. D-64373

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64378

Litigation free plots near Xavier University/ Birla School BDA Zone, Bhubaneswar. Sqft.- 250/-,160/-. 9937746907, 9337259012. D-64382

9000 sqft. plot (212 decml) for sale, 52 ft. frontage to Sunderpur Mainroad and 100 mtrs from 200 ft. road near to upcoming Wisdom International School, D.N. Homes, Orchid Lifestyle, KIIMS Medical/ KIIT College, Bigbazar at a 4 km. distance. Contact: 9338342502, 9437095996. D-65200

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30' road ଥାଇକି ଅଗ୍ରିମ boundarywall electry, gharabari, Temple, ନାମଫଳକ ସହ sqft. 620/-ରେ ଦିଆଯାଉଅଛି। 7008045582, 9078967488. D-9684

ସୁନ୍ଦରପଦା Hitech ପାଖରେ 100' and 50' Revenue Road ଥାଇ 3ଟି ଘରବାରି ବାଉଣ୍ଡାରି ପ୍ଲଟ ବିକ୍ରିହେବ। (sqft. 600/-) 9777236619.D-64384

House for sale at Laxmisagar, Brit Colony, Phase-2. Contact: 09967667896. D-9701

10 acres each single owner near Trisulia sale for set up industries/ wirehouse financialy sound parties contact: 9938895656, 8249964640. D-53637

Janla NH-5, ପାଖରେ Infocity-2, Campusକୁ ଲାଗିକି boundary plot ନିଅନ୍ତୁ। 9438859527, 8270804320. D-9685

26200 sft. sharing commercial land in BBSR Main Cuttack Road. Financialy sound parties. Contact: 9938895656, 8249964640. D-53638

Two storeyed building sell at Tankapani Road, Bhubaneswar. 2575 sqft. Land, 3200 sqft. Buildup area. Genuine buyers only Contact: 7894679025. D-65083

2000 sqft. plot (10nos.) at Sankarpur, Vipul Garden backside, Ghatikia, Bhubaneswar( Electricity, supply water, 30' road): 7381564227. D-65084

to-let

2BHK house for rent at Kalpana & Saheed Nagar, Preferable Bank & Corporate employee or small godown. Contact: 8093510010. D-9716

## ACCOMMODATION

କାର୍ଯ୍ୟାଳୟ ପାଇଁ ସ୍ଥାନ ଆବଶ୍ୟକ। ବାମର ଲରୀ ଏଣ୍ଡ କୋ. ଲିମିଟେଡ୍ (ଭାରତ ସରକାରଙ୍କ ଏକ ଉଦ୍ୟମ), ପ୍ରଶାସନ ବିଭାଗ, ପଞ୍ଜୀକୃତ କାର୍ଯ୍ୟାଳୟ: ୨୧, ଏନ୍ ଏସ୍ ରୋଡ୍, କୋଲକାତା- ୭୦୦୦୦୧, ଭୁବନେଶ୍ୱରଠାରେ ନିଜର କାର୍ଯ୍ୟାଳୟ ପାଇଁ ୮୦୦ରୁ ୧୦୦୦ ବର୍ଗଫୁଟ ପରିମିତ ସୁପ୍ରସ୍ତୁତ/ ଅପ୍ରସ୍ତୁତ କ୍ଷେତ୍ର ଆବଶ୍ୟକ କରୁଛନ୍ତି। ଅବସ୍ଥିତି: ଜନପଥ/ ଜୟଦେବ ବିହାର। ଶେଷ ତାରିଖ: ୧୫ ଡିସେମ୍ବର, ୨୦୧୮। ଯୋଗାଯୋଗ: ୯୦୦୭୮୪୨୨୨୧, ୦୩୩୨୨୨୨୫୪୧୬. ଧ-୯୭୧୭

business

BIZSATHI provide comprehensive business solutions for small, medium, startups, MSMEs including company/ LLP registration, accounting solutions, Tax, GST and other Legal Compliances at very Economical rates. For details. 9583344490. D-63876

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

Vide affidavit No-1764, dt.29.11.2018, before the Executive Magistrate Vyasanagar, Jajpurroad. I Purna Chandra Jena, S/o Lt. Laxmidhar Jena, At/po-Machhalo, Dist.- Keonjhar have changed my surname, father name & residential address after adoption.Henceforth, I shall be known as Purna Chandra Behera, S/o- Lt. Rankanath Behera of At/Po- Naduan, P.S. Ghasipura, Dist.- Keonjhar for all purposes and Service record. Sd/- Purna Chandra Jena@ Behera. D-9735

### ଜନ୍ମଦିନ ଶୁଭେଚ୍ଛା


(ଗୁନ୍‌ଗୁନ୍)
**ଅର୍ପିତା ଚମ୍ପତିରାୟ**
ଗୋପୀନାଥପୁର, ପୁରୀ ସଦର
୪ର୍ଥ ଜନ୍ମବାର୍ଷିକୀ ଅବସରରେ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ। ତୋର ଚଲାପଥ କୁସୁମିତ ହେଉ, ଏତିକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଶୁଭେଚ୍ଛା ସହ: ବାପା, ମା, ମୀରା ଆଣ୍ଟି, ବାବୁ ଦାଦା, ମାମା ଦିଦି, ଗୁଡୁ ଭାଇ, ବାବୁନା ଭାଇ, ବବି ଆଣ୍ଟି, ପିଉସା, ଅପା, ଆଈ, ମାମୁ, ମାଇଁ, ବନ୍ଧୁ ଓ ପରିବାରବର୍ଗ। ଧ-୬୩୬୩୫

### ଜନ୍ମଦିନ ଶୁଭେଚ୍ଛା


(ପାପୁନ୍)
**ଆରଭ ପ୍ରକାଶ**
ଆଜି ତୋର ପବିତ୍ର ପ୍ରଥମ ସ୍ୱନକ୍ଷତ୍ର ଦିବସରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ତୋର ନିରାମୟ ତଥା ଦୀର୍ଘ ଜୀବନର ପ୍ରାର୍ଥନା କରୁଛୁ। ଶୁଭେଚ୍ଛା ସହ: ବାବା- ଜ୍ୟୋତି ପ୍ରକାଶ, ମାମା- ସୁଜାତାରାଣୀ, ବଡ ଜେଜେ, ବଡମା, ଜେଜେମା, ଲିଜା, ପୂଜା, ଝୁମା, ବନ୍ଧୁ ଓ ପରିବାରବର୍ଗ। ଧ-୬୪୬୫୧

### ଜନ୍ମଦିନ ଶୁଭେଚ୍ଛା


(କୁଲୁରି)
**ଦତ୍ତାତ୍ରେୟ ଦାଶ**
ପୁରୁଣା ଭୁବନେଶ୍ୱର
ଆଜି ତୋର ଜନ୍ମଦିବସରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ ଯେ ତୋ ଆଗାମୀ ଭବିଷ୍ୟତ ଉଜ୍ଜ୍ୱଳମୟ ଏବଂ ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ବାପା, ମା, ଅଜା, ଆଈ, ପାପା, ମାମା, କାକା, ପ୍ରୀତି, ଶ୍ୱାତୀ ଓ ପରିବାରବର୍ଗ। ଧ-୬୪୬୪୮

### ଷଷ୍ଠ ଜନ୍ମବାର୍ଷିକ ଉପଲକ୍ଷେ


(ଗୁନ୍ନୁ)
**ଅନନ୍ୟା ପାତ୍ର**
ମହୁ, ଆଳି, କେନ୍ଦ୍ରାପଡ଼ା
ଜନ୍ମଦିନରେ ବାବା ଗୋବିନ୍ଦ ଗୋସ୍ୱାମୀ ତୋ ଚଲାପଥରେ ପୁଷ୍ପବୃଷ୍ଟି କରନ୍ତୁ। ଶୁଭେଚ୍ଛା ସହ: ଜେଜେ, ଜେଜେ ମା' ମାନେ, ବାବା, ମାମା, ହାପିକକା, ପିପିକକା, ଅଜା, ଆଈ, ଭାଇ-ସୋନୁ, ରିଷି, ବାପୁ ଓ ବନ୍ଧୁପରିବାରବର୍ଗ। ଧ-୯୭୩୪

### ସପ୍ତମ ଜନ୍ମଦିନ ଶୁଭେଚ୍ଛା


**ପାତୁ**
ଘର ନଂ- ୯୦, ରତ୍ନାକରବାଗ, ଟଙ୍କପାଣି ରୋଡ଼, ଭୁବନେଶ୍ୱର
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ଜେଜେମା, ବୁଢ଼ା ଅଜା, ଅଜା, ଆଈ, ବାପା, ମା, ଅପା, ପିଇସା, ପୁନି ଭାଇ ଏବଂ ବନ୍ଧୁପରିବାରବର୍ଗ। ଧ-୯୭୩୭

### ସପ୍ତମ ଜନ୍ମଦିନ ଶୁଭେଚ୍ଛା


**ଦାକ୍ଷୀ**
ଘର ନଂ- ୯୦, ରତ୍ନାକରବାଗ, ଟଙ୍କପାଣି ରୋଡ଼, ଭୁବନେଶ୍ୱର
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ଜେଜେମା, ବୁଢ଼ା ଅଜା, ଅଜା, ଆଈ, ବାପା, ମା, ଅପା, ପଇସା, ପୁନି ଭାଇ ଏବଂ ବନ୍ଧୁପରିବାରବର୍ଗ। ଧ-୯୭୩୬

### ଷଷ୍ଠ ଜନ୍ମଦିନ ଶୁଭେଚ୍ଛା


(ଡୁଗୁ)
**ଆରିୟନ୍ ପ୍ରିୟଦର୍ଶନ ପଟ୍ଟନାୟକ**
ବାଙ୍କୁଆଳ, ଭୁବନେଶ୍ୱର
ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଜୀବନ ସୁଖମୟ ହେଉ। ଶୁଭେଚ୍ଛା ସହ: ଜେଜେମା, ଅଜା, ଆଈ, ବାବା, ମାମା, ଦାଦା, ରାନୁ ଅପା, ମିନି ଅପା, ଅକୁ ପିଇସା, ମାମି ଅପା, ଟୁଟୁ ପିଇସା, ମାନୁ ଅପା, ନବ ପିଇସା, ଲିପୁ ଭାଇ, ନବ୍ୟା, ଲିନା ଓ ବନ୍ଧୁପରିବାରବର୍ଗ। ଧ-୯୭୦୮

### ଷଷ୍ଠ ଜନ୍ମଦିନ ଶୁଭେଚ୍ଛା


**ଓମ୍ ପ୍ରକାଶ ବେହେରା**
ଗହପାଳ- ଅଟିରା, ଯାଜପୁର
ତୋର ଷଷ୍ଠ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା, ତୋର ଚଲାପଥ କୁସୁମିତ ହେଉ, ତୋତେ ଦୀର୍ଘାୟୁ କରିବା ସହ ଖୁସିରେ ରଖନ୍ତୁ। ଶୁଭେଚ୍ଛା ସହ: ବାପା- ଚକ୍ରଧର ବେହେରା, ମମି- କଳ୍ପନା ବେହେରା, ଦାଦା- ମକରା, ଶଙ୍କରା, ଜେଜେବାପା- କାଙ୍ଗାଳି ବେହେରା, ଜେଜେମା- ସଖୀ ବେହେରା। ଧ-୯୫୭୯

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### ୧୦ମ ବିବାହ ବାର୍ଷିକୀ ଶୁଭେଚ୍ଛା


**ସୁସ୍ମିତା ସହିତ ଦ୍ୱିତୀକୃଷ୍ଣ**
ଏ/୨୬, ନୀଳାଦ୍ରିବିହାର, ଭୁବନେଶ୍ୱର
ଆଜି ତା. ୩୦।୧୧।୨୦୧୮ ଏହି ଶୁଭ ଅବସରରେ ବିଶ୍ୱନିୟନ୍ତା ଶ୍ରୀଜଗନ୍ନାଥ ମହାପ୍ରଭୁ ତୁମ ଦୁହିଁଙ୍କର ଦାମ୍ପତ୍ୟ ଜୀବନ ଅଧିକରୁ ଅଧିକ ସୁଖମୟ କରନ୍ତୁ। ନନ୍ଦ ପରିବାର, ୨୪୬, କଟକ ରୋଡ, ଲକ୍ଷ୍ମୀସାଗର, ଭୁବନେଶ୍ୱର। ଧ-୬୧୫୦୫

## ପ୍ରଥମ ପୃଷ୍ଠାରୁ...

### ଆଜି ୧୨ ଘଣ୍ଟିଆ ...

ଅର୍ଜୁନ ମୁର୍ମୁ ଓ କାର୍ଯ୍ୟକାରୀ ସଭାପତି ଧରମରାଜ ହାଁସ୍‌ଦା କହିଛନ୍ତି। ସଂରକ୍ଷଣ ନିୟମ କାର୍ଯ୍ୟକାରୀ କରାଯିବା, ମୟୂରଭଞ୍ଜ ଜିଲାରେ ଥିବା ସମସ୍ତ ବିଭାଗର ନିଯୁକ୍ତ ଅଧିକାରୀଙ୍କ ନଥିପତ୍ର ପ୍ରସ୍ତୁତ କରାଯିବା, ଜିଲାରେ ଥିବା ନିକୋ ଫ୍ୟାକ୍ଟ୍ରି ଏବଂ ସ୍ପିନିଂ ମିଲ୍‌କୁ ପୁନଃ ପରିଚାଳିତ କରିବା ଦାବି ନେଇ ଏହି ବନ୍ଦ ଡାକରା ଦିଆଯାଇଛି। ସେହିପରି ଆଦିବାସୀ ଷ୍ଟୁଡେଣ୍ଟ୍‌ସ ଆସୋସିଏଶନ(ଆଶା) ମଧ୍ୟ ଏହି ବନ୍ଦ ଡାକରାକୁ ସମର୍ଥନ କରି ସାମିଲ ହୋଇଛି। ମାରିସାକୁ ସମର୍ଥନ କରୁଥିବା ନେଇ 'ଆଶା'ର ସମ୍ପାଦକ ସୁକୁଲ ମୁର୍ମୁ ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

### ଜନଶୁଣାଣି ପାଇଁ ନିର୍ଦ୍ଦେଶ...

ଅଗଷ୍ଟ ୨ ତାରିଖରେ ଓଡ଼ିଶା ସରକାରଙ୍କ ପିଟିଶନ ଆଧାରରେ ୪ ସପ୍ତାହ ମଧ୍ୟରେ ପ୍ରକଳ୍ପର ପରିବେଶ ଅନୁମତି ସମ୍ପର୍କିତ ସତ୍ୟପାଠ ଦାଖଲ କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ପୋଲାଭରମ ପ୍ରକଳ୍ପ କାର୍ଯ୍ୟକୁ ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନଭେମ୍ବର ୨୧ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ। କୋର୍ଟରେ ଚାଲୁ ରହିଥିବା ବିଭିନ୍ନ ପ୍ରସଙ୍ଗର ସମାଧାନ ପୂର୍ବରୁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହୋଇଯିବ। ଏଥିରେ ବହୁ ଜଙ୍ଗଲ ଓ ଉର୍ବର ଚାଷଜମି ଜଳମଗ୍ନ ହୋଇଯିବ। ମାଲକାନଗିରି ଜିଲାର ଆଦିମ ଆଦିବାସୀମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ହେବାକୁ ପଡିବ ବୋଲି ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଅବଗତ କରାଇଥିଲେ। ଏହାଛଡା ମୁଖ୍ୟମନ୍ତ୍ରୀ ୨୦୧୫ ସେପ୍ଟେମ୍ବର ୧୬, ୨୦୧୭ ନଭେମ୍ବର ୨୩ ଏବଂ ୨୦୧୮ ଜୁଲାଇ ୧୨ ତାରିଖରେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ପ୍ରକଳ୍ପ କାର୍ଯ୍ୟ ବନ୍ଦ କରିବାକୁ ଚିଠି ମାଧ୍ୟମରେ ଅନୁରୋଧ କରିଥିଲେ। ଏହା ଉପରେ ପ୍ରଧାନମନ୍ତ୍ରୀ କୌଣସି ପଦକ୍ଷେପ ନେଇନାହାନ୍ତି।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ପୋଲାଭରମକୁ ନେଇ ରାଜନୀତି ମଧ୍ୟ ଜୋର ଧରିଛି। ବିଜେଡି ଏମ୍‌ପି କଳିକେଶ ନାରାୟଣ ସିଂହଦେଓ କହିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ଏହା ଏକ ବଡ଼ ଘୋଷଣା। ଯେତେବେଳେ ପୋଲାଭରମ ପ୍ରକଳ୍ପ ଆରମ୍ଭ ହେଲା ସେତେବେଳେ ଆମର କୌଣସି ବିରୋଧ ନ ଥିଲା। କିନ୍ତୁ ଯେତେବେଳେ ଆନ୍ଧ୍ର ସରକାର ଡ୍ୟାମ୍‌ର ଉଚ୍ଚତା ବଢ଼ାଇଲା, ଓଡ଼ିଶାର ଲୋକମାନେ ପ୍ରଭାବିତ ହେଲେ । ଏହା ସମ୍ପୂର୍ଣ୍ଣ ବେଆଇନ ଥିଲା। ଏହାକୁ ବିରୋଧ କରି ଓଡ଼ିଶା ସରକାର ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜନଶୁଣାଣି ପାଇଁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିବାରୁ ଏହା ସ୍ୱାଗତଯୋଗ୍ୟ । ପୋଲାଭରମ ବିବାଦରେ ଏହା ଓଡ଼ିଶାର ବିଜୟ। ଓଡ଼ିଶା ଏବଂ ଏହି ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ଆଦିବାସୀମାନଙ୍କୁ ନ୍ୟାୟ ମଳିବ ବୋଲି ସେ କହିଛନ୍ତି। କଂଗ୍ରେସ ବିଧାୟକ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି ପୋଲାଭରମ ପ୍ରକଳ୍ପ ମାମଲାରେ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ପ୍ରକଳ୍ପର ୯୦ ପ୍ରତିଶତ କାମ ସରିବା ପରେ ଓଡ଼ିଶା ସରକାରଙ୍କ ନିଦ ଭାଙ୍ଗିଛି। ପୂର୍ବରୁ କୌଣସି ପଲ୍ଲିସଭା କିମ୍ବା ଗ୍ରାମ ସଭା କରାଯାଇ ନାହିଁ। ସରକାରଙ୍କ ପାଖରେ ପୋଲାଭରମ ପ୍ରକଳ୍ପରେ କ୍ଷତିଗ୍ରସ୍ତ ହେବାକୁ ଥିବା କୌଣସି ତଥ୍ୟ ନାହିଁ। ଲୋକଙ୍କ ଧନଜୀବନ ରକ୍ଷା କରିବା ସରକାରଙ୍କ କର୍ତ୍ତବ୍ୟ ବୋଲି ସେ କହିଛନ୍ତି। ଭାଜପା ବିଧାୟକ ପ୍ରଦୀପ ପୁରୋହିତ କହିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଯେ କେହି ସ୍ୱାଗତ କରିବା କଥା। କିନ୍ତୁ ପରିତାପର ବିଷୟ ଯେ ରାଜ୍ୟରେ ବିଜେଡି ପରିଚାଳିତ ସରକାର ପୂର୍ବରୁ ଏଥିପାଇଁ କିଛି କଲେ ନାହିଁ। ଯଦି ପୂର୍ବରୁ ଏ ନେଇ ସରକାର କିଛି ପଦକ୍ଷେପ ନେଇ ଥାଆନ୍ତେ ତେବେ ପ୍ରଭାବିତ ହେବାକୁ ଥିବା ଆଦିବାସୀମାନେ ଶୀଘ୍ର ନ୍ୟାୟ ପାଇ ପାରିଥାଆନ୍ତେ।

### ଅମିତାଭ, ସଚିନ୍ ...

ସମାରୋହକୁ ଆହୁରି ଆକର୍ଷଣୀୟ କରିବାକୁ ଆୟୋଜକ ପ୍ରସ୍ତୁତ ହେଉଥିବା ବେଳେ ଏଥିରେ କିଏ କିଏ ଯୋଗଦେବେ, ତାହାକୁ ନେଇ ଏବେଠାରୁ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଏ ନେଇ କ୍ରୀଡ଼ା ବିଭାଗ ତରଫରୁ କୌଣସି ସ୍ପଷ୍ଟୋକ୍ତି ଦିଆଯାଇ ନ ଥିଲେ ମଧ୍ୟ ବଲିଉଡ୍ ବିଗ୍ ବି ଅମିତାଭ ବଚ୍ଚନ ଓ କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକର ଏଥିରେ ଯୋଗଦେବା ନେଇ ଶୁଣିବାକୁ ମିଳିଛି। କେବଳ ସେତିକି ନୁହେଁ, 'ଦଙ୍ଗଲ୍' ଷ୍ଟାର୍ ଆମିର ଖାନ୍, ଶାହିଦ କପୁର ଏବଂ ଭାରତୀୟ କ୍ରିକେଟ୍ ଦଳର ଦୁଇ ପୂର୍ବତନ କ୍ରିକେଟ୍ ତାରକା ସୌରଭ ଗାଙ୍ଗୁଲି ଓ ରାହୁଲ ଦ୍ରାବିଡ ମଧ୍ୟ ଉଦ୍‌ଯାପନୀ ଉତ୍ସବରେ ଯୋଗଦେବା ନେଇ ଚର୍ଚ୍ଚା ହେଉଛି।

ବିଶେଷ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ରାଜ୍ୟ ସରକାରଙ୍କ ପକ୍ଷରୁ ଅମିତାଭ ବଚ୍ଚନ, ସଚିନ ତେନ୍ଦୁଲକର, ସୌରଭ ଗାଙ୍ଗୁଲି, ରାହୁଲ ଦ୍ରାବିଡ, ଆମିର ଖାନ୍ ଓ ଶାହିଦ କପୁରଙ୍କୁ ଉଦ୍‌ଯାପନୀ ଉତ୍ସବରେ ଯୋଗଦେବା ଲାଗି ଚିଠି ଦିଆଯାଇଛି। ଏ ପର୍ଯ୍ୟନ୍ତ ସେମାନଙ୍କଠାରୁ କୌଣସି ଉତ୍ତର ଆସି ନ ଥିଲେ ମଧ୍ୟ ଅମିତାଭ ବଚ୍ଚନ ଓ ସଚିନ ଯୋଗଦେବାର ପ୍ରାୟତଃ ସମ୍ଭାବନା ରହିଛି। ଯେହେତୁ ପୂର୍ବରୁ ଅମିତାଭଙ୍କ 'କୌନ୍ ବନେଗା କରୋଡ଼୍‌ପତି'ରେ ହକି ବିଶ୍ୱକପ୍ ୨୦୧୮କୁ ନେଇ ଏକ ସ୍ୱତନ୍ତ୍ର ଅଧ୍ୟାୟର ଆୟୋଜନ କରାଯାଇଥିଲା ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବଲିଉଡ୍ ସୁପରଷ୍ଟାର୍‌ଙ୍କୁ ବିଶ୍ୱକପ୍‌ରେ ଯୋଗଦେବାକୁ ନିମନ୍ତ୍ରଣ କରିଥିଲେ, ସେହେତୁ ଅମିତାଭ ଯୋଗଦେବାର ସମ୍ଭାବନା ଅଧିକ ରହିଛି। ଏହାବ୍ୟତୀତ ସଚିନ ତେନ୍ଦୁଲକର ଯୋଗଦେବା ନେଇ ପୂର୍ବରୁ ମଧ୍ୟ ଶୁଣିବାକୁ ମିଳିଥିଲା। ଏପଟେ ସଲମାନ୍ ଓ ଶାହରୁଖ୍‌ଙ୍କ ଓଡ଼ିଶା ମୋହ ଦେଖି ପ୍ରାୟତଃ ସମସ୍ତ ସେଲିବ୍ରିଟି ଏବେ ଭୁବନେଶ୍ୱର ଆସିବାକୁ ରାଜି ହେବେ ବୋଲି ମଧ୍ୟ ଚର୍ଚ୍ଚା ହେଉଛି।

## ପୃଥକ ଦୁର୍ଘଟଣା: ୨ ମୃତ

ଖୁଣ୍ଟୁଣୀ, ୨୯।୧୧(ଡି.ଏନ୍.ଏ.): ଗୁରୁଡିଝାଟିଆ ଥାନା ଅଞ୍ଚଳରେ ବୁଧବାର ଓ ଗୁରୁବାର ୨ଟି ପୃଥକ ଦୁର୍ଘଟଣା ଘଟି ୨ ଜଣଙ୍କ ମୃତ୍ୟୁ ଘଟିଛି। ଚୌଦ୍ୱାର ଥାନା ଅଧୀନ ନୁନ୍‌ଟିକିରି ଗ୍ରାମର ସୋମନାଥ ସାମଲ ଓ ତାଙ୍କ ସାନଭାଇ ବୁଧବାର ରାତିରେ ଖୁଣ୍ଟୁଣୀସ୍ଥିତ ଆରତି ଷ୍ଟିଲ୍ କାରଖାନାରୁ କାମ ସାରି ଘରକୁ ଫେରୁଥିଲେ। ସେହି ସମୟରେ ୫୫ନଂ. ଜାତୀୟ ରାଜପଥର କପୁରସିଂଠାରେ ସମ୍ମୁଖରୁ ଆସୁଥିବା ଏକ ଟ୍ରକ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସୋମନାଥଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ସାନଭାଇ ଆହତ ହୋଇଛନ୍ତି। ଚିକିତ୍ସାଲାଗି ଆହତଙ୍କୁ କଟକ ପଠାଯାଇଥିବାବେଳେ ତାଙ୍କ ପରିଚୟ ମିଳିପାରିନାହିଁ। ଖବରପାଇ ପୋଲିସ ପହଞ୍ଚି ତଦନ୍ତ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଆଠଗଡ ଡାକ୍ତରଖାନା ପଠାଇଛି। ପରେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିବା ସହ ଚାଳକ ବଡମ୍ବା ଥାନା ଅଧୀନ ଗୋପ ଗ୍ରାମର ସମୀର ନାୟକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୧୧୧/୧୮) ରୁଜୁ ହୋଇଛି।

ସେହିପରି ଅନ୍ୟ ଦୁର୍ଘଟଣାଟି ଗୁରୁବାର ଭୋର ସମୟରେ ଗୁରୁଡିଝାଟିଆ ଥାନା ଅଧୀନ ସାଉରିଆ ଗ୍ରାମ ନିକଟରେ ଘଟିଛି। ଏହି ଥାନା ଅନ୍ତର୍ଗତ ଜୋସନ୍ଦା ଗ୍ରାମର ସୁରେଶ ବେହେରା ବାଇକ୍‌ରେ ଗ୍ରାମରୁ ବଜାରକୁ ଆସୁଥିବାବେଳେ ସମ୍ମୁଖରୁ ଏକ ଟାଟା ଏସିଇ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସୁରେଶଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଦୁର୍ଘଟଣା ଘଟାଇଥିବା ଗାଡି ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ ଡାକ୍ତରଖାନା ପଠାଇବା ସହ ଥାନାରେ ଏକ ମାମଲା(ନଂ. ୧୧୨/୧୮) ରୁଜୁ କରି ତଦନ୍ତ ଚଳାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ଦୁର୍ଘଟଣା ଘଟାଇଥିବା ଗାଡିର ସନ୍ଧାନ ମିଳିଥିବାରୁ ଖୁବ୍‌ଶୀଘ୍ର ଏହାକୁ ଜବତ କରାଯିବ ବୋଲି ଏଏସ୍‌ଆଇ ଗଦାଧର ଭୂୟାଁ କହିଛନ୍ତି।

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ


**ସ୍ୱର୍ଗତ ଜାହାନ ଓଝା**
ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ୧୯୪୫
ତିରୋଧାନ: ୨୦।୧୧।୨୦୧୮
ମଙ୍ଗଳବାର
ଏକାଦଶାହ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ। ଆପଣଙ୍କର ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ବନ୍ଧୁ ଓ ପରିବାରବର୍ଗ। ଧ-୬୪୬୪୭

### ଶ୍ରଦ୍ଧାଞ୍ଜଳି


**ସ୍ୱର୍ଗତା ଶ୍ରୀମତୀ ରେଣୁବାଳା ପାଢ଼ୀ**
ତିରୋଧାନ: ୨୦।୧୧।୨୦୦୮
ତିଥି- ପ୍ରଥମାଷ୍ଟମୀ
ମା ତମେ ଯିବାର ଚାହୁଁ ଚାହୁଁ ଦଶବର୍ଷ ବିତିଗଲେ ମଧ୍ୟ ତମେ ଆମ ସମସ୍ତଙ୍କର ହୃଦୟରେ ଅଲିଭା ସ୍ମୃତି ହୋଇରହିଛ। ଆଜିର ଏହି ଶ୍ରାଦ୍ଧଦିବସରେ ତମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ। ଶୋକସନ୍ତପ୍ତ: ପରିବାରବର୍ଗ। ଧ-୬୫୦୮୨

### ୨୫ତମ ଶ୍ରାଦ୍ଧବାର୍ଷିକୀ


**ସ୍ୱର୍ଗତ ବଳରାମ ପଟ୍ଟନାୟକ**
ଆବିର୍ଭାବ: ୦୨।୦୮।୧୯୨୮
ତିରୋଧାନ: ୦୬।୧୨।୧୯୯୩
ଆଜି ଏହି ୨୫ତମ ଶ୍ରାଦ୍ଧବାର୍ଷିକୀରେ ଆମ୍ଭେମାନେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ଆପଣଙ୍କର ପରୋପକାରିତା, ସହିଷ୍ଣୁତା ଏବଂ ନିଃସ୍ୱାର୍ଥପର ସ୍ୱଭାବ ଆମ ସମସ୍ତଙ୍କ ପାଇଁ ସ୍ମରଣୀୟ ହୋଇରହିବ। ତୁମର ଧର୍ମପତ୍ନୀ, ବାବୁ, ଟୁକୁ, ମୁନା, ମନି ଏବଂ ପରିବାରବର୍ଗ। ଧ-୬୪୯୨୦

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ବନ୍ଧୁଙ୍କ ସହାୟତାରେ ପାରିବାରିକ ଓ କର୍ମକ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଅନେକାଂଶରେ ଭଲ ରହିବ। ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, କ୍ରୟବିକ୍ରୟ, ଆନୁଷ୍ଠାନିକ କାମରେ ସାମାନ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ଦୂରଯାତ୍ରା ପାଇଁ ମନସ୍ଥ କରିଥିଲେ ମଧ୍ୟ ଶେଷ ସମୟରେ ତାହା ବାତିଲ ହୋଇଯିବ। ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ରରେ ଅଗ୍ରଗତିର ଆଶା ରହିଛି।

**ବୃଷ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ଠାରୁ ଉତ୍ସାହ ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ସଭାସମିତିରେ ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବା କାରଣରୁ ଆଜିର କାମ ଅସମ୍ପୂର୍ଣ୍ଣ ରହିଯିବ। ବ୍ୟବସାୟ ଓ ପରିବହନ ମନ୍ଦ ହେବ ନାହିଁ, କିନ୍ତୁ ଋଣ ପରିଶୋଧ କରିବା କଷ୍ଟକର ହୋଇପଡ଼ିବ।

**ମିଥୁନ** ଦୀର୍ଘଦିନରୁ ଚେଷ୍ଟା କରୁଥିବା କାମରେ ସଫଳତା ପାଇବା ଆଶା ମଉଳିଯାଇପାରେ। ଅନ୍ୟମନସ୍କ କାରଣରୁ ଯାନବାହନ ଚାଳନାରେ ସତର୍କତାର ଅଭାବ ସମସ୍ୟା ସୃଷ୍ଟି କରିବ। ପ୍ରଶାସନ କିମ୍ବା ରାଜନୈତିକ ପୃଷ୍ଠଭୂମିରେ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବାରେ ସମର୍ଥ ହେବେ। ଆର୍ଥିକ ସ୍ଥିତି ପୂର୍ବପରି ରହିବ।

**କର୍କଟ** କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଗୁପ୍ତଶତ୍ରୁମାନଙ୍କ ସକ୍ରିୟତା ବୃଦ୍ଧି ପାଇବା ହେତୁ କାମଗୁଡ଼ିକ ଶୃଙ୍ଖଳିତ ନ ହୋଇପାରେ। ଆଜିର ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ, ମାତ୍ର ବନ୍ଧୁଙ୍କ ସହ ସୁସମ୍ପର୍କ ରହିବ ନାହିଁ। ବ୍ୟବସାୟିକ ସ୍ଥିତି ମନ୍ଦ ନ ହେଲେ ମଧ୍ୟ ସନ୍ତୋଷଜନକ ନ ହୋଇପାରେ।

**ସିଂହ** କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବନାହିଁ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମନସ୍ତାପ ବଢ଼ିଯାଇପାରେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ। ବ୍ୟବସାୟ ଓ ପରିବହନରେ ହଠାତ୍ କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟିହେବା ସୂଚନା ରହିଛି।

**କନ୍ୟା** ପୂର୍ବ ସମସ୍ୟାକୁ କେନ୍ଦ୍ରକରି ପାରିବାରିକ ଜୀବନରେ ସ୍ନେହ, ଆଦରର ଅଭାବ ଅନୁଭବ କରି ପାରନ୍ତି। କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିବାକୁ ଇଚ୍ଛା ପ୍ରକାଶ କରି ପାରନ୍ତି। ଭୁଲ୍ ମାର୍ଗ ଅନୁସରଣ କଲେ ଅନୁତାପ କରିବାକୁ ପଡ଼ି ପାରେ। ଅର୍ଥାଭାବରୁ କୌଣସି କାମ କରିବାରେ ପଛେଇଯାଇପାରନ୍ତି।

**ତୁଳା** ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇଯିବାରୁ ସୁଯୋଗ ହରାଇପାରନ୍ତି। ପାରିବାରିକ ଅଶାନ୍ତି ହେତୁକ ମାନସିକ ଅବସାଦ ଲାଗି ରହିବ। ତଥାପି ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ବାଣିଜ୍ୟ ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ।

**ବିଛା** ଅତୀତ ଘଟଣା କିମ୍ବା ବିଭିନ୍ନ ପ୍ରକାରର ଘରୋଇ ସମସ୍ୟା ବିଷୟରେ ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। କିନ୍ତୁ କଳା, ସଙ୍ଗୀତ, ଚଳଚ୍ଚିତ୍ର କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ। ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହେଲେ ସମ୍ମାନହାନି ଘଟିପାରେ। ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲ କରି ପାରିବେ ନାହିଁ ।

**ଧନୁ** ଶନିଙ୍କ କୁପ୍ରଭାବରୁ ଯେତେ ଭଲ କଥା କିମ୍ବା କାମ ଆପଣଙ୍କ ମନରେ ଆନନ୍ଦ ଦେଇପାରିବ ନାହିଁ। ପାରିବାରିକ,ପ୍ରକାଶନ ,ପ୍ରଶାସନ,ଯାନବାହନ,ନିର୍ମାଣ ଓ ଯାତ୍ରାରୁ ଉତ୍ତରାଷାଢ଼ା ନକ୍ଷତ୍ର ସୁଫଳ ପାଇବେ। କଠୋର କଥା କହିବା କାରଣରୁ ପରିବାରରେ ସାମୟିକ କଳହ ଦେଖାଦେଇପାରେ। ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ ।

**ମକର** ନିକଟ ଅତୀତର କୌଣସି ସ୍ମୃତି ମନରେ ବାରମ୍ବାର ଆଲୋଡ଼ନ ସୃଷ୍ଟି କରି ଆପଣଙ୍କୁ ଅଶାନ୍ତ ରଖିପାରେ। ସମସ୍ୟା ଆସିଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟକଲେ ଉପକୃତ ହେବେ। ଅପରାହ୍ନରେ ଆକସ୍ମିକ ଭାବରେ ବନ୍ଧୁଙ୍କ ଦ୍ୱାରା ଆହୂତ ହୋଇ ଦୂରଯାତ୍ରାର ସୁଯୋଗ ପାଇବେ। ସ୍ୱାସ୍ଥ୍ୟ ପ୍ରତି ଅବହେଳା କରି ଅନୁତାପ କରି ପାରନ୍ତି।

**କୁମ୍ଭ** ଆନୁଷଙ୍ଗିକ ସହାୟତା ଲାଭକରିବା କାରଣରୁ ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ। ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ, କିନ୍ତୁ ପ୍ରତିଯୋଗିତାର ସମ୍ମୁଖୀନ ହେବାକୁ ପଡ଼ିବ । ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ। ପୁତ୍ରକନ୍ୟା ହେତୁକ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି।

**ମୀନ** ପରିବାରରେ ବାରମ୍ବାର ମତଭେଦ ଘଟିବା କାରଣରୁ ବିଭିନ୍ନ ପ୍ରକାର ସମସ୍ୟା ଆସିପାରେ। ହଠାତ୍ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିବା ଆଶଙ୍କା ରହିଛି । କେତେକ କ୍ଷେତ୍ରରେ ଜିଦ୍‌ଖୋର ମନୋବୃତ୍ତି ଯୋଗୁ ହଇରାଣ ହୋଇପାରନ୍ତି। ଅର୍ଥନୈତିକ ଅବରୋଧ କାର୍ଯ୍ୟର ପୂର୍ଣ୍ଣତା କ୍ଷେତ୍ରରେ ପ୍ରଶ୍ନବାଚୀ ସୃଷ୍ଟି କରିବ।

ଆଜି ମାର୍ଗଶିର କୃଷ୍ଣପକ୍ଷର ପ୍ରଥମାଷ୍ଟମୀ ଶୁକ୍ରବାର, ନଭେମ୍ବର ୩୦ ତାରିଖ, ରାଶି ନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୭।୩୧ମି. ମଧ୍ୟେ ଘ୩।୪୦ମି. ଗତେ, ଘ୫।୦୦ମି. ମଧ୍ୟେ ଅମୃତବେଳା। ଦିବା ଘ୭।୩୧ମି. ଗତେ ଘ୮।୫୨ମି. ମଧ୍ୟେ, ଘ୧୧।୩୪ମି. ଗତେ ଘ୧୨।୫୫ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୧୦।୧୩ମି. ଗତେ ଘ୧୧।୩୫ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଅଟକ

**ଜଳେଶ୍ୱର, ୨୯।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ନେଇ ଗୁରୁବାର ରାଇବଣିଆ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ଥାନାଧିକାରୀ ରବୀନ୍ଦ୍ରନାଥ ବେହେରା ପୋକ୍ସୋ ଆକ୍ଟ ଅନୁଯାୟୀ ଏକ ନାବାଳିକା ବଳାତ୍କାର ମାମଲା(ନଂ.୭୧/୧୮) ରୁଜୁ କରି ଅଭିଯୁକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛନ୍ତି। ଏହାସହ ପୀଡ଼ିତାଙ୍କୁ ଡାକ୍ତରୀମାଇନା ପାଇଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଗତ ରବିବାର ରାତି ପ୍ରାୟ ସାଢ଼େ ୧୨ଟାରେ ପୀଡ଼ିତାଙ୍କ ବାପା ଗ୍ରାମରେ ହେଉଥିବା କରମା ନାଚ ଦେଖିବାକୁ ଯାଇଥିଲେ। ପୀଡ଼ିତା ତାଙ୍କ ମା'ଙ୍କ ସହିତ ଶୋଇଥିବା ବେଳେ ଅଭିଯୁକ୍ତ ଜଣକ ତାଙ୍କୁ ନିଦରୁ ଉଠାଇ ଡାକିନେଇ ମୁହଁରେ କପଡ଼ା ଦେଇ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବା ପରିବାର ବର୍ଗ ପୋଲିସ ନିକଟରେ କହିଛନ୍ତି। ବଳାତ୍କାର ବିଷୟରେ କାହା ପାଖରେ ପ୍ରକାଶ କଲେ ଜୀବନରୁ ମାରିଦେବେ ବୋଲି ଅଭିଯୁକ୍ତ ପୀଡ଼ିତାଙ୍କୁ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଉକ୍ତ ଘଟଣାର ଆପୋଷ ବୁଝାମଣା ନିମନ୍ତେ ଏକ ବୈଠକ ଗ୍ରାମରେ ବସିଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା।

### ନିଆଁରେ ପୋଡ଼ିହୋଇ ଗୁରୁତର ଦମ୍ପତିଙ୍କ ମୃତ୍ୟୁ

**ନୟାଗଡ଼ ଅଫିସ/ ଖଣ୍ଡପଡ଼ା(ସ୍ୱ.ପ୍ର.), ୨୯।୧୧:** ନୟାଗଡ଼ ଜିଲା ଖଣ୍ଡପଡ଼ା ଏନ୍ଏସି ଅନ୍ତର୍ଗତ ୪ ନମ୍ବର ୱାର୍ଡ ମଙ୍ଗଳାସାହିରେ ବୁଧବାର ନିଆଁରେ ପୋଡ଼ିହୋଇ ଗୁରୁତର ହୋଇଥିବା ଦମ୍ପତିଙ୍କ ଗୁରୁବାର ମୃତ୍ୟୁ ଘଟିଛି। ମୃତ ଦମ୍ପତି ହେଲେ ସଦାନନ୍ଦ ପ୍ରଧାନ ଓ ରତ୍ନପର୍ଣ୍ଣା ରଥ। ଉଲ୍ଲେଖଯୋଗ୍ୟ, ବୁଧବାର ଅପରାହ୍ନରେ କୌଣସି କାରଣରୁ ସଦାନନ୍ଦ ଓ ରତ୍ନପର୍ଣ୍ଣାଙ୍କ ମଧ୍ୟରେ କଳହ ସୃଷ୍ଟି ହୋଇଥିଲା। ଏଥିରେ ସଦାନନ୍ଦ ଉତ୍ତ୍ୟକ୍ତ ହୋଇ ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଏହା ଦେଖି ରତ୍ନପର୍ଣ୍ଣା ସଦାନନ୍ଦଙ୍କୁ ବଞ୍ଚାଇବାକୁ ଉଦ୍ୟମ କରିବାବେଳେ ତାଙ୍କ ଦେହରେ ମଧ୍ୟ ନିଆଁ ଲାଗିଯାଇଥିଲା। ଖଣ୍ଡପଡ଼ା ଦମକଳବାହିନୀ ଉଭୟଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଗୁରୁବାର ସକାଳେ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ସମ୍ପୃକ୍ତ ଦମ୍ପତି ପ୍ରେମ ବିବାହ କରିଥିବାବେଳେ ସେମାନଙ୍କର ଏକ ୮ ବର୍ଷର ପୁତ୍ରସନ୍ତାନ ଅଛି। ଏ ନେଇ ଖଣ୍ଡପଡ଼ା ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

### ଏନ୍କାଉଣ୍ଟରରେ ମାଓବାଦୀ ମୃତ

**ମାଲକାନଗିରି, ୨୯।୧୧ (ଡି.ଏନ୍.ଏ):** ଛତିଶଗଡ ସୁକ୍ମା ଏବଂ ଦନ୍ତେୱାଡା ଜିଲା ସୀମାନ୍ତରେ ଗୁରୁବାର ପୋଲିସ ଏନ୍କାଉଣ୍ଟରରେ ଜଣେ ମାଓବାଦୀ ପ୍ରାଣ ହରାଇଥିବା ସୁକ୍ମା ଏସ୍ପି ଅଭିଷେକ ମୀନା ସୂଚନା ଦେଇଛନ୍ତି। ଗୁରୁବାର ସକାଳେ ପୁଲ୍ବଗଡ୍ ଥାନା ମିଲେରୁ ଗ୍ରାମ ନିକଟରେ ମାଓବାଦୀଙ୍କ ଏକ ମେଳି ଚାଲିଥିବା ଖବର ପାଇ ପୋଲିସ ସେଠାରେ ପହଞ୍ଚି ଉକ୍ତ ଅଞ୍ଚଳକୁ ଘେରିଥିଲା। ମାଓବାଦୀମାନେ ପୋଲିସ ଉପସ୍ଥିତି ଜାଣି ସେମାନଙ୍କ ଉପରକୁ ଗୁଳିଚାଳନା କରିଥିଲେ। ଏହାପରେ ପୋଲିସ ପକ୍ଷରୁ ମଧ ପାଲଟା ଗୁଳି ଚାଳନା ହୋଇଥିଲା। ଏଥିରେ ଜଣେ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ନିକଟରୁ ଏକ ବନ୍ଧୁକ ଜବତ କରାଯାଇଥିବା ଏସ୍ପି କହିଛନ୍ତି। ଏହି ଗୁଳି ବିନିମୟରେ ୭ ରୁ ୮ ମାଓବାଦୀ ଆହତ ହୋଇଥିବା ସେ କହିଛନ୍ତି।

■ ଜିଡିପି ଡାଟା ସଂଶୋଧନ

# ବିରୋଧୀଙ୍କ ପ୍ରଶ୍ନ, ସରକାରଙ୍କ ସମର୍ଥନ

**ନୂଆଦିଲ୍ଲୀ,୨୯।୧୧**



**ନୀତି ଆୟୋଗର ଭୂମିକାକୁ ନେଇ ପ୍ରଶ୍ନବାଚୀ**

- ଚାଲାକି କରିଛନ୍ତି ସରକାର : ଚିଦାମ୍ବରମ
- ଚ୍ୟାଲେଞ୍ଜ ଗ୍ରହଣ କଲେ ଉପାଧ୍ୟକ୍ଷ
- ସିଏସ୍ଓକୁ ଅର୍ଥମନ୍ତ୍ରୀଙ୍କ ସମର୍ଥନ

ବୁଧବାର କେନ୍ଦ୍ରୀୟ ପରିସଂଖ୍ୟାନ ପ୍ରତିଷ୍ଠାନ(ସିଏସ୍ଓ) ପକ୍ଷରୁ ସଂଶୋଧିତ ଜିଡିପି ଡାଟା ଜାରି କରାଯିବାରେ ନୀତି ଆୟୋଗର ଭୂମିକାକୁ ନେଇ ଏବେ ପ୍ରଶ୍ନ ଉଠିଛି। ସିଏସ୍ଓ ସଂଶୋଧିତ ଜିଡିପି ଡାଟା ପ୍ରସ୍ତୁତ କରିଥିଲେ ହେଁ ଏଥିରେ ନୀତି ଆୟୋଗ ହସ୍ତକ୍ଷେପ କରିଥିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ବିରୋଧୀ ଦଳ କଂଗ୍ରେସ ଓ ପୂର୍ବତନ ସିଏସ୍ଓ ଏହାକୁ ନେଇ ପ୍ରଶ୍ନ ଉଠାଇବା ପରେ ବିବାଦ ଅଧିକ ଘନୀଭୂତ ହୋଇଛି।

ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର ଓ ମୁଖ୍ୟ ପରିସଂଖ୍ୟାନବିତ୍ ପ୍ରବୀଣ ଶ୍ରୀବାସ୍ତବ ବୁଧବାର ଖବରଦାତା ସମ୍ମିଳନୀରେ ସଂଶୋଧିତ ଜିଡିପି ଡାଟା ଜାରି କରିଥିଲେ। ଏଥିରେ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାରଙ୍କ ଜିଡିପି ହ୍ରାସ ପାଇଥିବା ଦର୍ଶାଯାଇଛି। ୟୁପିଏ ସରକାର ବେଳେ ଜିଡିପି ହାରାହାରି ଅଭିବୃଦ୍ଧି ୬.୭% ଥିଲା ବେଳେ ବର୍ତ୍ତମାନର ଏନ୍ଡିଏ ସରକାରଙ୍କ ସମୟରେ ଏହା ୭.୩% ରହିଛି ବୋଲି ଉଲ୍ଲେଖ କରାଯାଇଛି। ପୂର୍ବତନ ସିଏସ୍ଓ ପ୍ରଣବ ସେନ୍ଙ୍କ କହିବାନୁଯାୟୀ ନୀତି ଆୟୋଗଙ୍କୁ ଜିଡିପି ଜାରିରୁ ଦୂରେଇ ରଖାଯାଇଥିଲେ ଅଯଥା ବିବାଦ ଉପୁଜି ନ ଥାନ୍ତା। ତାଙ୍କର କହିବାନୁଯାୟୀ, ଜିଡିପି ଗଣନାରେ ନୀତି ଆୟୋଗର କୌଣସି ଭୂମିକା ନାହିଁ। ଏହା ସିଏସ୍ଓର କାମ। ସିଏସ୍ଓ ଅତ୍ୟନ୍ତ ବିଶ୍ୱାସଯୋଗ୍ୟ ସଂଗଠନ ହୋଇଥିବା ବେଳେ ଅର୍ଥ ମନ୍ତ୍ରଣାଳୟ ଏହାଠାରୁ ବହୁ ଦୂରରେ ରହିଥାଏ। ସେନ କହିଛନ୍ତି ଯେ, ଲୋକଙ୍କ ନଜରରେ ସିଏସ୍ଓର ବିଶ୍ୱସନୀୟତା ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଜିଡିପି ଡାଟାକୁ ସଂଶୋଧନ କରିବା ନେଇ ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି.ଚିଦାମ୍ବରମ ଗୁରୁବାର ପ୍ରଶ୍ନ ଉଠାଇଛନ୍ତି। ଏନ୍ଡିଏ ସରକାର ନିଜ ଅର୍ଥନୀତିର ଖରାପ ଅବସ୍ଥାକୁ ଘଣ୍ଟ ଘୋଡାଇବା ଲାଗି ଚାଲାକି କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ପୂର୍ବେ ପରିସଂଖ୍ୟାନ ଗଣନା କେନ୍ଦ୍ରୀୟ ପରିସଂଖ୍ୟାନ ଆୟୋଗ କରୁଥିଲେ। ଏବେ କ'ଣ ଏହାକୁ ଭାଙ୍ଗି ଦିଆଯାଇଛି କି ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ସଂଶୋଧିତ ଜିଡିପି ଡାଟାକୁ ନେଇ ଆଲୋଚନା କରିବାକୁ ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି.ଚିଦାମ୍ବରମ୍ ଦେଇଥିବା ଚ୍ୟାଲେଞ୍ଜକୁ ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର ଗ୍ରହଣ କରିଛନ୍ତି। ସେ ମଧ ଏକାଧିକ ଟୁଇଟ୍ ଜରିଆରେ କହିଛନ୍ତି ଯେ, ଜିଡିପି ଡାଟା ସମ୍ପର୍କରେ ଆଲୋଚନା କରାଯାଉ। ସେ ଏଥିରେ ରାଜି। ଖବରଦାତାଙ୍କ ସମ୍ମୁଖରେ ସେ ୩ ଘଣ୍ଟା ଧରି ନିଜର ଉଦ୍ବୋଧନରେ ଜିଡିପି ଡାଟା ସମ୍ପର୍କରେ ଉଲ୍ଲେଖ କରିଥିବା କହିଛନ୍ତି। ଚିଦାମ୍ବରମ ନୂଆ ଡାଟା ସମ୍ପର୍କରେ ଅଧିକ କିଛି କହିବାକୁ ଚାହୁଁଛନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି। ଅପରପକ୍ଷରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍ଲୀ ସିଏସ୍ଓକୁ ସମର୍ଥନ କରିଛନ୍ତି। ୟୁପିଏ ସମୟର ଜିଡିପି ହ୍ରାସକୁ ଗୁରୁବାର ସମର୍ଥନ କରି ସେ କହିଛନ୍ତି ଯେ,ସିଏସ୍ଓ ଏକ ଭରସାଯୋଗ୍ୟ ସଂସ୍ଥା ଓ ଏହା ସ୍ୱାଧୀନ ଭାବେ କାର୍ଯ୍ୟ କରେ। ୟୁପିଏ ସରକାର ସମୟରେ କଂଗ୍ରେସ ଏହି ସିଏସ୍ଓକୁ ପ୍ରଶଂସା କରିଥିଲା ବୋଲି ଜେଟ୍ଲୀ ଉଲ୍ଲେଖ କରିଛନ୍ତି। ନୂଆ ପଦ୍ଧତିରେ ଜିଡିପି ଡାଟା ପ୍ରସ୍ତୁତ କରାଯାଇଛି, ଯାହା ଭରସାଯୋଗ୍ୟ।

■ ଦିଲୀପ, ବିଜୟ ଭାଜପା ଛାଡ଼ିବା ପ୍ରସଙ୍ଗ

# ଆଜି କରିପାରନ୍ତି ଘୋଷଣା

**ଭୁବନେଶ୍ୱର,(ବ୍ୟୁରୋ)/ ରାଉରକେଲା ଅଫିସ,୨୯। ୧୧**

- ସୂଚନା ଦେଲେ ଦିଲୀପଙ୍କ ପ୍ରତିନିଧି
- ଭାଜପା କହିଲା ବ୍ୟକ୍ତିଗତ ନିଷ୍ପତ୍ତି

ରାଉରକେଲା ବିଧାୟକ ଦିଲୀପ ରାୟ ବିଧାୟକ ପଦ ଏବଂ ଭାଜପାରୁ ଇସ୍ତଫା ଦେବେ। ନିଜର ରାଜନୈତିକ ସହଯୋଗୀ ବିଜୟ ମହାପାତ୍ରଙ୍କ ସହ ଆଲୋଚନା କରିବା ପରେ ସେ ଏହି ନିଷ୍ପତ୍ତି ନେଇଥିବା ଜଣାପଡିଛି। ଏ ନେଇ ଉଭୟ ଶୁକ୍ରବାର ଗଣମାଧ୍ୟମକୁ ନିଜର ପରବର୍ତ୍ତୀ ରାଜନୈତିକ ରଣନୀତି ସମ୍ପର୍କରେ ସୂଚନା ଦେବେ ବୋଲି ବିଜୟ କହିଛନ୍ତି। ଦିଲୀପଙ୍କ ସହ ବିଜୟ ମଧ ଭାଜପା ସହ ଆନୁଷ୍ଠାନିକ ସମ୍ପର୍କ ଛିନ୍ନ କରି ପାରନ୍ତି ବୋଲି ରାଜନୈତିକ ସମୀକ୍ଷକ ମତ ରଖିଛନ୍ତି। ସେହିପରି ବିଧାୟକଙ୍କ ପ୍ରତିନିଧି ରମେଶ ବଳ ଗୁରୁବାର ଦେଇଥିବା ମନ୍ତବ୍ୟ ଏହି ଆଲୋଚନାକୁ ଆହୁରି ଶକ୍ତ କରିଛି।

ରମେଶ କହିଛନ୍ତି ଯେ, ୨ୟ ବ୍ରାହ୍ମଣୀ ସେତୁ ନିର୍ମାଣ ଏବଂ ଆଇଜିଏଚ୍କୁ ସୁପର ସ୍ପେଶିଆଲିଟିରେ ପରିଣତ କରିବା ପାଇଁ ଦିଲୀପ ରାୟ ଯଥାସମ୍ଭବ ଚେଷ୍ଟା ଜାରି ରଖିଥିଲେ। ଏ ନେଇ ଦିଲୀପ ଗସ୍ତକରି ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା ମଧ କରିଥିଲେ। ହେଲେ ଏଥିରୁ କୌଣସି ସୁଫଳ ମିଳିନାହିଁ। ଆସନ୍ତା ୪ ଡିସେମ୍ବରରୁ ବ୍ରାହ୍ମଣୀ ସେତୁ କାର୍ଯ୍ୟ ଆରମ୍ଭ ହେବା ନେଇ ମଧ ଦିଲୀପ ଆଶଙ୍କା ବ୍ୟକ୍ତ କରିଥିବା ରମେଶ କହିଛନ୍ତି।

ଅପରପକ୍ଷେ ଦିଲୀପଙ୍କ ଇସ୍ତଫା ନେଇ ତାଙ୍କ ସହ କୌଣସି ଆଲୋଚନା କରି ନ ଥିବା କହିଛନ୍ତି ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡା। ସେ କହିଛନ୍ତି, କିଏ ଦଳରେ ରହିବେ ଅବା ନ ରହିବେ, ତାହା ସେମାନଙ୍କ ବ୍ୟକ୍ତିଗତ ନିଷ୍ପତ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତିଶ୍ରୁତି ବୃଥା ଯାଏନି। ବ୍ରାହ୍ମଣୀ ସେତୁ କାର୍ଯ୍ୟ ଏବଂ ଆଇଜିଏଚ୍କୁ ନିଶ୍ଚୟ ସୁପର ସ୍ପେଶିଆଲିଟି ହସ୍ପିଟାଲରେ ପରିଣତ କରାଯିବ। ଦଳରେ କେବେ କାହାକୁ ଅଣଦେଖା କରାଯାଇନାହିଁ।

## ବଢ଼ୁଛି ଶୀତ: ଫୁଲବାଣୀରେ ୮.୫ ଡିଗ୍ରୀ

**ଭୁବନେଶ୍ୱର,୨୯।୧୧(ବ୍ୟୁରୋ)**

ରାଜ୍ୟରେ ଶୀତ ଲହରି ଜାରି ରହିଛି। ଉପକୂଳଠାରୁ ଆଭ୍ୟନ୍ତରୀଣ ସବୁଠି ଶୀତର ପ୍ରକୋପ ଅନୁଭୂତ ହେଉଛି। ରାଜ୍ୟର ଅଧିକାଂଶ ଭାଗରେ ପାରଦ ୧୫ ଡିଗ୍ରୀ ତଳେ ରହୁଛି। କେତେକ ସ୍ଥାନରେ ଏହା ୧୨ ଡିଗ୍ରୀ ତଳକୁ ମଧ ଖସିଯାଉଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୮.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗିବାଡି ୧୧, ଅନୁଗୋଳ ୧୩, ଝାରସୁଗୁଡା ୧୪.୬, ସୁନ୍ଦରଗଡ ୧୩, ତାଳଚେର ୧୩.୩, ଭବାନୀପାଟଣା ୧୩.୨, ବଲାଙ୍ଗୀର ୧୪, କୋରାପୁଟ ୧୩, ଟିଟିଲାଗଡ ୧୩ ଏବଂ ସୋନପୁରରେ ସର୍ବନିମ୍ନ ତାପମାତ୍ରା ୧୩.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆସନ୍ତା ଡିସେମ୍ବର ୨ ତାରିଖଠାରୁ ରାଜ୍ୟରେ ଶୀତ ପ୍ରକୋପ ବଢ଼ିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।













# ବର୍ଦ୍ଧିତ ଏମ୍ଏସ୍ପି ଯଥେଷ୍ଟ ନୁହେଁ

ଚଳିତବର୍ଷ ଜୁଲାଇ ମାସରେ କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) ୨୦୦ ଟଙ୍କା ବୃଦ୍ଧି କରିଥିଲେ, ଯାହା କୁଇଣ୍ଟାଲ ପିଛା ୨୯୦୦ ଟଙ୍କା ଦାବି କରୁଥିବା ରାଜ୍ୟ ସରକାରଙ୍କ ଦାବିଠାରୁ କମ୍। ଏହି ବୃଦ୍ଧି ସାମାନ୍ୟ ହେଲେ ମଧ୍ୟ ଖର୍ଚ୍ଚ ଉଠୁନାହିଁ ବୋଲି ଅଭିଯୋଗ କରୁଥିବା ଚାଷୀମାନଙ୍କୁ କିଛି ପରିମାଣରେ ଆଶ୍ୱସ୍ତି ଦେବ ବୋଲି ଆଶା କରାଯାଉଥିଲା। ଧାନ ସଂଗ୍ରହରେ ଓଡ଼ିଶା ବିକେନ୍ଦ୍ରୀକରଣ ପଦ୍ଧତି ଆପଣାଇଥିବାରୁ ସର୍ବାଧିକ ସଂଖ୍ୟକ କୃଷକ କିପରି ସର୍ବନିମ୍ନ ସହାୟକ ମୂଲ୍ୟରେ ସେମାନଙ୍କ ଧାନ ବିକ୍ରି କରିପାରିବେ, ତାହା ସୁନିଶ୍ଚିତ କରିବାର ଦାୟିତ୍ୱ ହେଉଛି ଏକମାତ୍ର ରାଜ୍ୟ ସରକାରଙ୍କର। କାରଣ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ (ଓଏସ୍ସିଏସ୍ସି) ଜରିଆରେ ରାଜ୍ୟ ସରକାର ମଣ୍ଡିଗୁଡ଼ିକରୁ ୯୦ ପ୍ରତିଶତରୁ ଅଧିକ ଧାନ ସଂଗ୍ରହ କରନ୍ତି। ଖରିଫ ଧାନ ସଂଗ୍ରହ ଋତୁ ଅକ୍ଟୋବର ମାସରୁ ଆରମ୍ଭ ହେଉଥିବା ବେଳେ ମିଲରମାନଙ୍କ ଦ୍ୱାରା ଧାନ ବିତରଣ ସେପ୍ଟେମ୍ବର ଶେଷ ପର୍ଯ୍ୟନ୍ତ ଅବ୍ୟାହତ ରହେ। ଓଡ଼ିଶାରେ ସର୍ବତ୍ର ସମାନ ପଦ୍ଧତିରେ ଧାନ ଅମଳ କରାଯାଏ ନାହିଁ। ବରଗଡ଼, କଳାହାଣ୍ଡି ଓ ସୋନପୁର ପରି କେତେକ ଜିଲାରେ ଏବଂ ସମ୍ବଲପୁର, ବାଲେଶ୍ୱର ଓ ଗଞ୍ଜାମର କିଛି ଅଂଶରେ କୃଷକମାନେ ଖରିଫ ଓ ଡାଲୁଅ ଦୁଇଟା ଫସଲ କରନ୍ତି। ଏହି ଜିଲାଗୁଡ଼ିକରେ ଚାଷୀମାନଙ୍କର ଅମଳ ଋତୁ ଜଲଦି ଆରମ୍ଭ ହୁଏ ଏବଂ ସେମାନଙ୍କ ଧାନ ମଣ୍ଡିରେ ପ୍ରଥମେ ପହଞ୍ଚେ। ତେଣୁ ଅକ୍ଟୋବର ଶେଷ ସୁଦ୍ଧା ଯେପରି ଧାନ ସଂଗ୍ରହ ପାଇଁ ମଣ୍ଡିଗୁଡ଼ିକ ଖୋଲା ରହେ, ତାହା ସୁନିଶ୍ଚିତ କରିବା ସରକାରଙ୍କ ଦାୟିତ୍ୱ। ତେବେ ଏହିସବୁ ଜିଲାଗୁଡ଼ିକ ମଧ୍ୟରୁ ଅଧିକାଂଶ ଜିଲାରେ ଏ ପର୍ଯ୍ୟନ୍ତ ମଣ୍ଡି ଆରମ୍ଭ ହୋଇ ନାହିଁ। ମିଲରମାନେ ଏପର୍ଯ୍ୟନ୍ତ ପ୍ରଶାସନ ସହ ଚୁକ୍ତିନାମାରେ ଦସ୍ତଖତ କରି ନ ଥିବାରୁ ଧାନ ସଂଗ୍ରହ କେବେ ଆରମ୍ଭ ହେବ ସେ ନେଇ ଅନିଶ୍ଚିତତା ଦେଖାଦେଇଛି। ମଣ୍ଡି ଖୋଲିବାରେ ବିଳମ୍ବ ହେଲେ କୃଷକମାନେ ବାଧ୍ୟହୋଇ ବେପାରୀମାନଙ୍କୁ କମ୍ ମୂଲ୍ୟରେ ଧାନ ବିକ୍ରି କରିବେ। ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶର କେତେକ ବେପାରୀ ଓଡ଼ିଶାର ସଂଲଗ୍ନ ଜିଲାଗୁଡ଼ିକରୁ ଚାଷୀଙ୍କଠାରୁ କମ୍ ମୂଲ୍ୟରେ ଧାନ କିଣୁଥିବାର ଖବର ମଧ୍ୟ ପ୍ରକାଶ ପାଇଛି।

ଏହା ହେଉଛି ରାଜ୍ୟର ଏକ ନିୟମିତ ସମସ୍ୟା। ରାଜ୍ୟର ଚାଷୀମାନେ ପ୍ରତିବର୍ଷ ଏହିପରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମଣ୍ଡି ବିଳମ୍ବରେ ଖୋଲିବା, ମଣ୍ଡିରେ ଚାଷୀମାନେ ଧାନ ଗଦା କରି ବିକ୍ରି ପାଇଁ ଦିନ ଦିନ ଧରି ଅପେକ୍ଷା କରିବା, ଧାର୍ଯ୍ୟ ମୂଲ୍ୟଠାରୁ କମ୍ ମୂଲ୍ୟ ପାଇବା, ବିଳମ୍ବରେ ମୂଲ୍ୟ ପାଇବା, ମିଲରମାନେ ମନଇଚ୍ଛା କଟ୍ନି ଛଟ୍ନି କରିବା ଆଦି ସମସ୍ୟା ଚାଷୀମାନେ ପ୍ରତିବର୍ଷ ଭୋଗି ଆସୁଛନ୍ତି। ଏସବୁ ସମସ୍ୟା ପ୍ରତି ପ୍ରଶାସନ ମଧ୍ୟ ସଚେତନ। ତଥାପି ସେମାନେ ଏହା ଦୂରକରିବା ଲାଗି କୌଣସି ପଦକ୍ଷେପ ନେଉନାହାନ୍ତି। କୃଷି ସହ ଜଡ଼ିତ ବିଭିନ୍ନ କାର୍ଯ୍ୟକଳାପ ଭିତରେ ଧାନ ସଂଗ୍ରହ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା। ଯଦି ଏହି ପ୍ରକ୍ରିୟାକୁ ସରଳ କରା ନ ଯାଏ, ଚାଷୀମାନେ ସେମାନଙ୍କ ବାସ୍ତବ ମୂଲ୍ୟ ପାଇବାରୁ ସବୁବେଳେ ବଞ୍ଚିତ ହେବେ। ନଭେମ୍ବର ଆଦ୍ୟଭାଗରୁ ବି ସରକାର କାହିଁକି ମଣ୍ଡି ଖୋଲି ପାରୁନାହାନ୍ତି, ତାହାର କୌଣସି ଯୁକ୍ତିଯୁକ୍ତ କାରଣ ନାହିଁ। ଧାନ ସଂଗ୍ରହରେ ରାଜ୍ୟ ସରକାର ଗ୍ରହଣ କରିଥିବା ବିକେନ୍ଦ୍ରୀକରଣ ପଦ୍ଧତିର ଉଦ୍ଦେଶ୍ୟ ହେଉଛି କିପରି ସର୍ବାଧିକ ସଂଖ୍ୟକ କୃଷକ ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ ବିକ୍ରି କରିପାରନ୍ତି, ତାକୁ ସୁନିଶ୍ଚିତ କରିବା। ଧାନବୁଣାଠାରୁ ଅମଳ ପର୍ଯ୍ୟନ୍ତ କୃଷକମାନେ ଅନୌପଚାରିକ ହାତଉଧାରି ଆଣିଥାନ୍ତି। ସଅଳ ଧାନ ବିକ୍ରି ହେଲେ ହିଁ ସେମାନେ ଏହି ଋଣ ପରିଶୋଧ କରିପାରିବେ। ଗରିବ କୃଷକମାନେ ଅମଳ ପରେ ସେମାନଙ୍କ ଧାନ ବେଶି ଦିନ ଘରେ ରଖିପାରନ୍ତି ନାହିଁ, କାରଣ ଧାନ ସାଇତି ରଖିବାକୁ ସେମାନଙ୍କର ଆବଶ୍ୟକ ଭଣ୍ଡାରଘର ନାହିଁ। ପୁଣି ଅଧିକ ଦିନ ଧାନ ରଖିଲେ ସେଥିରେ ଆର୍ଦ୍ରତାଜନିତ ଫିମ୍ପି ମାରିବା ଆଦି ଆଶଙ୍କା ମଧ୍ୟ ଥାଏ। ଏଥି ସହ ଋଣଦାତାମାନଙ୍କର ଋଣ ପରିଶୋଧ କରିବା ପାଇଁ ବାରମ୍ବାର ତାଗିଦ ସେମାନଙ୍କୁ ଅତିଷ୍ଠ କରେ। ତେଣୁ ମଣ୍ଡିରେ ଧାନ ବିକ୍ରିରେ ବିଳମ୍ବ ହେଲେ ସେମାନେ ଲାଭଖୋର ବେପାରୀମାନଙ୍କୁ ଏମ୍ଏସ୍ପିଠାରୁ ଯଥେଷ୍ଟ କମ୍ ମୂଲ୍ୟରେ ଧାନ ବିକ୍ରି କରିବାକୁ ବାଧ୍ୟ ହୁଅନ୍ତି। ଆନ୍ଧ୍ରପ୍ରଦେଶର ବେପାରୀମନେ ଭଦ୍ରକର ଆଗରପଡ଼ା, ବନ୍ତ, ଆରଡ଼ି ଓ ବରପଦାରେ ଶିବିରି ଖୋଲି ଧାନ କିଣୁଥିବାର ରିପୋର୍ଟ ପ୍ରକାଶ ପାଇଛି। କେତେକ ଜିଲାରେ ସେମାନେ ସ୍ଥାନୀୟ ମଧ୍ୟସ୍ଥ ବା ଦଲାଲମାନଙ୍କ ଜରିଆରେ ସେମାନଙ୍କୁ ଧାନ ବିକ୍ରି କରିବାକୁ ଚାଷୀମାନଙ୍କୁ ରାଜି କରାଉଥିବାର ମଧ୍ୟ ଦେଖାଯାଉଛି। ଯୋଗାଣ ବିଭାଗ, ମିଲର ଓ ପ୍ରଶାସନ ମଧ୍ୟରେ ସମନ୍ୱୟର ଅଭାବ ଏବଂ ଧାନ ସଂଗ୍ରହ ତାରିଖ ବାରମ୍ବାର ଘୁଞ୍ଚାଇବା ଯୋଗୁ କୃଷକମାନେ ବେପାରୀମାନଙ୍କ ଜାଲରେ ପଡ଼ିବାକୁ ବାଧ୍ୟ ହେଉଛନ୍ତି। କେନ୍ଦ୍ର ସରକାରଙ୍କ ପାଖରେ ରାଜ୍ୟ ସରକାର ବର୍ଦ୍ଧିତ ଏମ୍ଏସ୍ପି ପାଇଁ ଦାବି କରିବାରେ କୌଣସି ଭୁଲ୍ ନାହିଁ, କିନ୍ତୁ କେବଳ ତାହା କୃଷକମାନଙ୍କ ଦୁଃଖ ଦୂର କରିପାରିବ ନାହିଁ। ରାଜ୍ୟ ସରକାରଙ୍କ ସମୟୋଚିତ ସେବା ଯୋଗାଣ ମଧ୍ୟ ଏକାନ୍ତ ଆବଶ୍ୟକ।

## ଆଜିର ଅର୍ଥନୀତି

# ଶ୍ରୀଲଙ୍କାରେ ଅସ୍ଥିରତା



ଶରତ ଚନ୍ଦ୍ର ମିଶ୍ର

ଭାରତ ଉପମହାଦେଶରେ ଭାରତ ବ୍ୟତୀତ କେବଳ ଶ୍ରୀଲଙ୍କାରେ ସ୍ୱାଧୀନତା (୧୯୪୮) ପରଠାରୁ ନିରବଚ୍ଛିନ୍ନ ଭାବେ ଗଣତାନ୍ତ୍ରିକ ପଦ୍ଧତିରେ ଶାସନ ଚାଲୁଛି। ୨୦୧୮ ଅକ୍ଟୋବର ୨୬ ତାରିଖରେ ପ୍ରଥମଥର ପାଇଁ ଏକ ଅଗଣତାନ୍ତ୍ରିକ ପଦ୍ଧତିରେ ଏଠାରେ ଶାସନକଳର ପରିବର୍ତ୍ତନ କରାହୋଇଛି। ରାଷ୍ଟ୍ରପତି ସିରିସେନା ପ୍ରଧାନମନ୍ତ୍ରୀ ବିକ୍ରମ ସିଂହଙ୍କୁ ଗାଦିଚ୍ୟୁତ କରି ପୂର୍ବତନ ରାଷ୍ଟ୍ରପତି ରାଜପାକ୍ସେଙ୍କୁ ପ୍ରଧାନମନ୍ତ୍ରୀ ନିଯୁକ୍ତ କରିଛନ୍ତି ଓ ୨୦୧୯ ଜାନୁୟାରୀରେ ନିର୍ବାଚନ ଘୋଷଣା କରିଛନ୍ତି । ସେ ପାର୍ଲାମେଣ୍ଟ ଭଙ୍ଗ ଘୋଷଣା କରିଛନ୍ତି। କିନ୍ତୁ ସୁପ୍ରିମ୍କୋର୍ଟ ହସ୍ତକ୍ଷେପ କରି ପାର୍ଲାମେଣ୍ଟ ଭଙ୍ଗକୁ ଅସାମ୍ବିଧାନିକ ଘୋଷଣା କରିଛନ୍ତି। ପାର୍ଲାମେଣ୍ଟରେ ନବନିଯୁକ୍ତ ପ୍ରଧାନମନ୍ତ୍ରୀ ରାଜପାକ୍ସେ ନିଜର ସଂଖ୍ୟାଗରିଷ୍ଠତା ପ୍ରମାଣ କରିପାରିନାହାନ୍ତି। ପାର୍ଲାମେଣ୍ଟରେ ବିକ୍ରମ ସିଂହଙ୍କ ୟୁନାଇଟେଡ୍ ନ୍ୟାଶନାଲ ପାର୍ଟି ଓ ରାଜପାକ୍ସେଙ୍କ ଶ୍ରୀଲଙ୍କା ଫ୍ରିଡମ୍ ପାର୍ଟିର ସଭ୍ୟମାନଙ୍କ ମଧ୍ୟରେ ମାର୍ପିଟ ଭଳି ଅଶୋଭନୀୟ କାଣ୍ଡ ଘଟିଛି। ଶ୍ରୀଲଙ୍କା ଫ୍ରିଡମ୍ ପାର୍ଟି ତୁରନ୍ତ ନିର୍ବାଚନ ଦାବି କରୁଛି। ରାଷ୍ଟ୍ରପତି ସିରିସେନା ତାଙ୍କୁ ହତ୍ୟା କରିବା ନିମନ୍ତେ ଷଡ଼ଯନ୍ତ୍ର ହେଉଛି ବୋଲି ଅଭିଯୋଗ କରି ସେଥିଯୋଗୁ ସରକାର ବଦଳାଇବା ଆବଶ୍ୟକ ହେଲା ବୋଲି ଯୁକ୍ତି ଦର୍ଶାଇଛନ୍ତି।

ନବନିଯୁକ୍ତ ପ୍ରଧାନମନ୍ତ୍ରୀ ରାଜପାକ୍ସେ ଶ୍ରୀଲଙ୍କା ଫ୍ରିଡମ୍ ପାର୍ଟିର ନେତା। ସେ ୨୦୦୫ରୁ ୨୦୧୫ ପର୍ଯ୍ୟନ୍ତ ଦେଶର ରାଷ୍ଟ୍ରପତି ଥିଲେ। ସେ ପ୍ରଭୁତ୍ୱବାଦରେ ବିଶ୍ୱାସୀ ଓ ତାମିଲ ବିଦ୍ରୋହକୁ ଦୃଢ଼ ହସ୍ତରେ ଦମନ କରିଥିଲେ (୨୦୦୯)। ତାଙ୍କ ବିରୋଧରେ ପାଶ୍ଚାତ୍ୟ ଦେଶଗୁଡ଼ିକ ମାନବିକ ଅଧିକାର ଉଲ୍ଲଂଘନର ଗୁରୁତର ଅଭିଯୋଗ ଆଣିଥିଲେ ମଧ୍ୟ ସେ ତାମିଲମାନଙ୍କ ଉପରେ ହୋଇଥିବା ଅତ୍ୟାଚାରର କୌଣସି ତଦନ୍ତ କରିବା ନିମନ୍ତେ ପ୍ରସ୍ତୁତ ନ ଥିଲେ। ପଶ୍ଚିମ ଜଗତ ସହିତ ସମ୍ପର୍କରେ ଅବନତି ଘଟିବାରୁ ସେ ଚାଇନା ସହିତ ସମ୍ପର୍କ ବୃଦ୍ଧି କଲେ। ଚାଇନାକୁ ଏକ ବନ୍ଦର ନିର୍ମାଣ କରିବାକୁ ଦେଇ ସେ ଋଣ ଶୁଝି ନ ପାରି ବନ୍ଦରଟିକୁ ୯୯ ବର୍ଷ ନିମନ୍ତେ ଚାଇନାକୁ ଲିଜ୍ ପ୍ରଦାନ କଲେ। ତାଙ୍କ ସମୟରେ ଦେଶ ଅତିମାତ୍ରାରେ ଚାଇନାଠାରୁ ଋଣଗ୍ରସ୍ତ ହୋଇଗଲା। ତାଙ୍କ ପରିବାରର ଅଧିକାଂଶ ସଦସ୍ୟ ଉଚ୍ଚ ପଦାଧିକାରୀ ଥିଲେ ଓ ଦେଶର ଅର୍ଥନୀତିର ଅର୍ଦ୍ଧେକ ନିୟନ୍ତ୍ରଣ କରୁଥିଲେ। ତାମିଲମାନଙ୍କୁ କଠୋର ହସ୍ତରେ ଦମନ କରିପାରିଥିବାରୁ ସେ ସିଂହଳୀମାନଙ୍କ ମଧ୍ୟରେ ଜନପ୍ରିୟ ଓ ବଳିଷ୍ଠ ନେତା ଭାବେ ପରିଚିତ। ସଂଖ୍ୟାଲଘୁ ତାମିଲ (୧୮ ଭାଗ), ମୁସଲମାନ (୮ ଭାଗ) ଓ ଖୀରସ୍ତାନ (୮ ଭାଗ)ମାନେ ତାଙ୍କ ଶାସନ କାଳରେ ନିଜକୁ ଅସୁରକ୍ଷିତ ମନେ କରୁଥିଲେ। ତାଙ୍କର ରାଜନୈତିକ ପ୍ରତ୍ୟାବର୍ତ୍ତନକୁ ଚାଇନା ସ୍ୱାଗତ ଜଣାଇଛି।

ତାଙ୍କ ଦଳରେ ବିଦ୍ରୋହ ଘଟି ତାଙ୍କ ଅଧୀନରେ ମନ୍ତ୍ରୀ ଥିବା ସିରିସେନା ତାଙ୍କଠାରୁ ଅଲଗା ହୋଇଯାଇ ୟୁନାଇଟେଡ୍ ନ୍ୟାଶ୍ନାଲ ପାର୍ଟିର ନେତା ରନିଲ ବିକ୍ରମ ସିଂହଙ୍କ ସହିତ ମିଳିତ ହେଲେ ଓ ଉଭୟେ ମିଶି ୨୦୧୫ ନିର୍ବାଚନରେ ରାଜପାକ୍ସେଙ୍କୁ ପରାସ୍ତ କଲେ। ସିରିସେନା ରାଷ୍ଟ୍ରପତି ଓ ବିକ୍ରମସିଂହ ପ୍ରଧାନମନ୍ତ୍ରୀ ହେଲେ। ଭାରତୀୟ ବୈଦେଶିକ ଗୋଇନ୍ଦା ସଂସ୍ଥା 'ର' ଏହି ରାଜନୈତିକ ପରିବର୍ତ୍ତନର ସୂତ୍ରପାତ କରାଇଥିଲା ବୋଲି ରାଜପାକ୍ସେ ଅଭିଯୋଗ କରନ୍ତି।

ସିରିସେନା ଓ ବିକ୍ରମ ସିଂହଙ୍କ ମଧୁଚନ୍ଦ୍ରିକା ବେଶି ଦିନ ତିଷ୍ଠିପାରିଲା ନାହିଁ। ଅଳ୍ପକାଳ ମଧ୍ୟରେ ଦୁର୍ନୀତି ଓ ଆର୍ଥିକ କୁପରିଚାଳନାର ଅଭିଯୋଗ ସରକାର ବିରୋଧରେ ହେଲା। ୨୦୧୭ରେ ବୈଦେଶିକ ବିଭାଗ ମନ୍ତ୍ରୀ ଭ୍ରଷ୍ଟାଚାର ଅଭିଯୋଗରେ ଛନ୍ଦିହୋଇ ଇସ୍ତଫା ଦେବାକୁ ବାଧ୍ୟ ହେଲେ। ୨୦୧୮ ଜାନୁୟାରୀରେ ଟ୍ରେଜେରି ବଣ୍ଡ ଘୋଟାଲା ଅଭିଯୋଗରେ ପାର୍ଲାମେଣ୍ଟରେ ମୁଷ୍ଟିଯୁଦ୍ଧ ହୋଇଥିଲା। ସରକାରଙ୍କ ଜନପ୍ରିୟତା ଦ୍ରୁତଗତିରେ ହ୍ରାସ ପାଇଲା। ୨୦୧୮ ଫେବୃୟାରୀରେ ସ୍ଥାନୀୟ ନିର୍ବାଚନରେ ରାଜପାକ୍ସେଙ୍କ ଦଳ ବିପୁଳ ବିଜୟ ଲାଭ କଲା। ୨୦୨୦ ନିର୍ବାଚନକୁ ଅପେକ୍ଷା ନ କରି ବର୍ତ୍ତମାନ ନିର୍ବାଚନ ଅନୁଷ୍ଠିତ ହେଲେ ରାଜପାକ୍ସେ ଶାସନକଳ ଦଖଲ କରିପାରିବେ ବୋଲି ଆଶାକରି ରାଷ୍ଟ୍ରପତି ସିରିସେନାଙ୍କ ସହିତ ମିଳିତ ହୋଇ ନିର୍ବାଚନ କରାଇବାର ପରିସ୍ଥିତି ସୃଷ୍ଟି କରୁଛନ୍ତି।

ବିକ୍ରମ ସିଂହ ତାମିଲମାନଙ୍କ ପ୍ରତି ନରମ ମନୋଭାବ ପୋଷଣକରି ସେମାନଙ୍କର ସମସ୍ୟା ସମାଧାନ କରିବା ନିମନ୍ତେ କିଛିଟା ଉଦ୍ୟମ କରିଛନ୍ତି। ସେ ଭାରତ ସହିତ ଉତ୍ତମ ସମ୍ପର୍କ ସ୍ଥାପନରେ ବିଶ୍ୱାସୀ, ଯଦିଓ ତାଙ୍କର ତିନିବର୍ଷର ଶାସନକାଳ ମଧ୍ୟରେ ଦେଶରକ୍ଷା ସମ୍ବନ୍ଧୀୟ କୌଣସି ଚୁକ୍ତି ଭାରତ ସହିତ କରିନାହାନ୍ତି। ତାଙ୍କ ସମୟରେ ଶ୍ରୀଲଙ୍କାରେ ଚାଇନାର ପ୍ରଭାବ ହ୍ରାସ ପାଇଥିଲେ ମଧ୍ୟ ଏବେ ବି ଚାଇନା ସବୁଠାରୁ ଅଧିକ ପୁଞ୍ଜି ନିବେଶକାରୀ ଓ ସବୁଠାରୁ ବଡ଼ ବାଣିଜ୍ୟ ସହଯୋଗୀ। ଶ୍ରୀଲଙ୍କାର ଏଇ ରାଜନୈତିକ ସଂକଟ ଭାରତ ଓ ଚାଇନା ମଧ୍ୟରେ ପ୍ରଭାବ ରକ୍ଷା ନିମନ୍ତେ ଛାୟାଯୁଦ୍ଧ ବୋଲି ବିବେଚନା କରାଯାଇପାରେ। ପକ୍ଷାନ୍ତରେ ଏହା ତାମିଲବିରୋଧୀ ସିଂହଳୀ ମନୋଭାବର ଏକ ସମ୍ପ୍ରସାରଣ।

ରାଷ୍ଟ୍ରପତି ସିରିସେନା ଜଣେ ସୁବିଧାବାଦୀ ରାଜନୈତିକ ନେତା। ରାଜପାକ୍ସେଙ୍କ ଜନପ୍ରିୟତା ହ୍ରାସ ସମୟରେ (୨୦୧୫) ସେ ରାଜପାକ୍ସେଙ୍କୁ ଛାଡି ବିକ୍ରମ ସିଂହଙ୍କ ସହିତ ହାତ ମିଳାଇ ଜଣେ ସାଧାରଣ ମନ୍ତ୍ରୀରୁ ରାଷ୍ଟ୍ରପତି ହୋଇପାରିଥିଲେ। ବର୍ତ୍ତମାନ ନିଜର ରାଷ୍ଟ୍ରପତି ପଦ ରକ୍ଷା ନିମନ୍ତେ ରାଜପାକ୍ସେଙ୍କ ଜନପ୍ରିୟତା ବୃଦ୍ଧି ଆକଳନ କରି ତାଙ୍କୁ ସାହାଯ୍ୟ କରିବାକୁ ଅଗଣତାନ୍ତ୍ରିକ ପନ୍ଥା ଅବଲମ୍ବନ କରିଛନ୍ତି। ସୁପ୍ରିମ୍କୋର୍ଟ ଓ ବାଚସ୍ପତି ଜୟସୁରିଆ ଗଣତନ୍ତ୍ରକୁ ରକ୍ଷା କରିବା ନିମନ୍ତେ ଉଦ୍ୟମ କରୁଛନ୍ତି।

ଦେଶ ବର୍ତ୍ତମାନ ଏକ ବିସ୍ଫୋରକ ସ୍ଥିତିରେ। ଚାରିଆଡ଼େ ଅସୁରକ୍ଷା ଓ ହିଂସାର ବାତାବରଣ। ବିକ୍ରମ ସିଂହ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ନିଜ ଦଳୀୟ କର୍ମୀଙ୍କ ଦ୍ୱାରା ପରିବେଷ୍ଟିତ ହୋଇ ରହିଛନ୍ତି ଓ ରାଜପାକ୍ସେଙ୍କୁ ପ୍ରଧାନମନ୍ତ୍ରୀ ଭାବରେ ସ୍ୱୀକାର କରୁନାହାନ୍ତି। ଏକ ନୂତନ ନିର୍ବାଚନ ଅବଶ୍ୟମ୍ଭାବୀ ହୋଇ ଉଠିଲାଣି ଓ ନିର୍ବାଚନ ସମାପ୍ତ ହୋଇ ଦେଶରେ ନୂତନ ପ୍ରଧାନମନ୍ତ୍ରୀ ଗାଦିନସୀନ ହେବା ପର୍ଯ୍ୟନ୍ତ ପରିସ୍ଥିତି ଜଟିଳ ରହିବ।

ସିଂହଳୀ ଭାଷାଭାଷୀମାନେ ଭାରତ ସହିତ ନିବିଡ଼ ସମ୍ପର୍କକୁ ସନ୍ଦେହ ଚକ୍ଷୁରେ ଦେଖନ୍ତି। ଶ୍ରୀଲଙ୍କାର ଦୂରତ୍ୱ ଭାରତଠାରୁ ମାତ୍ର ୨୯ କି.ମି.। ବାରଶହ ବର୍ଷ କାଳ ସିଂହଳୀ ଓ ତାମିଲ ଭାଷାଭାଷୀମାନଙ୍କ ମଧ୍ୟରେ ଯୁଦ୍ଧବିଗ୍ରହ ଲାଗି ରହିଥିଲା। ସିଂହଳର ଉତ୍ତର ଓ ଉତ୍ତରପୂର୍ବାଞ୍ଚଳରେ ବାସ କରୁଥିବା ତାମିଲମାନଙ୍କୁ ସିଂହଳୀମାନେ ଭାରତୀୟ ବୋଲି ମନେକରନ୍ତି। ଜଣେ ସାଧାରଣ ସିଂହଳୀର ବିବେଚନାରେ ତାମିଲନାଡୁ ହିଁ ଭାରତ। ସିଂହଳୀମାନଙ୍କ ଇତିହାସ, ଲୋକଗୀତ, ଗଳ୍ପ, ସାହିତ୍ୟ ଇତ୍ୟାଦି ଭାରତୀୟ ଆକ୍ରମଣ ଆଶଙ୍କାରେ ଭରପୂର। ସିଂହଳୀ ଭାଷା ପାଲି ଭାଷାରୁ ଜନ୍ମ ଓ ଏହା ଉତ୍ତରଭାରତୀୟ ଭାଷାର ବଂଶଜ ହେଲେ ମଧ୍ୟ କୌଣସି ଭାରତୀୟ ଭାଷା ଓ ସାହିତ୍ୟ ସହିତ ଏହା ସମ୍ପର୍କ ରକ୍ଷା କରିପାରିନାହିଁ। ସିଂହଳୀମାନଙ୍କ ପୂର୍ବସୂରୀ ଉତ୍ତର ଓ ପୂର୍ବ ଭାରତୀୟ ହେଲେ ମଧ୍ୟ ଉତ୍ତର ଓ ପୂର୍ବ ଭାରତ ସହିତ ସେମାନଙ୍କର କୌଣସି ଭାବଗତ, ସାଂସ୍କୃତିକ ଓ ଐତିହାସିକ ସମ୍ପର୍କ ବାସ୍ତବରୂପ ନେଇନାହିଁ। ଶ୍ରୀଲଙ୍କାର ସଂଖ୍ୟାଗରିଷ୍ଠ ସିଂହଳୀ ଭାଷାଭାଷୀମାନେ ଭାବଗତ ସ୍ତରରେ ନିଜକୁ ବୃହତ୍ତର ଭାରତର ଏକ ସଂଖ୍ୟାଲଘୁ ଗୋଷ୍ଠୀ ମନେକରି ଅବଚେତନ ସ୍ତରରେ ମାନସିକ ହୀନମନ୍ୟତାର ଶିକାର ହୋଇଛନ୍ତି। ପୃଥିବୀର ଅନ୍ୟ ସମସ୍ତ ବୌଦ୍ଧ ଧର୍ମାବଲମ୍ବୀ ରାଷ୍ଟ୍ର ମଙ୍ଗୋଲ ବଂଶୋଦ୍ଭବ ଓ ଭାରତୀୟ ବଂଶୋଦ୍ଭବଙ୍କ ମଧ୍ୟରେ ସିଂହଳୀମାନେ ହିଁ ବୌଦ୍ଧ ଧର୍ମାବଲମ୍ବୀ। ସିଂହଳରେ ଭାରତର ପ୍ରଭାବ ବୃଦ୍ଧି, ବୌଦ୍ଧଧର୍ମର ପ୍ରତିଷ୍ଠା ଓ ବିକାଶ ଦିଗରେ ବାଧା ସୃଷ୍ଟି କରିବ ବୋଲି ସେମାନଙ୍କର ଆଶଙ୍କା। ଏ ସବୁ କାରକମାନଙ୍କୁ ବିଚାରକୁ ନେଇ ଆମ ଦେଶରେ ଶ୍ରୀଲଙ୍କା ନୀତି ପ୍ରଣୟନ ହେବା ଜରୁରୀ।

ମୋ–୯୯୩୭୪୨୨୫୨୧

# ଓଡ଼ିଆ ସଂସ୍କୃତି ଓ ପ୍ରଥମାଷ୍ଟମୀ



ଡ. ଉଦ୍ଧବ ଚରଣ ନାୟକ

ଅକ୍ଷୟତୃତୀୟା, ରଜ, କୁମାରପୂର୍ଣ୍ଣିମା, ବଡ଼ଓଷା, ବାଲିଯାତ୍ରା ବା ବୋଇତ ବନ୍ଦାଣ, ମାଣବସା, ପ୍ରଥମାଷ୍ଟମୀ ଓ ଶାମ୍ବଦଶମୀ ହେଉଛି ଖାଣ୍ଟି ଓଡ଼ିଆ ପର୍ବ। ଏସବୁ ଓଡ଼ିଶାର ଏକାନ୍ତ ନିଜସ୍ୱ ତଥା ଅତି ଆପଣାର ପର୍ବ। ମାର୍ଗଶିର ମାସକୁ ବର୍ଷର ପ୍ରଥମ ମାସ ବୋଲି କୁହାଯାଏ। ଭଗବାନ ଶ୍ରୀକୃଷ୍ଣ ଗୀତାର ଦଶମ ଅଧ୍ୟାୟରେ ଅର୍ଜୁନଙ୍କୁ କହିଛନ୍ତି–'ମାସାନାଂ ମାର୍ଗଶୀର୍ଷୋଽହମୃତୁନାଂ କୁସୁମାକରଃ...' ଅର୍ଥାତ୍ ମୁଁ ମାସଗୁଡ଼ିକ ମଧ୍ୟରେ ମାର୍ଗଶିର ଓ ଋତୁଗୁଡ଼ିକ ମଧ୍ୟରେ ବସନ୍ତ। ଏଣୁ ମାର୍ଗଶିର ମାସଟି ଶ୍ରେଷ୍ଠ ବା ଆଦ୍ୟମାସ ଭାବରେ ଗ୍ରହଣୀୟ। ଆମର ପ୍ରାଚୀନ ଓଡ଼ିଆ କବି ଅଚ୍ୟୁତାନନ୍ଦ ଦାସ (ଷୋଡ଼ଶ ଶତାବ୍ଦୀ) ତାଙ୍କର ବାରମାସୀ ଗୀତିକାରେ ଆଦ୍ୟରେ ଏହି ମାର୍ଗଶିର ମାସର ନାମ ଉଚ୍ଚାରଣ କରିଛନ୍ତି–

''ଆଦ୍ୟ ମାର୍ଗଶିର ଶିଶିରେ ଶୀତ,
ଶ୍ରୀକୃଷ୍ଣ ଜାଣନ୍ତି ରାଧିକା ଚିତ୍ତ।
ଦୁଃଖର ଭାବନା ଦୁଃଖୀ ସଙ୍ଗୀତ,
କାହୁଁ ଆଣିଦେବି କମଳାକାନ୍ତ,
ମୋ କାହ୍ନୁରେ...।''

ଏହି ମାର୍ଗଶିର ମାସର କୃଷ୍ଣ ଅଷ୍ଟମୀ ବା ପ୍ରଥମ ଅଷ୍ଟମୀଟିକୁ ସୌନ୍ଦର୍ଯ୍ୟ ଓ ସମ୍ପଦର ଦେବୀ ମା' ମହାଲକ୍ଷ୍ମୀଙ୍କର ଆବିର୍ଭାବ ତିଥି ଭାବରେ ଗ୍ରହଣ କରାଯାଏ। କାରଣ ଏହାକୁ ଅନୁକରଣ କରି ଆମ ଓଡ଼ିଆ ଘରର ବୋହୂ ସାଆନ୍ତାଣୀମାନେ ଲକ୍ଷ୍ମୀ ପୂଜନ ଆରମ୍ଭ କରିଥାଆନ୍ତି। ପ୍ରଥମାଷ୍ଟମୀ ପରେ ପରେ ସେମାନେ ମାଣବସାଇ ମା' ଲକ୍ଷ୍ମୀଙ୍କର ପୂଜା ଅର୍ଚ୍ଚନା କରନ୍ତି, ଯାହାକି 'ମାଣବସା ଓଷା' ଭାବରେ ଖ୍ୟାତ। ଏହି ପ୍ରଥମ ଅଷ୍ଟମୀଠାରୁ ନୂଆଧାନ, ନୂଆ ବିରି ତଥା ଅନ୍ୟାନ୍ୟ ନୂତନ ଶସ୍ୟର ବ୍ୟବହାର ଆରମ୍ଭ ହୁଏ। ବିଶେଷ ଉଲ୍ଲେଖଯୋଗ୍ୟ ଘଟଣା ହେଲା, ଏହି ଦିବସ ଉପଲକ୍ଷେ ପ୍ରତ୍ୟେକ ଓଡ଼ିଆ ପରିବାରରେ ଜ୍ୟେଷ୍ଠ ସନ୍ତାନ, ପୁଅ ହେଉ କି ଝିଅ, ସେମାନଙ୍କୁ 'ପୋରୁହାଁ' ବା 'ପୋଢୁଆଁ' କରାଯାଏ। ତେଣୁ ଏହି ଅଷ୍ଟମୀଟି ପୋରୁହାଁ 'ଅଷ୍ଟମୀ' ବା 'ପ୍ରଥମାଷ୍ଟମୀ' ଭାବରେ ଖ୍ୟାତ। ଏହି ପରମ୍ପରାରୁ ସ୍ପଷ୍ଟ ସୂଚିତ ହୁଏ ଯେ, ଓଡ଼ିଆ ଜାତି ବହୁ ପ୍ରାଚୀନକାଳରୁ ପୁଅ–ଝିଅଙ୍କ ଭିତରେ ପ୍ରଭେଦ ନ ରଖି ଦୁହିଁଙ୍କୁ ସମାନ ଦୃଷ୍ଟିରେ ଦେଖିଆସିଛି। ଆଜି ଯାହାକି 'ନାରୀ–ପୁରୁଷ ସମାନତା' ଶୀର୍ଷକରେ ଜାତୀୟ ମୂଲ୍ୟବୋଧ ଭାବରେ ଶିକ୍ଷା ପ୍ରଦାନ କରାଯାଉଛି।

ଦ୍ୱିତୀୟ ସନ୍ତାନକୁ ମଧ୍ୟ ପ୍ରଥମାଷ୍ଟମୀରେ ପ୍ରଥମ ସନ୍ତାନ ସହ 'ଦୁହାଁ' ବା 'ଦୁଆ' ଭାବରେ ମାନ୍ୟତା ପ୍ରଦାନ କରାଯାଏ। ଏହି ଦିନରେ ଜ୍ୟେଷ୍ଠ ସନ୍ତାନ ବା ପୋରୁହାଁ ସନ୍ତାନମାନଙ୍କ ପରିଧାନ ନିମନ୍ତେ ନୂତନ ବସ୍ତ୍ର–ପୋଷାକ ସହ ପିଠା ପ୍ରସ୍ତୁତି ନିମନ୍ତେ ନୂଆ ଅରୁଆଚାଉଳ ଓ ନୂଆ ବିରି ମାମୁଘରୁ ଆସିଥାଏ। ମାମୁମାନେ ଭଉଣୀର ଜ୍ୟେଷ୍ଠ ସନ୍ତାନକୁ ପୋରୁହାଁ କରିବାର ବିଧି ରହିଛି। ଆମ ଓଡ଼ିଆ ଘରେ ପିଲାର ମାମୁଙ୍କୁ ଥଟ୍ଟା ମଜାରେ 'ଅଷ୍ଟମୀ ବନ୍ଧୁ' ବୋଲି କୁହାଯାଏ। ପୋରୁହାଁ ଓ ଦୁଆଙ୍କୁ ନୂତନ ପୋଷାକ ପିନ୍ଧାଇ ମା' ଲକ୍ଷ୍ମୀଙ୍କ ପୂଜା ପରେ ସେମାନଙ୍କୁ ବନ୍ଦାପନା କରାଯାଏ। ସେମାନେ ଚିର ଆରୋଗ୍ୟ ରହିବେ। ଦୀର୍ଘଜୀବୀ ହେବେ– ଏହି କାମନା ମା' ଲକ୍ଷ୍ମୀଙ୍କ ପାଖରେ କରାଯାଏ। ପ୍ରଥମାଷ୍ଟମୀରେ ଜ୍ୟେଷ୍ଠ ସନ୍ତାନକୁ ନୂତନ ବେଶ ପରିପାଟୀରେ ସଜାଇ ପୂଜା ବନ୍ଦାପନା କରିବା ପଛରେ ଥାଏ ଏକ ସାମାଜିକ ପରମ୍ପରା ଓ ପ୍ରତିବଦ୍ଧତା– ଜ୍ୟେଷ୍ଠ ସନ୍ତାନ ହେବ ପିତାଙ୍କ ପରେ ପରିବାରର ମୁଖ୍ୟ। ସାରା ପରିବାରର ପାଳନପୋଷଣ ଦାୟିତ୍ୱ ରହିବ ତା' ଉପରେ। ତେଣୁ ଜ୍ୟେଷ୍ଠ ସନ୍ତାନ ପ୍ରତି ଏହା ହେଉଛି ଏକ ସମ୍ମାନ। ଏହି ପରମ୍ପରା ଭାରତବର୍ଷର ଅନ୍ୟ କୌଣସି ରାଜ୍ୟରେ ଦେଖିବାକୁ ମିଳେନାହିଁ।

ଏହି ପରମ୍ପରା ମଧ୍ୟ ଓଡ଼ିଶାର ଧାର୍ମିକ ଓ ସାଂସ୍କୃତିକ କେନ୍ଦ୍ର ଶ୍ରୀଜଗନ୍ନାଥ ମନ୍ଦିରରେ ଯଥାବିଧି ପାଳନ କରାଯାଏ। ଠାକୁରମାନେ ପ୍ରଥମାଷ୍ଟମୀ ତିଥିରେ ନୂତନ ବେଶପୋଷାକ ପରିଧାନ କରି ପୋରୁହାଁ ହୁଅନ୍ତି। ପ୍ରଥମାଷ୍ଟମୀରେ ପ୍ରତ୍ୟେକ ଓଡ଼ିଆ ପରିବାରରେ ଏକ ସ୍ୱତନ୍ତ୍ର ପିଠା ପ୍ରସ୍ତୁତ କରାଯାଏ। ସେହି ପିଠାର ନାମ 'ଏଣ୍ଡୁରି ପିଠା'। ଏଣ୍ଡୁରି ପିଠା ନୂଆ ଚାଉଳ ପିଠଉରେ ହଳଦୀପତ୍ର ଭିତରେ ଅଥାର ବାମ୍ଫ ହାଣ୍ଡିରେ ସିଝା ହୁଏ। ଅଥାର ହାଣ୍ଡିଟି ଓଡ଼ିଆ ଗ୍ରାମୀଣ ବୈଜ୍ଞାନିକ କୌଶଳରେ ନିର୍ମିତ ଏକ ପିଠା ତିଆରି ଯନ୍ତ୍ର। ଏହି ଯନ୍ତ୍ର ସାହାଯ୍ୟରେ ଏଣ୍ଡୁରି ପିଠା ବ୍ୟତୀତ ମଣ୍ଡା ଓ ମୁଆଁପିଠା ମଧ୍ୟ ପ୍ରସ୍ତୁତ କରାଯାଏ। ଅଥାର ହାଣ୍ଡିରେ ପ୍ରସ୍ତୁତ ଏହି ପିଠା ଅତ୍ୟନ୍ତ ରୁଚିକର ଓ ପୁଷ୍ଟିକର ମଧ୍ୟ। ହଳଦୀପତ୍ରରେ ସିଝା ହେଉଥିବାରୁ ଏଥିରୁ ହଳଦୀର ଭୁରୁଭୁରୁ ବାସ୍ନା ବାହାରେ ଓ ଖାଇବାକୁ ସୁସ୍ୱାଦୁ ଲାଗେ। ଏଣ୍ଡୁରି ପିଠା ସହ ପ୍ରଥମାଷ୍ଟମୀରେ ଚକୁଳି, କାକରା, ଆରିସା ପିଠା ମଧ୍ୟ ଓଡ଼ିଆ ଘରେ ପ୍ରସ୍ତୁତ ହୁଏ। ଏହିଦିନ ପ୍ରସ୍ତୁତ ଏଣ୍ଡୁରି ପିଠା ସ୍ୱାସ୍ଥ୍ୟପକ୍ଷେ ହିତକାରକ। ଶିଶିର ଶେଷରେ ଶୀତ ଆଗମନରେ ଚର୍ମରୋଗ ଯଥା– କାଛୁ, କୁଣ୍ଡିଆ ଇତ୍ୟାଦି ହେବାର ବହୁ ସମ୍ଭାବନା ଥାଏ। ଏଣ୍ଡୁରି ପିଠା ହଳଦୀପତ୍ରରେ ନୂଆ ଚାଉଳରେ ପ୍ରସ୍ତୁତ ହୋଇଥିବାରୁ ଚର୍ମରୋଗ ପ୍ରତିଷେଧକ ବୋଲି କହନ୍ତି ଆୟୁର୍ବେଦାଚାର୍ଯ୍ୟମାନେ। ପ୍ରଥମାଷ୍ଟମୀ ସାମାଜିକ ମୂଲ୍ୟବୋଧ ତଥା କୃଷିଭିତ୍ତିକ ମହାନ୍ ସାଂସ୍କୃତିକ ପରମ୍ପରାର ନିଦର୍ଶନ, ଯାହା ଭାରତରେ ଅନ୍ୟତ୍ର ବିରଳ।

ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ,
ଭୁବନେଶ୍ୱର, ମୋ–୯୪୩୮୨୯୯୧୭୪

## ଏଇ ଭାରତରେ

କେତେକ ବ୍ୟକ୍ତି ଅସାଧାରଣ କାର୍ଯ୍ୟକରି ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥାଆନ୍ତି। ବାବା ଆଖ୍ୟା ପାଇଥିବା କେତେକ ବ୍ୟକ୍ତି ଅଲୌକିକତା ପ୍ରଦର୍ଶନ କରୁଥିବାର ଅନେକ ନଜିର ରହିଛି। ଆମ ଓଡିଶାରେ ମଧ୍ୟ କଂକ୍ରିଟ ଗାଈ କ୍ଷୀର ଦେବାକଥା ଅନେକେ ଜାଣନ୍ତି। ଏଭଳି ଅଲୌକିକତା ଅଥବା ମିଥ୍ୟା ଭେଲିକି ଦେଖାଇ ଦୁର୍ବଳ ମାନସିକତାର ଭକ୍ତଙ୍କୁ ବିମୋହିତ କରାଯାଇପାରେ। ଭକ୍ତମାନେ ବାବାଙ୍କ ଅଲୌକିକତାରେ ଆକୃଷ୍ଟ ହୋଇ ତାଙ୍କୁ ଭକ୍ତି କରନ୍ତି ଏବଂ ଦାନଦକ୍ଷିଣାରେ ପୋତିପକାନ୍ତି। ଏପରି ଘଟଣାକ୍ରମରେ ଜଣେ ବାବା ନାମଧାରୀ ବ୍ୟକ୍ତି ୧୦୦ଫୁଟ ଉଚ୍ଚ ଗଛରେ ଚଢ଼ି ପୂଜାର୍ଚ୍ଚନା କରୁଛନ୍ତି। ଉତ୍ତରପ୍ରଦେଶର ବହରାଇଚ୍ରେ ଏହି ବାବାଙ୍କ କାର୍ଯ୍ୟ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସ୍ଥାନୀୟ ହରଦୀ ଅଞ୍ଚଳର ବଲାସରାୟ ଗାଁରେ ଥିବା ହନୁମାନ ମନ୍ଦିରରେ ବାବା ରହୁଛନ୍ତି। ସେ କେଉଁଠାରୁ ଆସିଛନ୍ତି କେହି ଜାଣନ୍ତି ନାହିଁ। କିନ୍ତୁ ବାବାଙ୍କ ଚମତ୍କାର କାର୍ଯ୍ୟ ଲୋକଙ୍କୁ ଚକିତ କରିଛି। ଏଇ କିଛିଦିନ ହେଲା ବାବା ମନ୍ଦିର ପରିସରରେ ଥିବା ଅଶୋକ ଗଛରେ ଚଢ଼ି ଏହା ଉପରେ ପୂଜାର୍ଚ୍ଚନା କରୁଛନ୍ତି। ଏପରି କି ଆରତି, ହବନ ଆଦି କରିବା ସହିତ ସେଠାରେ ଶୟନ କରୁଛନ୍ତି। ସେ କିପରି ଗଛରେ ଚଢୁଛନ୍ତି ଓ ଓହ୍ଲାଉଛନ୍ତି ତାହା କାହାରିକୁ ଜଣାନାହିଁ। ପ୍ରଶାସନ ପାଖରେ ଏହି ଖବର ପହଞ୍ଚିବା ପରେ ଏଠାରେ ସୁରକ୍ଷାବଳ ମୁତୟନ କରାଯାଇଛି।

## ଚିରନ୍ତନୀ

ଜୀବନ–ବେଳା ପରେ ଖେଳିଲା କେତେ ବୀଚି
ଲାଗିଲା ନବ ନବ ଆଘାତ
ପାରିବି ନାହିଁ କହି ସକଳ ଆଜି ଫେଇ
ଗୋପନ କଥା ଆରେ ସଙ୍ଗାତ!
(ବ୍ୟାଖ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ



## ଜିଲା ଡାଏରୀ
## ବଲାଙ୍ଗୀର

### କୃଷିବୀମା ପ୍ରଦାନରେ ଚଞ୍ଚକତା

ଚଳିତବର୍ଷ ବଲାଙ୍ଗୀର ଜିଲାରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। କିନ୍ତୁ ବୀମା କମ୍ପାନୀ କ୍ଷତିଗ୍ରସ୍ତ କୃଷକଙ୍କୁ ଅତି କମ୍ ପରିମାଣର ବୀମାରାଶି ପ୍ରଦାନ କରୁଥିବାରୁ ଅସନ୍ତୋଷ ଦେଖାଦେଇଛି । ଜିଲାର ମୁଖ୍ୟ ପ୍ରଶାସକ ମଧ୍ୟ ସ୍ୱୀକାର କରିଛନ୍ତି ଯେ, କୃଷକମାନଙ୍କୁ ବୀମା କମ୍ପାନୀ ଧୋକା ଦେଇଛି। ତେଣୁ ଏହାର ବିଧିବଦ୍ଧ ତଦନ୍ତ କରାଯାଇ କମ୍ପାନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ପରିଷଦ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲେ ମଧ୍ୟ ଏଥିପ୍ରତି କେହି ଗୁରୁତ୍ୱ ଦେଉ ନ ଥିବା ଦେଖାଯାଉଛି। ନିୟମାନୁସାରେ କୃଷି ବିଭାଗ ସହ ରାଜସ୍ୱ ଓ ପରିସଂଖ୍ୟାନ ବିଭାଗ ମିଶି କ୍ରପ୍କଟିଂ ରିପୋର୍ଟ ପ୍ରସ୍ତୁତ କରିଥାନ୍ତି। କିନ୍ତୁ ଏହି ବିଭାଗତ୍ରୟ ମଧ୍ୟରେ ସମନ୍ୱୟ ଅଭାବରୁ ଚାଷୀମାନେ ହକ୍ ପାଇବାରୁ ବଞ୍ଚିତ ହେଉଛନ୍ତି। ଗତବର୍ଷ ରାଜସ୍ୱ ବିଭାଗର ରିପୋର୍ଟ ଗୋଟିଏ ତଥ୍ୟ ଦେଉଥିବା ବେଳେ କମ୍ପାନୀ ପାଖରେ ପହଞ୍ଚିଲା ବେଳେ ତାହା ଓଲଟି ଯାଇଥିଲା। ଏହାକୁ ଧ୍ୟାନରେ ରଖି ତଦନ୍ତ କରାଗଲେ ଅନେକ ତଥ୍ୟ ପଦାକୁ ଆସିବ।

–ସୁବାସ ଚନ୍ଦ୍ର ପଣ୍ଡା

## ପାଠକ ଶ୍ରେଷ୍ଠ ବିଚାରକ

### ନେତାଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତା ରହୁ

ମହାଶୟ,

ସ୍ୱାଧୀନତାର ସତୁରିବର୍ଷ ବିତିଯାଇଥିଲେ ମଧ୍ୟ ଆଜି ସବୁପ୍ରକାର ସରକାରୀ ଯୋଜନା ଥାଇ ବି ଗଛତଳେ କିମ୍ବା କାହା ବାରଣ୍ଡାରେ ଶିକ୍ଷା, ଡାକ୍ତରଙ୍କ ଅନୁପସ୍ଥିତିରେ ଅନ୍ୟ କର୍ମଚାରୀଙ୍କ ଦ୍ୱାରା ରୋଗଚିକିତ୍ସା, ଦଉଡ଼ିରେ ଓହଳି ଅଥବା ପହଁରି ଯିବା ରାସ୍ତା, ପୂଜାସ୍ଥଳର ଅଗଣାଗୁଡ଼ିକରେ ଭିକ୍ଷାଥାଳରେ ଜୀବନ, ପଲିଥିନ୍ ବା କୁଡ଼ିଆରେ ବସତି ଆଦି ଦୃଶ୍ୟ ଦେଖିବାକୁ ମିଳୁଛି। ନିକଟ ଅତୀତରେ ସୁପ୍ରିମକୋର୍ଟ ତିନୋଟି ସନ୍ତାନର ଜନକଜନନୀ ପଞ୍ଚାୟତ ନିର୍ବାଚନ ଲଢ଼ିପାରିବେ ନାହିଁ ବୋଲି ରାୟ ଶୁଣାଇଛନ୍ତି। ଏହା ସ୍ୱାଗତଯୋଗ୍ୟ। ମାତ୍ର କେବଳ ପଞ୍ଚାୟତ ନିର୍ବାଚନ କାହିଁକି, ବିଧାନସଭା ଓ ଲୋକ ସଭା ନିର୍ବାଚନ ପାଇଁ ବି ସମାନ ନିୟମ ହେବା ଉଚିତ। ତା'ଛଡ଼ା ପ୍ରତ୍ୟେକ ରାଜନୈତିକ ପ୍ରାର୍ଥୀଙ୍କର ନିର୍ଦ୍ଦିଷ୍ଟ ଶିକ୍ଷାଗତ ଯୋଗ୍ୟତା ରହିଲେ ସମ୍ପୃକ୍ତ ଅଞ୍ଚଳର ଉନ୍ନତି ଦିଗରେ ବିଚାର କରିବାକୁ ସେମାନେ ସମର୍ଥ ହୁଅନ୍ତେ।

ଭୋଳାନାଥ ପ୍ରଧାନ, ସରକାରୀ ଉଚ୍ଚ ବିଦ୍ୟାଳୟ, ସିକରପାଇ, ରାୟଗଡ଼ା

### ହୃଦୟ ବି ବଦଳିଯାଉଛି

ଡ. ନରହରି ବେହେରାଙ୍କ ପ୍ରବନ୍ଧ 'ଏଣିକି ଘର ବଦଳିଯିବ' ଅତ୍ୟନ୍ତ ହୃଦୟସ୍ପର୍ଶୀ। ଘର ବଦଳିଯିବା ସହିତ ମନ ଏବଂ ହୃଦୟ ବି ବଦଳିଯାଉଛି। ଆଗର କଚ୍ଚା ଘର ତଥା ଚାଳ ଘରେ ଦାରିଦ୍ର୍ୟ ଥିଲେ ବି ଆତ୍ମୀୟତା ଥିଲା। ପକ୍କା ଘର ଅତ୍ୟନ୍ତ ମଜଭୁତ ହେଲେ ବି ଆତ୍ମୀୟତା ନାହିଁ। ଯେଉଁ ଝିଅପୁଅଙ୍କୁ ମା'ବାପାମାନେ ଯେତିକି ଆଧୁନିକ, ପାଠୁଆ ଏବଂ ସ୍ୱାବଲମ୍ବୀ କରିବାକୁ ନିଜ ଜୀବନକୁ ବାଜି ଲଗେଇ ଦେଲେ, ସେମାନେ ସେତିକି ଦୂରତା ରକ୍ଷା କରୁଛନ୍ତି। ପକ୍କା ଘର କଠିନ ହେଲାପରି ସେମାନଙ୍କର ହୃଦୟ ମଧ୍ୟ କଠୋର ହୋଇଯାଉଛି।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | A | 1 | | | 8 | | E | | | 3 | | | |
| | 1 | | | | 0 | | | | | A | | | | D |
| 7 | | | | | 2 | | 5 | | | | E | 4 | | 6 |
| | 4 | 2 | E | | 7 | | 0 | | | 5 | | B | A | |
| | | E | | | A | 6 | B | | C | 9 | 2 | | 5 | |
| | | 6 | | | | B | 2 | | | C | | | | 0 |
| | | 8 | 3 | 0 | | | | | | | | 1 | | |
| | | | | 9 | 4 | E | | 6 | 3 | B | | A | | |
| 2 | | B | | | | | | | | | | 9 | D | C |
| | | 0 | | 5 | E | | | | | 2 | | | | |
| | 5 | 9 | | | | | | | 7 | | | E | | B |
| | B | | 0 | 1 | 6 | | | 4 | | | | | | 9 |
| | | | | | | 3 | | 8 | | 1 | | 0 | | |
| | | | B | | | | 7 | | | | 5 | | | 2 |
| | 2 | | | | 5 | | | | 8 | | | D | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | B | A | 5 | 0 | 9 | 2 | 3 | C | 1 | D | 6 | E | 7 | 4 |
| D | 9 | E | 3 | 2 | 7 | 0 | B | 1 | 8 | C | 4 | 5 | 6 | A |
| C | 1 | 5 | 4 | 8 | D | 6 | 7 | A | 3 | B | E | 2 | 9 | 0 |
| 0 | 2 | 6 | 1 | B | C | 5 | 4 | E | 9 | 7 | A | 8 | D | 3 |
| 7 | 4 | 3 | 6 | A | E | 8 | D | 9 | 5 | 2 | 0 | B | 1 | C |
| 1 | 6 | 4 | E | 7 | 5 | A | 9 | B | D | 8 | C | 3 | 0 | 2 |
| B | A | 8 | 2 | D | 0 | 1 | 6 | 3 | 7 | 4 | 5 | 9 | C | E |
| 9 | 3 | D | B | 6 | 4 | 7 | C | 0 | A | E | 2 | 1 | 5 | 8 |
| 2 | E | 0 | 8 | C | 3 | D | 5 | 4 | 6 | 9 | 1 | A | B | 7 |
| 5 | 7 | C | A | 9 | 1 | E | 2 | 8 | B | 0 | 3 | 6 | 4 | D |
| 3 | D | 7 | 9 | E | B | 4 | 1 | 6 | 0 | A | 8 | C | 2 | 5 |
| 4 | 0 | 2 | D | 3 | A | B | E | 5 | C | 6 | 9 | 7 | 8 | 1 |
| E | 5 | B | C | 1 | 2 | 9 | 8 | 7 | 4 | 3 | D | 0 | A | 6 |
| A | 8 | 1 | 7 | 4 | 6 | C | 0 | 2 | E | 5 | B | D | 3 | 9 |
| 6 | C | 9 | 0 | 5 | 8 | 3 | A | D | 2 | 1 | 7 | 4 | E | B |

ଗତକାଲିର ଉତ୍ତର




**ସଂକ୍ଷେପରେ**

## ଶତ ପ୍ରତିଶତ ଶିଳ୍ପ ସଂସ୍କାର ଲାଗୁ ଉପରେ ଗୁରୁତ୍ୱ

### ମୁଖ୍ୟ ଶାସନ ସଚିବଙ୍କ ସମୀକ୍ଷା

**ଭୁବନେଶ୍ୱର,୨୯।୧୧(ବ୍ୟୁରୋ):** ରାଜ୍ୟ ସରକାର ଆଣିଥିବା ବିଭିନ୍ନ ଶିଳ୍ପ ସଂସ୍କାରକୁ ଶତ ପ୍ରତିଶତ ଲାଗୁ କରାଯାଉ। ଏଥିପାଇଁ ସମସ୍ତ ସମ୍ପୃକ୍ତ ସଚିବ ଏବଂ ଅଧିକାରୀଙ୍କୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିଲାଗି ପୂର୍ବ ପ୍ରସ୍ତୁତ ଗାଇଡ୍ ଲାଇନକୁ ପାଳନ ପାଇଁ କଡ଼ା ନିର୍ଦ୍ଦେଶ ରହିଛି। ଆଦିତ୍ୟ ପ୍ରସାଦ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଶିଳ୍ପ ସଂସ୍କାର ସମ୍ପର୍କରେ ଯେପରି ଲୋକମାନେ ଭଲ ଭାବରେ ଅବଗତ ହେବେ, ସେଥିପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯାଉ। ଅନ୍‌ଲାଇନ ପ୍ରକ୍ରିୟା ମାଧ୍ୟମରେ ଆସନ୍ତା ଜାନୁୟାରୀ ୩୧ ସୁଦ୍ଧା ବିଭିନ୍ନ କ୍ଲିୟରାନ୍ସ, ଅନୁମତି ପତ୍ର, ନୋ ଅବ୍‌ଜେକ୍ସନ ଏବଂ ଲାଇସେନ୍ସ ଆଦି ଆବେଦନର ଅନୁମତି ପ୍ରଦାନ କରାଯିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। ପୂର୍ବ ନିଷ୍ପତ୍ତି ଅନୁଯାୟୀ, ଧାର୍ଯ୍ୟ ଲକ୍ଷ୍ୟର ପ୍ରାୟ ୯୭.୮୩% ସଂସ୍କାର କାର୍ଯ୍ୟକାରୀ କରାଯାଇଥିବା ବୈଠକରୁ ସୂଚନା ମିଳିଛି। ପରିବେଶ, ଶ୍ରମ ନିୟମ, ଟିକସ ସମ୍ବନ୍ଧୀୟ ଏବଂ ସିଙ୍ଗଲ ୱିଣ୍ଡୋ ସିଷ୍ଟମକୁ ଅଗ୍ରାଧିକାର ଦିଆଯାଉଛି। ଖୋର୍ଦ୍ଧା, ବ୍ରହ୍ମପୁର ଏବଂ ସମ୍ବଲପୁରରେ ଶିଳ୍ପ ସମ୍ବନ୍ଧୀୟ ଆବଶ୍ୟକ ନିଷ୍ପତ୍ତି ନେବା ପାଇଁ ୩ଟି ବାଣିଜ୍ୟିକ ଅଦାଲତ ସ୍ଥାପନ କରାଯାଇଛି।

■ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# ୨୪ ଘଣ୍ଟା ପଶ୍ଚିମ ଓଡ଼ିଶା ମହାବନ୍ଦ

**ସମ୍ବଲପୁର,୨୯।୧୧(ବ୍ୟୁରୋ)**

ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ଜୋରଦାର ହୋଇଛି। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଗୁରୁବାର ସକାଳ ୬ଟାରୁ ଶୁକ୍ରବାର ସକାଳ ୬ଟା ପର୍ଯ୍ୟନ୍ତ ୨୪ ଘଣ୍ଟା ପଶ୍ଚିମ ଓଡ଼ିଶାରେ ମହାବନ୍ଦ ପାଳିତ ହୋଇଛି। ଏହି ମହାବନ୍ଦ ପାଳନ ଶନିବାର ସକାଳ ୬ଟା ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି(ସିଏସି) କହିଛି। ମହାବନ୍ଦକୁ ମହାସମର୍ଥନ ମିଳିଛି ବୋଲି ସିଏସି ଦାବି କରିଛି। ଏହି ଆନ୍ଦୋଳନରେ କେବଳ ଓକିଲମାନେ ନୁହନ୍ତି, ବିଭିନ୍ନ ରାଜନୈତିକ ଦଳ, ଚାଷୀ ମୂଲିଆ, ଶ୍ରମିକ, ଗୃହିଣୀ ତଥା ଜିଲ୍ଲାର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା ସାମିଲ ହୋଇଛନ୍ତି। ଆନ୍ଦୋଳନକାରୀମାନେ ରେଲରୋକୋ କରିବା ସହ ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଟ୍ରେନ ଓ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଏପରିକି ଦୋକାନ, ବଜାର, ବ୍ୟାଙ୍କ, ସରକାରୀ, ବେସରକାରୀ ଅନୁଷ୍ଠାନ, ସ୍କୁଲ କଲେଜ ମଧ୍ୟ ବନ୍ଦ ରହିଥିଲା। ଆନ୍ଦୋଳନକାରୀମାନେ ସମ୍ବଲପୁର ରେଳ ମଣ୍ଡଳ ଅଧୀନ ସମ୍ବଲପୁର ଷ୍ଟେଶନ (ଖେତରାଜପୁର), ସିଟି ଷ୍ଟେଶନ, ଫାଟକ ଷ୍ଟେଶନରେ ରେଳ ରୋକୋ କରିଥିଲେ। ଫଳରେ ସମ୍ବଲପୁର-ପୁରୀ, ସମ୍ବଲପୁର-ରାୟଗଡ଼ା ଇଣ୍ଟରସିଟି ଟ୍ରେନ ଅଟକି ରହିଥିଲା। ସେହିପରି ସିଟି ଷ୍ଟେଶନରେ ପୁରୀ-ଇନ୍ଦୋର ହମ୍‌ସଫର ଏକ୍ସପ୍ରେସ ଟ୍ରେନକୁ ଆନ୍ଦୋଳନକାରୀମାନେ ଅଟକ ରଖିଥିଲେ। ପ୍ରାୟ ୬ ଘଣ୍ଟା ଅଟକ ପରେ ଟ୍ରେନ ଭୁବନେଶ୍ୱର ଫେରିଯାଇଥିଲା। ଏହି ମହାବନ୍ଦ ଯୋଗୁ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ରେଳ ଚଳାଚଳ ପ୍ରଭାବିତ ହୋଇଥିଲା। ଗୁରୁବାର ୧୭ଟି ଟ୍ରେନ ବାତିଲ କରାଯିବା ସହ ୧୦ଟି ଟ୍ରେନର ଗତିପଥ ପରିବର୍ତ୍ତନ କରାଯାଇଥିବା ରେଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଷ୍ଟେଶନ ଓ ରାସ୍ତାରେ ଫସି ରହିଥିବା ଯାତ୍ରୀମାନଙ୍କୁ ଓକିଲ ସଂଘ ପକ୍ଷରୁ ରନ୍ଧାଖାଦ୍ୟ, ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଥିଲା। ଏପରିକି ଜିଲ୍ଲା ଜଜଙ୍କ ସମେତ ଅନ୍ୟ ବିଚାରପତିମାନେ ଚାଲି ଚାଲି କୋର୍ଟକୁ ଆସିଥିଲେ। ହେଲେ ଓକିଲମାନେ ସେମାନଙ୍କୁ କାର୍ଯ୍ୟ ନ କରିବାକୁ ଅନୁରୋଧ କରିବାରୁ ବିଚାରପତିମାନେ ଫେରିଯାଇଥିଲେ।

ପଶ୍ଚିମ ଓଡ଼ିଶାର ସମ୍ବଲପୁର, ଝାରସୁଗୁଡ଼ା, ଦେବଗଡ଼, ସୋନପୁର ଜିଲ୍ଲାରେ ମହାବନ୍ଦର ସମ୍ପୂର୍ଣ୍ଣ ପ୍ରଭାବ ପଡ଼ିଥିଲା। ସୁନ୍ଦରଗଡ଼ ଜିଲ୍ଲାର ବଣାଇ ଓ ସୁନ୍ଦରଗଡ଼ ସବଡିଭିଜନ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ ରାଉରକେଲାରେ ବନ୍ଦ ପ୍ରଭାବ ଶୂନ ରହିଥିଲା। ବରଗଡ଼ ଜିଲ୍ଲାରେ ପଦ୍ମପୁର ସବ୍‌ଡିଭିଜନର ଅତାବିରା ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ ବରପାଲିରେ ମିଶ୍ରିତ ପ୍ରଭାବ ଦେଖିବାକୁ ମିଳିଥିଲା। ତେବେ ବଲାଙ୍ଗୀର ଜିଲ୍ଲାବାସୀ ଏହି ମହାବନ୍ଦରେ ସାମିଲ ହୋଇ ନ ଥିଲେ। ଏହି ଆନ୍ଦୋଳନରେ ବିଭିନ୍ନ ରାଜନୈତିକ ଦଳ ବି ସାମିଲ ହୋଇଥିଲେ। ଜିଲ୍ଲା ଜାତୀୟ କଂଗ୍ରେସ କମିଟି, ବିଜେଡି, ଭାଜପା, ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଆମ୍ ଆଦମୀ ପାର୍ଟି, ବହୁଜନ ସମାଜ ପାର୍ଟି କର୍ମୀ ତଥା ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଓକିଲ ସଂଘ କର୍ମକର୍ତ୍ତା ବିଭିନ୍ନ ଛକରେ ପିକେଟିଂ କରି ବନ୍ଦ ପାଳନ କରିଥିଲେ। ବନ୍ଦକୁ ଆଖି ଆଗରେ ରଖି ବିଭିନ୍ନ ସ୍ଥାନରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ସୂଚନାଯୋଗ୍ୟ, ୬୦ ଦଶକରୁ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ପଶ୍ଚିମ ଓଡ଼ିଶାବାସୀ ବିଭିନ୍ନ ଉପାୟରେ ଆନ୍ଦୋଳନ କରି ଆସୁଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ କେନ୍ଦ୍ର ଓ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି।



ଆନ୍ଦୋଳନକାରୀମାନେ ରେଳଧାରଣାରେ ବସି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

- ■ସାଧାରଣ ଜୀବନଯାତ୍ରା ପ୍ରଭାବିତ
- ■ଦୋକାନ ବଜାର, ସରକାରୀ, ବେସରକାରୀ ଅନୁଷ୍ଠାନ ବନ୍ଦ
- ■୧୭ ଟ୍ରେନ ବାତିଲ,୧୦ର ପଥ ପରିବର୍ତ୍ତନ
- ■ବଲାଙ୍ଗୀର ଜିଲ୍ଲା ବାଦ୍, ବରଗଡ଼ରେ ମିଶ୍ରିତ ପ୍ରଭାବ

■୧ରୁ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ

# ଫୋକସ୍‌ରେ ହକି ବିଶ୍ୱକପ୍

**ଭୁବନେଶ୍ୱର,୨୯।୧୧(ବ୍ୟୁରୋ)**

**ପ୍ରଥମ ଥର ପାଇଁ ଭାଗନେବେ ଶହେରୁ ଊର୍ଦ୍ଧ୍ୱ ବାଲୁକା ଶିଳ୍ପୀ**

ମହାଆଡ଼ମ୍ବରରେ ହକି ବିଶ୍ୱକପ୍ ୨୦୧୮ର ଦୁଇଟି ଉଦ୍‌ଘାଟନୀ ସମାରୋହ କରି ସମଗ୍ର ବିଶ୍ୱ ନଜରରେ ରହିଥିବା ଓଡ଼ିଶା ଏବେ ପୁଣି ଏକ ଅନ୍ତର୍ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମର ଆୟୋଜନ କରିବାକୁ ଯାଉଛି। ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ କୋଣାର୍କ ମହୋତ୍ସବ ସହ ସମାନ୍ତରାଳ ଭାବେ ଡିସେମ୍ବର ୧ରୁ ଅନୁଷ୍ଠିତ ହେବାକୁ ଯାଉଛି ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ। ଚନ୍ଦ୍ରଭାଗା ବେଳାଭୂମି ଶଯ୍ୟାରେ ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ଦେଶ ଏବଂ ଦେଶ ବାହାରୁ ପ୍ରଥମ ଥର ପାଇଁ ଶହେରୁ ଊର୍ଦ୍ଧ୍ୱ ବାଲୁକା ଶିଳ୍ପୀ ଅଂଶଗ୍ରହଣ କରିବେ। ଗତବର୍ଷ ୬୫ଜଣ ଶିଳ୍ପୀ ଅଂଶଗ୍ରହଣ କରିଥିବା ବେଳେ ଏଥର ୧୦୧ଜଣ ଅଂଶଗ୍ରହଣ କରିବେ। ଯୁକ୍ତରାଷ୍ଟ୍ର ଆମେରିକା, ଜାପାନ, ନେଦରଲାଣ୍ଡ, ସ୍ପେନ୍, ଶ୍ରୀଲଙ୍କା ଓ ଇଟାଲୀରୁ ୬ଜଣ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀଙ୍କ ସହ ୨୫ଜଣ ମହିଳା ଶିଳ୍ପୀ ଉତ୍ସବରେ ଯୋଗଦେବେ। ଏଥର ମଧ୍ୟ ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉତ୍ସବ ଆୟୋଜନ ହେବ। ୫ଦିନ ଧରି ଚାଲିବାକୁ ଥିବା ଉତ୍ସବରେ ୫ଟି ଥିମ୍‌କୁ ନେଇ ଶିଳ୍ପୀମାନେ ବାଲୁକା କଳା ତିଆରି କରିବେ। ପ୍ରଥମ ଦିନ ହକି ବିଶ୍ୱକପ୍‌କୁ ଫୋକସ୍ କରି ବାଲୁକା କଳା ପ୍ରଦର୍ଶନୀ ଆୟୋଜନ ହେବାକୁ ଥିବାବେଳେ ଏଥିପାଇଁ କ୍ରୀଡ଼ାବିତ୍‌ମାନଙ୍କୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରାଯାଇଛି। ସେହିଭଳି ଦ୍ୱିତୀୟ ଦିନ 'ଐତିହ୍ୟ', ୩ୟ ଦିନ 'ପରିବେଶ', ୪ର୍ଥ ଦିବସରେ 'ମହିଳା ସଶକ୍ତୀକରଣ' ଏବଂ ପଞ୍ଚମ ତଥା ଅନ୍ତିମ ଦିବସରେ 'ସଂସ୍କୃତି ଓ ପର୍ବପର୍ବାଣି' ଥିମ୍ ରହିବ। ଏଥର ଏକକ, ଦ୍ୱୈତ, ମହିଳା, ପୁରୁଷ ଓ ଅନ୍ତର୍ଜାତୀୟସ୍ତରୀୟ ପ୍ରତିଯୋଗୀଙ୍କୁ ନେଇ ଭିନ୍ନ ଭିନ୍ନ ବିଭାଗରେ ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ସୁଦର୍ଶନ ପଟ୍ଟନାୟକ ସୂଚନା ଦେଇଛନ୍ତି।

With Best Compliments from
LISAS'IAS
(25 Years of Excellence)
Providing Guidance for
IAS & OAS
(PRELIM, MAIN & VIVA)

2, Budha Nagar, Bhubaneswar-6, Tel : 9338222113, 9337594620, Website : www.lisasias.org, E-mail : lisascivils@lisasias.org

# ଓଡ଼ିଶା ଫେରିଲେ ଅପରାଜିତା

**ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)**

ନିକଟରେ ଭାଜପାରେ ଯୋଗଦେଇଥିବା ପୂର୍ବତନ ଆଇଏଏସ୍ ଅଧିକାରୀ ଅପରାଜିତା ଷଡଙ୍ଗୀ ଗୁରୁବାର ଓଡ଼ିଶା ଫେରିଛନ୍ତି। ପୂର୍ବାହ୍ନ ୧୧ଟାରେ ଦିଲ୍ଲୀରୁ ଫେରି ବିମାନବନ୍ଦରରେ ପହଞ୍ଚିବାପରେ ଅପରାଜିତାଙ୍କୁ ଦଳ ପକ୍ଷରୁ ଭାବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଭାଜପାର ଶତାଧିକ କର୍ମୀ ଓ ନେତା ତାଙ୍କୁ ବିମାନବନ୍ଦରରୁ ଲିଙ୍ଗରାଜ ମନ୍ଦିର ପାଛୋଟି ନେଇଥିଲେ। ସେଠାରେ ସେ ପୂଜାର୍ଚ୍ଚନା କରିଥିଲେ। ପରେ ସେ ରାସ୍ତାରେ ଯାଉଥିବା ଏକ ଅଟୋକୁ ଅଟକାଇ ବ୍ୟବସାୟ କିଭଳି ଚାଲିଛି ବୋଲି ପଚାରି ବୁଝିଥିଲେ। କେତେଜଣ ଦୋକାନୀଙ୍କୁ ଭଲ, ମନ୍ଦ ପଚାରି ବୁଝିଥିଲେ। ପରେ ଅପରାଜିତା ଦଳୀୟ କର୍ମୀମାନଙ୍କ ସହ ଚା ପିଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟ ଶୈଳୀରେ ଅନୁପ୍ରାଣିତ ହୋଇ ଜଣେ ସାମାନ୍ୟ କର୍ମୀଭାବେ ଦଳରେ ସାମିଲ ହୋଇଥିବା କହିଛନ୍ତି।

ସେ ଆହୁରି କହିଛନ୍ତି ଯେ, ଭାଜପାରେ ଯୋଗଦେବା ଏକ ବିଚାର ସମ୍ମତ ନିଷ୍ପତ୍ତି। ଯେତେବେଳେ ଜଣେ ଗୋଟିଏ ଦଳକୁ ଯାଇଥାଏ କିମ୍ବା ସଦସ୍ୟତା ଗ୍ରହଣ କରେ ସେ ନିଶ୍ଚିତଭାବେ ୨ଟି ଜିନିଷକୁ ଗୁରୁତ୍ୱ ଦେଇଥାଏ। ଦଳର ଆଭିମୁଖ୍ୟ, ବିଚାରଧାରା ଏବଂ ନେତୃତ୍ୱ ଦେଖି ଆସିଥାଏ। ଏସବୁକୁ ଭଲରେ ଦେଖି ଭାଜପାରେ ସାମିଲ ହୋଇଥିବା ସେ କହିଛନ୍ତି। ଏହି ଅବସରରେ ଅପରାଜିତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

■ ପାରାଦୀପ ପ୍ଲାଷ୍ଟିକ ପାର୍କ ପ୍ରତିଷ୍ଠା ପ୍ରସଙ୍ଗ

# ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)**

ପାରାଦୀପ ତୈଳ ବିଶୋଧନାଗାର ନିକଟରେ ପ୍ରସ୍ତାବିତ ପ୍ଲାଷ୍ଟିକ ପାର୍କ ପ୍ରତିଷ୍ଠା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ୟକ୍ତିଗତଭାବେ ହସ୍ତକ୍ଷେପ କରନ୍ତୁ। ଆସନ୍ତା ଫେବୃୟାରୀ ସୁଦ୍ଧା ପାରାଦୀପ ତୈଳ ବିଶୋଧନାଗାରରୁ ପଲିପ୍ରପିଲିନ ଉତ୍ପାଦନ ଆରମ୍ଭ ହେବ। ପାରାଦୀପ ପ୍ଲାଷ୍ଟିକ ପାର୍କ କଞ୍ଚାମାଲ ପାଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏନେଇ କେନ୍ଦ୍ରମନ୍ତ୍ରୀ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି କହିଛନ୍ତି ଯେ, ଫେବୃୟାରୀ ସୁଦ୍ଧା ପ୍ଲାଷ୍ଟିକ ପାର୍କ ପ୍ରତିଷ୍ଠା ନ ହେଲେ ପୁଞ୍ଜି ନିବେଶ ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଭାରତୀୟ ତୈଳ ନିଗମ ଏବଂ ଇଡ୍‌କୋର ମିଳିତ ଉଦ୍ୟମରେ ତୁରନ୍ତ ପ୍ରସ୍ତୁତ ହେଲେ ଯାଇ ପୁଞ୍ଜିନିବେଶକାରୀମାନଙ୍କର ଆବଶ୍ୟକତାକୁ ପୂରଣ କରାଯାଇପାରିବ। ପୁଞ୍ଜି ନିବେଶକାରୀଙ୍କୁ ଆକର୍ଷିତ କରିବାକୁ ଭାରତୀୟ ତୈଳ ନିଗମ ଓଡିଶା ସରକାରଙ୍କୁ ସାମିଲ କରି ଚେନ୍ନାଇ, କୋଲକାତା, ହାଇଦ୍ରାବାଦ ଓ ଭୁବନେଶ୍ୱର ଆଦି ସ୍ଥାନରେ ରୋଡ ଶୋ'ର ଆୟୋଜନ କରିଛନ୍ତି। ଏହାଦ୍ୱାରା ଅନେକ ନିବେଶକାରୀ ପାରାଦୀପ ପ୍ଲାଷ୍ଟିକ ପାର୍କରେ ନିବେଶ ପାଇଁ ଇଚ୍ଛାବ୍ୟକ୍ତ କରିଛନ୍ତି। ଏମାନଙ୍କ ମଧ୍ୟରେ ଛଅଟି କମ୍ପାନୀ ପ୍ରକଳ୍ପ ପାଇଁ ଭୂମି ଯୋଗାଇ ଦେବାକୁ ଆବେଦନ କରିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

କୋର୍ଟରୁ ୨ ଅଭିଯୁକ୍ତ ଚମ୍ପଟ ମାରିବା ଘଟଣା

## ୩ ସୁରକ୍ଷାକର୍ମୀ ନିଲମ୍ବିତ

### ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସର ୨ ଟିମ୍

**ଜୟପୁର/କୋରାପୁଟ,୨୯।୧୧(ଡି.ଏନ୍.ଏ./ସ୍ୱ.ପ୍ର.):** ଜୟପୁର ସିଜେଏମ୍ କୋର୍ଟ ପରିସରରୁ ଗତ ବୁଧବାର ଦୁଇ ଅଭିଯୁକ୍ତ ଚମ୍ପଟ ମାରିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି କୋରାପୁଟ ଏସ୍‌ପି କନୱର ବିଶାଲ ସିଂ। କର୍ତ୍ତବ୍ୟରେ ଅବହେଳା ପାଇଁ ତିନି ଜଣ ସୁରକ୍ଷାକର୍ମୀଙ୍କୁ ସେ ଗୁରୁବାର ନିଲମ୍ବନ କରିଛନ୍ତି। ସେମାନେ ହେଲେ ହାବିଲଦାର ଆର.କେ. ସ୍ୱାଇଁ, ପି. ଗୁପ୍ତେଶ୍ୱର ରାଓ ଓ ଭିକାରୀ ନାୟକ। ଅନ୍ୟପକ୍ଷରେ ୨ ଫେରାର ଅଭିଯୁକ୍ତ ଲାଲ ବାହାଦୁର ଦର୍ଜି ଏବଂ ଟି. ପବନ କୁମାରଙ୍କୁ ଧରିବା ପାଇଁ ୨ଟି ପୋଲିସ ଦଳ ଗଠନ କରାଯାଇଥିବା ଅତିରିକ୍ତ ଏସ୍‌ପି ଭି. ରଘୁନାଥ ରାଓ ପ୍ରକାଶ କରିଛନ୍ତି। ଟାଉନଥାନା ଅଧିକାରୀ ବାଲେଶ୍ୱର ଗିଧି ଏବଂ ଏସ୍‌ଆଇ ଶିବଶଙ୍କର ସାହୁଙ୍କ ନେତୃତ୍ୱରେ ଏହି ଦୁଇଟି ସ୍ୱତନ୍ତ୍ର ଦଳ ଫେରାର ଅଭିଯୁକ୍ତଙ୍କୁ ସନ୍ଧାନ କରିବା ଆରମ୍ଭ କରଦେଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଫେରାର ଅଭିଯୁକ୍ତ ଲାଲ ବାହାଦୁର ନାମରେ ୭ଟି ଏବଂ ପବନ କୁମାରଙ୍କ ନାମରେ ଜୟପୁର ଟାଉନ, ସଦର ଏବଂ ମାଲକାନଗିରି ଥାନାରେ ଡକାୟତି, ଲୁଟ୍, ନାବାଳିକା ବଳାତ୍କାର ଭଳି ମାମଲା ରହିଛି।

CLASSIFIED DISPLAY

Life Care Emporium
Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS

Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841



XANTHELASMA
FOR ALL YOUR QUERIES : 9238008828
LASER & COSMETIC SURGERY CLINIC
ASHWINI HOSPITAL
SEC.-1, CDA, CUTTACK


ଆନନ୍ଦର ନୂଆ ଶିଖରକୁ ଛୁଅନ୍ତୁ ...
ମାଲିସ୍ କଣ ଅଟେ?
ଏହା ପ୍ରାଚୀନ ସମୟରୁ ଚାଲି ଆସୁଥିବା ଚାପ ଦୂର କରିବା ପାଇଁ, ଆରାମ ପ୍ରଦାନ କରିବା ଏବଂ ଶାରିରୀକ ପ୍ରଣାଳୀର ସୁଧାରରେ ସହାୟକ ଲୋକପ୍ରିୟ ବୈଜ୍ଞାନିକ ସ୍ୱାସ୍ଥ୍ୟବର୍ଦ୍ଧକ ପ୍ରକ୍ରିୟା ଅଟେ।
ଷ୍ଟେ-ଅନ୍‌ର ପାୱାର ତେଲ କଣ ଅଟେ?
ଏହା ମାଲିସ୍‌ର ପ୍ରକ୍ରିୟାକୁ ଆହୁରି ଅଧିକ ଫଳପ୍ରଦ କରୁଥିବା ତେଲରେ କଲୌଞ୍ଜି, ଗୋଖରୁ, ଅଶ୍ୱଗନ୍ଧା ତଥା ୨ ଟି ଆୟୁର୍ବେଦିକ ମିଶ୍ରିତ ଔଷଧ ଅଟେ।
ଷ୍ଟେ-ଅନ୍‌ର ପାୱାର ତେଲ ଦ୍ୱାରା ମାଲିସ୍ କିପରି କରିବେ ?
ସର୍ବପ୍ରଥମେ ଶରୀରର ସେହି ଅଂଶକୁ ଉଷୁମ ପାଣି ଦ୍ୱାରା ଧୋଇ ଦିଅନ୍ତୁ। ଏହାପରେ ଷ୍ଟେ-ଅନ୍‌ର ତେଲର କିଛି ବୁନ୍ଦାକୁ ପାପୁଲିରେ ନେଇ ହାଲୁକା ହାତରେ ମୂଳକୁ ଛାଡ଼ି ଉପଯୁକ୍ତ ଅଂଶର ମାଲିସ୍ କରନ୍ତୁ। ଉତ୍କୃଷ୍ଟ ପରିଣାମ ପାଇଁ ନିୟମିତ ଶୋଇବା ପୂର୍ବରୁ ଏହାର ବ୍ୟବହାର କରନ୍ତୁ ଓ ଆରାମର ଏକ ଅତୁଳନୀୟ ଅନୁଭବ ପାଆନ୍ତୁ।
କେବଳ ପୁରୁଷଙ୍କ ପାଇଁ


ଷ୍ଟେ-ଅନ୍ ପାୱାର ଅଏଲ୍
ଷ୍ଟେ-ଅନ୍ : କ୍ୟାପ୍‌ସୁଲ୍, ଓରାଲ୍ ଲିକ୍ୟୁଇଡ୍, ସ୍ପ୍ରେ ପ୍ୟାକ୍ ମଧ୍ୟ କେମିଷ୍ଟରେ ଉପଲବ୍ଧ ଅଟେ।

boyanika 62 Years of Excellence
ବୟନିକା
୬୨ ବର୍ଷର ଉତ୍କର୍ଷ
Government of Odisha
ଦ୍ୱାରା ଆୟୋଜିତ
SPECIAL HANDLOOM EXPO
ସ୍ୱତନ୍ତ୍ର ହସ୍ତତନ୍ତ ମେଳା
ସ୍ଥାନ : ଭଞ୍ଜ ଭବନ, ସେକ୍ଟର-୫, ରାଉରକେଲା
ଏହି ଉତ୍ସବ କୁ
୩୦ ନଭେମ୍ବର ସନ୍ଧ୍ୟା ୬.୦୦ ଘଟିକା ସମୟରେ
ଉଦ୍‌ଘାଟନ କରିବେ :
ଶ୍ରୀଯୁକ୍ତ ସୁବ୍ରତ ତରାଇ
ମାନ୍ୟବର ବିଧାୟକ, ରଘୁନାଥପାଲି
ଭବ୍ୟ ଉପସ୍ଥିତି :
ଶ୍ରୀଯୁକ୍ତ ଶାରଦା ପ୍ରସାଦ ନାୟକ
ଅଧ୍ୟକ୍ଷ, ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ
ଆକର୍ଷଣୀୟ ସରକାରୀ ରିହାତି
ଏହି ଉତ୍ସବରେ ଯୋଗ ଦେବା ନିମନ୍ତେ ବିନମ୍ର ଅନୁରୋଧ।
୩୦ ନଭେମ୍ବର ରୁ ୧୩ ଡିସେମ୍ବର ପର୍ଯ୍ୟନ୍ତ
ପ୍ରତ୍ୟେକ ଦିନ ୧୧.୩୦ ରୁ ରାତ୍ର ୯.୩୦ ପର୍ଯ୍ୟନ୍ତ
ବିକାଶ ଚନ୍ଦ୍ର ମହାପାତ୍ର, ଓ.ପ୍ର.ସେ.(ଏସ୍.ଏ.ଜି)
ପରିଚାଳନା ନିର୍ଦ୍ଦେଶକ, ବୟନିକା
ଶେଷ କୁମାର ମେହେର
ସଭାପତି, ବୟନିକା
ପ୍ରାୟୋଜକ : ହସ୍ତତନ୍ତ ଉନ୍ନୟନ ଆୟୋଗ, ବସ୍ତ୍ର ମନ୍ତ୍ରଣାଳୟ, ଭାରତ ସରକାର
ଆୟୋଜକ: ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିଃ
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର

## ସଂକ୍ଷେପରେ

### ଜନ ପରାମର୍ଶ ପଦଯାତ୍ରା



**ଭଦ୍ରକ ଅଫିସ, ୨୯।୧୧:** ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ଦେବରକୁଣ୍ଡ ମଣ୍ଡଳୀ ଅନ୍ତର୍ଗତ ବାଣିତିଆ ପଞ୍ଚାୟତରେ ଜନ ପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦେବରକୁଣ୍ଡ ମଣ୍ଡଳୀର ସଭାପତି ପ୍ରଭାକର ସାମଲଙ୍କ ସଂଯୋଜନାରେ ଭଦ୍ରକ ବିଧାନସଭା ଆସନର ବିଜେପିର ବିଧାୟକ ପ୍ରାର୍ଥୀ ଡ. ପ୍ରଦୀପ ନାୟକଙ୍କ ନେତୃତ୍ୱରେ ପଞ୍ଚାୟତ ପ୍ରମୁଖ ଗୋବିନ୍ଦ ଥାଟୋଇ, ଗଣେଶ ରାଉତ, ପ୍ରାଣବନ୍ଧୁ ପତି, ଜଗନ୍ନାଥ ନାୟକ, ମୁକ୍ତିକାନ୍ତ ଚୌଧୁରୀଙ୍କ ସମେତ ଶତାଧିକ କର୍ମୀ ଏଥିରେ ସାମିଲ ହୋଇଥିଲେ। ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରି ବାଣ ଫୁଟାଇ ପଦଯାତ୍ରା ଆରମ୍ଭ ହୋଇଥିଲା। ଡ. ନାୟକ ପଞ୍ଚାୟତର ପ୍ରତି ଗ୍ରାମରେ ଘର ଘର ବୁଲି ସାଧାରଣ ଲୋକଙ୍କ ସମସ୍ୟା ବୁଝିବା ସହ ପଦଯାତ୍ରାର ଆଭିମୁଖ୍ୟ ସମ୍ପର୍କରେ ସଚେତନ କରାଇଥିଲେ। ପୂର୍ବତନ ବ୍ଲକ ଅଧକ୍ଷ ଭାସ୍କର ସାହୁ, ସାଧାରଣ ସମ୍ପାଦକ ପ୍ରଭାତ ଜେନା, ବିଦ୍ୟାଧର ସାହୁ, ମଣ୍ଡଳ ସଭାପତି ଆଦିକନ୍ଦ ନାୟକ, ଉତ୍ତମ ପାତ୍ର, ନାରଣ ସେନାପତି, ଗଣେଶ ପତି, ମଣ୍ଡଳ ସଭାନେତ୍ରୀ ରମିତା ପାଢ଼ୀ, ମନୋସ୍ମିତା ଖୁଣ୍ଟିଆ, ଗୋଲାପୀ ସେଠୀ ପ୍ରମୁଖ ଯୋଗଦେଇଥିଲେ।

### ବିଦ୍ୟାଳୟସ୍ତରୀୟ ବିଜ୍ଞାନ, ଗଣିତ ମେଳା

**ଭଣ୍ଡାରିପୋଖରୀ, ୨୯।୧୧ (ଡି.ଏନ.ଏ.) :** ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ଉନ୍ନୀତ ଉ.ପ୍ରା. ବିଦ୍ୟାଳୟଠାରେ ଗୁରୁବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ଓ ଗଣିତ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପୁରୁଷୋତ୍ତମ ଧଳ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଡିଓ ବନମାଳୀ ତରାଇ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ବିଜ୍ଞାନ ସୁପରଭାଇଜର ସୁବଳ ପତ୍ରୀ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ପ୍ରଫୁଲ୍ଲ ସାହୁ, ଜଗବନ୍ଧୁ ମହାପାତ୍ର ପ୍ରମୁଖ ଯୋଗଦେଇ ବର୍ତ୍ତମାନ ସମୟରେ ପ୍ରଯୁକ୍ତିବିଦ୍ୟାର ଉପଯୋଗିତା ସମ୍ପର୍କରେ କହିଥିଲେ। ବିଜ୍ଞାନ ଶିକ୍ଷକ ବିଭୁତି ଭୂଷଣ ମହାନ୍ତି, ଧନେଶ୍ୱର ସାହୁ, ମଧୁସ୍ମିତା ପରିଡାଙ୍କ ସଂଯୋଜନାରେ ୬୫ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

# ନକଲି ରେଳ ଟିକେଟ ବିକ୍ରି ଅଭିଯୋଗ: ଯୁବକ ଗିରଫ

- ବାରିପଦା, ଖଡଗପୁର ରେଳବାଇ ପୋଲିସର ଚଢାଉ
- ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜବତ

**ବାରିପଦା ଅଫିସ, ୨୯।୧୧**

ନକଲି ରେଳ ଟିକେଟ ତିଆରି ସମେତ ବିକ୍ରି ଅଭିଯୋଗରେ ବାରିପଦା ରେଳବାଇ ପୋଲିସ ଗୁରୁବାର ଅପରାହ୍ନରେ ବାରିପଦା କୋର୍ଟ ନିକଟସ୍ଥ ପର୍ଣ୍ଣ ଜେରକ୍ସ ଦୋକାନ ଉପରେ ଚଢାଉ କରିଛି। ଏହି ଅଭିଯୋଗରେ ରେଳବାଇ ପୋଲିସ ଉକ୍ତ ଦୋକାନୀ ଆଶିଷ କୁମାର ପଣ୍ଡାଙ୍କୁ ଗିରଫ କରି ରଖି ମୋଟ ମୋଟ ୧, ୧୪, ୭୨୫ ଟଙ୍କାର ସାମଗ୍ରୀ ଓ ଟିକେଟ ଜବତ କରିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ବାରିପଦା ରେଳବାଇ ପୋଲିସ ଓ ଖଡଗପୁରରୁ ଆସିଥିବା ଏକ ସ୍ୱତନ୍ତ୍ର ଟିମ୍ ଏହି ଚଢାଉରେ ସାମିଲ ହୋଇଥିଲେ। ବାରିପଦା ରେଳବାଇ ପୋଲିସ ପକ୍ଷରୁ ଏନେଇ ଏକ ମାମଲା (ନଂ୨୭/୧୮)ରେ ଏକ ମାମଲା ରୁଜୁ ହୋଇଛି। ସୂଚନା ମୁତାବକ ଜଣେ ଲୋକ ଦିନକୁ ଅତି ବେଶିରେ ୬ଟି ଟିକେଟ କିଣି ପାରିବାର ନିୟମ ଅଛି । ହେଲେ ଆଶିଷ ପ୍ରାୟ ବର୍ଷେରୁ ଉର୍ଦ୍ଧ୍ୱ ହେବ ମିଥ୍ୟା ଆଇଡି କରି ଅଧିକ ସଂଖ୍ୟାରେ ଟିକେଟ କିଣି ବିକ୍ରି କରୁଥିଲେ। ଏ ନେଇ ଅଭିଯୋଗ ହେବା ପରେ ରେଳବାଇ ପୋଲିସ ବାରିପଦା ଆସି ତାଙ୍କ ଦୋକାନ ଉପରେ ଚଢାଉ କରିଛି। ଜବତ ସାମଗ୍ରୀ ମଧ୍ୟରେ ଗୋଟିଏ ନୂଆ ଟିକେଟ, ୯ଟି ପୁରୁଣା ଟିକେଟ, ୮୮, ୯୨୦ ଟଙ୍କା କାରବାର ହୋଇଥିବା ବ୍ୟାଙ୍କ ରସିଦ, ଗୋଟିଏ କମ୍ପ୍ୟୁଟର ସେଟ, ଗୋଟିଏ ମୋବାଇଲ, ନଗଦ ୭, ୫୪୦ ଟଙ୍କା ରହିଛି।


ରେଳବାଇ ପୋଲିସ ଦ୍ୱାରା ଗିରଫ ଆଶିଷ।

# ୨ ହଜାର ଲିଟର ମଦ ସହ ପିକଅପ୍ ଜବତ: ୪ ଗିରଫ

**ଭଦ୍ରକ ଅଫିସ, ୨୯।୧୧**

କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଭଦ୍ରକ ଚରମ୍ପା ରେଲୱେ ଓଭରବ୍ରିଜ ତଳେ ଚଢ଼ାଉ କରି ଜାତୀୟ ରାଜପଥରେ ବାଲେଶ୍ୱର ପଟୁ ଆସୁଥିବା ଦେଶୀମଦ ବୋଝେଇ ପିକଅପ୍ ଭ୍ୟାନ ଜବତ କରିଛି। ଭ୍ୟାନରୁ ୨ ହଜାର ଲିଟର ଚୋରା ଦେଶୀମଦ ଜବତ ସହ ୪ ଜଣଙ୍କୁ ଗିରଫ କରିଛି ଏହି ଟିମ୍। ଗିରଫ ୪ ଜଣ ବାଲେଶ୍ୱରର ରମେଶ ଦାସ ଓ ତରୁଣ ବେହେରା, ପୁରୁଣା ବାଲେଶ୍ୱରର ସିପୁ ଜେନା ଓ ସଞ୍ଜୟ ବିନ୍ଧାଣୀ ବୋଲି କେନ୍ଦ୍ରାଞ୍ଚଳ ଅବକାରୀ ଇନ୍ସପେକ୍ଟର ଜଗଦୀଶ ଚନ୍ଦ୍ର ସାମଲ ସୂଚନା ଦେଇଛନ୍ତି। ଏହି ୪ ଜଣ ପୂର୍ବରୁ ଏଭଳି ଚୋରା ଦେଶୀମଦ ଚାଲାଣ କାର୍ଯ୍ୟରେ ଲିପ୍ତ ଥିବା ସେ ସୂଚନା ଦେଇଥିଲେ। ଇନ୍ସପେକ୍ଟର ଗୋଲୁରାମ ସୋରେନ୍, କନଷ୍ଟେବଳ କିଶୋର ଚନ୍ଦ୍ର ରାଉତ, ବସନ୍ତ କୁମାର ମଲିକ, ପୂର୍ଣ୍ଣଜିତ ମହାପାତ୍ର, ସଞ୍ଜୀବ ମୁଣ୍ଡା, ଜଗନ୍ନାଥ ନାୟକ, ପ୍ରଦୀପ କୁମାର ବେହେରା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।


ଜବତ ଗାଡ଼ି ଓ ଗିରଫ ୪ ମଦ ବେପାରୀ।

# ୧ ରୁ ଜିଲାସ୍ତରୀୟ ମହିଳା ମହାରୁଦ୍ରାପିତମ

**ଚାନ୍ଦବାଲି, ୨୯।୧୧ (ଡି.ଏନ.ଏ.)**

ଆସନ୍ତା ଡିସେମ୍ବର ୧ ଓ ୨ ତାରିଖରେ ଚାନ୍ଦବାଲି ସତ୍ୟସାଇ ସଙ୍ଗଠନ ପକ୍ଷରୁ ଜିଲାସ୍ତରୀୟ ମହିଳା ମହାରୁଦ୍ରାପିତମ ପାଳିତ ହେବ। ଏହି ଅବସରରେ ସତ୍ୟସାଇ ନିର୍ମଳ ଝର ଶୁଦ୍ଧ ପାନୀୟଜଳ ଯୋଗାଣ ଓ ଯାତ୍ରୀ ବିଶ୍ରାମାଗାର ଉଦ୍‌ଘାଟନ କରାଯିବ। ଏଥିସହ ସଙ୍ଗଠନ ପକ୍ଷରୁ ପ୍ରଥମ ଦିବସରେ ଚାନ୍ଦବାଲି ମହାବିଦ୍ୟାଳୟରେ ସେମିନାର ପରେ ମା' କାଳୀମନ୍ଦିରରେ ମହାରୁଦ୍ରାପିତମ କାର୍ଯ୍ୟକ୍ରମ କରାଯିବ। ସତ୍ୟସାଇ ସେବା ସଙ୍ଗଠନର ରାଜ୍ୟ ସଭାପତି ନାରାୟଣ ପ୍ରସାଦ କାର୍ଯ୍ୟକ୍ରମରେ ଯୋଗଦେବ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଶନି ସାତ, ମଙ୍ଗଳ ତିନି**
**ଆଉ ସବୁ ଦିନେ ଦିନ୍ ଦିନ୍ ।**

ବର୍ଷାଦିନେ ବାର ଅନୁସାରେ ବର୍ଷାର ଗତି। ଶନିବାର ଦିନ ଆରମ୍ଭ ହୋଇଥିଲେ ବର୍ଷା ସାତଦିନ, ମଙ୍ଗଳବାର ଦିନ ଆରମ୍ଭ ହୋଇଥିଲେ ତିନିଦିନ ଲାଗି ରହେ। ସେହିପରି ଅଲଗା ଦିନମାନଙ୍କରେ ଆରମ୍ଭ ହୋଇଥିଲେ କେବଳ ଗୋଟିଏ ଦିନ ଲେଖାଏ ବର୍ଷା ହୁଏ ବୋଲି ଅନୁମାନ କରାଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଶାଗ ଭାଜିଦେବି ତରକାରି କରିବି**
**ଖାଇବୁ ନାଦି ଖା ।**
**ରାଗିବୁ ଯଦି ନ ଖାଇବୁ ଏଠି**
**ବେଗି ପଳେଇ ଯା ।**

କ୍ରୋଧ ବା ରାଗ ସମ୍ପର୍କର ମଧୁରତାକୁ ନଷ୍ଟ କରିଦିଏ। କିଛି ବ୍ୟକ୍ତି ରାଗିଗଲେ ଘରେ ଖିଆପିଆ କରି ନ ଥାନ୍ତି। ଏଭଳି ବ୍ୟକ୍ତିଙ୍କୁ ବୁଝାଶୁଝା କରାଇବା କାଠିକର ପାଠ ହୋଇଯାଇଥାଏ। ଏପରିସ୍ଥଳେ ମନ ଜାଣି ରୋଷେଇ କରିଥିବା ସତ୍ତ୍ୱେ ଖାଦ୍ୟ ଖାଉ ନ ଥିବା ବ୍ୟକ୍ତି ପ୍ରତି ବିରକ୍ତି ଭାବ ପ୍ରକାଶ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

## ଶିଶୁ ବିକାଶ ପରିଯୋଜନା ଅଧିକାରୀଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱର (ଗ୍ରାମାଞ୍ଚଳ)

ଭୁବନେଶ୍ୱର

No.50-ଡ଼

ବିଜ୍ଞାପନ ପତ୍ର ସଂଖ୍ୟା....................../ ତାରିଖ.................

**ବିଜ୍ଞାପନ**

**ପ୍ରାପ୍ତେଷୁ,**
**ମଧୁମିତା ବେହେରା, ଅଙ୍ଗନୱାଡ଼ି କର୍ମୀ**
**ଭୁଆସୁଣୀ ମିନି ଅଙ୍ଗନୱାଡ଼ି କେନ୍ଦ୍ର**
**ପିତା: ନାରଣ ବେହେରା**
**ସା: ଭୁଆସୁଣୀ**
**ପୋ: ଦାରୁଠେଙ୍ଗ**
**ଥାନା: ଚନ୍ଦକା**
**ଜିଲ୍ଲା: ଖୋର୍ଦ୍ଧା**

**ବିଷୟ:** କାର୍ଯ୍ୟରେ ଯୋଗଦାନ ନିମନ୍ତେ।

ଏତଦ୍ୱାରା ତୁମ୍ଭଙ୍କୁ ଜଣାଇ ଦିଆଯାଉଅଛି ଯେ, ତୁମ୍ଭେ ବିନା ଦରଖାସ୍ତରେ କାର୍ଯ୍ୟରେ ଅନୁପସ୍ଥିତ ରହିଅଛ। ତୁମ୍ଭଙ୍କୁ ବାରମ୍ବାର ଶିଶୁ ବିକାଶ ପରିଯୋଜନା ଅଧିକାରୀ ଭୁବନେଶ୍ୱର (ଗ୍ରାମାଞ୍ଚଳ) ଲିଖିତ ଆକାରରେ ଜଣାଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ତୁମେ ତୁମ୍ଭ କାର୍ଯ୍ୟରେ ଯୋଗଦାନ କରୁନାହଁ ଏବଂ ତୁମ୍ଭେ ବର୍ତ୍ତମାନ କେଉଁଠାରେ ଅବସ୍ଥାନ କରୁଅଛ ତାହାର ନିର୍ଦ୍ଦିଷ୍ଟ ଠିକଣା ମଧ କାର୍ଯ୍ୟାଳୟରେ ନାହିଁ। ଏଣୁ ଏତଦ୍ୱାରା ତୁମ୍ଭଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି ଯେ, ଏହି ବିଜ୍ଞାପନ ପ୍ରକାଶ ହେବାର ୭(ସାତ) ଦିନ ମଧରେ ତୁମ୍ଭେ କାର୍ଯ୍ୟରେ ଯୋଗଦାନ କରିବ ନଚେତ ନିମ୍ନ ସ୍ୱାକ୍ଷରକାରୀ ତୁମ୍ଭଙ୍କୁ କାର୍ଯ୍ୟରୁ ବହିଷ୍କାର କରିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ବାଧ ହେବେ।

**ଶିଶୁ ବିକାଶ ପରିଯୋଜନା ଅଧିକାରୀ**
**ଭୁବନେଶ୍ୱର ଗ୍ରାମାଞ୍ଚଳ**

33027/11/0001/1819

**ଅର୍ଶ (ମଳକଣ୍ଟକ) - Piles ଓ ଭଗନ୍ଦର - Fistula ର**
ବିନା ଅପରେସନ୍‌ରେ (କ୍ଷାରସୂତ୍ର ପଦ୍ଧତିରେ) ସଫଳ ଚିକିତ୍ସା
ଗୋପନରେ ଯେକୌଣସି ପ୍ରକାରର ନିଶା ଛଡାନ୍ତୁ
ପରାମର୍ଶ ସମୟ
ସକାଳ ୯ଟାରୁ ରାତ୍ର ୮ଟା
ସବୁଦିନ ଖୋଲା
Call Us
94371 38000
94371 36000
0674-2354577
0674-2354320
PUSHPA CLINIC (P) LTD.
A-41, BDA Duplex Colony, Baramunda, Bhubaneswar - 03
Email:- help@pushpaclinic.com, Web:- www.pushpaclinic.com


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number
9499218982
Goudunipokhari, Pharsibandha, Bhadrak, Odisha - 756132

FINANCE
New India Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଯୋଗାଇ ଦେଉଛୁଁ ।
Ground Floor, Plot No.- D97, Sect-IV, MVP Colony, Visakhapatnam AP-530017
7606062787
7606085833
Email Id- newindiacorp099@gmail.com

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

FINANCE
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

Shri Ram Finance
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers
9996568749
7497026992
Kutasingha, Tentuligaon, Bolangir, Orissa 767068

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8697980580

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ୍, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି।
Helpline
18002126755
08802683947
Dist: Khargaon, Madhyapradesh

T.C.F. FINANCE
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି। (ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

M. GROUP FINANCE CO.
DIWALI OFFER
(Govt. Approved)
- Personal Loan
- Business Loan
- Salary Slip Loan
- Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

## ସଂକ୍ଷେପରେ

### ଆଇନ ଦିବସ ପାଳିତ

**ଜଳେଶ୍ୱର, ୨୯।୧୧ (ଡି.ଏନ୍.ଏ.):** ଜଳେଶ୍ୱର ଓକିଲ ସଂଘ ସମ୍ମିଳନୀ କକ୍ଷରେ ସୋମବାର ଜଳେଶ୍ୱର ତାଲୁକ ଆଇନ ସେବା କମିଟି ତରଫରୁ ଆଇନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଆଇନଜୀବୀ ଚିନ୍ମୟ କୁମାର ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ତାଲୁକ ଆଇନ ସେବା କମିଟି ଅଧକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି (ସବଜଜ୍) ବିନୋଦ ବିହାରୀ ସାହୁ ଯୋଗଦେଇ ଆଇନ ଦିବସ ପାଳନର ତାତ୍ପର୍ଯ୍ୟ ସମସ୍ତଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ମଦନମୋହନ ରାଉଳ, କମଳାକାନ୍ତ ପତି, ଅନୀଲ ପରିଡ଼ା ଓ ଜିତାଂଶୁ ନନ୍ଦୀ ପ୍ରମୁଖ ଉପସ୍ଥିତ ଥିଲେ।

### ସହକାରୀ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ଖଇରା, ୨୯।୧୧ (ଡି.ଏନ.ଏ):** ଖଇରା ବ୍ଲକ ଅଧୀନ ମହତୀପୁରସ୍ଥିତ ମଧୁହରିବିଦ୍ୟାପୀଠର ସହକାରୀ ଶିକ୍ଷକ ତଥା ଓଷ୍ଟା ଖଇରା ଶାଖାର ସଭାପତି ମହେନ୍ଦ୍ର ପ୍ରସାଦ କବି ଓ ଖେଳ ଶିକ୍ଷକ ସତ୍ୟବାନ ଧଳଙ୍କ ଅବସର ପରିପ୍ରେକ୍ଷୀରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ବୁଧବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟତ୍ରୀ ନିବେଦିତା ପାଣିଗ୍ରାହୀଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ବ୍ଲକ ଶିକ୍ଷାଧିକାରୀ ଧରଣୀଧର ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ପୂର୍ବତନ ଉପସଭାପତି ଭରତ ଚନ୍ଦ୍ର ଦାସ, ଓଷ୍ଟାର ସମ୍ପାଦକ ଷଡ଼ାନନ ପାଣିଗ୍ରାହୀ, ମହେଶ୍ୱର ପଣ୍ଡା, ସିଆରସିସି ଗୟାଧର ଜେନା, ପରିଚାଳନା କମିଟି ସଭାପତି ମାନସ ପାତ୍ର, ରାଧାକାନ୍ତ ପଣ୍ଡା ପ୍ରମୁଖ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସହକାରୀ ଶିକ୍ଷକ ପୁରାତନ ଛାତ୍ରୀଛାତ୍ର ଓ ସହକର୍ମୀ ଶିକ୍ଷକବନ୍ଧୁଙ୍କ ପକ୍ଷରୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା।

### ଆଦର୍ଶ ଶିକ୍ଷକଙ୍କ ସ୍ମୃତିଚାରଣ

**ଖଇରା, ୨୯।୧୧:** ଖଇରା ବ୍ଲକ ଅଚ୍ୟୁତପୁର ଗ୍ରାମର ଆଦର୍ଶ ଶିକ୍ଷକ ତଥା ରାଜନେତା ସ୍ୱର୍ଗତ ଲାବଣ୍ୟ ନିଧି ପାଢ଼ୀଙ୍କର ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ ଏକ ସ୍ମୃତିସଭା ଅଚ୍ୟୁତପୁର ଗ୍ରାମରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ କାଶିନାଥ ମୁଦୁଲି ସଭାପତିତ୍ୱ କରିଥିଲେ। ସ୍ଥାନୀୟ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି, ପ୍ରାକ୍ତନ ଅଧକ୍ଷ ମୁକ୍ତିକାନ୍ତ ଶତପଥୀ ମୁଖ୍ୟବକ୍ତା, ରାଧାଶ୍ୟାମ ପଣ୍ଡା ଓ ବେଣୁଧର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱର୍ଗତ ଲାବଣ୍ୟ ନିଧି ପାଢ଼ୀଙ୍କର ଅସାଧାରଣ ଗୁଣ ତଥା କାର୍ଯ୍ୟ ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅରୁଣ କୁମାର ପାଢ଼ୀ ଓ ଚକ୍ରଧର ପାଢ଼ୀ ଯଥାକ୍ରମେ ଅତିଥି ପରିଚୟ ତଥା ଗୀତା ପାଠ କରିଥିଲେ।

### କିଶୋରୀ ଛାତ୍ରୀଙ୍କୁ ମାଗଣା ନାପକିନ୍

**ଭୋଗରାଇ, ୨୯।୧୧ (ଡି.ଏନ.ଏ.):** କିଶୋରୀ ଛାତ୍ରୀମାନେ କିପରି ସାନିଟାରୀ ପ୍ୟାଡ ବ୍ୟବହାର କରି ନିଜକୁ ସୁରକ୍ଷିତ ଓ ଯତ୍ନବାନ ହେବେ ସେଥି ନିମନ୍ତେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ୩ଟି ସ୍ଥାନରେ ଶିକ୍ଷୟିତ୍ରୀମାନେ ଗୁରୁବାର ପ୍ରଶିକ୍ଷଣ ନେଇଛନ୍ତି। ଭୋଗରାଇ ବ୍ଲକ ଚନ୍ଦନେଶ୍ୱର, ଶ୍ରୀବତ୍ସପୁର ଓ କମର୍ଦ୍ଦା ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଙ୍କ ନିମନ୍ତେ 'ଖୁସୀ' ମାଗଣା ସାନିଟାରୀ ପ୍ୟାଡ ବ୍ୟବହାର ତାଲିମ ପ୍ରଶିକ୍ଷଣ ଶିବିରରେ ୨୪୦ଜଣ ଶିକ୍ଷୟିତ୍ରୀ ପ୍ରଶିକ୍ଷଣ ନେଇଛନ୍ତି। ଏହି ପ୍ରଶିକ୍ଷଣ ଶିବିରକୁ ଗୋଷ୍ଠୀ ଶିକ୍ଷାଧିକାରୀ କାଳନ୍ଦୀ ସୋରେନ୍ ଉଦ୍‌ଘାଟନ କରିଥିବା ବେଳେ ଗୋଷ୍ଠୀ ସାଧନ ସଂଯୋଜକ ମିହିର କୁମାର ପ୍ରଧାନ, ସିଆରସିସି ବିକ୍ରମ କେଶରୀ ବେହେରା, ପ୍ରଶିକ୍ଷିକା ସଲ୍‌ମା ଖାତୁନ ପ୍ରମୁଖ କିଶୋରୀ ଛାତ୍ରୀଙ୍କ ସଚେତନତା ପାଇଁ ଶିକ୍ଷୟିତ୍ରୀଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ମତ ପ୍ରକାଶ କରିଥିଲେ।



ଫକୀରମୋହନ ବିଶ୍ୱବିଦ୍ୟାଳୟର ନବମ ସମାବର୍ତ୍ତନ ଉତ୍ସବରେ ଉପସ୍ଥିତ ଅତିଥି।

■ ଫକୀରମୋହନ ବିଶ୍ୱବିଦ୍ୟାଳୟର ନବମ ସମାବର୍ତ୍ତନ ଉତ୍ସବ

# 'ନିଜ ଉପରେ ବିଶ୍ୱାସ ରଖ, ଅହଂ ଛାଡ଼ି ଆଗକୁ ଚାଲ'

**ବାଲେଶ୍ୱର ଅଫିସ/ ରେମୁଣା, ୨୯।୧୧ (ଡି.ଏନ.ଏ.)**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ନବମ ସମାବର୍ତ୍ତନ ଉତ୍ସବ ନୂଆପାଢ଼ୀସ୍ଥିତ ବିଶ୍ୱବିଦ୍ୟାଳୟ ପରିସରରେ ଗୁରୁବାର ପୂର୍ବାହ୍ନ ୯ଟାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ପ୍ରଫେସର ଗଣେଶୀ ଲାଲ ଏହି ଉତ୍ସବରେ ଅଧକ୍ଷତା କରିଥିଲେ। କୁଳାଧିପତି ନିଜ ଅଭିଭାଷଣ ଆରମ୍ଭ କରି ପ୍ରଥମେ ବ୍ୟାସକବି ଫକୀରମୋହନ ସେନାପତିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କୁ ଓଡ଼ିଆ ଭାଷା, ସାହିତ୍ୟର ତ୍ରାଣକର୍ତ୍ତା ରୂପେ ବର୍ଣ୍ଣନା କରିଥିଲେ। ଛାତ୍ରୀଛାତ୍ରମାନେ ନିଜ ଇଚ୍ଛାଶକ୍ତି ଓ ଦକ୍ଷତାର ବିକାଶ ଦ୍ୱାରା ସବୁ ପ୍ରତିବନ୍ଧକକୁ ଅତିକ୍ରମ କରିପାରିବେ। ନିଜ ଉପରେ ବିଶ୍ୱାସ ରଖ, ଅହଂସର୍ବସ୍ୱ ନ ହୋଇ ଆଗକୁ ଚାଲିବା ପାଇଁ ସେ ଆହ୍ୱାନ ଦେଇଥିଲେ। 'ମୁଁ' ପିଢ଼ିରୁ 'ଆମେ' ପିଢ଼ିକୁ ଉତ୍ତୀର୍ଣ୍ଣ ହେବା ସମୟର ଆହ୍ୱାନ। ଜ୍ଞାନଭିତ୍ତିକ ଅର୍ଥନୀତି ଓ ସମାଜ ଲାଗି ଯୋଗ୍ୟ ହେବା ପାଇଁ ବିଦ୍ୟାର୍ଥୀମାନଙ୍କୁ ପ୍ରସ୍ତୁତ ରହିବାକୁ ପଡ଼ିବ। ଏଥିପାଇଁ ବିଶ୍ୱବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ରାଜ୍ୟପାଳ କହିଥିଲେ। ମଣିଷ ମଥାରେ ଶାନ୍ତି ଓ ବନ୍ଧୁତ୍ୱର କୁଙ୍କୁମ ଲଗାଇବା ଏବଂ ସାମାଜିକ ଜୀବନକୁ କୁଅଭ୍ୟାସରୁ ମୁକ୍ତି ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ମୁଖ୍ୟଅତିଥି ଜାତୀୟ ମୂଲ୍ୟ ନିର୍ଦ୍ଧାରଣ ଏବଂ ଅଧିସ୍ୱୀକୃତି ପରିଷଦ (ନାକ୍)ର ନିର୍ଦ୍ଦେଶକ ପ୍ରଫେସର ଏସ୍.ସି. ଶର୍ମା ଓଡ଼ିଶା ସହ ତାଙ୍କ ଜନ୍ମିତ ରାଜ୍ୟ କର୍ଣ୍ଣାଟକର ପ୍ରାଚୀନ ସମ୍ପର୍କ ସମ୍ବନ୍ଧରେ ଅବତାରଣା କରିଥିଲେ। ସେ କହିଲେ, ଆଜିର ମଣିଷ ସୁଖ ଓ ସମ୍ଭୋଗର ସନ୍ଧାନରେ ଧାଇଁ ବିଭ୍ରାନ୍ତ ଓ ପଥଭ୍ରଷ୍ଟ ହେଉଛି। ସେଥିପାଇଁ ସେ ସଂସ୍କୃତି ଓ ଆଦର୍ଶ ମୂଲ୍ୟବୋଧରୁ ପୃଥକ୍ ହୋଇ ରହିଛି। ଆଧ୍ୟାତ୍ମିକ ଚେତନା ଏବଂ ସାଂସ୍କୃତିକ ସମନ୍ୱୟର ପୁନଃ ପ୍ରତିଷ୍ଠା କିପରି କରିହେବ ତାହା ଆମ ଶିକ୍ଷା ବ୍ୟବସ୍ଥା ପ୍ରତି ଏକ ଚରମ ଆହ୍ୱାନ ବୋଲି ସେ ମତବ୍ୟକ୍ତ କରିଥିଲେ।

**■ ସୁବ୍ରତ ଓ ଶ୍ରୁତିଙ୍କୁ ସମ୍ମାନଜନକ ଡକ୍ଟରେଟ୍, ୪ ଜଣଙ୍କୁ ଡିଲିଟ୍**

**■ ୧୦୭ ଜଣଙ୍କୁ ଡକ୍ଟରେଟ୍, ୬୩ ଜଣଙ୍କୁ ସ୍ୱର୍ଣ୍ଣ ପଦକ**

ଜାତୀୟ ସଙ୍ଗୀତ ଗାନ ପରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ କୁଳପତି ପ୍ରଫେସର ମଧୁମିତା ଦାସ ଫକୀରମୋହନ ବିଶ୍ୱବିଦ୍ୟାଳୟର ଗଠନ ଓ ଉଦ୍ଦେଶ୍ୟ ସମ୍ପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। ୨୦୧୭-୧୮ ଶିକ୍ଷାବର୍ଷରେ ବିଶ୍ୱବିଦ୍ୟାଳୟ ଭିତ୍ତିଭୂମି, ଶିକ୍ଷା, ଗବେଷଣା ଓ ସମାଜସେବା କ୍ଷେତ୍ରରେ କିପରି ବିକାଶ ଲାଭ କରିଛି, ତା'ର ବିବରଣୀ ପାଠ କରିଥିଲେ। ଡ. ସୁବ୍ରତ ଆଚାର୍ଯ୍ୟ ଓ ଡ. ଶ୍ରୁତି ମହାପାତ୍ରଙ୍କୁ ସେମାନଙ୍କ ବିଶେଷ ଅବଦାନ ପାଇଁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା। ଏତଦ୍ ବ୍ୟତୀତ ୪ଜଣଙ୍କୁ ଡିଲିଟ୍, ୧୦୭ ଜଣଙ୍କୁ ଡକ୍ଟରେଟ୍ ଉପାଧି ଏବଂ ୬୩ ଜଣଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ସିନେଟ୍ ସିଣ୍ଡିକେଟ୍ ଏକାଡେମିକ୍ ପରିଷଦର ସଦସ୍ୟ, ନିମନ୍ତ୍ରିତ ଅତିଥି, ଖବରଦାତା, କୁଳସଚିବ ଅମର ସିଂ ସୋରେନ୍, ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ ତଥା ବିଶ୍ୱବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ଏବଂ ଛାତ୍ରୀଛାତ୍ର ଯୋଗଦେଇଥିଲେ।

■ ବିନା ପ୍ରବେଶିକା ପରୀକ୍ଷାରେ ଓଟିଇଟି ପାଇଁ ଯୋଗ୍ୟତା

## ସିଟି ସ୍କୁଲ ଛାତ୍ରୀଛାତ୍ରଙ୍କ ଧାରଣା

**ଖଇରା, ୨୯।୧୧ (ଡି.ଏନ.ଏ.)**

ଜାତୀୟ ମୁକ୍ତ ଶିକ୍ଷା ପ୍ରତିଷ୍ଠାନ (ଏନଆଇଓଏସ) ମାଧ୍ୟମରେ ବିନା ପ୍ରବେଶିକା ପରୀକ୍ଷାରେ ସମସ୍ତ ଅନାମଧେୟ ସ୍କୁଲର ଶିକ୍ଷୟତ୍ରୀଶିକ୍ଷକଙ୍କୁ ଓଟିଇଟି ପରୀକ୍ଷା ସୁଯୋଗ ଦିଆଯିବା ନିଷ୍ପତ୍ତିକୁ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ଛାତ୍ରୀଛାତ୍ରମାନେ ବିରୋଧ କରିଛନ୍ତି। ତୁରନ୍ତ ଏହି ନିଷ୍ପତ୍ତି ପ୍ରତ୍ୟାହାର କରିବା ଦାବିରେ ଖଇରା ବ୍ଲକର ତୁଡ଼ିଗଡିଆସ୍ଥିତ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ(ସିଟି)ର ଛାତ୍ରୀଛାତ୍ର ଗୁରୁବାରଠାରୁ ବିଦ୍ୟାଳୟରେ ତାଲା ପକାଇ ଧାରଣା ଦେଇଛନ୍ତି। ଏ ସଂକ୍ରାନ୍ତରେ ଏକ ଦାବିପତ୍ର ଭାରପ୍ରାପ୍ତ ଅଧକ୍ଷ ଶରତ ପାତ୍ରଙ୍କୁ ପ୍ରଦାନ କରାଯାଇଛି। ଏହାର ନକଲ ଓଡିଶା ଶିକ୍ଷକ ଶିକ୍ଷା ଓ ଶିକ୍ଷା ଗବେଷଣା ପରିଷଦର ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଛି। ଦାବି ମୁତାବକ ପ୍ରବେଶିକା ପରୀକ୍ଷା ମାଧ୍ୟମରେ ଏହି ସିଟି ସ୍କୁଲର ପିଲାମାନେ ଆବଶ୍ୟକ ତାଲିମ ନେବା ପରେ ଓଟିଇଟି ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ହେଉଛନ୍ତି। ହେଲେ ଏନଆଇଓଏସ୍‌ର ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ଛତୁ ଫୁଟିବା ଭଳି ଖୋଲିଥିବା ଘରୋଇ ସ୍କୁଲରେ କିଛିଦିନ ପାଠ ପଢାଇଥିବା ଏଭଳି କେତେକ ପିଲାଙ୍କୁ ଓଟିଇଟି ପରୀକ୍ଷା ଦେଇପାରିବେ। ଫଳରେ ସିଟି ସ୍କୁଲରେ ପଢୁଥିବା ପିଲାମାନଙ୍କର ଆଉ କିଛି ବିଶେଷତ୍ୱ ରହିବ ନାହିଁ। ଧାରଣା ଶନିବାର ପର୍ଯ୍ୟନ୍ତ ଚାଲିବ। ସୋମବାରଠାରୁ ଏହି ସ୍କୁଲର ପିଲାମାନେ ଶିକ୍ଷା ବିଭାଗର ଜିଲା ଓ ରାଜ୍ୟସ୍ତରର ଅଧିକାରୀଙ୍କୁ ଭେଟିବେ ବୋଲି ତାପସ ପ୍ରଣବ କିଶୋର ବେହେରା ପ୍ରକାଶ କରିଛନ୍ତି।



ସିଟି ଛାତ୍ରୀଛାତ୍ର ଗେଟ ଆଗରେ ଧାରଣା ଦେଇଛନ୍ତି।

### ଏବିଇଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ବାଲିଆପାଳ ୨୯।୧୧ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର ଅବସରପ୍ରାପ୍ତ ଦୁଇଜଣ ଏବିଇଓ ପଞ୍ଚାନନ ପ୍ରଧାନ ଏବଂ ବିଜୟ କୁମାର ବିଶ୍ୱାଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ସଭାରେ ବ୍ଲକ ଶିକ୍ଷା ଅଧିକାରୀ ନାରାୟଣ ଦାସ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧରେ ଏବିଇଓ ତଥା ବିଆରସିସି ମନ୍ମଥ କୁମାର ସାହୁ, ଏବିଇଓ ବ୍ରଜବିହାରୀ ସାହୁ, ଶିକ୍ଷକ ସମନ୍ୱୟ ସମିତି ସଭାପତି ଦୁଃଖଶ୍ୟାମ ଦାସ, ସମ୍ପାଦକ ଆଦିତ୍ୟ ରାଉତ, ଶିକ୍ଷକ ନେତା ପ୍ରଭାତ ରଞ୍ଜନ ସାହୁ, ପୂର୍ଣ୍ଣେନ୍ଦୁ ଦାସ, ବିଶ୍ୱମ୍ବର ପାତ୍ର, ମନ୍ମଥ ବିଶ୍ୱାଳ, ପ୍ୟାରୀମୋହନ ବିଶ୍ୱାଳ, ଧନଞ୍ଜୟ ଚରଣ ଦେ, ସୁଶାନ୍ତ କୁମାର କର ପ୍ରମୁଖ ଯୋଗଦେଇ ବାଲିଆପାଳ ବ୍ଲକର ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବାରେ ଉଭୟ ଏବିଇଓଙ୍କ ଅବଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସିଆରସିସି ସୁଶାନ୍ତ କୁମାର ଗିରି ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ସିଆରସିସି ତଥା ଶିକ୍ଷକ ନେତା ନିତାଇ ଚରଣ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରରେ ଦୁଇ ଜଣ ବିଦାୟୀ ଏବିଇଓଙ୍କୁ ମାନପତ୍ର ତଥା ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା

## ସୋର ନାଗରିକ ମଞ୍ଚର ବୈଠକ

**ସୋର, ୨୯।୧୧ (ଡି.ଏନ.ଏ.)**

ସୋର ନାଗରିକ ମଞ୍ଚର ବୈଠକ ସ୍ଥାନୀୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ନେତ୍ରାନନ୍ଦ ରାଉତ ଅଧକ୍ଷତା କରିଥିଲେ। ନାଗରିକ ମଞ୍ଚର ସମ୍ପାଦକ ଡ. ନରହରି ନାୟକ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ଜାତୀୟ ରାଜପଥ କଡ଼ରେ ଅଳିଆ ଆବର୍ଜନା ପକାଯାଉଥିବା, ଉତ୍ତରେଶ୍ୱର ରାସ୍ତାକଡ଼ରେ ଅଳିଆ ଆବର୍ଜନା ପଡ଼ି ଦୁର୍ଗନ୍ଧ ହେବା, ସୋର ମ୍ୟୁନିସିପାଲଟିରେ ପାଇପପାଣି ସମସ୍ତ ୱାର୍ଡ଼ରେ ନ ପହଞ୍ଚିବା ଆଦି ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ଏଥିପ୍ରତି ଦୃଷ୍ଟି ଦିଆ ନ ଗଲେ ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ନନ୍ଦକିଶୋର ଦାସ, ବିଜୟ କୁମାର ଦାସ, ରବିନାରାୟଣ ଉପାଧ୍ୟାୟ, ଦାମୋଦର ଦାଶମହାପାତ୍ର, ଦେବେନ୍ଦ୍ର କୁମାର ପ୍ରଧାନ, ମାୟାଧର ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଉନ୍ନତ ଚିକିତ୍ସା ଲାଗି ଡାକ୍ତରଖାନାରେ ଉଚ୍ଚସ୍ତରୀୟ ବୈଠକ

**ବସ୍ତା, ୨୯।୧୧ (ସ୍ୱ.ପ୍ର.)**

ଉତ୍ତର ବାଲେଶ୍ୱର ଅଞ୍ଚଳର ଏକମାତ୍ର ୫୦ଶଯ୍ୟା ବିଶିଷ୍ଟ ରେଫରାଲ ହସ୍ପିଟାଲ ବସ୍ତା ଡାକ୍ତରଖାନାର ଭିତ୍ତିଭୂମି ଓ ସ୍ୱାସ୍ଥ୍ୟସେବା ବିଶେଷ କରି ପ୍ରସୂତୀ ମହିଳା ଓ ସଦ୍ୟଜାତ ଶିଶୁଙ୍କ ପାଇଁ ଉନ୍ନତ ଓ ଅତ୍ୟାଧୁନିକ ଚିକିତ୍ସା ନିମନ୍ତେ ୟୁରୋପୀୟ ଦେଶ ଫିନ୍‌ଲାଣ୍ଡର ଏମ୍-୪ ଆଇଡି ସୋସିଆଲ ଏଣ୍ଟରପ୍ରାଇଜର୍ସ ନାମକ ସଂସ୍ଥା ସହଯୋଗର ହାତ ବଢ଼ାଇଛି। ଏଥିପାଇଁ ପ୍ରାଥମିକ ପର୍ଯ୍ୟାୟରେ ସଂସ୍ଥା ପକ୍ଷରୁ ବିଭିନ୍ନ ଉପକରଣ ଯୋଗାଣ ସହ ଦୁଇବର୍ଷ ହେଲା ସଂସ୍ଥାର ପ୍ରକଳ୍ପ ମୁଖ୍ୟ ନିକୋଲାସ ଓ ଓଡ଼ିଶା ପ୍ରକଳ୍ପ ସଂଯୋଜକ ଗୋବିନ୍ଦ ଦଳାଇ ସର୍ଭେ କରି ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ତେବେ ଏନେଇ ବିଭିନ୍ନ ସହଯୋଗ ଓ ସମନ୍ୱୟ ପାଇଁ ଏଠାରେ ଆହୂତ ଏକ ଉଚ୍ଚସ୍ତରୀୟ ବୈଠକରେ ସାଂସଦ ରବୀନ୍ଦ୍ର କୁମାର ଜେନା, ବିଧାୟକ ନିତ୍ୟାନନ୍ଦ ସାହୁ, ଜିଲାପାଳ ରମେଶ ଚନ୍ଦ୍ର ରାଉତ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିବେକାନନ୍ଦ ଦାସ, ତହସିଲଦାର ନରେନ୍ଦ୍ର ଖମାରୀ, ଭାରପ୍ରାପ୍ତ ବସ୍ତା ଡାକ୍ତରଖାନା ଚିକିତ୍ସାଧିକାରୀ ଡା. ରତ୍ନାକର ଦାସ, ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ଦାସ ପ୍ରମୁଖଙ୍କ ସହ ନିକୋଲାସ ଓ ଗୋବିନ୍ଦ ଦଳାଇ ଆଲୋଚନା କରିଥିଲେ। ଉଭୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ମଧ୍ୟ ଏ କ୍ଷେତ୍ରରେ ସହଯୋଗ ପାଇଁ ସଫଳ ଆଲୋଚନା ହୋଇଥିଲା। ଯେତେ ଶୀଘ୍ର ସମ୍ଭବ ପ୍ରକଳ୍ପ କାର୍ଯ୍ୟ ସମାପ୍ତ କରିବାକୁ ନିଷ୍ପତ୍ତି ହୋଇଥିଲା।


ନିଯୁକ୍ତି ଶିବିରରେ ଉପସ୍ଥିତ ଅଧିକାରୀ।

## ନିଯୁକ୍ତି ଶିବିରରେ ଶତାଧିକ ଯୁବତୀଯୁବକ ପଞ୍ଜୀକୃତ

**ବାହାନଗା, ୨୯।୧୧ (ଡି.ଏନ.ଏ.)**

ବାହାନଗା ବ୍ଲକ ପରିସରରେ ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟା ଯୋଜନାର ନିଯୁକ୍ତି ପରାମର୍ଶ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ନିରଞ୍ଜନ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଏକ ପରାମର୍ଶ ପ୍ରଶିକ୍ଷଣ ଶିବିରକୁ ଏବିଡିଓ ମାନସ କୁମାର ଚୌଧୁରୀ, ଜିପିଓ ରାମଚନ୍ଦ୍ର ମାରାଣ୍ଡି, ଆରମାସ ଜିଲା କୋର୍ଡିନେଟର ରାମ ଚନ୍ଦ୍ର ଗିରି, ବ୍ଲକ କୋର୍ଡିନେଟର ସୁଦକ୍ଷା ରାଉତ ପ୍ରମୁଖ ଯୋଗ ଦେଇ ବେକାରୀ ଯୁବତୀଯୁବକଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ସରକାର ମାଗଣାରେ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ବିଭିନ୍ନ କାର୍ଯ୍ୟର ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ବିଭିନ୍ନ ବର୍ଗର ସଂସ୍ଥା (ପ୍ରୋଜେକ୍ଟ ଇମ୍ପ୍ଲିମେଣ୍ଟିଂ ଏଜେନ୍ସି ) (ପିଆଇଏ)ମାଧ୍ୟମରେ ବେକାରୀ ଯୁବତୀ ଯୁବକ ମାନଙ୍କୁ ୩ ମାସିଆ ଓ ୬ ମାସିଆ ପ୍ରଶିକ୍ଷଣ ପ୍ରଦାନ କରାଯିବା ପରେ ସେମାନଙ୍କୁ ନିଯୁକ୍ତି ଦିଆଯିବ ବୋଲି ଉପସ୍ଥିତ ଅତିଥି ମାନେ ପ୍ରକାଶ କରିଥିଲେ। ଏହା ଭୁବନେଶ୍ୱରର ଉପାସନା ଏଜୁକେସନ ଟ୍ରଷ୍ଟ, ନିୟମ, ଟିମଲିଜ୍, ଆସମାକ୍ସ ପ୍ରଭୃତି ସଂସ୍ଥା ଦ୍ୱାରା ବିଭିନ୍ନ ପ୍ରଶିକ୍ଷଣ କେନ୍ଦ୍ରରେ ପ୍ରଶିକ୍ଷଣ ଦିଆଯିବ। ପ୍ରଶିକ୍ଷଣ ପରେ ବିଭିନ୍ନ କମ୍ପାନୀରେ ଓଡ଼ିଶା ବାହାରର ଓ ଓଡିଶା ଭିତରେ ସେମାନଙ୍କୁ ଚାକିରି ପ୍ରଦାନ କରାଯିବ ବୋଲି ଉପସ୍ଥିତ ଯୁବତୀ ଯୁବକ ମାନଙ୍କୁ ବୁଝାଇ ଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ୧୬୦ରୁ ଉର୍ଦ୍ଧ୍ୱ ବେକାରୀ ଯୁବତୀ ଯୁବକ ନାମ ପଞ୍ଜୀକରଣ କରିଛନ୍ତି।

## କନ୍ୟାଶ୍ରମ ରୌପ୍ୟ ଜୟନ୍ତୀରେ ରାଜ୍ୟପାଳ

**ସଜନାଗଡ, ୨୯।୧୧ (ଡି.ଏନ.ଏ.)**

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଗୁରୁବାର ନୀଳଗିରି ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ନୀଳଗିରି ବ୍ଲକ ଧୋବଶିଳା ଗ୍ରାମରେ ଥିବା କୃଷ୍ଣସୁନ୍ଦରୀ କନ୍ୟାଶ୍ରମର ରୌପ୍ୟଜୟନ୍ତୀ ଅବସରରେ ସେ ମୁଖ୍ୟଅତିଥି ଭାବେ ଯୋଗଦେଇ କନ୍ୟାଶ୍ରମର ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଏହି ଅବସରରେ ରାଜ୍ୟସଭା ଏମ୍‌ପି ରଘୁନାଥ ମହାପାତ୍ର ଯୋଗଦେଇ କନ୍ୟାଶ୍ରମର ପାରିପାର୍ଶ୍ୱିକ ଉନ୍ନତି ପାଇଁ ୧୫ଲକ୍ଷ ଟଙ୍କାର ଅନୁଦାନ କରିବାର ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଛନ୍ତି। ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତ, ନୀଳଗିରି ପୂର୍ବତନ ବିଧାୟକ ତଥା ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ଉପଜିଲାପାଳ ବିଶାଳ ସିଂ, ଇମାମୀ ପେପର ମିଲର ନିର୍ଦ୍ଦେଶକ ଏମ୍.ବି.ଏସ୍ ନାୟର, କନ୍ୟାଶ୍ରମର ସମ୍ପାଦିକା ସୁଶୀଳା ସ, ବାଲେଶ୍ୱର ଏସ୍‌ପି ବି. ଯୁଗଳକିଶୋର କୁମାର, ଡା. ପ୍ରତାପ ଚନ୍ଦ୍ର ରଥ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ଦେଇଥିଲେ। ସଭାରେ ଚନ୍ଦ୍ରବିନ୍ଦୁ ଦାସ ମଞ୍ଚ ପରିଚାଳନା କରିଥିଲେ। କୃତି ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

ଏହାପରେ ରାଜ୍ୟପାଳ ଗୋପୀନାଥପୁର ଗ୍ରାମରେ ଥିବା ବାଲୁଙ୍କେଶ୍ୱର ମନ୍ଦିର ଦର୍ଶନ କରିଥିଲେ। ଚନ୍ଦ୍ରଶେଖର ନନ୍ଦ, ସିପ୍ରା ବାଜପେୟୀ, ସୁଷମାରାଣୀ ବିଶ୍ୱାଳ, ଦିଲୀପ ଦାସ, ରବୀନ୍ଦ୍ର ବେହେରା, ସମରଶେଖର କାନୁନ୍‌ଗୋ, ସୌଦାମିନି ସିଂ, ବିକାଶ କୁମାର ନାୟକ, ମନୋରଞ୍ଜନ ବେହେରା ପ୍ରମୁଖ ସହଯୋଗ କରିଥିଲେ।



ରେମୁଣା ସିଟି ସ୍କୁଲ ଆଗରେ ଧାରଣାରେ ବସିଥିବା ଛାତ୍ରୀଛାତ୍ର।

## ସ୍କୁଲ ଆଗରେ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

**ରେମୁଣା, ୨୯।୧୧ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ରେମୁଣାଠାରେ ଥିବା ସିଟି ସ୍କୁଲ ଛାତ୍ରୀଛାତ୍ରମାନେ ଗୁରୁବାର ସିଟି ସ୍କୁଲ ସମ୍ମୁଖରେ ବିକ୍ଷୋଭ ଓ ଧାରଣା ଦେଇଛନ୍ତି। ବିଭିନ୍ନ ମୁକ୍ତ ବିଦ୍ୟାଳୟଗୁଡ଼ିକରେ ଅନିୟମିତତା ଭାବେ ସିଟି ଶିକ୍ଷା ଲାଭ କରି ଓଟିଇଟି ପରୀକ୍ଷା ଦେବା ପାଇଁ ସରକାରୀ ମାନ୍ୟତା ପାଇଥିବାରୁ ଏହାକୁ ତାଲିମ ପାଇଥିବା ଛାତ୍ରୀଛାତ୍ରମାନେ ଘୋର ବିରୋଧ କରିଛନ୍ତି। ଏହାଦ୍ୱାରା ପ୍ରତିଯୋଗିତା ମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସରକାରୀ ଶିକ୍ଷା ଅନୁଷ୍ଠାନର ତାଲିମ ନେଉଥିବା ଶିକ୍ଷୟିତ୍ରୀଶିକ୍ଷକମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ପ୍ରତ୍ୟେକ ବେସରକାରୀ ଶିକ୍ଷାନୁଷ୍ଠାନମାନଙ୍କରେ ନିଯୁକ୍ତ ଥିବା ଶିକ୍ଷକମାନଙ୍କୁ ବର୍ଷର ୧୫ଦିନ ଏବଂ ଦୁଇବର୍ଷର ୩୦ଦିନ କ୍ଲାସ କରି ଓଟିଇଟି ପାଇଁ ତାଲିମ ନେବା ପାଇଁ ବାଧ୍ୟତା କରାଯାଇଥିଲା। ହେଲେ ନିୟମିତ ସରକାରୀ ଶିକ୍ଷାନୁଷ୍ଠାନରେ ସିଟି ତାଲିମ ନେଉଥିବା ଶିକ୍ଷୟିତ୍ରୀଶିକ୍ଷକମାନେ ବର୍ଷା ସାରା ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଯୋଗ୍ୟ ଶିକ୍ଷକର ମାନ୍ୟତା ପାଇଁ ଓଟିଇଟି ପରୀକ୍ଷା ଦେଉଛନ୍ତି। ତେବେ ମୁକ୍ତ ବିଦ୍ୟାଳୟରେ ସ୍ୱଳ୍ପ ତାଲିମପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ନିୟମିତ ସରକାରୀ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକଙ୍କ ସହିତ ସମାନ ଭାବେ ତୁଳନା କରାଯିବାକୁ ଘୋର ବିରୋଧ କରାଯାଇଛି।

■ ଇମାମୀ ଜଗନ୍ନାଥ ମନ୍ଦିରର ୪ର୍ଥ ପ୍ରତିଷ୍ଠା ଉତ୍ସବ

# ୫୨ ଯୋଡ଼ିଙ୍କ ପଡ଼ିଲା ହାତଗଣ୍ଠି

**ବାଲେଶ୍ୱର ଅଫିସ/ରେମୁଣା, ୨୯।୧୧ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ବାଲଗୋପାଳପୁର ଶିଳ୍ପାଞ୍ଚଳସ୍ଥିତ ଇମାମୀନଗର ଜଗନ୍ନାଥ ମନ୍ଦିରର ୪ର୍ଥ ପ୍ରତିଷ୍ଠା ଦିବସ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଉପସ୍ଥିତ ହୋଇ ଏହାକୁ ଉଦ୍‌ଘାଟନ କରିବା ସହ ବିବାହ ହୋଇଥିବା ୫୨ଯୋଡ଼ିଙ୍କୁ ଆଶୀର୍ବାଦ କରିଛନ୍ତି।

ପୂର୍ବାହ୍ନରେ ଆରମ୍ଭ ହୋଇଥିଲା ୧୦୮ କଳସ ଯାତ୍ରା। ପରେ ମହାପ୍ରଭୁଙ୍କର ସାହାଣମେଲା ଅବତାର ଭକ୍ତମାନେ ଦର୍ଶନ କରିଥିଲେ। ସାଢେ ୮ଟାରେ ଗର୍ଭଗୃହ ମଧ୍ୟରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଏବଂ ମାତା ସୁଭଦ୍ରା ଦେବୀଙ୍କ ଅପୂର୍ବ ସୁନାବେଶକୁ ଶ୍ରଦ୍ଧାଳୁମାନେ ଦର୍ଶନ କରିଥିଲେ। ରାଜ୍ୟପାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ବିବାହ ମଣ୍ଡପରେ ନବଦମ୍ପତିଙ୍କୁ ଆଶୀର୍ବାଦ ଦେଇଥିଲେ। ଇମାମୀ ପରିବାର ତରଫରୁ ସମସ୍ତ ବରକନ୍ୟାଙ୍କ ପାଇଁ ବସ୍ତ୍ର, ସ୍ୱର୍ଣ୍ଣ ଅଳଙ୍କାର, ଆସବାବପତ୍ର, ଫ୍ୟାନ୍, ଘଣ୍ଟା, ଶୀତବସ୍ତ୍ର, ଛତା, ଜୋତା, ଭ୍ୟାନିଟି ବ୍ୟାଗ୍, ଟ୍ରଙ୍କ୍, ଗ୍ରୋସେରୀ ସହିତ ୧୧ଶହ ଟଙ୍କା ଲେଖାଏ ନଗଦ ରାଶି ପ୍ରଦାନ କରାଯାଇଛି। ଏହି ଅବସରରେ ମହାଯଜ୍ଞର ଆୟୋଜନ ହୋଇଥିବା ବେଳେ ଦିବସବ୍ୟାପୀ ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା ଏବଂ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା। ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମଧୁମିତା ଦାସ, ରାଜ୍ୟସଭା ଏମ୍‌ପି ତଥା ପଦ୍ମବିଭୂଷଣ ରଘୁନାଥ ମହାପାତ୍ର, ଜିଲାପାଳ ରମେଶ ଚନ୍ଦ୍ର ରାଉତ, ଜିଲା ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର କୁମାର, ନୀଳଗିରିର ପୂର୍ବତନ ବିଧାୟକ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଇମାମୀ ଗ୍ରୁପ୍‌ର କୋ-ଫାଉଣ୍ଡର ଏବଂ ଜଏଣ୍ଟ ଚେୟାରମ୍ୟାନ୍ ସୁଶୀଲ ଗୋଏଙ୍କା, ଇମାମୀ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ପି.ଏସ୍. ପଟୱାରୀ, ସ୍ଥାନୀୟ ଇମାମୀ ପେପର ମିଲ୍‌ସ ଲିମିଟେଡ୍‌ର ନିର୍ଦ୍ଦେଶକ ଏମ୍.ବି.ଏସ୍. ନାୟାର, ବରିଷ୍ଠ ସଭାପତି ସୁଶୀଲ କୁମାର ଖୈତାନ, ବରିଷ୍ଠ ଉପସଭାପତି ଆଶିଷ ଅବିନାଶ ଗୁପ୍ତା ସମ୍ମାନିତ ଅତିଥି ଭାବେ ନବଦମ୍ପତିଙ୍କୁ ଆଶୀର୍ବାଦ ଦେଇଥିଲେ।


ଅତିଥିଙ୍କ ଗହଣରେ ୫୨ ଯୋଡ଼ି।





## ସଂକ୍ଷେପରେ

### ଯୁବକଙ୍କୁ ଆକ୍ରମଣ ଅଭିଯୋଗ

**ବାରିପଦା ଅଫିସ,୨୯।୧୧:** ବାରିପଦା ସହର ସୁନଗଡିଆ ଅଞ୍ଚଳର ଜଣେ ଯୁବକଙ୍କୁ ବୁଧବାର ବିଳମ୍ବିତ ରାତିରେ ଅନ୍ୟ ଜଣେ ଯୁବକ ଆକ୍ରମଣ କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ସୂଚନା ମୁତାବକ ସୁନଗଡିଆ ଅଞ୍ଚଳର ଆଶିଷ ପୃଥାଳ ବାଇକ୍ ଯୋଗେ ନିଜ ଘରକୁ ଯାଉଥିଲେ। ବାଟରେ ଜଣେ ଯୁବକ ତାଙ୍କୁ ଅଟକାଇ ପଛ ପଟୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ଆଶିଷ ଗୁରୁତର ହୋଇ ପଡିଥିଲେ। ସେ ଏବେ ବାରିପଦା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ବାରିପଦା ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକଙ୍କ କହିବା ମୁତାବକ ଏ ପର୍ଯ୍ୟନ୍ତ ଥାନରେ ଲିଖିତ ଅଭିଯୋଗ ହୋଇ ନାହିଁ। ହେଲେ ଆକ୍ରମଣକାରୀ ଯୁବକଙ୍କୁ ପୋଲିସ ଖୋଜୁଛି ବୋଲି ସେ କହିଛନ୍ତି।

### କାୟାକଳ୍ପ ଟିମ୍‌ର ଉଦଳା ଡାକ୍ତରଖାନା ପରିଦର୍ଶନ

**ଉଦଳା,୨୯।୧୧(ଡି.ଏନ.ଏ.):** ରାଜ୍ୟ ସରକାରଙ୍କ କାୟାକଳ୍ପ ଟିମ୍ ଗୁରୁବାର ଉଦଳା ଉପଖଣ୍ଡ ଡାକ୍ତରଖାନା ପରିଦର୍ଶନ କରିଛି। ଏଥିରେ ଆସିଥିବା ତିନିଜଣିଆ ସଦସ୍ୟ ଡାକ୍ତରଖାନା ପରିଦର୍ଶନ କରିବା ସହିତ ବିଭିନ୍ନ ବିଭାଗର ସ୍ଥିତି ସମୀକ୍ଷା କରିଛନ୍ତି। ଆରଏନ୍‌ଟିସିପିର ରାଜ୍ୟ ପରାମର୍ଶଦାତା ଡ. ବିକାଶ କୁମାର ପଟ୍ଟନାୟକ, ୟୁନିସେଫ୍‌ର ପରାମର୍ଶଦାତା ହୀରାଲାଲ ନାୟକ ଏବଂ ବ୍ଲାଇଣ୍ଡ କଣ୍ଟ୍ରୋଲର ଅତିରିକ୍ତ ନିର୍ଦ୍ଦେଶକ ଡ. ହୃଦୟ ବଲ୍ଲଭ ଷଡ଼ଙ୍ଗୀ ଏହି ଟିମ୍‌ରେ ରହି ଡାକ୍ତରଖାନା ପରିଦର୍ଶନ କରିଛନ୍ତି। ଡାକ୍ତରଖାନାର ପରିଷ୍କାର ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦେବା ସହ ବିଭିନ୍ନ ବିଭାଗ ଓ ବ୍ଲଡ୍‌ବ୍ୟାଙ୍କ ପରିଦର୍ଶନ କରି ଟିମ୍ ସଦସ୍ୟ ସ୍ଥିତି ଅନୁଧ୍ୟାନ କରିଥିଲେ। ଏହାସହିତ ରୋଗୀଙ୍କୁ ନିରାମୟ ଯୋଜନାରେ ଔଷଧ ମିଳୁଛି କି ନାହିଁ ସେ ବାବଦରେ ଟିମ୍‌ର ସଦସ୍ୟମାନେ ରୋଗୀଙ୍କ ସହିତ ଆଲୋଚନା କରିଥିଲେ। ଏହାସହିତ ନୂତନ ଭାବେ ନିର୍ମିତ ହେଉଥିବା ଏମ୍‌ସିଏଚ୍ ବିଲ୍‌ଡିଂ ବାବଦରେ ମଧ କାୟାକଳ୍ପ ଟିମ୍ ସ୍ଥାନୀୟ ଉପଖଣ୍ଡ ଡାକ୍ତରଖାନାର ଅଧକ୍ଷ ଡା. ଶିବାନନ୍ଦ ମହାନ୍ତିଙ୍କ ସହିତ ଆଲୋଚନା କରିଥିଲେ। ଏହି ଗସ୍ତକୁ ଆଖି ଆଗରେ ରଖି ଉଦଳା ଡାକ୍ତରଖାନାର କଳେବର ପରିବର୍ତ୍ତନ ସହ ତତ୍ପରତା ବଢ଼ିଯାଇଥିବା ଦେଖିବାକୁ ମିଳିଥିଲା।

### ୨ରେ ମୟୂରଭଞ୍ଜ ସାହିତ୍ୟ ପରିଷଦ ବାର୍ଷିକୋତ୍ସବ

**ବାରିପଦା ଅଫିସ,୨୯।୧୧:** ଆସନ୍ତା ୨ତାରିଖରେ ବାରିପଦା ରୋଟାରୀ କ୍ଲବ ସଭାଗୃହରେ ମୟୂରଭଞ୍ଜ ସାହିତ୍ୟ ପରିଷଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ଓଡ଼ିଆ ସାରସ୍ୱତ କ୍ଷେତ୍ରକୁ ଜୀବନ ବ୍ୟାପୀ ଅବଦାନ ପାଇଁ ସାରସ୍ୱତ ସଙ୍ଗଠକ ତଥା କବିମାନଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ମାନିତ କରାଯିବ ବୋଲି ସଭାପତି ପଦ୍ମନାଭ ସାହୁ ଏବଂ ସମ୍ପାଦକ ମନୋଜ ଦଳବେହେରା ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ସୂଚନା ମୁତାବକ ଜିଲାର ବରିଷ୍ଠ ସାରସ୍ୱତ ସଙ୍ଗଠକ ଅଜିତ କୁମାର କୁମାର କବାଟ, ବିଚ୍ଛିନ୍ନାଞ୍ଚଳର ପ୍ରତିଷ୍ଠିତ ଗାଳ୍ପିକ ଡ.ବିନି ଷଡଙ୍ଗୀଙ୍କୁ ମୟୂରଭଞ୍ଜ ସାହିତ୍ୟରେ ସମ୍ମାନିତ କରାଯିବ। ସେହିପରି ବାରିପଦାର ବରିଷ୍ଠ କବୟିତ୍ରୀ ଶାନ୍ତିଲତା ଆଚାର୍ଯ୍ୟଙ୍କୁ ସରୋଜୀନି ପ୍ରଫୁଲ ସମ୍ମାନରେ ସମ୍ମାନିତ କରାଯିବ। ଗାଳ୍ପିକ ଶାନ୍ତନୁ କୁମାର ବେଜଙ୍କୁ ଲକ୍ଷ୍ମୀ କୁମାରୀ ଦାସ ଯୁବ ସାହିତ୍ୟ ସମ୍ମାନରେ ପ୍ରଦାନ କରାଯିବ। ପ୍ରକାଶ ଯେ ଉକ୍ତ ଉତ୍ସବରେ ଝାଡଖଣ୍ଡର ପୂର୍ବତନ ମନ୍ତ୍ରୀ ତଥା ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଆନ୍ଦୋଳନର ପ୍ରବକ୍ତା ଡ.ଦୀନେଶ ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେବେ ଏବଂ ଶ୍ରୀ ସାହିତ୍ୟ ପ୍ରତିକାର ସମ୍ପାଦକ ଶ୍ରୀକୃଷ୍ଣ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ସର୍ବସାଧାରଣ ଶୌଚାଳୟରେ ପଡିଛି ତାଲା

**ବାରିପଦା ଅଫିସ,୨୯।୧୧**



କୃଷ୍ଣଚନ୍ଦ୍ର ଗୋଲେଇରେ ଉଦ୍‌ଘାଟନ ପରେ ବି ବନ୍ଦ ରହିଥିବା ସର୍ବସାଧାରଣ ଶୌଚାଳୟ।

- ଉଦ୍‌ଘାଟନର ୩ ମାସ ବିତିଲା
- ଜନଗହଳିପୂର୍ଣ୍ଣ ସ୍ଥାନରେ କାମରେ ଆସୁନି
- ମୟୂରଭଞ୍ଜ ଖୋଲା ଶୌଚମୁକ୍ତ ଜିଲା ହେବା ନେଇ ସନ୍ଦେହ

ଚଳିତ ମାସ ୧୯ ତାରିଖ ଥିଲା ବିଶ୍ୱ ଶୌଚାଳୟ ଦିବସ। ମୟୂରଭଞ୍ଜ ଜିଲାକୁ ଖୋଲା ଶୌଚମୁକ୍ତ ଜିଲା ଭାବେ ଗଢ଼ିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଏହି ଦିନ ଆୟୋଜିତ ହୋଇଥିଲା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ୧ ହଜାର କି.ମି.ର ମାନବଶୃଙ୍ଖଳ କରାଯାଇ ଜିଲାସାରା ଏଥିରେ ୧୦ ଲକ୍ଷ ଲୋକ ସାମିଲ ହୋଇଥିଲେ। ଏହାସହିତ ଏହି ଅବସରରେ ଏକ ଗଣଦୌଡ଼ ମଧ୍ୟ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଗାଁ ଖୋଲା ଶୌଚମୁକ୍ତ ହୋଇଥିଲେ ବି ବାରିପଦା ସହରରେ ଏବେ ବି ଲୋକେ ବାହାରେ ଶୌଚ ହେଉଛନ୍ତି। ଗତ ଅଗଷ୍ଟ ୩୧ ସ୍ୱାୟତ୍ତ ଶାସନ ଦିବସ ଅବସରରେ ମହାସମାରୋହରେ ସହରର ଜନଗହଳିପୂର୍ଣ୍ଣ ଅଞ୍ଚଳ କୃଷ୍ଣଚନ୍ଦ୍ର ଗୋଲେଇ ସମେତ ଅନ୍ୟ ୬ଟି ସ୍ଥାନରେ ସର୍ବସାଧାରଣ ଶୌଚାଳୟ ଉଦ୍‌ଘାଟନ କରାଯାଇଥିଲା। ଏହାକୁ ୩ ମାସ ବିତିଥିବା ବେଳେ ସବୁବେଳେ ସେଠାରେ ତାହା ବନ୍ଦ ରହୁଛି। ଏହା ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଜ୍ଞାତସାରରେ ନ ଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ଜିଲାର ମୋଟ ୪୦୪ ପଞ୍ଚାୟତ ମଧ୍ୟରୁ ୬୫ ପଞ୍ଚାୟତ ଖୋଲା ଶୌଚମୁକ୍ତ ପଞ୍ଚାୟତ ଭାବେ ଘୋଷଣା କରାଯାଇଥିବା କହିଥିଲେ ଜିଲାପାଳ ବିନୀତ ଭରଦ୍ୱାଜ। ଜିଲାକୁ ଖୋଲା ଶୌଚମୁକ୍ତ ଭାବେ ଗଠନ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସଚେତନଧର୍ମୀ କାର୍ଯ୍ୟକ୍ରମ କରାଯାଉଥିବା ସେ ସୂଚନା ଦେଇଥିଲେ। ଏ ପରିସ୍ଥିତିରେ ବାରିପଦା ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଏ ଦିଗରେ ଧ୍ୟାନ ଦେଉ ନ ଥିବା ବେଳେ ବାରିପଦା ସହରରେ ଏହା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇ ନ ଥିବା ଜଣାଯାଇଛି। ବାରିପଦା ସହରର ଜନଗହଳିପୂର୍ଣ୍ଣ ଅଞ୍ଚଳ କୃଷ୍ଣଚନ୍ଦ୍ର ଗୋଲେଇ ସମେତ ଅନ୍ୟ ୬ ଟି ସ୍ଥାନରେ ଅଗଷ୍ଟ ୩୧ ତାରିଖରେ ସର୍ବସାଧାରଣ ଶୌଚାଳୟ ଉଦ୍‌ଘାଟନ କରାଯାଇଥିଲା। ଏହାକୁ ୩ ମାସ ବିତିଯାଇଥିବି ସବୁବେଳେ ସେଠାରେ ତାଲା ବନ୍ଦ ରହୁଛି। ଏହି ଗୋଲେଇ ଛକରେ ଉଦଳା, କପ୍ତିପଦା, ବଡ଼ସାହି, ଖୁଣ୍ଟା, ଶରତ, ବାଲେଶ୍ୱର ଆଦି ଅଞ୍ଚଳର ଯାତ୍ରୀମାନେ ବସ୍‌କୁ ଅପେକ୍ଷା କରି ରହନ୍ତି। ହେଲେ ଏହା ସର୍ବସାଧାରଣଙ୍କ ପାଇଁ ବ୍ୟବହାର ଲାଗି ଖୋଲାଯାଉ ନ ଥିବା ଯୋଗୁ ଜନଅସନ୍ତୋଷ ଲାଗିରହିଛି। ଏ ସମ୍ପର୍କରେ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ଦାସଙ୍କୁ ପଚାରିବାରୁ ଏ ନେଇ ତାଙ୍କ ପାଖରେ କିଛି ଖବର ନାହିଁ, ବୁଝୁଛି ବୋଲି କହିଥିଲେ। ତେବେ କେବଳ ଏହି ଗୋଟିଏ ସର୍ବସାଧାରଣ ଶୌଚାଳୟ ନୁହେଁ, ରକ୍ଷଣାବେକ୍ଷଣ ଅଭାବରୁ ପୂର୍ବରୁ ମ୍ୟୁନିସିପାଲିଟି ପକ୍ଷରୁ ସହର ମଧ୍ୟରେ ନିର୍ମାଣ କରାଯାଇଥିବା ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ଶୌଚାଳୟ ଲୋକେ ବ୍ୟବହାର କରୁନାହାନ୍ତି। ଏ ନେଇ ଲୋକେ ପୌର କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କଲେ ମଧ ସେ ନୀରବ ରହୁଛନ୍ତି।

ପ୍ରକାଶଥାଉ କି, ସର୍ଭେ ବେଳେ ଜିଲାରେ ୫ ଲକ୍ଷ ୧୧ ହଜାର ଶୌଚାଳୟ ନ ଥିବା ପରିବାର ଚିହ୍ନଟ ହୋଇଥିଲେ। ପରେ ସ୍ୱଚ୍ଛ ଭାରତ ଯୋଜନାରେ ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା ଗଠନ ଉଦ୍ଦେଶ୍ୟରେ ବର୍ତ୍ତମାନ ୨ ଲକ୍ଷ ୫୦ ହଜାର ପରିବାର ଶୌଚାଳୟ ନିର୍ମାଣ କରି ବ୍ୟବହାର କରୁଛନ୍ତି। ଜିଲାରେ ପ୍ରତିଦିନ ୧ ହଜାର ଶୌଚାଳୟ ନିର୍ମାଣ ହେଉଥିବା ବେଳେ ବର୍ତ୍ତମାନ ଦିନକୁ ୨ ହଜାର ଶୌଚାଳୟ ନିର୍ମାଣ ପାଇଁ ଟାର୍ଗେଟ ନିଆଯାଇଛି। ଆସନ୍ତା ଡିସେମ୍ବର ୩୧ ସୁଦ୍ଧା ୩ ଲକ୍ଷ ଶୌଚାଳୟ ନିର୍ମାଣ ପାଇଁ ଯୋଜନା ରଖିଛି ଜିଲା ପ୍ରଶାସନ। ସେହିପରି ସଚେତନତା ପାଇଁ ହଷ୍ଟେଲରେ ରହୁଥିବା ଛାତ୍ରୀଛାତ୍ରମାନେ ଧାନକଟା ଛୁଟିରେ ଯିବା ପୂର୍ବରୁ ଘରେ ଶୌଚାଳୟ ନିର୍ମାଣ କରିବା ପାଇଁ ନିଜ ନିଜ ଘରକୁ ଚିଠି ଲେଖିଛନ୍ତି।

# ଲାଞ୍ଚ ମାମଲା ଶୁଣାଣି: କିରାଣିଙ୍କୁ ବର୍ଷେ ଜେଲ୍

**ବାରିପଦା ଅଫିସ,୨୯।୧୧**

ମୟୂରଭଞ୍ଜ ଜିଲା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ସେକ ଜାହିର ଅହମ୍ମଦ ଗୁରୁବାର ଏକ ଲାଞ୍ଚ ମାମଲାର ବିଚାର କରି ଡିଆଇ ଅଫିସର ପୂର୍ବତନ କିରାଣି ସନ୍ତୋଷ କୁମାର ବିଶ୍ୱାଳଙ୍କୁ ବର୍ଷେ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୫ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନା ଅନାଦାୟ ହେଲେ ଅଧିକ ୪ ମାସ ଜେଲ ଦଣ୍ଡ ଭୋଗିବେ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

୨୦୧୩ ମସିହାରେ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ବୁଢ଼ାମରା ଅଞ୍ଚଳର ଶଙ୍କର ଚରଣ ପୁଟି ଡିଆଇ କାର୍ଯ୍ୟାଳୟରୁ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ ଅବସର ଗ୍ରହଣ କରିଥିଲେ। ଅବସର ପରେ ସେ ତାଙ୍କର ଜିପିଏଫ ଟଙ୍କା ପାଇଁ ଆବେଦନ କରିଥିଲେ। ସେତେବେଳେ କିରାଣି ସନ୍ତୋଷ ସବୁ କାମ କରାଇଦେବାର ପ୍ରତିଶ୍ରୁତି ଦେଇ ତାଙ୍କୁ ହଜାରେ ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଶଙ୍କର ବାଲେଶ୍ୱର ଭିଜିଲାନ୍ସ କାର୍ଯ୍ୟାଳୟରେ ୨୦୧୪ ମସିହା ନଭେମ୍ବର ୨୭ତାରିଖରେ ଅଭିଯୋଗ କରିଥିଲେ। ବାଲେଶ୍ୱର ଭିଜିଲାନ୍ସ ଏନେଇ ଏକ ମାମଲା (ନଂ ୪୬/୧୪) ରୁଜୁ କରିଥିଲା। ପୂର୍ବ ଯୋଜନା ଅନୁସାରେ ୨୦୧୪ ନଭେମ୍ବର ୨୮ତାରିଖରେ କିରାଣି ସନ୍ତୋଷ ତାଙ୍କ କାର୍ଯ୍ୟାଳୟ ପରିସରରେ ଶଙ୍କରଙ୍କଠାରୁ ହଜାରେ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ଗିରଫ କରିଥିଲା। ଏହି ମାମଲାକୁ ସରକାରୀ ଓକିଲ କୃଷ୍ଣଚନ୍ଦ୍ର ଶତପଥୀ ପରିଚାଳନା କରିଥିଲେ।

# ସ୍ଥାୟୀ ପଟ୍ଟା ପାଇବା ଲାଗି ଦାବି


ବୈଠକରେ ଉପସ୍ଥିତ କର୍ମକର୍ତ୍ତାବୃନ୍ଦ।

**ବାରିପଦା ଅଫିସ,୨୯।୧୧**

ବାରିପଦା ପାଲବଣିଠାରେ ପୌର ପରିଷଦର ୨୫ ଏବଂ ୨୮ ନମ୍ବର ୱାର୍ଡରେ ବାରିପଦା ପୌରାଞ୍ଚଳ ପଟ୍ଟାବିହୀନ ବାସିନ୍ଦା ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସହରର ପଟ୍ଟାବିହୀନ ବାସିନ୍ଦାଙ୍କୁ ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଉ ବୋଲି ଦାବି କରାଯାଇଛି। ସଂଘର ସଭାପତି ନନ୍ଦ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଂଘର ସାଧାରଣ ସମ୍ପାଦକ କାହ୍ନୁଚରଣ ବେହେରା ଯୋଗଦେଇଥିଲେ। ଏଥିରେ ବିଶେଷକରି ରାଜ୍ୟ ସରକାରଙ୍କ 'ମୋ ଜାଗା' ଯୋଜନାକୁ ସ୍ୱାଗତ କରାଯାଇଥିଲା। ହେଲେ ସ୍ଥାୟୀ ପଟ୍ଟା ପ୍ରଦାନ କାର୍ଯ୍ୟକ୍ରମ ଅତି ମନ୍ଥର ହେଉଥିବାରୁ କର୍ମକର୍ତ୍ତାମାନେ ଏହାକୁ ନିନ୍ଦା କରିଥିଲେ। ଯେଉଁମାନଙ୍କ ନିକଟରେ ନିର୍ଦ୍ଧାରିତ ସୀମାଠାରୁ ଅଧିକ ଜମି ରହିଛି କିମ୍ବା ଯେଉଁମାନେ ବିପିଏଲ ଅନ୍ତର୍ଭୁକ୍ତ ନୁହନ୍ତି, ସେମାନେ କେଉଁ ଆଧାରରେ ସ୍ଥାୟୀ ପଟ୍ଟା ପାଇବେ ତାହା ଏ ପର୍ଯ୍ୟନ୍ତ ପୌର ପରିଷଦ ନିଷ୍ପତ୍ତି ନେଇନାହିଁ ବୋଲି ଆଲୋଚନା କରାଯାଇଥିଲା। ଏହାଛଡା ଏହି ଦୁଇ ୱାର୍ଡର ରାସ୍ତାଘାଟର ଉନ୍ନତି, ବିଦ୍ୟୁତ୍ ଖୁଣ୍ଟରେ ଆଲୋକ ବ୍ୟବସ୍ଥା, କାଠ ମିଲ୍ ପଛପଟେ ପାଇପ ଜଳ ଯୋଗାଣ ଆଦି ଦାବି ମଧ କରାଯାଇଛି।

# 'ବିକାଶମୂଳକ କାମରେ ସମସ୍ତଙ୍କୁ ସାମିଲ କର'

**ବାରିପଦା ଅଫିସ,୨୯।୧୧**



କାର୍ଯ୍ୟକ୍ରମରେ ଉପସ୍ଥିତ ପିପୁଲ ଟାସ୍କ ଫୋର୍ସ କର୍ମକର୍ତ୍ତା।

ପିପୁଲ ଟାସ୍କ ଫୋର୍ସ ଅଧ୍ୟକ୍ଷ ବନମାଳୀ ବାରିକଙ୍କ ନେତୃତ୍ୱରେ ମୟୂରଭଞ୍ଜ ଜିଲା ଶାମାଖୁଣ୍ଟା ବ୍ଲକ ସ୍ତରୀୟ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ବ୍ଲକ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶାମାଖୁଣ୍ଟା ବିଡ଼ିଓ ଚିନ୍ମୟୀ କହଁର ଏବଂ ଓଡ଼ିଶା ପିପୁଲ ଟାକ୍ସ ଫୋର୍ସର ଅଧ୍ୟକ୍ଷ କୈଳାସ ମିଶ୍ର ଯୋଗ ଦେଇଥିଲେ। ଏହି ଶିବିରରେ ଶାମାଖୁଣ୍ଟା ବ୍ଲକର ସମସ୍ତ ପଞ୍ଚାୟତ କୋ-ଅର୍ଡିନେଟର ଓ ୱାର୍ଡସ୍ତରୀୟ ଏଜେଣ୍ଟ କୋ ଅର୍ଡିନେଟରମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ୧୫୦ଜଣ ପୁରୁଷ ଓ ମହିଳା ନେତୃବୃନ୍ଦ ଯୋଗଦେଇଥିଲେ। ବ୍ଲକ ଏପିଓ ଦୀପକ କୁମାର କର,ଏଏଓ ଅଜୟ କୁମାର ନାୟକ,ସାପ୍ଲାଏ ବିଭାଗର ଜନ୍ମଜୟ ମହାନ୍ତି, ବ୍ଲକ ମଙ୍ଗଳ ଅଧିକାରୀ ସୁକାନ୍ତ କୁମାର ପଟେଲ, ବିଏସଏସଓ ଶର୍ମିଷ୍ଠା ଦତ୍ତ ପ୍ରମୁଖ ଯୋଗଦେଇ ସରକାରୀ କର୍ମଚାରୀ ସରକାରଙ୍କର ବିକାଶ ମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଜଣାଇଥିଲେ ଏବଂ ସାଧାରଣ ଲୋକେ ଏଥିନିମନ୍ତେ କିପରି ଭାବେ ଦରଖାସ୍ତ କରି ପାରିବେ ସେ ଦିଗରେ ତାଲିମ ପ୍ରଦାନ କରିଥିଲେ। ସରକାରଙ୍କ ବିକାଶ ମୂଳକ କାର୍ଯ୍ୟକ୍ରମ କିପରି ଭାବେ ସମସ୍ତ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚିପାରିବ ଏବଂ ଏହି କାର୍ଯ୍ୟକ୍ରମରେ ସମସ୍ତଙ୍କୁ କିପରି ସାମିଲ କରାଯାଇପାରିବ ସେଥି ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ଅତିଥିମାନେ କହିଥିଲେ। ମୟୂରଭଞ୍ଜ ଜିଲା ପିପୁଲ ଟାସ୍କ ଫୋର୍ସର ଉପାଧ୍ୟକ୍ଷ ଭୁବନେଶ୍ୱରୀ ଜେନା, ସଙ୍ଗଠକ ସମ୍ପାଦକ ଶଙ୍କର ସେନାପତି, କାର୍ତ୍ତିକ ମହାନ୍ତ,ସବିତା ମହାନ୍ତ, ସୁନୀ ସିଂ ସମେତ ବହୁ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

### ଖାନୁଆରେ ଫୁଟ୍‌ବଲ ଟୁର୍ନାମେଣ୍ଟ

**ବଡ଼ସାହି,୨୯।୧୧(ସ୍ୱ.ପ୍ର.)**

ବଡ଼ସାହି ବ୍ଲକ ଅଧୀନ ଖାନୁଆ ଗ୍ରାମରେ ଦିନିକିଆ ଧ୍ରୁବେନ୍ଦ୍ର ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ଧାନଶୂଳା ଓ ମୁଚିଆସାହି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ୩-୨ ଗୋଲରେ ଧାନଶୂଳା ଫୁଟ୍‌ବଲ ଦଳ ଚଳିତ ବର୍ଷ ଚାମ୍ପିୟନ ହୋଇଥିଲା। ଏହି ଅବସରରେ ପୁରସ୍କାର ବିତରଣୀ ଉତ୍ସବ କ୍ଲବର ସଭାପତି ଯୋଗେନ୍ଦ୍ର ଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଉତ୍ତମ କୁମାର ସାହୁ, ରବୀନ୍ଦ୍ର କୁମାର ସାହୁ, ବିରଞ୍ଚି କୁମାର ସାହୁ ଓ ହେମେନ୍ଦ୍ର ଗିରି ପ୍ରମୁଖ ଉପସ୍ଥିତ ରହି ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଛନ୍ତି। ଖେଳ ଶିକ୍ଷକ କାର୍ତ୍ତିକ ସାମଲ, ବେଣୁଧର ମୁର୍ମୁ, ଚନ୍ଦନ କୁମାର ସିଂ ଓ ସୁଧାକର ସାମଲ ଖେଳକୁ ପରିଚାଳନା କରିଥିଲେ। କ୍ଲବର ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଛନ୍ତି।

### ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ

**ବାଙ୍ଗିରିପୋଷି,୨୯।୧୧(ଡି.ଏନ.ଏ.)**

ବିନୋଦିନୀ ମହିଳା ମହାବିଦ୍ୟାଳୟ ପରିସରରେ ନାରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ତାଲିମ ଶିବିର ଉଦ୍‌ଯାପନୀ ଉତ୍ସବ ପାଳିତ ହୋଇଛି। ସଭାରେ ଅଧ୍ୟକ୍ଷ ମଣିଭଦ୍ର ସେଣ୍ଠ ସଭାପତିତ୍ୱ କରିଥିବା ବେଳେ କୋଅର୍ଡିନେଟର ଡ.ଗଜେନ୍ଦ୍ର କୁମାର ନନ୍ଦ ସଭା ପରିଚାଳନା କରିଥିଲେ। କ୍ରୀଡା ଅଧ୍ୟାପିକା ସୁଶ୍ରୀ ସୁକାନ୍ତି ମହାନ୍ତ ସ୍ୱାଗତ ଭାଷଣ , ଗ୍ରନ୍ଥାଗାରିକ ଗିରିଜାଶଙ୍କର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ବଡସାହି,୨୯।୧୧(ସ୍ୱ.ପ୍ର)**

ବଡ଼ସାହି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ଏକ ମଶାଲ ଶୋଭାଯାତ୍ରାରେ ଗାଁ ପରିକ୍ରମା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଆରସିସି ବାବାଜୀ ଚରଣ ବେହେରା ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଛନ୍ତି। ଉତ୍ତମ ଛାତ୍ର ଗଠନ ପାଇଁ ଶିକ୍ଷା ସହିତ କ୍ରୀଡାର ଆବଶ୍ୟକତା ରହଥିବା ଅତିଥିମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଯତୀନ କୁମାର ନାୟକ, ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଓ ଉତ୍ସାହ ଜଣାଇ ଖେଳ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ବିଭିନ୍ନ କ୍ରୀଡାରେ ୨ଶହ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିବା ବେଳେ ୯୮ଜଣ କୃତିତ୍ୱ ହାସଲ କରିଛନ୍ତି।


ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରଙ୍କ ଦ୍ୱାରା ମଶାଲ ଶୋଭାଯାତ୍ରା।

# ୧୩,୪୩୬ ଛାତ୍ରୀଙ୍କୁ ଏଯାଏ ମିଳିନି ୟୁନିଫର୍ମ

**ବାରିପଦା ଅଫିସ,୨୯।୧୧**

- ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନକୁ ଅଣଦେଖା
- ଆସିନି ଅନୁଦାନ, କିଣାଯାଉନି ଡ୍ରେସ୍
- ପୁରୁଣା ପୋଷାକ ପିନ୍ଧି ସ୍କୁଲ ଆସୁଛନ୍ତି ଛାତ୍ରୀ

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାରେ ଶିକ୍ଷାନୁଷ୍ଠାନ ପ୍ରତି ଛାତ୍ରୀଙ୍କୁ ଆକୃଷ୍ଟ କରିବା ସକାଶେ ସରକାରୀ ସ୍ତରରେ ହେଉଥିବା ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ପାରୁ ନାହିଁ। ସରକାରୀ ଓ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର ଷଷ୍ଠ ଓ ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ସକାଶେ ରାଜ୍ୟ ସରକାର ୟୁନିଫର୍ମ ବ୍ୟବସ୍ଥା ପ୍ରଚଳନ କରିଛନ୍ତି। ଚଳିତ ବର୍ଷ ଗାନ୍ଧୀ ଜୟନ୍ତୀରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ୟୁନିଫର୍ମ ମିଳିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହାମଧ୍ୟରେ ୨ ମାସ ଗତ ହେବାକୁ ବସିଲାଣି। ସରକାରୀ ଶିକ୍ଷାନୁଷ୍ଠାନକୁ ୟୁନିଫର୍ମ ମିଳିଥିବା ବେଳେ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ଏଥିରୁ ବାଦ ପଡିଛି। ଫଳରେ ଗରିବ ଛାତ୍ରୀଛାତ୍ରମାନେ ସରକାରୀ ୟୁନିଫର୍ମ ପାଇବା ଆଶାରେ ରହି ପୁରୁଣା ୟୁନିଫର୍ମ ପିନ୍ଧି ସ୍କୁଲ ଆସୁଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି।

ୟୁନିଫର୍ମ ଯୋଗାଣ ଯୋଜନାରେ ପ୍ରତ୍ୟେକ ଛାତ୍ରୀଙ୍କୁ ୨ ହଳ ପୋଷାକ, ହଳେ ଜୋତା ଓ ହଳେ ପାଇଜାମା ଦେବା ବ୍ୟବସ୍ଥା ରହିଛି। ପୂର୍ବରୁ ଜଣେ ଛାତ୍ରୀଙ୍କ ପାଇଁ ୟୁନିଫର୍ମ ବାବଦରେ ୪୦୦ ଟଙ୍କା ଦିଆଯାଉଥିଲା। ଚଳିତ ବର୍ଷ ଏହି ଅର୍ଥ ୬୦୦ ଟଙ୍କାକୁ ବଢାଯାଇଛି। ମୟୂରଭଞ୍ଜ ଜିଲାରେ ଥିବା ୨୪୧ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲକୁ ଏଯାଏ ଟଙ୍କାଟିଏ ଅନୁଦାନ ମିଳିନାହିଁ। ଫଳରେ ଶିକ୍ଷାନୁଷ୍ଠାନର ୧୩ହଜାର ୪୩୬ ଛାତ୍ରୀ ୟୁନିଫର୍ମ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ତଫସିଲଭୁକ୍ତ ଜାତି, ଉପଜାତି ଛାତ୍ରୀଛାତ୍ରଙ୍କ ସଂଖ୍ୟା ଅଧିକ। ବଡସାହି ବ୍ଲକ ମଧୁବନ ଠାରେ ୧୯୮୦ ମସିହାରେ ପ୍ରତିଷ୍ଠା ହୋଇଥିବା ବଳାଙ୍ଗୀ ମଇ ବିଦ୍ୟାଳୟ ୧୯୯୪ରୁ ସରକାରୀ ଅନୁଦାନ ପାଇ ଆସୁଛି। ଉକ୍ତ ଶିକ୍ଷାନୁଷ୍ଠାନରେ ପାଠ ପଢୁଥିବା ଛାତ୍ରୀଙ୍କୁ ଅନ୍ୟ ବର୍ଷ ଭଳି ଗତ ବର୍ଷ ୟୁନିଫର୍ମ ମିଳିଥିଲା। ୬ଷ୍ଠ ଓ ୭ମ ଶ୍ରେଣୀରେ ଏଥର ୪୪ଜଣ ଛାତ୍ରୀ ପାଠ ପଢୁଥିବା ବେଳେ କାହାକୁ ପୋଷାକ ମିଳିନାହିଁ। ବାରିପଦା ମଧୁବନସ୍ଥିତ ବଳାଙ୍ଗୀ ମଇ ବିଦ୍ୟାଳୟର ଛାତ୍ରୀମାନେ ମଧ୍ୟ ପୋଷାକ ପାଇବାରୁ ବଞ୍ଚିତ ହୋଇଛନ୍ତି। ନାରୀ ଶିକ୍ଷା ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବା ଲାଗି ସରକାରଙ୍କ ତରଫରୁ ହେଉଥିବା ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ନ ହେବା ବ୍ୟବସ୍ଥାରେ ଥିବା ତ୍ରୁଟିକୁ ପଦାରେ ପକାଇଛି। ୬ଷ୍ଠ ଶ୍ରେଣୀ ଛାତ୍ରୀ ରଶ୍ମିତା ମାର୍ଣ୍ଡି କହିଛନ୍ତି, ଆମକୁ ପୋଷାକ ମିଳି ନ ଥିବାରୁ ପୁରୁଣା ଡ୍ରେସ ପିନ୍ଧି ସ୍କୁଲକୁ ଆସୁଛୁ। ୭ମଶ୍ରେଣୀ ଛାତ୍ରୀ ଜ୍ୟୋତି ବୈଠା କହିଛନ୍ତି, ଆଉ କିଛି ମାସ ପରେ ବାର୍ଷିକ ପରୀକ୍ଷା ହେବ। ପୋଷାକ ମିଳି ନ ଥିବାରୁ ଏବେ ବଡ ଭଉଣୀଙ୍କ ଡ୍ରେସ ପିନ୍ଧି ସ୍କୁଲକୁ ଆସୁଛି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ କାନନବାଳା ଦାସଙ୍କୁ ପଚାରିବାରୁ କହିଛନ୍ତି, ସରକାରଙ୍କ ଅନୁଦାନ ମିଳି ନ ଥିବାରୁ ଛାତ୍ରୀଙ୍କ ଲାଗି ଡ୍ରେସ କିଣାହୋଇ ପାରି ନାହିଁ। ଏ ନେଇ ଉପରିସ୍ଥ କର୍ମଚାରୀଙ୍କୁ ଅବଗତ କରାଯାଇଛି। ଜିଲା ଶିକ୍ଷା ବିଭାଗର ଜଣେ ଅଧିକାରୀ ମଧ୍ୟ ଅନୁରୂପ ମତାମତ ଦେଇଛନ୍ତି।



ଭାରତ ବିରୋଧରେ ପାକିସ୍ତାନ ସୀମାପାର ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ଯାଏ କର୍‌ତାରପୁର କରିଡରର କିଛି ମୂଲ୍ୟ ନାହିଁ ।

- ହରଦୀପ ସିଂ ପୁରୀ, କେନ୍ଦ୍ରମନ୍ତ୍ରୀ



## ସଂକ୍ଷେପରେ

### ଅରବିନ୍ଦ ସାକ୍ସେନା ୟୁପିଏସ୍‌ସି ଅଧ୍ୟକ୍ଷ



**ନୂଆଦିଲ୍ଲୀ,୨୯।୧୧(ପି.ଟି.)**-ଅରବିନ୍ଦ ସାକ୍ସେନା ଗୁରୁବାର କେନ୍ଦ୍ରୀୟ ଲୋକ ସେବା ଆୟୋଗ (ୟୁପିଏସ୍‌ସି) ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ସେ ୨୦୨୦ ଅଗଷ୍ଟ ୭ ପର୍ଯ୍ୟନ୍ତ ଏହି ପଦବୀରେ ରହିବେ। ପ୍ରଶାସନିକ ସେବା, ବିଦେଶ ସେବା ଏବଂ ପୋଲିସ ଅଧିକାରୀ ଚୟନ ପରୀକ୍ଷା ପରିଚାଳନା କରୁଥିବା ୟୁପିଏସ୍‌ସିରେ ସାକ୍ସେନା ଗତ ଜୁନ୍ ୨୦ରୁ କାର୍ଯ୍ୟକାରୀ ମୁଖ୍ୟ ଭାବେ କାର୍ଯ୍ୟକରି ଆସୁଥିଲେ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କ ନିଯୁକ୍ତିକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ୨୦୧୫ ମେ ୮ରେ ୟୁପିଏସ୍‌ସିରେ ଯୋଗଦେବା ପୂର୍ବରୁ ସାକ୍ସେନା ବିମାନ ଚଳାଚଳ ଗବେଷଣା କେନ୍ଦ୍ର (ଏଆର୍‌ସି) ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ଦିଲ୍ଲୀ ଆଇଆଇଟିରୁ ସିଷ୍ଟମ ମ୍ୟାନେଜମେଣ୍ଟରେ ଏମ୍.ଟେକ୍ କରିଥିବା ସାକ୍ସେନା ୧୯୭୮ରେ ଭାରତୀୟ ଡାକସେବାରେ ଯୋଗଦେଇଥିଲେ। ୧୯୮୮ରୁ ସେ କ୍ୟାବିନେଟ ସଚିବାଳୟରେ କାର୍ଯ୍ୟ କରୁଥିଲେ।

### ନୌସେନା ଅଧିକାରୀଙ୍କ ନାଁରେ ମାମଲା

**ପୁଣେ,୨୯।୧୧(ପି.ଟି.)**- ସ୍ତ୍ରୀଙ୍କ ଆପତ୍ତିଜନକ ଫଟୋ ଅନଲାଇନ୍ ଆପ୍ଲିକେଶନ୍‌ରେ ଅପ୍‌ଲୋଡ କରିବା ଅଭିଯୋଗରେ ନୌସେନା କମାଣ୍ଡରଙ୍କ ବିରୋଧରେ ପୁଣେ ପୋଲିସ ମାମଲା ରୁଜୁ କରିଛି। ଅଶ୍ଳୀଳ ଚିତ୍ର ପ୍ରତି ସ୍ୱାମୀଙ୍କର ଦୁର୍ବଳତା ରହିଥିବା ମହିଳା ଜଣଙ୍କ ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ। ସ୍ୱାମୀ ତାଙ୍କ ଅଭ୍ୟାସ ତ୍ୟାଗ କରୁ ନ ଥିବାରୁ ସେ ଏବେ ପିଲାଙ୍କ ସହ ବାପଘରେ ରହୁଥିବା କହିଛନ୍ତି। ମହିଳା ଜଣକ ମଧ ଜଣେ ପୂର୍ବତନ ସେନା ଅଧିକାରୀ। ସେ ଗତ ମାସରେ ପରିବାର ଅଦାଲତରେ ଛାଡ଼ପତ୍ର ଲାଗି ଆବେଦନ କରିଛନ୍ତି। ନୌସେନା କମାଣ୍ଡର କେବଳ ତାଙ୍କ ସ୍ତ୍ରୀଙ୍କ ନୁହେଁ, ବରଂ ବନ୍ଧୁପତ୍ନୀ ଓ ଅନ୍ୟ ମହିଳାମାନଙ୍କ ଫଟୋ ମଧ ଅନ୍‌ଲାଇନରେ ଅପ୍‌ଲୋଡ କରିଛନ୍ତି।

### ରବର ପ୍ଲାଣ୍ଟରେ ନିଆଁ: ୩ ଦଗ୍ଧ

**ବଡ଼ୋଦରା,୨୯।୧୧(ପି.ଟି.)**-ଗୁଜରାଟର ବଡ଼ୋଦରାସ୍ଥିତ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ କମ୍ପ୍ଲେକ୍ସର ରବର ପ୍ଲାଣ୍ଟରେ ନିଆଁ ଲାଗି ୩ ଜଣ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଗୁରୁବାର ସକାଳେ ପଲିବୁଟାଡିଏନ୍ ରବର (ପିବିଆର୨) ପ୍ଲାଣ୍ଟରେ ଅଗ୍ନିକାଣ୍ଡ ଘଟିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଅଗ୍ନିଶମ କର୍ମଚାରୀମାନେ ତୁରନ୍ତ ନିଆଁକୁ ଆୟତ୍ତ କରିଥିଲେ। ଗୁରୁତର ଆହତ ୩ ଠିକା କର୍ମଚାରୀଙ୍କର ହସ୍ପିଟାଲରେ ମୃତ୍ୟୁ ହୋଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବାବେଳେ ଏହାର ତଦନ୍ତ କରାଯିବ ବୋଲି କମ୍ପାନୀ କହିଛି।

### ୨ ଆତଙ୍କବାଦୀ ନିହତ

**ଶ୍ରୀନଗର,୨୯।୧୧(ପି.ଟି.)**- ଜମ୍ମୁ-କଶ୍ମୀରର ପୁଲୱାମା ଜିଲାରେ ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଉଭୟେ ହିଜବୁଲ କମାଣ୍ଡର ରିୟାଜ ନାଇକୁଙ୍କ ଘନିଷ୍ଠ ସହଯୋଗୀ। ଅୱନ୍ତିପୋରା ଅଞ୍ଚଳର ଶର୍ଶାଲିରେ ହିଜବୁଲ ମୁଜାହିଦିନ ଆତଙ୍କବାଦୀ ଲୁଚିଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସୁରକ୍ଷା ବଳ ଉକ୍ତ ଅଞ୍ଚଳକୁ ଘେରି ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲା। ଆତଙ୍କବାଦୀମାନେ ଯବାନଙ୍କ ଉପରକୁ ଗୁଳିବର୍ଷା କରିଥିଲେ। ପାଲଟା ଜବାବରେ ଆତଙ୍କବାଦୀ ଅଦନାନ୍ ଅହମଦ ଲୋନ୍ ଓରଫ୍ ଉକାବ ଏବଂ ଆଦିଲ ବିଲାଲ ଭଟ ଓରଫ ଉମାଇର ଅଲ ହିଜବି ଟଳି ପଡ଼ିଥିଲେ।

### ଇତିହାସର ଆଇନାରେ

#### ନଭେମ୍ବର ୩୦ର ପ୍ରମୁଖ ଘଟଣା

୧୯୬୬ ମସିହା ନଭେମ୍ବର ୩୦ରେ ବାର୍ବାଡୋସ ଏକ ସ୍ୱାଧୀନ କମନଓ୍ୱେଲ୍‌ଥ ରାଷ୍ଟ୍ରର ପରିଚୟ ହାସଲ କରିଥିଲା। ରାଣୀ ଏଲିଜାବେଥ ଦ୍ୱିତୀୟ ଏହାର ରାଷ୍ଟ୍ରମୁଖ୍ୟ ହୋଇଥିଲେ। ବାର୍ବାଡୋସର ଲୋକସଂଖ୍ୟା ୨,୮୪,୯୯୬ ଜଣ। ଏମାନେ ମୁଖ୍ୟତଃ ଆଫ୍ରିକୀୟ।

୧୯୬୭ ନଭେମ୍ବର ୩୦ରେ ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ଗଠନ ହୋଇଥିଲା। ଜୁଲ୍ ଫିକର ଅଲି ଭୁଟ୍ଟୋ ଏହି ବାମପନ୍ଥୀ ସୋସିଆଲ ପ୍ରୋଗ୍ରେସିଭ ପାର୍ଟିର ପ୍ରତିଷ୍ଠାତା। ଏହି ଦଳ ଗଠନ ପରେ ୫ ଥର କ୍ଷମତାକୁ ଆସିଛି।

---

## ମୋଦିଙ୍କୁ ଭେଟିବାକୁ ଚାହାନ୍ତି ଇମ୍ରାନ୍

# ଆଲୋଚନା ପାଇଁ ଆଗ୍ରହୀ

**ଇସ୍‌ଲାମାବାଦ,୨୯।୧୧(ପି.ଟି.)**

କର୍‌ତାରପୁର କରିଡର ଶିଳାନ୍ୟାସର ଦିନକ ପରେ ଭାରତ ଆଡକୁ ପାକିସ୍ତାନ ବନ୍ଧୁତାର ହାତ ବଢ଼ାଇଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦିଙ୍କ ସହ ଆଲୋଚନା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ପାକିସ୍ତାନ ବାହାରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ଅନୁମତି ଦେଲେ ଇସ୍‌ଲାମାବାଦର କୌଣସି ସ୍ୱାର୍ଥସାଧନ ହେଉନାହିଁ ବୋଲି ଇମ୍ରାନ୍ ଏହି ପରିପ୍ରେକ୍ଷୀରେ ସ୍ପଷ୍ଟ କରିଛନ୍ତି।

ଆତଙ୍କବାଦ ଓ ଆଲୋଚନା ଏକସଙ୍ଗେ ହୋଇପାରିବ ନାହିଁ। ତେଣୁ ପାକିସ୍ତାନ ସୀମାପାର ଆତଙ୍କବାଦକୁ ଲଗାମ ଲଗାଇ ଆତଙ୍କବାଦୀଙ୍କ ବିରୋଧରେ ବିଶ୍ୱସନୀୟ ତଥା ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନେଉ ବୋଲି ଭାରତ ବାରମ୍ବାର ତା'ର ଆଭିମୁଖ୍ୟ ଦୋହରାଇ ଆସିଛି। ଏହି ପରିପ୍ରେକ୍ଷୀରେ ଇସ୍‌ଲାମାବାଦରେ ଗୁରୁବାର କେତେଜଣ ଭାରତୀୟ ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ଇମ୍ରାନ୍ କହିଛନ୍ତି, ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେବାକୁ ପାକିସ୍ତାନ ଚାହେଁନାହିଁ। ଏପରି କରିବା ଦ୍ୱାରା ଇସ୍‌ଲାମାବାଦର କିଛି ସ୍ୱାର୍ଥ ସାଧନ ହେଉନାହିଁ। ପାକିସ୍ତାନୀମାନେ ଭାରତ ସହ ଶାନ୍ତି ଚାହାନ୍ତି। ସେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ତାଙ୍କ ସହ ଆଲୋଚନା କରିବାକୁ ଆଗ୍ରହୀ। ଇମ୍ରାନ୍ ଆହୁରି କହିଛନ୍ତି, ଭାରତ ପ୍ରତି ଏଠାକାର ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସିଛି। କଶ୍ମୀର ପ୍ରସଙ୍ଗର ସମାଧାନ ମଧ ସମ୍ଭବ। କଶ୍ମୀର ପାଇଁ ସାମରିକ କାର୍ଯ୍ୟାନୁଷ୍ଠାନ ସମାଧାନର ପନ୍ଥା ନୁହେଁ। ସେ ସବୁ ପ୍ରସଙ୍ଗରେ ମୋଦିଙ୍କ ସହ ଆଲୋଚନା ପାଇଁ ପ୍ରସ୍ତୁତ। ତେବେ ଶାନ୍ତି ପାଇଁ ଏକତରଫା ଉଦ୍ୟମ ସଫଳ ହେବ ନାହିଁ। ତେଣୁ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ନୂଆଦିଲ୍ଲୀକୁ ଇସ୍‌ଲାମାବାଦ ଅପେକ୍ଷା କରିବ। ସେହିପରି ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଜମାଦ୍-ଉଦ୍-ଦାୱା (ଜେୟୁଡି) ମୁଖ୍ୟ ହାଫିଜ୍ ସୟିଦ୍‌ଙ୍କୁ ଦଣ୍ଡିତ କରିବା ନେଇ ଗଣମାଧ୍ୟମର ଉତ୍ତର ମଧ ଇମ୍ରାନ୍ ଦେଇଛନ୍ତି। ସେ କହିଛନ୍ତି, ସୟିଦ୍‌ଙ୍କ ବିରୋଧରେ ଜାତିସଂଘ କଟକଣା ଜାରି କରିଛି। ତାଙ୍କ ଉପରେ ପୂର୍ବରୁ ଲଗାମ ଲାଗିସାରିଛି।



ଇମ୍ରାନ୍ ଖାନ୍ ନରେନ୍ଦ୍ର ମୋଦି

### ଲୋକ ସଭା ସହ କଶ୍ମୀର ବିଧାନସଭା ନିର୍ବାଚନ

**ନୂଆଦିଲ୍ଲୀ,୨୯।୧୧(ପି.ଟି.)**

ନିର୍ବାଚନ କମିଶନ(ଇସି) ଆସନ୍ତାବର୍ଷ ଲୋକ ସଭା ନିର୍ବାଚନ ସହ ଜମ୍ମୁ-କଶ୍ମୀର ବିଧାନସଭା ଭୋଟ୍ କରାଇପାରନ୍ତି। ଭିନ୍ନ ନୀତି ଆଦର୍ଶର ବିରୋଧୀ ରାଜନୈତିକ ଦଳ ଏକାଠି ସ୍ଥାୟୀ ସରକାର ଗଢ଼ିବା ସମ୍ଭବ ନ ଥିବା ଏବଂ ରାଜ୍ୟରେ ନିରାପତ୍ତା ସ୍ଥିତି ସଙ୍ଗିନ ଥିବା ଦର୍ଶାଇ ଗତ ୨୧ରେ ରାଜ୍ୟପାଳ ସତ୍ୟପାଲ୍ ମଲିକ ବିଧାନସଭା ଭଙ୍ଗ କରିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଧାନସଭା ଭଙ୍ଗ ହେବାର ୬ ମାସ ମଧ୍ୟରେ ଅର୍ଥାତ ଆସନ୍ତାବର୍ଷ ମେ' ୨୧ ସୁଦ୍ଧା ସେଠାରେ ନିର୍ବାଚନ କରିବାକୁ ହେବ। ତେଣୁ ଇସି ଲୋକ ସଭା ସହ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ କରାଇପାରନ୍ତି ବୋଲି ସୂତ୍ରରୁ ଜଣାପଡ଼ିଛି। ପିଡିପି ଅଧ୍ୟକ୍ଷା ମେହବୁବା ମୁଫତି କଂଗ୍ରେସ ଏବଂ ଏନ୍‌ସି ସମର୍ଥନରେ ସରକାର ଗଢ଼ିବାକୁ ଦାବି କରିବା ପରେ ରାଜ୍ୟପାଳ ବିଧାନସଭା ଭଙ୍ଗ କରିଦେଇଥିଲେ।

## ପୁଣି ବିବାଦରେ ସିଦ୍ଧୁ

**ନୂଆଦିଲ୍ଲୀ,୨୯।୧୧**

### ଖଲିସ୍ତାନୀ ନେତା ଗୋପାଳ ଚାୱ୍ଲାଙ୍କ ସହ ଫଟୋ ଭାଇରାଲ୍



ପାକିସ୍ତାନରୁ ସଦ୍ୟ ଫେରିଥିବା ପଞ୍ଜାବର କ୍ୟାବିନେଟ ମନ୍ତ୍ରୀ ନବଜୋତ୍ ସିଂ ସିଦ୍ଧୁ ପୁଣିଥରେ ବିବାଦରେ ଛନ୍ଦି ହୋଇଛନ୍ତି। ଖଲିସ୍ତାନୀ ନେତା ଗୋପାଳ ସିଂ ଚାୱ୍ଲାଙ୍କ ସହ ତାଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ପାକିସ୍ତାନ ଶିଖ୍ ଗୁରୁଦ୍ୱାରା ପ୍ରବନ୍ଧକ କମିଟି (ପିଏସ୍‌ଜିପିସି) ସାଧାରଣ ସମ୍ପାଦକ ଗୋପାଳ ଜଣେ ଖଲିସ୍ତାନୀ ସେନା। ସିଦ୍ଧୁଙ୍କ ନିର୍ବାଚନମଣ୍ଡଳୀ ଅମୃତସର ନିକଟସ୍ଥ ନିରଙ୍କାରୀ ଭବନରେ ଗତ ୧୮ରେ ଆକ୍ରମଣ ସହ ସମ୍ପୃକ୍ତ ଆତଙ୍କବାଦୀଙ୍କ ସହିତ ଗୋପାଳଙ୍କ ସମ୍ପର୍କ ରହିଥିବା କୁହାଯାଉଛି। ଗୋପାଳ ବୁଧବାର କର୍‌ତାରପୁର କରିଡର ଶିଳାନ୍ୟାସ ଉତ୍ସବରେ ଯୋଗଦେଇଥିବାବେଳେ ପାକିସ୍ତାନ ସେନା ମୁଖ୍ୟ ଜେନେରାଲ କମାର ଜାଭେଦ୍ ବାଜ୍‌ୱାଙ୍କୁ ଆଲିଙ୍ଗନ କରିଥିଲେ। ସେ ସିଦ୍ଧୁଙ୍କ ସହ ଉଠାଇଥିବା ଏକ ଫଟୋକୁ ଗୁରୁବାର ନିଜ ଫେସ୍‌ବୁକ୍ ପେଜ୍‌ରେ ଶେୟାର କରିଛନ୍ତି। ଏହାକୁ ନେଇ ବିବାଦ ଉଠିଛି। ଅନ୍ୟପକ୍ଷରେ ଗୋପାଳ କିଏ ତାଙ୍କୁ ଜାଣନ୍ତି ନାହିଁ ବୋଲି ଗୁରୁବାର କଂଗ୍ରେସ ନେତା ସିଦ୍ଧୁ କହିଛନ୍ତି। ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ଗୋଷ୍ଠୀଗୁଡ଼ିକ ଭାରତରେ ଆତଙ୍କବାଦ ବିସ୍ତାର ପାଇଁ ସକ୍ରିୟ ହୋଇଉଠିଥିବାବେଳେ ପାକିସ୍ତାନରେ ଗୋପାଳଙ୍କ ଉପସ୍ଥିତି ଦେଖିବାକୁ ମିଳିଛି।

ପ୍ରକାଶ ଯେ, ଆସନ୍ତାବର୍ଷ ଗୁରୁ ନାନକ ଦେବଙ୍କ ୫୫୦ତମ ଜନ୍ମବାର୍ଷିକୀ ପାଳନ କରାଯିବ। ଏହି ଅବସରରେ ଆମେରିକାର ଶିଖ୍‌ସ ଫର ଜଷ୍ଟିସ୍ (ଏସ୍‌ଏଫ୍‌ଜେ) ଘୋଷଣା କରିଛି ଯେ, ପାକିସ୍ତାନରେ ଆସନ୍ତା ନଭେମ୍ବରରେ ଏହି ବିଚ୍ଛିନ୍ନତାବାଦୀ ସଙ୍ଗଠନ କର୍‌ତାରପୁର ସାହିବ୍ ସମ୍ମିଳନୀ ଆୟୋଜନ କରି ଭାରତ ବିରୋଧୀ ଅଭିଯାନ ଚଳାଇବ। ଏହାକୁ 'ଖଲିସ୍ତାନକୁ ସେତୁ' ଭାବେ ଏସ୍‌ଏଫ୍‌ଜେ ଅଭିହିତ କରିଛି। ଏହି ପରିପ୍ରେକ୍ଷୀରେ ଗୋପାଳଙ୍କ ସହ ସିଦ୍ଧୁଙ୍କ ଫଟୋ ନୂଆ ବିବାଦକୁ ଜନ୍ମ ଦେଇଛି। ଗତ ଅଗଷ୍ଟରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଶପଥଗ୍ରହଣ ଉତ୍ସବରେ ଯୋଗଦେବା ଅବସରରେ ସିଦ୍ଧୁ ସେଠାକାର ସେନାମୁଖ୍ୟ ବାଜ୍‌ୱାଙ୍କୁ ଆଲିଙ୍ଗନ କରି ବିବାଦୀୟ ହୋଇଥିଲେ।

## ଦିଲ୍ଲୀରେ ବିଶାଳ ଚାଷୀ ସମାବେଶ

# ଅଧିକାର ଲାଗି ଆନ୍ଦୋଳନ

**ନୂଆଦିଲ୍ଲୀ,୨୯।୧୧(ପି.ଟି.)**

କୃଷିଋଣ ଛାଡ଼ ଓ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ଦାବିରେ ଦିଲ୍ଲୀରେ ବିଶାଳ ଚାଷୀ ସମାବେଶ ଆୟୋଜିତ ହୋଇଛି। ଏଥିରେ ଆନ୍ଧ୍ରପ୍ରଦେଶ, ଗୁଜରାଟ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ, ପଶ୍ଚିମବଙ୍ଗ ଓ ଉତ୍ତରପ୍ରଦେଶ ସମେତ ଦେଶର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଚାଷୀ ଯୋଗଦେଇଛନ୍ତି। ନୂଆଦିଲ୍ଲୀର ରାମଲିଲା ମଇଦାନରୁ ଗୁରୁବାର ଦୁଇଦିନିଆ ବିକ୍ଷୋଭ ସମାବେଶ ଆରମ୍ଭ ହୋଇଛି। ଅଖିଳ ଭାରତୀୟ କିଷାନ ସଂଘର୍ଷ ସମନ୍ୱୟ ସମିତି (ଏଆଇକେଏସ୍‌ସିସି) ବ୍ୟାନରରେ ଏକାଠି ହୋଇଥିବା ୨୦୭ ସଙ୍ଗଠନର ଚାଷୀମାନେ ଶୁକ୍ରବାର ପାର୍ଲାମେଣ୍ଟ ଷ୍ଟ୍ରିଟ୍‌କୁ ଶୋଭାଯାତ୍ରାରେ ଯାଇ ସେମାନଙ୍କ ଦାବି ନେଇ ସ୍ୱର ଉଠାଇବେ। ତାମିଲନାଡୁର ଚାଷୀମାନେ ଆତ୍ମହତ୍ୟା କରିଥିବା ୨ ସାଥୀ କୃଷକଙ୍କ ଖପୁରି ଧରି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ଶୁକ୍ରବାର ପାର୍ଲାମେଣ୍ଟକୁ ଯିବାକୁ ଦିଆ ନ ଗଲେ ସେମାନେ ଉଲଗ୍ନ ଶୋଭାଯାତ୍ରା କରିବାକୁ ଚେତାବନୀ ଦେଇଛନ୍ତି।



## ମରାଠା ସଂରକ୍ଷଣ ବିଲ୍ ପାସ୍

**ମୁମ୍ବାଇ,୨୯।୧୧(ପି.ଟି.)**

ସାମାଜିକ ଏବଂ ଅର୍ଥନୈତିକ ପଛୁଆ ବର୍ଗର ମରାଠାମାନଙ୍କ ଲାଗି ପ୍ରସ୍ତାବିତ ୧୬ ପ୍ରତିଶତ ସ୍ଥାନ ସଂରକ୍ଷଣ ବିଲ୍ ଗୁରୁବାର ମହାରାଷ୍ଟ୍ର ବିଧାନସଭାରେ ସର୍ବସମ୍ମତି କ୍ରମେ ଗୃହୀତ ହୋଇଛି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ଏହି ବିଲ୍ ଆଗତ କରିଥିଲେ। ଏହାକୁ ଗୃହୀତ କରାଇବାରେ ବିରୋଧୀ ଦଳର ସମର୍ଥନ ଲାଗି ସେ ଧନ୍ୟବାଦ ଜଣାଇଛନ୍ତି। ଶିକ୍ଷାନୁଷ୍ଠାନରେ ନାମଲେଖା ଏବଂ ସରକାରୀ ଚାକିରି କ୍ଷେତ୍ରରେ ପଛୁଆ ବର୍ଗର ମରାଠାମାନଙ୍କୁ ଏହି ସ୍ଥାନ ସଂରକ୍ଷଣ ସୁବିଧା ମିଳିବ। ମହାରାଷ୍ଟ୍ରରେ ମରାଠାମାନେ ସାମାଜିକ ଏବଂ ଶିକ୍ଷାଗତ କ୍ଷେତ୍ରରେ ପଛୁଆ ଘୋଷିତ ହୋଇଛନ୍ତି। ରାଜ୍ୟରେ ଚାକିରି କ୍ଷେତ୍ରରେ ସେମାନଙ୍କର ଯଥେଷ୍ଟ ପ୍ରତିନିଧିତ୍ୱ ନ ଥିବା ରାଜ୍ୟ ପଛୁଆ ବର୍ଗ ଆୟୋଗ ତାଙ୍କ ରିପୋର୍ଟରେ ଦର୍ଶାଇଥିଲେ। ସମ୍ବିଧାନର ଧାରା ୧୫(୪) ଏବଂ ୧୬(୪) ଅନୁଯାୟୀ ସେମାନେ ସଂରକ୍ଷଣ ସୁବିଧା ପାଇବା ଲାଗି ହକ୍‌ଦାର ବୋଲି ଉକ୍ତ ଆୟୋଗ ମତ ଦେଇଥିଲେ। ମହାରାଷ୍ଟ୍ର ଜନସଂଖ୍ୟାର ୩୦ ପ୍ରତିଶତ ମରାଠା ହୋଇଥିଲାବେଳେ ସେମାନେ ଦୀର୍ଘଦିନରୁ ସରକାରୀ ଚାକିରି କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ଦାବି କରିଆସୁଥିଲେ। ଏଥିପାଇଁ ଗତ ଜୁଲାଇ ଓ ଅଗଷ୍ଟରେ ହୋଇଥିବା ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିଲା।

---

## ଫୁର୍‌ସତ

### ଦେଶର ପ୍ରଥମ ପେଚା ଉତ୍ସବ

**ପୁଣେ:**



ପ୍ରଥମ କରି ଦେଶରେ ଏକ ପେଚା ଉତ୍ସବ ଗୁରୁବାର ପୁଣେର ପୁରନ୍ଦର ତାଲୁକା ଅନ୍ତର୍ଗତ ପିଙ୍ଗୋରି ଗାଁରେ ପାଳିତ ହୋଇଛି। ଏହା ନଭେମ୍ବର ୨୯ ଓ ୩୦ ଦୁଇଦିନ ଧରି ଚାଲିବ। ପ୍ରକୃତି ସଂରକ୍ଷଣ ପାଇଁ କାର୍ଯ୍ୟକରୁଥିବା ଏକ ସ୍ୱେଚ୍ଛାସେବୀ ସଂଗଠନ 'ଏଲା ଫାଉଣ୍ଡେଶନ୍' ଦ୍ୱାରା ଏହା ଆୟୋଜିତ ହୋଇଛି। ପେଚା ସଂରକ୍ଷଣ ଉପରେ ଏହା ସୂଚନା ପ୍ରଦାନ କରିବ। ଏଥିପାଇଁ ପେଚାର ଛବି, ଚିତ୍ରକଳା, ଲଣ୍ଠନ, ବିଜୁଳିବତି, ପୋଷ୍ଟର, ବିଭିନ୍ନ ଲେଖା, କବିତା ଓ ଗପ ଆଦି ସ୍ଥାନ ପାଇଛି। ପ୍ରଥମ କରି ପାଳନ କରାଯାଉଥିବା ଏଭଳି ଉତ୍ସବର ଉଦ୍ଦେଶ୍ୟ ପେଚା ସମ୍ପର୍କରେ ସଚେତନତା ସୃଷ୍ଟି କରିବା। ପେଚା ଏକ ଅଶୁଭ ସଂକେତ ବୋଲି ଲୋକଙ୍କ ମନରେ ଅନ୍ଧବିଶ୍ୱାସ ରହିଛି। ଏହା ଏକ ପକ୍ଷୀ। ଏହାର ସଂରକ୍ଷଣ ଜରୁରୀ ବୋଲି ଏଲା ଫାଉଣ୍ଡେଶନ୍ ନିର୍ଦ୍ଦେଶକ ତଥା ସାବିତ୍ରୀବାଈ ଫୁଲେ ପୁଣେ ୟୁନିଭର୍ସିଟିର ଅର୍ନିଥୋଲୋଜି ପ୍ରଫେସର ଡକ୍ଟର ସତୀଶ ପାଣ୍ଡେ ପ୍ରକାଶ କରିଛନ୍ତି।

### ପିଏସ୍‌ଏଲ୍‌ଭି-ସି-୪୩ ରକେଟ୍ ଉତ୍କ୍ଷେପଣ

# କକ୍ଷପଥରେ 'ହାଇସିସ୍'

**ଶ୍ରୀହରିକୋଟା(ଆନ୍ଧ୍ରପ୍ରଦେଶ):**

ଭାରତ ପୁଣିଥରେ ରଚିଛି ଇତିହାସ। ଗୁରୁବାର ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ ଗବେଷଣା କେନ୍ଦ୍ରରୁ ସଫଳତାର ସହିତ ବିରଳ ଉପଗ୍ରହ ହାଇସିସ୍(ହାଇପର୍ ଇମେଜିଂ ସାଟେଲାଇଟ୍)ର ଉତ୍କ୍ଷେପଣ କରିଛି। ପିଏସ୍‌ଏଲ୍‌ଭି-ସି-୪୩ ରକେଟ ସହାୟତାର ଏହାକୁ ଉତ୍କ୍ଷେପଣ କରାଯାଇଛି। ଏହା ସହିତ ଅନ୍ୟ ୩୦ଟି ଉପଗ୍ରହ ମଧ ଉତ୍କ୍ଷେପଣ ହୋଇଛି। ସେଥିମଧ୍ୟରେ ଆମେରିକାର ୨୩ଟି ଉପଗ୍ରହ ରହିଛି। ଏହାର ସୁପର ଶାର୍ପ ଆଇ ରହିଛି। ଆଗାମୀ ୫ ବର୍ଷ ପାଇଁ ଏହା କାର୍ଯ୍ୟକରିବ ବୋଲି ଇସ୍ରୋ ଅଧ୍ୟକ୍ଷ ଡ. କେ. ଶିବନ୍ ସୂଚନା ଦେଇଛନ୍ତି।



ପିଏସ୍‌ଏଲ୍‌ଭି ପ୍ରଥମେ ହାଇସିସ୍‌କୁ ଏବଂ ପରେ ୩୦ଟି ବିଦେଶୀ ଉପଗ୍ରହକୁ କକ୍ଷପଥରେ ସ୍ଥାପନ କରିଥିଲା। ପୂର୍ବାହ୍ନ ୯ଟା ୫୮ ମିନିଟ୍‌ରେ ୪୪.୪ମିଟର ଲମ୍ବ ଏବଂ ୨୩୦ଟନ୍ ଓଜନ ବିଶିଷ୍ଟ ପିଏସ୍‌ଏଲ୍‌ଭି ରକେଟ୍ ଶ୍ରୀହରିକୋଟାର ପ୍ରଥମ ଲଞ୍ଚପ୍ୟାଡ୍‌ରେ ଅଗ୍ନିସଂଯୋଗ କରାଯିବା ପରେ ଏହା କମଳାରଙ୍ଗର ଅଗ୍ନିଶିଖା ଛାଡି ଉପରକୁ ଉଠିଥିଲା। ହାଇସିସ୍‌କୁ ୬୩୬କିଲୋମିଟର ପୋଲାର ସନ୍ ସାଇକ୍ରୋନସ୍ ଅର୍‌ବିଟ୍‌ରେ ସ୍ଥାପନ କରାଯାଇଛି। ଅନ୍ୟ ୩୦ଟି ବିଦେଶୀ ଉପଗ୍ରହକୁ ୫୦୪କି.ମି. କକ୍ଷପଥରେ ଅବସ୍ଥାନ କରାଯାଇଥିଲା। ତନ୍ମଧ୍ୟରୁ ଆମେରିକାର ୨୩ଟି ଉପଗ୍ରହ ହୋଇଥିବା ବେଳେ ଅନ୍ୟଗୁଡ଼ିକ ଅଷ୍ଟ୍ରେଲିଆ, କାନାଡା, କଲମ୍ବିଆ, ଫିନ୍‌ଲ୍ୟାଣ୍ଡ, ମାଲେସିଆ, ନେଦରଲାଣ୍ଡ ଏବଂ ସ୍ପେନ୍‌ର। ପୃଥିବୀର ପୃଷ୍ଠଭୂମି ବିଷୟରେ ତଥ୍ୟ ସଂଗ୍ରହ କରିବା ହାଇସିସ୍‌ର ପ୍ରଥମ ଲକ୍ଷ୍ୟ। ଏହା ବୈଜ୍ଞାନିକଙ୍କ ବିଶେଷ ଉଦ୍ଦେଶ୍ୟସାଧନ କରିପାରିବ।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୯ | ୧୬.୧ |
| ଚାନ୍ଦବାଲି | ୨୯.୫ | ୧୮.୦ |
| କଟକ | ୩୦.୦ | ୧୬.୨ |
| ପାରାଦ୍ୱୀପ | ୨୯.୬ | ୧୮.୭ |
| ଭୁବନେଶ୍ୱର | ୩୧.୧ | ୧୭.୦ |
| ଗୋପାଳପୁର | ୩୧.୬ | ୧୭.୬ |
| ପୁରୀ | ୩୦.୪ | ୧୮.୬ |
| ଅନୁଗୋଳ | ୨୮.୩ | ୧୩.୦ |
| ବାରିପଦା | ୨୭.୪ | ୧୬.୪ |
| ଝାରସୁଗୁଡ଼ା | ୨୯.୦ | ୧୪.୬ |
| କେନ୍ଦୁଝର | ୨୬.୫ | ୧୩.୫ |
| ସମ୍ବଲପୁର | ୩୦.୨ | ୧୪.୬ |
| ସୁନ୍ଦରଗଡ଼ | ୨୮.୦ | ୧୩.୦ |
| ହୀରାକୁଦ | ୨୯.୨ | ୧୫.୧ |
| ତାଲଚେର | ୩୧.୮ | ୧୩.୩ |
| ଭବାନୀପାଟଣା | ୩୦.୦ | ୧୩.୨ |
| ବଲାଙ୍ଗୀର | ୨୯.୫ | ୧୪.୦ |
| କୋରାପୁଟ | ୨୭.୬ | ୧୩.୦ |
| ଫୁଲବାଣୀ | --- | ୦୮.୫ |
| ଟିଟିଲାଗଡ଼ | --- | ୧୩.୦ |
| ମାଲକାନଗିରି | ୩୨.୦ | --- |
| ସୋନପୁର | ୨୯.୮ | ୧୩.୪ |
| ଦାରିଙ୍ଗିବାଡ଼ି | ୨୬.୦ | ୧୧.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ଦୀପିକାଙ୍କ ୱେଡିଂ ରିସେପ୍‌ଶନ୍

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍ ମୁମ୍ବାଇରେ ବିବାହ ଭୋଜି ଦେଇଛନ୍ତି। ଫୁଲ ଓ ଆଲୋକମାଳାର ଝଲକ, ବଲିଉଡ୍‌ର ପୁରୁଣା ଗୀତ ଓ ନୃତ୍ୟର ଆଡମ୍ବରରେ ଦୀପିକା-ପାଦୁକୋନ୍‌ଙ୍କ ହସହସ ମୁହଁ ରିସେପ୍‌ଶନ୍ ପାର୍ଟିକୁ କରିଥିଲା ଆହୁରି ସୌନ୍ଦର୍ଯ୍ୟମୟ। ନବବିବାହିତ ଦମ୍ପତି ରିସେପ୍‌ଶନ ପାର୍ଟିରେ ହଜାରରୁ ଊର୍ଦ୍ଧ୍ୱ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଉକ୍ତ ଦମ୍ପତି ଦୀର୍ଘ ୫ଘଣ୍ଟା ଦଣ୍ଡାୟମାନ ହୋଇ ପ୍ରାୟ ୧୨୦୦ ଆଗନ୍ତୁକଙ୍କୁ ସାକ୍ଷାତ କରୁଥିଲେ। ଏଥିରେ ଉଭୟଙ୍କ ପରିବାର ସଦସ୍ୟ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ମଧ ସାମିଲ ହୋଇଥିଲେ।

ନଭେମ୍ବର ୧୪ ଓ ୧୫ରେ ଇଟାଲିର ଲେକ୍ କୋମୋରେ ଟେନିସ୍ ଖେଳାଳି ପ୍ରକାଶ ପାଦୁକୋନ୍‌ଙ୍କ କନ୍ୟା ଦୀପିକା ଏବଂ ଅଭିନେତା ରଣବୀର ସିଂଙ୍କ ମଧ୍ୟରେ ଶୁଭ ପରିଣୟ ଅନୁଷ୍ଠିତ ହୋଇଥିଲା। ଏହାର ସପ୍ତାହକ ପରେ ବେଙ୍ଗାଲୁରୁଠାରେ ବିବାହ ଭୋଜି ଆୟୋଜିତ ହୋଇଥିଲା। ଡିସେମ୍ବର ୧ରେ ବଲିଉଡ୍ କଳାକାରଙ୍କ ନିମନ୍ତେ ଏକ ପୃଥକ୍ ଭୋଜି ଆୟୋଜନ କରାଯାଉଛି। ପରଦାରେ ଅଭିନୟ କରୁଥିବା ଏବଂ ପ୍ରଚ୍ଛଦପଟରେ ରହୁଥିବା କଳାକାରଙ୍କୁ ମଧ ଏଥିପାଇଁ ନିମନ୍ତ୍ରଣ କରାଯାଇଛି। ଡିସେମ୍ବରରେ ରଣବୀର କର୍ମକ୍ଷେତ୍ରକୁ ଫେରି ରୋହିତ ଶେଟ୍ଟୀଙ୍କ 'ସିମ୍ବା'ରେ କାର୍ଯ୍ୟ କରିବେ। ସେହିପରି ଦୀପିକା ଜାନୁୟାରୀରେ ପୁଣି ଅଭିନୟ ଦୁନିଆକୁ ଫେରିବେ। ଏହି ଯୋଡ଼ି ଏକାଧିକ ଫିଲ୍ମରେ ଅଭିନୟ କରି ଦର୍ଶକଙ୍କ ମନ ଜିଣିପାରିଛନ୍ତି।



## ସଂକ୍ଷେପରେ

### ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କ କ୍ରୀଡ଼ା, ସାଂସ୍କୃତିକ ପ୍ରତିଯୋଗିତା

**ଚାନ୍ଦବାଲି, ୨୯।୧୧ (ଡି.ଏନ.ଏ.):** ଚାନ୍ଦବାଲି ବ୍ଲକସ୍ତରୀୟ ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା ଦାଖା ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଦେଢ଼ ଶହ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଦୌଡ଼, ଆଳୁଦୌଡ, ଚିତ୍ରାଙ୍କନ, ଗୀତ, ନୃତ୍ୟ ଓ ସଙ୍ଗୀତ ଚୌକି ପ୍ରତିଯୋଗିତା ହୋଇଥିଲା। ସିଆର୍‌ସିସି ରବୀନ୍ଦ୍ର ନନ୍ଦୀ ସଭାପତିତ୍ୱ କରିଥିଲେ। ବିଇଓ ପ୍ରଣୟ ନାୟକ, ପ୍ରଧାନଶିକ୍ଷୟିତ୍ରୀ ସୁନନ୍ଦା ରାଉତ, ଏବିଇଓ ମଞ୍ଜୁଳାବାଳା ନାୟକ, ପ୍ରଫୁଲ୍ଲ ଦାସ, ପ୍ରଶିକ୍ଷକ ସୂର୍ଯ୍ୟକାନ୍ତ ମହାନ୍ତି ଓ ମଞ୍ଜୁଳାବାଳା ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ସିଆର୍‌ସିସି ଲଲାଟେନ୍ଦୁ ପୁହାଣ, ଅଜୟ ମହାଳିକ, ଅଶୋକ ଦାସ, ପ୍ରଭାକର ସାମଲ ପ୍ରମୁଖ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀ ଡିସେମ୍ବର ୩ ତାରିଖରେ ବିଶ୍ୱ ଭିନ୍ନକ୍ଷମ ଦିବସରେ ଭଦ୍ରକ ଶହୀଦ ସ୍ମୃତି ଭବନ ପରିସରରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ସୂଚନା ଦିଆଯାଇଛି।

### କୃଷି ଟୁଙ୍ଗି ଉଦ୍‌ଘାଟିତ

**ଭଦ୍ରକ ଅଫିସ, ୨୯।୧୧:** ତିହିଡ଼ି ବ୍ଲକର ଦେଉଳା ଗ୍ରାମରେ ଭାଗୀରଥି କୃଷି ଟୁଙ୍ଗି ଉଦ୍‌ଘାଟିତ ହୋଇଯାଇଛି। କୃଷି କବି ଅରୁଣ କୁମାର ପାତ୍ରଙ୍କ ବ୍ୟକ୍ତିଗତ ଉଦ୍ୟମରେ ଏଭଳି କୃଷି ଟୁଙ୍ଗି ଗଠନ କରାଯାଉଛି। ସହକାରୀ କୃଷି ଅଧିକାରୀ ଲକ୍ଷ୍ମୀଧର ସାହୁ ମୁଖ୍ୟଅତିଥି, ସାରସ୍ୱତ ସଂଗଠକ ଅକ୍ଷୟ କୁମାର ବାରିକ ଓ ଅଧ୍ୟାପିକା ଆରତି ଜେନା ଅନ୍ୟତମ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କବି ପାତ୍ର ଆବାହକ ଭାବେ ଯୋଗଦେଇ ପ୍ରତି କୃଷି ଟୁଙ୍ଗୀକୁ ମାଗଣାରେ କୃଷିଭିତ୍ତିକ ପୁସ୍ତକ, ଅଡିଓ ସିଡି ଓ କୃଷି ପତ୍ରପତ୍ରିକା ଯୋଗାଇଦେବା ସାଙ୍ଗକୁ ଚାଷୀଙ୍କୁ ବିଭିନ୍ନ କୃଷି ପଦ୍ଧତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଟୁଙ୍ଗି ଦ୍ୱାରା କୃଷକମାନେ ବିଭିନ୍ନ କୃଷି ଜ୍ଞାନ ଲାଭ କରି ଚାଷ କାର୍ଯ୍ୟରେ ଅଗ୍ରଗତି କରିପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସୁନୀଲ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ କୃଷିଭିତ୍ତିକ ଗୀତ ପରିବେଷଣ କରାଯାଇଥିଲା।

### ଦୋକାନ ଜଳିଗଲା

ପଦ୍ମପୁର, ୨୯।୧୧ (ଡି.ଏନ.ଏ.) - ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଚାନ୍ଦିମାଳ ଛକଠାରେ ଥିବା ଦୀନବନ୍ଧୁ ସେଠୀଙ୍କ ପରିବା ଦୋକାନ ଗୁରୁବାର ଅପରାହ୍ନରେ ନିଆଁ ଲାଗି ଜଳିଯାଇଛି। ବାସୁଦେବପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ୧୮ ପ୍ରତିଭା ପୁରସ୍କୃତ

**ତିହିଡ଼ି, ୨୯।୧୧ (ଡି.ଏନ.ଏ.):** ତିହିଡ଼ି ବ୍ଲକ ବାରୋ ଓ ସାହାପୁର ପଞ୍ଚାୟତରେ ବିଜୁ ଯୁବବାହିନୀ ପକ୍ଷରୁ 'ମୁଁ ହିରୋ ମୁଁ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୁଇ ପଞ୍ଚାୟତରେ ଯୁବତୀ ଯୁବକଙ୍କ ମଧ୍ୟରେ ନୃତ୍ୟ, ଗୀତ, ଏକକ ଅଭିନୟ, ଚିତ୍ରାଙ୍କନ, ଝୋଟି ଓ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ମୋଟ ୨୩୦ ପ୍ରତିଯୋଗୀଙ୍କ ମଧ୍ୟରୁ ୧୮ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ବାରୋଠାରେ ଆୟୋଜିତ ସଭାରେ ପୂର୍ବତନ ସରପଞ୍ଚ ହରେକୃଷ୍ଣ ଜେନା ପୌରୋହିତ୍ୟ କରିଥିଲେ। ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ ମୁଖ୍ୟଅତିଥି, ଜିଲା ପରିଷଦ ସଭ୍ୟ ଚିନ୍ତାମଣି ଦାସ ଓ କମଳାକାନ୍ତ ଦାସ, ଶିକ୍ଷାବିତ୍ ଲକ୍ଷ୍ମୀକାନ୍ତ ମହାପାତ୍ର, ସମିତିସଭ୍ୟ ପ୍ରଦୀପ ମହାଳିକ, ଯୁବବାହିନୀର ବ୍ଲକ ସଂଯୋଜକ ପ୍ରଶାନ୍ତ ଖଟୁଆ, ବ୍ଲକ ମଙ୍ଗଳ ଅଧିକାରୀ ଜ୍ଞାନେନ୍ଦ୍ର ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଯୁବବାହିନୀ ସଭାପତି ଧନଞ୍ଜୟ ନାୟକ, ସମ୍ପାଦକ ଅରବିନ୍ଦ ମଳିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାହାପୁର ପଞ୍ଚାୟତରେ କାର୍ଯ୍ୟକ୍ରମରେ ସରପଞ୍ଚ ବଳଭଦ୍ର ମାଠ ପୌରୋହିତ୍ୟ କରିଥିଲେ। ସାମାଜିକ କର୍ମୀ ରତ୍ନାକର ଡାଙ୍ଗୁଆ ମୁଖ୍ୟଅତିଥି, ଶିକ୍ଷାବିତ୍ ଭାଗୀରଥି ଆଚାର୍ଯ୍ୟ, ଅଜୟ ସାହୁ, ଜଗନ୍ନାଥ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଯୁବବାହିନୀ ସଭାପତି ପରେଶ ମହାନ୍ତି ଓ ସମ୍ପାଦକ ନରେନ୍ଦ୍ର ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସମବାୟ ବ୍ୟାଙ୍କରେ ଅଚଳାବସ୍ଥା

## ସମସ୍ୟା ସମାଧାନ ନ ହେଲେ କାର୍ଯ୍ୟବନ୍ଦ ଚେତାବନୀ

**ବନ୍ତ, ୨୯।୧୧ (ଡି.ଏନ.ଏ.)**

ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ବନ୍ତ ଶାଖାରେ ପରିଚାଳକଙ୍କ ଅନୁପସ୍ଥିତି ଯୋଗୁ ଅଚଳାବସ୍ଥା ଦେଖାଦେଇଛି। ବିଭିନ୍ନ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ନ ହେଲେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ବିଭିନ୍ନ ସେବା ସମବାୟ ସମିତି ସଭାପତି ଓ ସମ୍ପାଦକ ଚେତାବନୀ ଦେଇଛନ୍ତି। ଅଭିଯୋଗ ହୋଇଛି ଯେ, ବିବିସିସି ବ୍ୟାଙ୍କ ବନ୍ତ ଶାଖାର କାର୍ଯ୍ୟରତ ପରିଚାଳକଙ୍କୁ କୌଣସି କାରଣ ନ ଥାଇ ୬ ମାସ ମଧ୍ୟରେ ଅନ୍ୟତ୍ର ବଦଳି କରାଯାଇଥିଲା। ତାଙ୍କ ସ୍ଥାନରେ ନୂତନ ପରିଚାଳକଙ୍କୁ ଗତ ନଭେମ୍ବର ୧ ତାରିଖରେ ଅବସ୍ଥାପିତ କରାଯାଇଥିଲା। ଏକ ମାସ ହେବ ସମ୍ପୃକ୍ତ ପରିଚାଳକ ନିଯୁକ୍ତି ପାଇଥିଲେ ମଧ୍ୟ ଅଧିକାଂଶ ସମୟରେ ବ୍ୟାଙ୍କରେ ଅନୁପସ୍ଥିତ ରହୁଛନ୍ତି। ଫଳରେ ଉକ୍ତ ଶାଖାରୁ ୨୦୦ରୁ ଊର୍ଦ୍ଧ୍ୱ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଦୂରେଇ ଯିବାକୁ ବସିଛନ୍ତି। ସେହିପରି ବିଭିନ୍ନ ସମବାୟ ସମିତିରେ ଋଣ କାରବାର ଏକପ୍ରକାର ଠପ୍ ହୋଇଯାଇଛି। ଏ ସମ୍ପର୍କରେ ବିବିସିସି ବ୍ୟାଙ୍କ ସଭାପତି ଓ ଜୋନ୍ ପରିଚାଳକଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଆସନ୍ତା ୭ ଦିନ ମଧ୍ୟରେ ଏହି ସମସ୍ୟାର ସ୍ଥାୟୀ ସମାଧାନ ନ ହେଲେ ସମସ୍ତ ସେବା ସମବାୟ ସମିତିରେ ତାଲା ପକାଯିବ। ଏଥିସହ ଆଗାମୀ ଦିନରେ ଧାନ କିଣାବିକାକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବାକୁ ଚେତାବନୀ ଦିଆଯାଇଛି। ବିଭିନ୍ନ ସେବା ସମବାୟ ସମିତି ସଭାପତି ଜଗନ୍ନାଥ ପାଣିଗ୍ରାହୀ, ହୃଷୀକେଶ ସାହୁ, ବସନ୍ତ ବେହେରା, ସୂର୍ଯ୍ୟନାରାୟଣ ଜେନା, ବିଜୟ କୁମାର ନାୟକ, ଜୟନ୍ତ ସାମଲ, ସରୋଜ ଭୁୟାଁ, ପ୍ରେମାନନ୍ଦ ନାୟକଙ୍କ ସମେତ ସମ୍ପାଦକ ସେକ୍ ଗୋଲାମ, କାର୍ତ୍ତିକ ଚନ୍ଦ୍ର ଘଡେଇ ପ୍ରମୁଖ ଭୁବନେଶ୍ୱର ରେଜିଷ୍ଟ୍ରାର, ଭଦ୍ରକ ଜିଲାପାଳ, ବାଲେଶ୍ୱର ଡିଆର୍‌ସିଏସ୍, ବିବିସିସି ବ୍ୟାଙ୍କ ସଭାପତି ଓ ସମ୍ପାଦକ, ଭଦ୍ରକ ଏଆର୍‌ସିଏସ୍‌ଙ୍କ ନିକଟରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି।

# ସିଟି ଛାତ୍ରୀଛାତ୍ରଙ୍କ ଧାରଣା



ଆଗରପଡାସ୍ଥିତ ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଫାଟକ ଆଗରେ **ଛାତ୍ରୀଛାତ୍ର ଧାରଣା ଦେଇଛନ୍ତି।**

**ବନ୍ତ, ୨୯।୧୧ (ସ୍ୱ.ପ୍ର.)**

ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି ବନ୍ତ ବ୍ଲକ ଆଗରପଡାସ୍ଥିତ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ସିଟି ଛାତ୍ରୀଛାତ୍ର ଗୁରୁବାର ପ୍ରତିଷ୍ଠାନ ଫାଟକ ଆଗରେ ୩ ଦଫା ଦାବିରେ ଧାରଣାରେ ବସିଥିଲେ। ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଏନ୍‌ଆଇଓଏସ୍) ସିଷ୍ଟମରେ ଓଟିଇଟି ପରୀକ୍ଷା ବନ୍ଦ, ରେଗୁଲାର କୋର୍ସ ସହିତ ସମାନତା ଦିଆ ନ ଯିବା, ରେଗୁଲାର ପ୍ରଶିକ୍ଷାର୍ଥୀଙ୍କ ଅଧିକାରକୁ କ୍ଷୁଣ୍ଣ କରା ନ ଯିବାକୁ ସେମାନେ ଦାବି କରିଥିଲେ। ରେଗୁଲାର ଛାତ୍ରୀଛାତ୍ର ୨ ବର୍ଷିଆ ଶିକ୍ଷା ଗ୍ରହଣ ସାରିବା ପରେ ଓଟିଇଟି ପରୀକ୍ଷା ଦେଉଥିବା ବେଳେ ଅନ୍ୟମାନେ ସିଧାସଳଖ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ମାଧ୍ୟମରେ ପରୀକ୍ଷା ଦେଉଛନ୍ତି। ସେମାନଙ୍କୁ ଓଟିଇଟିରେ ସାମିଲ କରି ନିଯୁକ୍ତି ପ୍ରଦାନ କରାଗଲେ ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ମାନ ହ୍ରାସ ପାଇବ ବୋଲି ପ୍ରତାପ ଦାସ, ପ୍ରଜ୍ଞାପ୍ରଭା କୁଅଁର, ବୀରେନ୍ଦ୍ର ନାୟକ, ପ୍ରଜ୍ଞା ପ୍ରତିଭା ନାୟକ, ଜଗବନ୍ଧୁ ବେହେରା ପ୍ରମୁଖ ଅଭିଯୋଗ କରିଥିଲେ।

## କଂଗ୍ରେସରେ ବିଜେଡି, ଭାଜପା କର୍ମୀ

**ଭଦ୍ରକ ଅଫିସ, ୨୯।୧୧**

ଭଦ୍ରକ ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଉପସ୍ଥିତିରେ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ବିଧାନସଭା କ୍ଷେତ୍ରର ବହୁ ବିଜେଡି କର୍ମୀ ଦଳ ଛାଡ଼ି କଂଗ୍ରେସରେ ଯୋଗ ଦେଇଛନ୍ତି। ସେହିପରି ଭାଜପାର ବହୁ କର୍ମୀ ମଧ୍ୟ କଂଗ୍ରେସରେ ସାମିଲ ହୋଇଛନ୍ତି। ଜିଲା କାର୍ଯ୍ୟକାରୀ ସଭାପତି ନଳିନୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ରାଜନ ଲାହା, ସେକ୍ ନୁର ମହମ୍ମଦ, ଶଙ୍କର ସେନ, ମନୋଜ କୁମାର ଲାହା, ବାପୁନି ଲାହା, ନିରଞ୍ଜନ ଦେ, ସତ୍ୟବ୍ରତ ଲାହା, ମଧୁସୂଦନ ଦାସ, ସେକ ରଜୋ, ସନୱାର ହୁସେନ ଖାନ ପ୍ରମୁଖ ଶତାଧିକ କର୍ମୀ କଂଗ୍ରେସରେ ଯୋଗ ଦେଇଛନ୍ତି। ପିସିସି ସଭାପତି ପଟ୍ଟନାୟକ ସେମାନଙ୍କୁ ଦଳକୁ ସ୍ୱାଗତ କରିଥିଲେ। ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ କର୍ମୀମାନେ ଏକଜୁଟ ହେଲେ ଅନ୍ୟ ଦଳରୁ କଂଗ୍ରେସକୁ କର୍ମୀଙ୍କ ସୁଅ ଛୁଟିବ ଓ ବହୁ କର୍ମୀଙ୍କ ଘର ବାହୁଡା ବି ହେବ ବୋଲି କହିଥିଲେ। ବରିଷ୍ଠ ନେତା ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଜିଲା କଂଗ୍ରେସ ସଭାପତି ଅଶୋକ ଦାସ, ପୂର୍ବତନ ବିଧାୟକ ନରେନ ପଲେଇ ଓ ପଞ୍ଚାନନ ମଣ୍ଡଳ, ପିସିସି ସାଧାରଣ ସମ୍ପାଦକ ଆକବର ଅଲ୍ଲୀ, ଦିଲୀପ ନାୟକ, ପିସିସି ସମ୍ପାଦକ ଶୁଭେନ୍ଦୁ ରାୟ ମହାପାତ୍ର, ମୁକ୍ତାର ଖାଁ, ସେକ୍ ଗୁଲାମୟୁଦ୍ଦିନ, ଅସରଫ ଅଲ୍ଲୀ ଖାନ, ସେକ୍ ସମଦାନୀ, ଆଶିଷ ରାଉତ, ସେକ ବୁଗଦାଦ, ଛାତ୍ରନେତା ବଳରାମ ରାଉତ, ହେମନ୍ତ ମହାପାତ୍ର, ଯାଦବ ନେତା ପ୍ରକାଶଜ୍ୟୋତି ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ।

## ନାଟକ ମହୋତ୍ସବ ଉଦ୍‌ଘାଟିତ

# 'ରୁଚି ବଦଳିଛି, ମୌଳିକତା ହଜିନି'

**ଭଦ୍ରକ ଅଫିସ, ୨୯।୧୧**



**ନାଟକ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ।**

ଭଦ୍ରକ ଟାଉନ ହଲ୍ ପରିସରରେ ୩ ଦିନିଆ ନାଟକ ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଭଦ୍ରକର ସଙ୍କେତ, ସମତାର ସ୍ୱର ସବୁଜ ଓ ସଞ୍ଚାର ନାଟ୍ୟ ଅନୁଷ୍ଠାନର ମିଳିତ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗୁରୁବାର ଶୀତୁଆ ସନ୍ଧ୍ୟାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲାପାଳ ଜ୍ଞାନରଞ୍ଜନ ଦାସ ଯୋଗଦେଇ କହିଥିଲେ, ନାଟକ ପ୍ରତି ଦର୍ଶକଙ୍କ ରୁଚି ବଦଳିଛି। ହେଲେ ଅଧିକାଂଶ ନାଟକ ଏବେ ବି ମୌଳିକତା ବଜାୟ ରଖିଛି। ଆଧୁନିକତାର ଛାପ ଯେତେ ଅଧିକ ଥିଲେ ବି ନାଟକର ନିଆରା ଦର୍ଶକ ରହିଥିବା ଜିଲାପାଳ ବକ୍ତବ୍ୟ ରଖିଥିଲେ। ସାହିତ୍ୟିକ ଡ. ରାଧାବିନୋଦ ନାୟକ, ଡ. ଦୀନବନ୍ଧୁ ଦାସ, ନାଟ୍ୟ ଗବେଷକ ଡ. ଶଶଧର ଦାସ ପ୍ରମୁଖ ଯୋଗ ଦେଇଥିଲେ। ନାଟ୍ୟ ନିର୍ଦ୍ଦେଶକ ବାଦଲ ସିକ୍‌ଦାର ସଭାପତିତ୍ୱ କରିଥିବା ବେଳେ ଆଇନଜୀବୀ ଅତିସ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ବାଲେଶ୍ୱରର ରୂପାୟନ କଳାକାରଙ୍କ ଦ୍ୱାରା ସୁରଞ୍ଜନ ଦାଶ ମହାପାତ୍ରଙ୍କ ପରିଚାଳନାରେ ଡ. ପ୍ରଦୀପ ଭୌମିକଙ୍କ ରଚନା ତରୁଣ ବିଶ୍ୱାଳଙ୍କ ନିର୍ଦ୍ଦେଶନାରେ 'ବେକାର ଝମେଲା' ନାଟକ ପରିବେଷଣ ହୋଇଥିଲା।

## ହୃଦ୍‌ଘାତରେ ଚାଷୀ ମୃତ

**ଆରଡି, ୨୯।୧୧ (ଡି.ଏନ.ଏ.)**

ଚାନ୍ଦବାଲି ବ୍ଲକ ସୁନ୍ଦରପୁର ପଞ୍ଚାୟତର ଗୟାଧର ସାହୁ(୫୫) ବୁଧବାର ରାତିରେ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ସେ ବିଲରେ ଧାନ କାଟୁଥିବା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ପ୍ରଥମେ ଏକ ଘରୋଇ ଡାକ୍ତରଖାନା ଓ ପରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ମୃତ୍ୟୁ ଖବର ପାଇ ପୂର୍ବତନ ଜିଲା ପରିଷଦ ସଭ୍ୟ ଅଜୟ ନାୟକ, ନାନ୍ଦପୁରର ପୂର୍ବତନ ସରପଞ୍ଚ ସରୋଜ ଦାସ, ପ୍ରଫୁଲ୍ଲ ନାୟକ, ସରୋଜ ବିଶ୍ୱାଳ, ପ୍ରଫୁଲ୍ଲ ବେହେରା ପ୍ରମୁଖ ଶେଷ ଦର୍ଶନ କରିଥିଲେ।

# ବୁଥ୍‌ସ୍ତରରେ ସଙ୍ଗଠନ ମଜ୍‌ଭୁତ ଲାଗି ଗୁରୁତ୍ୱ

**ବନ୍ତ, ୨୯।୧୧ (ସ୍ୱ.ପ୍ର.)**

ବନ୍ତ ବ୍ଲକ ଆଗରପଡ଼ାଠାରେ ଭାଜପା ପକ୍ଷରୁ ଜୋନସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କର୍ମୀ ନରୋତ୍ତମ ଦାଶ ସଭାପତିତ୍ୱ କରିଥିଲେ। ଭାଜପା ନେତା ପଞ୍ଚାନନ ରାଉତ ଯୋଗଦେଇ ବୁଥ୍‌ସ୍ତରରେ ସଙ୍ଗଠନକୁ ମଜ୍‌ଭୁତ କରିବା ପାଇଁ କାର୍ଯ୍ୟକର୍ତ୍ତାମାନେ ଘରକୁ ଘର ଯାଇ ଲୋକଙ୍କୁ କେନ୍ଦ୍ରୀୟ ଯୋଜନା ବିଷୟରେ ଅବଗତ କରାଇବାକୁ ପରାମର୍ଶ ଦେଇଥିଲେ। ଆସନ୍ତା ଡିସେମ୍ବର ୧୦ରେ ବାଲେଶ୍ୱରଠାରେ ହେବାକୁ ଥିବା ହିନ୍ଦୁ ସଭାରେ ବହୁ ସଂଖ୍ୟାରେ ଯୋଗଦେବା ନେଇ ପ୍ରସ୍ତୁତି କରାଯାଇଥିଲା। ମଣ୍ଡଳ ସମ୍ପାଦକ ଅମୂଲ୍ୟ ନନ୍ଦ, ପୁରଷଣ୍ଡ ସଭାପତି ବାଦଲ ଦାଶ, ଅବସରପ୍ରାପ୍ତ ସୈନିକ ବଳରାମ ଦାଶ, ବାବୁ ଦାଶ ଅଧିକାରୀ, ଉମାକାନ୍ତ ଦାଶ ପ୍ରମୁଖ ଯୋଗ ଦେଇଥିଲେ।


**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।


## ସେଲ୍‌ଫି କର୍ନର



ସଞ୍ଜୟ



ଶଶୀ


ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)


# ପ୍ରାଥମିକ ଚିକିତ୍ସା ନେଇ ତାଲିମ




ଶିବିରରେ ଉପସ୍ଥିତ ତାଲିମଦାତା।

**ଭଦ୍ରକ ଅଫିସ, ୨୯।୧୧**

ଆଦାନୀ ଧାମରା ପୋର୍ଟ ଓ ସେଣ୍ଟ ଜୋନସ ଆମ୍ବୁଲାନ୍ସର ମିଳିତ ସହଯୋଗରେ କରଣପଲ୍ଲୀ ପଞ୍ଚାୟତସ୍ଥିତ ଆଦାନୀ ଡିଏଭି ପବ୍ଲିକ ସ୍କୁଲ ପରିସରରେ ପ୍ରାଥମିକ ଚିକିତ୍ସା ଉପରେ ଦୁଇଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ସଂଗ୍ରାମ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେଣ୍ଟ ଜୋନସ ଆମ୍ବୁଲାନ୍ସ ତରଫରୁ ପ୍ରମୋଦ କୁମାର ମହାପାତ୍ର ଓ ଏ.କେ. ମହାନ୍ତି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଧାମରା ପୋର୍ଟ ତରଫରୁ ସ୍ଥାନୀୟ ୩୫ ବିଦ୍ୟାଳୟର ୩୫ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗ ଦେଇଥିଲେ। ଆଦାନୀ ଫାଉଣ୍ଡେଶନର ସିଏସ୍‌ଆର୍ ମୁଖ୍ୟ ସୁବାସ ରାୟ, ଆଦାନୀ ଡିଏଭି ପବ୍ଲିକ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ଷଡ଼ଙ୍ଗୀ ଓ ପୋର୍ଟର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷକମାନଙ୍କୁ ଜୀବନ ରକ୍ଷାର ବିଭିନ୍ନ କୌଶଳ, ସିଆର୍‌ପି ଓ ପ୍ରାଥମିକ ଚିକିତ୍ସା ଆଦି ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା।

# ମହତାବଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବିରେ ଗଣଧାରଣା

**ଭଦ୍ରକ ଅଫିସ, ୨୯।୧୧**

ଭଦ୍ରକ ଜିଲାରେ ଉତ୍କଳ କେଶରୀ ଡ.ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନେଇ ଦାବି ଦିନକୁ ଦିନ ତେଜିବାରେ ଲାଗିଛି। ଆଗରପଡ଼ାଠାରେ ମହତାବଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଲାଗି ଜିଲା ପ୍ରଶାସନ ଅନୁମତି ଦେଇ ପରେ ପ୍ରତ୍ୟାହାର କରି ନେବାରୁ ପରିସ୍ଥିତି ଜଟିଳ ରୂପ ନେଇଛି। ବୁଧବାର କଂଗ୍ରେସ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ବେଳେ ଗୁରୁବାର ଭାଜପା ପକ୍ଷରୁ ଜିଲାର ସମସ୍ତ ତହସିଲ କାର୍ଯ୍ୟାଳୟ ଆଗରେ ଗଣଧାରଣା ଦିଆଯାଇଥିଲା। ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀ ନେତାଙ୍କ ଦ୍ୱାରା ଭଦ୍ରକ ତହସିଲ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯାଇ ତହସିଲଦାରଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟପାଳ ତୁରନ୍ତ ଏହି ଘଟଣାରେ ହସ୍ତକ୍ଷେପ କରି ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଭଦ୍ରକ ଭାଜପା ମୁଖ୍ୟ ଡ. ପ୍ରଦୀପ ନାୟକଙ୍କ ନେତୃତ୍ୱରେ ଭଦ୍ରକ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଭାସ୍କର ଚନ୍ଦ୍ର ସାହୁ, ବିଦ୍ୟାଧର ସାହୁ, ଅମ୍ବିକା ଦାସ, ଚାରିମଣ୍ଡଳର ସଭାପତି ଉତ୍ତମ ପାତ୍ର, ଆଦିକନ୍ଦ ନାୟକ, ନାରାୟଣ ସେନାପତି, ପ୍ରଭାକର ସାମଲ, ସେକ୍ ସୌରଉଦ୍ଦିନ, ଅମରେଶ ନାୟକ, ରମିତା ପାଢୀ, ମମତା ବେହେରା ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।

**ବନ୍ତ, (ଡି.ଏନ.ଏ.)–** ଭାଜପା ପକ୍ଷରୁ ବନ୍ତ ତହସିଲ ଆଗରେ ଗଣଧାରଣା ଦିଆଯାଇଥିଲା। ଆୟୋଜିତ ପ୍ରତିବାଦ ସଭାରେ ବନ୍ତ ମଣ୍ଡଳ ସଭାନେତ୍ରୀ ପଙ୍କଜିନୀ ଲେଙ୍କା ଅଧ୍ୟକ୍ଷତା କରିଥିଲେ। ଜିଲା ଭାଜପା ସଭାପତି ବଦ୍ରିନାରାୟଣ ଧଳ ଯୋଗଦେଇ ପ୍ରତିମୂର୍ତ୍ତି ସ୍ଥାପନ ନ ହେବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ସେ କହିଥିଲେ। ମଣ୍ଡଳ ସଭାପତି ଗୋପାଳକୃଷ୍ଣ ଦାଶ, ଗୌରହରି ନନ୍ଦ, ଜିଲା କାର୍ଯ୍ୟକାରିଣୀ ସଭ୍ୟ ରଥ ବେହେରା, ଧ୍ରୁବ ଚରଣ ମାଝୀ, ତପନ ବାରିକ ପ୍ରମୁଖ ଯୋଗ ଦେଇ ପ୍ରତିବାଦର ସ୍ୱର ଉଠାଇଥିଲେ। ପ୍ରମୋଦ ଜେନା, ରାଜୀବ ଲୋଚନ



**ବନ୍ତ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଭାଜପାର ପ୍ରତିବାଦ ସଭା।**

ସାହୁ, ବିଶ୍ୱପ୍ରକାଶ ଜେନା, ଖଗେଶ୍ୱର ବେହେରା, କୁଳମଣି ବେହେରା, ରଞ୍ଜନ ଚଣ୍ଡ, ଅଭିମନ୍ୟୁ ଶଙ୍ଖୁଆ, ନିରଞ୍ଜନ ଭୂୟାଁଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ଶେଷରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ଫକୀର ଚରଣ ପରିଡ଼ାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

**ବାସୁଦେବପୁର, (ଡି.ଏନ.ଏ.)–** ବାସୁଦେବପୁର ତହସିଲ କାର୍ଯ୍ୟାଳୟ ସାମ୍ନାରେ ଗଣଧାରଣାରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୀନବନ୍ଧୁ ପତି, ମାଧବାନନ୍ଦ ମଳିକ, ଜିଲା ଉପସଭାପତି ଅଶୋକ ସାହୁ, ପୂର୍ବତନ ଉପନଗରପାଳ ଗଦାଧର ପଲେଇ, ଗିରିଜା ଶଙ୍କର ନାୟକ, ତୁଷାର ରଥ, ଜିଲା ସାଧାରଣ ସମ୍ପାଦକ ମଧୁସୂଦନ ପାଢୀ, ଯୁବମୋର୍ଚ୍ଚା ସଭାପତି ସମ୍ବିତ ମହାନ୍ତି, ଉଦୟ ନାରାୟଣ ମଳିକ, ମୁକ୍ତିକାନ୍ତ ନାୟକ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

**ତିହିଡି, (ଡି.ଏନ.ଏ.)–** ତିହିଡ଼ିରେ ପ୍ରତିବାଦ ସଭାରେ ଭାଜପା ଜିଲା ଉପସଭାପତି ଦୁର୍ଗାଚରଣ ନାୟକ ପୌରୋହିତ୍ୟ କରିଥିଲେ। ବାସୁଦେବପୁରର ବରିଷ୍ଠ ନେତା ମାଧବାନନ୍ଦ ମଳିକ, ରଘୁନାଥ ପାତ୍ର, ଶରତ ଦାସ, ଅଜୟ ମହାପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକଦେବ ମଳିକ ପ୍ରମୁଖ ଯୋଗଦେଇ ଜିଲା ପ୍ରଶାସନକୁ କଡ଼ା ସମାଲୋଚନା କରିଥିଲେ।

**ଚାନ୍ଦବାଲି, (ଡି.ଏନ.ଏ.) –** ଚାନ୍ଦବାଲିରେ ଗଣଧାରଣାରେ ପୂର୍ଣ୍ଣଚନ୍ଦ୍ର ପାଣି, ଦୀପକ ଭଳ, ସରୋଜ ବଳ, ଅରଜିତ୍ ପଣ୍ଡା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାର ଓ ଜିଲା ପ୍ରଶାସନର ନିଷ୍ପତ୍ତିକୁ ବିରୋଧ କରିଥିଲେ।

**ଧାମନଗର, (ଡି.ଏନ.ଏ.)–** ଧାମନଗରରେ ଗଣଧାରଣାରେ ଭାଜପା ରାଜ୍ୟ ଉପସଭାପତି ବିଷ୍ଣୁ ଚରଣ ସେଠୀ ଯୋଗଦେଇ ଜାତୀୟ ସ୍ତରୀୟ ନେତା ଭାବେ ସ୍ୱର୍ଗତ ଡ. ମହତାବଙ୍କ ପାଇଁ ନିଜ ଜିଲାରେ କେଇଫୁଟ ସ୍ଥାନ ନ ମିଳିବାର ପ୍ରତିବାଦ ଜୋରଦାର କରାଯିବ ବୋଲି ଚେତାବନୀ ଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ଅଶୋକ କୁମାର ପୁହାଣ ଅଧ୍ୟକ୍ଷତା କରିଥିଲେ। ଜିଲା ଉପସଭାପତି ଚତୁର୍ଭୁଜ ନାୟକ, ଜିଲା ପରିଷଦ ସଭ୍ୟ ମନୋରଞ୍ଜନ ମଲ୍ଲିକ, ସୁରତ ସେଠୀ, ମଣ୍ଡଳ ସଭାପତି ଅରବିନ୍ଦ ପତି, ଅଜୟ ବଳ, ସଦାଶିବ ପୋଥାଳ, ଜିଲା ମିଡିଆ ସେଲ୍ ଅଧ୍ୟକ୍ଷ ବୈକୁଣ୍ଠନାଥ ସାହୁ, ବ୍ଲକ ମିଡିଆ ସେଲ୍ ସଂଯୋଜକ ବିଜୟ ରାମ, ଗ୍ରାମୀଣ ମଣ୍ଡଳ ସମ୍ପାଦକ ଶ୍ରୀକାନ୍ତ ନାୟକ, ଯୁବ ମୋର୍ଚ୍ଚା ସଭାପତି ଶୁଭେନ୍ଦୁ ପାତ୍ର, ଆଇନ ସେଲ୍ ସଭାପତି ରଞ୍ଜିତ ମହାନ୍ତି, ଜିଲା ଆଇଟି ସେଲ୍ ସଂଯୋଜକ ପ୍ରଶାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

**ଭଣ୍ଡାରିପୋଖରୀ, (ଡି.ଏନ.ଏ.)–** ଭଣ୍ଡାରିପୋଖରୀ ତହସିଲ କାର୍ଯ୍ୟାଳୟ ଆଗରେ ଭାଜପା ଜିଲା ସଭାପତି ବଦ୍ରିନାରାୟଣ ଧଳଙ୍କ ନେତୃତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ନିର୍ମଳ ଚନ୍ଦ୍ର କର, ପ୍ରକାଶ ମହାପାତ୍ର, ସତ୍ୟବ୍ରତ ଦାସ, ଅକ୍ଷୟ ମହାନ୍ତି, ଜୟସ୍ମିତା ଗୋଚ୍ଛାୟତ, ରୁକ୍ମିଣୀ ଦାସ, ତପସ୍ୱିନୀ ମହାପାତ୍ର, ଶ୍ରୀକାନ୍ତ ମହାପାତ୍ର, ଅଜୟ ମହାପାତ୍ର, ସୁରେଶ ଦାସ, ସୁରେଶ ସାମଲ, କୀର୍ତ୍ତନ ଧଳ ପ୍ରମୁଖ ଯୋଗ ଦେଇଥିଲେ।

# କେନାଲରେ ବୁଡ଼ିଗଲେ ମହିଳା

ତାଳଚେର,୨୯।୧୧(ନି.ପ୍ର.): ସମଲ ବ୍ୟାରେଜ ଦକ୍ଷିଣ କେନାଲରେ ବୁଡ଼ି ଗୁରୁବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତା ହେଲେ ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା ବିକିସର ଗ୍ରାମର ଦୌପଦୀ ଦେବତା (୫୫)। ସେ ଗାଧୋଇବାକୁ ଯାଇଥିବା ବେଳେ ଗୋଡ ଖସିଯିବାରୁ କେନାଲରେ ବୁଡ଼ି ଯାଇଥିଲେ। ଦୀର୍ଘ ସମୟ ପରେ ସେ ନ ଫେରିବାରୁ ପରିବାର ଲୋକ ତାଙ୍କୁ ଉଦ୍ଧାର କରି ତାଳଚେର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ସମଲ ଥାନାରେ ନଂ.୫/୧୮ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## STATE COUNCIL FOR TECHNICAL EDUCATION AND VOCATIONAL TRAINING,

UNIT-VIII, NEAR RAJ BHAWAN, ODISHA, BHUBANESWAR-12.
No.4712 / Dtd.27.11.2018

No.89-KK

### QUOTATION CALL NOTICE FOR HIRING OF VEHICLE

Sealed Quotations are invited from interested reputed Travel Agencies/Tour Operators having valid PAN & GST Registration Number for providing AC/Non-AC vehicles i.e. Indica, Indigo, Travera, Bolero for different activities including examinations and confidential activities of the council throughout the State. The quotations shall confirm to the terms and conditions (Annexure-A) on hour/mileage basis. The last date of the receipt of the quotations is 07.12.2018 upto 2PM and will be opened at 4PM on the same day in the conference hall of SCTE&VT, Odisha, Bhubaneswar.

For details please visit Council Website: sctevtodisha.nic.in

44002/11/0012/1819 Sd/- Vice-Chairman

GOVERNMENT OF ODISHA

## OFFICE OF THE EXECUTIVE ENGINEER KALAHANDI (R&B) DIVISION, BHAWANIPATNA

E-mail: eekalahandi@gmail.com, Fax No: 06670-230512, Cell No: 9437050413

No.930-B:- E-Procurement Notice

Bid Identification No. BC KLD- 11/ 2018-19

No. 13650 Dated 17.11.2018

| | | |
|---|---|---|
| 1. | Name of the work: | 03 (Three) Nos. of Building works |
| 2. | Estimated cost: | Rs. 40.00 lakhs to Rs. 50.00 lakhs |
| 3. | Period of completion | 06 (Six) Calendar Months. |
| 4. | Date and time of availability of bid documents in the portal: | 11.00 hour of 04.12.2018 to 17.00 hours of 15.12.2018. |
| 5. | Last date/Time for receipt of bid in the portal: | 17.00 hours of 15.12.2018. |
| 6. | Name and address of the Officer Inviting Bid: | Executive Engineer, Kalahandi (R&B) Division, Bhawanipatna |
| 7. | date & Venue of Opening of Bid: | On 17.12.2018 at 11.00 AM in the Office of teh Executive Engineer, Kalahandi (R&B) Division, Bhawanipatna. |

Further details can be seen from the e-procurement portal https://tendersorissa.gov.in.

Sd./- Executive Engineer
Kalahandi (R&B) Division

34017/11/0009/1819

## OFFICE OF THE DIRECTOR, TEXT BOOK PRODUCTION & MARKETING, BHUBANE5WAR -751001

No. 60-n

### TENDER NOTICE

Email- directortbpmOdisha@gmail.com,Ph.-0674-2380871

Sealed tenders are invited in prescribed from the Authorized dealers / Agents / Manufactures/ Govt. order suppliers having valid GST/CST registration number for purchase of different kinds of "PRESS MATERIALS" under different schedules as indicated below for the year 2018-19.

a) Schedule-I (Miscellaneous Store Articles)
b) Schedule -IV (Printing ink & Sundries)
c) Schedule -V (Plates and Chemicals)
d) Schedule -VII (Electrical and Mechanical items)

The quantities mentioned in the aforesaid Tender Schedules are approximate only and may increase or decrease on the basis of actual requirement,

The Tender papers can be obtained from the Office of the Director, Text Book Production & Marketing, Bhubaneswar on payment of non -refundable cash of Rs.1,000/-plus GST@ 5% i.e Rs.1050 /- (Rupees One thousand fifty) only for Schedule-I,IV, V & VII each schedule on any working day in between 10 A.M. to 5.00 P.M. as per the Time Schedule mentioned here under;- The desirous Tenderer may however obtain the tender paper by post by sending the cost of tender paper along with postal charges of Rs.100/- money order. The tender Should reach this office latest by dt.27.12.2018.

| | | |
|---|---|---|
| Date of sale of Tender paper | : | From dt. 28.11.2018 to 27.12.2018 |
| Last date of Receipt of Tenders (By Register post/ Speed Post /courier) | : | up to 5 P.M. of dt. 27.12.2018. |
| Date of Opening of Tenders | : | At.11.30 A.M. on dt. 28.12.2018. |
| E.M.D Required | : | E.M.D @2% of the highest tendered value against each schedule. |

While requesting for obtaining the Tender Schedule by post the desirous tenderer should keep the last date and time of submission of tender in view as the undersigned will not be responsible for any postal delay as mentioned below. Tenders submitted by any means beyond the stipulated date & time shall not be accepted.

Instructions in detail to the Tenderers shall be provided along with the Tender schedule. The Director reserves the right to reject any or all the tenders without assigning any reason thereof. The details tender documents will be available in the Website : www.odisha.gov.in/school.

02005/11/0010/1819 Sd./-Director

## OFFICE OF THE EXECUTIVE ENGINEER RAYAGADA R&B DIVISION NO-I, RAYAGADA

1st Corrigendum to Quotation Call Notice No. RC(R&B) RGD : 09/2018-19 Dated 05.11.2018

No. 4928 Dt. 24.11.2018

No.914-B:- The quotation for providing 1 (One) No. AC / Non-AC bolero or a similar type Diesel driven vehicle having sitting capacity not more than ten including driver for official use by the Office of the Superintending Engineer, Rayagada (R&B) Circle, Rayagada and Office of the Executive Engineer, Rayagada (R&B) Division No-I, Rayagada invited vide quotation call notice No. 09/2018-19, Dt. 05.11.2018. Due to unavoidable circumstances the last date of sale and receipt of quotation will be extended up to on 30.11.2018 to 14.12.2018 instead of 15.11.2018 to 30.11.2018 and will be opened on 15.12.2018 at 11.00 A.M.

The other terms and conditions remain unchanged.

Sd./- (P M Mishra)
Executive Engineer
Rayagada (R&B) Division No-I

34040/11/0044/1819

## OFFICE OF THE EXECUTIVE ENGINEER MALKANGIRI (R&B) DIVISION, MALKANGIRI

Email ID: randb_malkangiri@rediffmail.com, Tel: 06861-230451
File No. 1EM-5, No. 6525 Dtd. 17.11.2018

GOVERNMENT OF ODISHA

### NOTICE INVITING QUOTATION CALL NOTICE

BUDGETARY QUOTATION CALL NOTICE No. 02, dt.17.11.2018

No. 924-B:- In pursuance of decision to revise the Schedule of Rates - 2014, Sealed budgetary Quotation are invited from the Transporter / Labour Supplier and other Stakeholders in their letter head as applicable dealing with for respective items having registration / Labour license with valid GSTIN of conveyance of materials (available in the office of the Executive Engineer, Malkangiri (R&B) Division as well as in the website of Works Department) for inclusion in the revised Scheduled of Rates in Government of Odisha to be used in different Civil construction / Infrastructure works and repair works. The interested party i.e. the bidder shall quote his price in the format available in the official website Government in Works Department.

The different item of conveyance for materials and the unit for which rate to be quoted shall be available in the Official website of works Department, Government of Odisha w.e.f. 28.11.2018.

The sealed quotations with all supporting documents complete in all respects will received from 10.00AM of dt.28.11.2018 to 5.00PM of dt.20.12.2018 in the quotation box available in the office of the Executive Engineer Malkangiri (R&B) Division, Malkangiri and will be opened on Dt.21.12.2018 at 12.30PM in presence of the quotationers or their authorized representatives who desire to be present. This quotation is invited to ascertain and assess the Rate different item of conveyance for Materials at par with lowest market rate for revision of Schedule of Rates 2014. The quotation shall be considered only if applied in Letter Head of Transporter / Labour Supplier and other Stakeholders mentioning registration / labour license with valid GSTIN failing which quotation shall be rejected.

The undersigned reserves the right to accept or reject / cancel any or all quotations without assigning any reason thereof.

*Sd./- Executive Engineer*
*Malkangiri (R&B) Division*

34063/11/0013/1819

## GOVERNMENT OF ODISHA ST & SC DEVELOPMENT DEPARTMENT PROJECT ADMINISTRATOR, ITDA, PHULBANI

No. CAD-1075

### INVITATION FOR BIDS (IFB)

Bid Identification No. PA ITDA, PLB-02 of 2018-19
Letter No. 2206/ Date : 22.11.2018

The Project Administrator ITDA, Phulbani on behalf of Govt. of Odisha invites percentage rate of bids to be received in online mode only for the construction of 02 Nos. of civil (boundary wall) works. The bidders have to participate in "online" bidding only. The website for online bidding in www.tendersorissa.gov.in. The details of bid documents will be available in above website from 11.00 A.M. of 29.11.2018 to 5.00 P.M. of 11.12.2018. The bidders must possess compatible Digital Signature Certificate (DSC) of Class-II or Class-III. Bids received online shall be opened at 11.30 A.M. on 12.12.2018 in the office of the Project Administrator, ITDA, Phulbani. Further details can be seen from the website www.tendersorissa.gov.in.

Sd./- Project Administrator,
ITDA, Phulbani

19069/11/0004/1819

## OFFICE OF THE EXECUTIVE ENGINEER KEONJHAR (R&B) DIVISION, KEONJHAR

Email ID: eepwdkeonjhar@yahoo.com, Tel: 06766-255473
File No. G-2, No. 6234 Dtd. 17.11.2018

GOVERNMENT OF ODISHA

### NOTICE INVITING QUOTATION CALL NOTICE

BUDGETARY QUOTATION CALL NOTICE No. PWDK-QCN-01, dt.17.11.2018

No. 918-B:- In pursuance of decision to revise the Schedule of Rates - 2014, Sealed budgetary Quotation are invited from the Transporter / Labour Supplier and other Stakeholders in their letter head as applicable dealing with for respective items having registration / Labour license with valid GSTIN of conveyance of materials (available in the office of the Executive Engineer, Keonjhar (R&B) Division, Keonjhar as well as in the website of Works Department) for inclusion in the revised Scheduled of Rates in Government of Odisha to be used in different Civil construction / Infrastructure works and repair works. The interested party i.e. the bidder shall quote his price in the format available in the official website Government in Works Department.

The different item of conveyance for materials and the unit for which rate to be quoted shall be available in the Official website of works Department, Government of Odisha w.e.f. 28.11.2018.

The sealed quotations with all supporting documents complete in all respects will received from 10.00AM of dt.28.11.2018 to 5.00PM of dt.20.12.2018 in the quotation box available in the office of the Executive Engineer Keonjhar (R&B) Division, Keonjhar and will be opened on Dt.21.12.2018 at 12.30PM in presence of the quotationers or their authorized representatives who desire to be present. This quotation is invited to ascertain and assess the Rate different item of conveyance for Materials at par with lowest market rate for revision of Schedule of Rates 2014. The quotation shall be considered only if applied in Letter Head of Transporter / Labour Supplier and other Stakeholders mentioning registration / labour license with valid GSTIN failing which quotation shall be rejected.

The undersigned reserves the right to accept or reject / cancel any or all quotations without assigning any reason thereof.

*Sd./- Executive Engineer*
*Keonjhar (R&B) Division, Keonjhar*

34099/11/0012/1819

## GOVERNMENT OF ODISHA SCHOOL AND MASS EDUCATION DEPARTMENT

### NOTICE

No.: 25616/SME Dtd. 28.11.18
XII-SME-TRG-47/2015

No. n: It is hereby brought to the notice of Sri Akhaya Kumar Rana, Senior Teacher Educator, DIET, Keonjhar that he has been imposed with punishment **"Dismissal from Government Service"** with immediate effect vide S&ME Department Office Order No.25566/SME Dtd.28.11.2018.

The Principal DIET, Keonjhar was asked to serve the copy of the above order of dismissal on Sri Rana. But he failed to serve the same due to Sri Rena' s absence in office as well as in his residence. No family members of Sri Rena were there to receive the dismissal order and it was pasted on his residential address.

With this publish, this notice shall be presumed as the order of dismissal deemed to have been served on Sri Akshaya Kumar Rana.

**Sd./- Additional Secretary to Govt.**

27001/11/0002/1819

## DIRECTORATE OF FISHERIES, ODISHA

DRY DOCK, JOBRA, CUTTACK-753007

### Request for Expression of Interest for Empanelment of Suppliers of Sea bass Seed (Lates calcarifer)

EoI No. / Date: ./11/2018

No.: 46-M: The Expression of Interest is hereby invited from the Seed producers/suppliers having valid PAN for supply of Sea bass seeds for brackish water farming in the State of Odisha. The purpose of this EoI is to select a panel of suppliers and derive an uniform rate for a particular size of seed of the above mentioned species. The interested Seed Suppliers/producers are requested to express their interest and submit application along with rates and specification of the particular size of Seed. The seed consignments shall be delivered to the farmers at the farm sites. The Scheme shall be implemented by the District Fisheries Officers of Coastal Districts of Odisha through Bank/ Self finance mode. The details of the EoI can be downloaded from the Department website-www.odishafisheries.com.

Last Date for submission of the EoI is **05.12.2018 up to 2.00 P.M.**

The EoI will be opened on **05.12.2018 at 4.00 P.M.**

Contact No. - 9437686556 between 10.00 AM to 5 PM on all working days.

06015/11/0026/1819 **Sd./- Director of Fisheries, Odisha**

## OFFICE OF THE EXECUTIVE ENGINEER JEYPORE (R&B) DIVISION, JEYPORE

E-mail ID: ee.randbjyp@gmail.com
Tel & Fax : 06854-231114(O)

### NOTICE INVITING QUOTATION CALL NOTICE

BUDGETARY QUOTATION CALL NOTICE No.-09 Dt.17.11.2018

NO.: 4746 Dt.17.11.2018

No.: 919-B: In pursuance of decision to revise the Schedule of rates - 2014, Sealed budgetary Quotation are invited from the Transporter/ Labour Supplier and other Stakeholders in their letter head as applicable dealing with for respective items having registration/labour licence with valid GSTIN of conveyance of materials **(available in the Office of the Executive Engineer, Jeypore (R&B) Division as well as in the website of Works Department)** for inclusion in the revised Scheduled of Rates in Government of Odisha to be used in different Civil Construction/ infrastructure works and repair works. The interested party i.e. the bidder shall quote his price in the format available in the official website Government in Works Department.

The different item of conveyance for materials and the unit for which rate to be quoted will be available in the official website of Works Department, Government of Odisha w.e.f. 28.11.2018.

The sealed quotations with all supporting documents complete in all respects will be **received from 10.00 A.M. of Dt.28.11.2018 to 5.00 P.M. of Dt.20.12.2018** in the quotation box available in the Office of the executive Engineer, Jeypore (R&B) Division, Jeypore and will be **opened on Dt.21.12.2018 at 12.30 P.M.** in presence of the quotationers or their authorized representatives who desire to be present. This quotation is invited to ascertain and assess the Rate different item of conveyance for materials at par with lowest market rate for revision of Schedule of Rate 2014. The quotation shall be considered only if applied in Letter head of Transporter/Labour Supplier and other Stakeholders mentioning registration/labour licence with valid GSTIN failing which quotation shall be rejected.

The undersigned reserves the right to accept or reject/cancel any or all quotations without assigning any reason thereof.

Sd./- Executive Engineer
Jeypore (R&B) Division

34027/11/0013/1819

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧

ପତ୍ର ସଂଖ୍ୟା 30212 ଭୁ.ଉ.କ., ଭୁବନେଶ୍ୱର, ତା୧୨୮।୧୧।୧୮ ରିଖ

NSH-627/07

### ନୋଟିସ୍

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଗାଡ଼କଣସ୍ଥିତ ନେତାଜୀ ସୁଭାଷ ଏନ୍‌କ୍ଲେଭ ଗୃହ ନିର୍ମାଣ ପ୍ରକଳ୍ପରେ ଗୃହ ନଂ. HIG Flat No. Q-01 କୁ ଶ୍ରୀ ଧୀରେନ୍ଦ୍ର କୁମାର ସାହୁ, ପିତା: ଦାମୋଦର ସାହୁ, ଗ୍ରାମ–N-1/103, ଆଇଆରସି, ପୋଷ୍ଟ–IRC, ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଧୀରେନ୍ଦ୍ର କୁମାର ସାହୁ ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଜ୍ୟୋତ୍ସ୍ନାମୟୀ ଦାସ, ସ୍ୱାମୀ– ନିମାଇ ଚରଣ ଦାସ, ଗ୍ରାମ–ଗୋଲ୍‌ଗାନ୍, ପୋଅ–ଭାଲିଆଡିହି, ଥାନା–ସରଣକୁଳ, ଜିଲ୍ଲା–ନୟାଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି ବା ଆପତ୍ତି ଥାଏ, ତାହାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଜଣାଇବେ, ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସ୍ୱା./– ଆବଣ୍ଟନ ଅଧିକାରୀ–୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ,
ଭୁବନେଶ୍ୱର

## OFFICE OF THE EXECUTIVE ENGINEER BALLIGUDA (R&B) DIVISION, BALLIGUDA

E-mail ID:- eepwd_balliguda@yahoo.com, Tel :- 06846 243242
File No. .......... No................. Dtd. 17.11.2018

GOVERNMENT OF ODISHA

NOTICE INVITING QUOTATION CALL NOTICE

BUDGETARY QUOTATION CALL NOTICE No. 17 dt.17.11.2018

**No.922-B:-** In pursuance of decision to revise the Schedule of Rates – 2014, Sealed budgetary Quotation are invited from the Quarry owners/ Crusher owners/ Manufacturers / Suppliers / Dealers and other Stakeholders in their letter head as applicable and authorized for respective items having valid GSTIN of materials (available in the office of the Executive Engineer Balliguda (R&B) Division as well as in the website of Works Department) confirming to relevant IS specifications for inclusion in the revised Scheduled of Rates in Government of Odisha to be used in different Civil construction / infrastructure works and repair works. The interested party i.e. the bidder shall quote his price in the following format.

**BASIC RATE OF MATERIALS FOR 2018 (FOR KANDHAMAL UN-DIVIDED DISTRICT)**

| Sl. No. | Name of items | Unit | Price excluding Royalty and GST in Rs. | |
|---|---|---|---|---|
| | | | 4 | |
| 1 | 2 | 3 | Rate in figures | Rate in words |
| | | | | |
| | | | | |

The name of items of material and the unit for which rate to be quoted will be available in the Official website of Works Department, Government of Odisha w.e.f. 28.11.2018. The sealed quotations with all supporting documents complete in all respects will be received from 10.00 AM of dt.28.11.2018 to 5.00 PM of dt.20.12.2018 in the quotation box available in the office of the Executive Engineer, Balliguda (R&B) Division, Balliguda and will be opened on Dt.21.12.2018 at 12.30 P.M. in presence of the quotationers or their authorized representatives who desire to be present. This quotation is invited to ascertain and assess the Rate of Materials at par with lowest market rate for revision of Schedule of Rates 2014. The quotation shall be considered only if applied in Letter Head of the firm mentioning GSTIN No failing which quotation shall be rejected.

The undersigned reserves the right to accept or reject / cancel any or all quotations without assigning any reason thereof.

Encl : 1) CD of this letter : 1 no.

Sd./- Executive Engineer,
Balliguda (R&B) Division, Balliguda

34038/11/0007/1819

## Bhubaneswar Smart City Limited

Block-1, 5th Floor, BMC Bhawani Mall, Bapuji Nagar, Bhubaneswar-751007, e-mail Id: bbsr.bscl@gmail.com,
CIN: U74990OR2016PLC020016

### INVITATION FOR BIDS (IFB)

'e' Procurement Notice

Bid Identification No. 5733/ BSCL/187/2018 dt. 28.11.2018

No.361-C:- The tender Bid Documents consisting of post of tender papers, EMD, time of completion, set of terms and conditions of contract and other necessary documents can be seen in the 'e' procurement portal http://tendersodisha.gov.in.

| | | |
|---|---|---|
| 1. | Name of the Work | "Development of Cycle Track Corridor in Bhubaneswar City" |
| 2. | Total No. of Works | 1 (One) |
| 3. | Period of Completion | 06 (Six) Calendar months. |
| 4. | Date of availability of Bid documents in web Portal | 04.12.2018 |
| 5. | Date of Pre-Bid Meeting | 11.12.2018 |
| 6. | Last date/ Time for receipt of Bid in web portal | 26.12.2018 upto 17.00 hours |
| 7. | Date of submission of original Documents, EMD, Bid document cost | 27.12.2018 upto 17.00 hours |
| 8. | Date of opening of Technical Bids | 28.12.2018, 11.00 hours at Bhubaneswar Smart City Office. |
| 9. | Name and address of the officer Inviting Bid | Chief Executive Officer, BSCL |

Further details can be seen from the 'e' Procurement portal http://tendersodisha.gov.in. Any addendum / Corrigendum / cancellation of tender can be seen in the website mentioned above.

Sd./-
Chief Executive Officer

13070/11/0040/1819

## THE ODISHA STATE POLICE HOUSING & WELFARE CORPORATION LTD.

(A Government of Odisha Undertaking)
Janapath, Bhoinagar, Bhubaneswar-22
Ph : 0674-2541545, 2542921, Fax : 0674-2541543
Email : ophwc.od@nic.in, Website : www.ophwc.nic.in,
e-procurement notice No.-41/SE/33/OPHWC/2018-19

No. CAD-1074

### Invitation for Bids (IFB)

| | | | |
|---|---|---|---|
| 1. | The Superintending Engineer (OSPH&WC), Odisha, Bhubaneswar invites Percentage rate bids in single cover system in ONLINE MODE only, for works as detailed below. | | |
| 2. | Nature of Work | : | Building Works |
| 3. | No. of Works | : | 11 Nos. |
| 4. | Value of Tender | : | Rs. 21,94,130.00 to Rs. 47,96,056.00 |
| 5. | Bid Cost | : | Rs. 7,080.00 (to be paid online) |
| 6. | Class of Contractor | : | C Class to A Class |
| 7. | Availability of Bid Documents in the website | : | Dt. 29.11.2018 to Dt. 10.12.2018 upto 5.00 P.M. |
| 8. | Last date / time of Receipt of Bids in the Portal | : | Dt. 10.12.2018 upto 5.00 P.M. |
| 9. | Date of Opening Bid | : | Dt. 11.12.2018 at 11.30 A.M. |
| 10. | The bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum/ cancellation of tender can also be seeing in the said website. | | |

Sd./- Superinteing, Engineer
(OSPH&WC), Odisha

N.B. : The quoted rate should be all inclusive but excluding G.S.T. as applicable under works contract.

12025/11/0097/1819

ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ଚିଠି

# ତଥ୍ୟର ସତ୍ୟତା ନାହିଁ

**କୋଣାର୍କରୁ କାରୁକାର୍ଯ୍ୟପୂର୍ଣ୍ଣ ପଥର କଢ଼ାଯିବା ଘଟଣା**

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)

କୋଣାର୍କ ମନ୍ଦିରରୁ କାରୁକାର୍ଯ୍ୟପୂର୍ଣ୍ଣ ପଥରମୂର୍ତ୍ତି କଢାଯାଇଥିବା ଘଟଣାର କୌଣସି ସତ୍ୟତା ନାହିଁ। ଏନେଇ ନିର୍ଦ୍ଦିଷ୍ଟ ଏକ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଆଧାରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲେଖିଥିବା ପତ୍ରରେ ସତ୍ୟତା ନ ଥିବା କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ମହେଶ ଶର୍ମା ଜଣାଇଛନ୍ତି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, କୋଣାର୍କ ମନ୍ଦିର ସଂରକ୍ଷଣ ଏକ ନିରନ୍ତର କାର୍ଯ୍ୟ। ଏହାର ସୁରକ୍ଷା ଲାଗି ବିଭିନ୍ନ ସମୟରେ ଆବଶ୍ୟକତା ଅନୁଯାୟୀ ପଦକ୍ଷେପ ନିଆଯାଇଛି। ବିଂଶ ଶତାବ୍ଦୀ ପ୍ରାରମ୍ଭରେ ଜଗମୋହନ ମନ୍ଦିରର ବ୍ୟାପକ ଢାଞ୍ଚାଗତ ମରାମତି କାର୍ଯ୍ୟ କରାଯାଇଥିଲା। ୧୯୮୫ ପରେ ଏଏସ୍‌ଆଇ ଓଡ଼ିଶା ସର୍କଲ ଖୋଲିବାପରେ ସଂରକ୍ଷଣ କାର୍ଯ୍ୟ କରାଯାଇଥିଲା। ଏହାସହ ତିନୋଟି ଶିଡି ମରାମତି ଓ ଦୃଢୀକରଣ କାମକୁ ଉପଲବ୍ଧ ପ୍ରସ୍ତରରେ ସରଳ ଜିଓମେଟ୍ରିକାଲ ଡିଜାଇନ କରାଯାଇ ଉକ୍ତ କାର୍ଯ୍ୟ ସମ୍ପାଦନ କରାଯାଇଛି। ପରବର୍ତ୍ତୀ ସମୟରେ ଆବଶ୍ୟକତା ଆଧାରରେ ପ୍ରଚଳିତ ନୀତି ଅନୁଯାୟୀ ପଥର ନ ଥିବା ସ୍ଥାନରେ ସଂରକ୍ଷଣ କାର୍ଯ୍ୟ କରାଯାଇଛି। ଢାଞ୍ଚାର ସୁରକ୍ଷା ପାଇଁ ଯେଉଁଠାରେ କାରୁକାର୍ଯ୍ୟପୂର୍ଣ୍ଣ ପଥର ନାହିଁ ସେଠାରେ ସାଦା ପଥରରେ କାମ ହୋଇଛି। କୋଣାର୍କରେ ୪୦ପ୍ରତିଶତ କାରୁକାର୍ଯ୍ୟପୂର୍ଣ୍ଣ ପଥର ପରିବର୍ତ୍ତନ କରାଯିବା ଆଦୌ ସତ୍ୟନୁହେଁ। ଏପରି କିଛି ହୋଇନାହିଁ। ସମସ୍ତ କାର୍ଯ୍ୟ ଏଏସ୍‌ଆଇ ସଂରକ୍ଷଣ ନିୟମାବଳୀ ଓ ଅନ୍ତଃରାଷ୍ଟ୍ରୀୟ ସଂରକ୍ଷଣ ଚାର୍ଟର ଗାଇଡ୍‌ଲାଇନ ଆଧାରରେ କରାଯାଇଛି। ଏଠାରେ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ପଥରର ସୁରକ୍ଷା ପାଇଁ ଅଧିକ ଯତ୍ନ ନିଆଯାଇଛି। କାରୁକାର୍ଯ୍ୟପୂର୍ଣ୍ଣ ପଥରର କ୍ଷୟକୁ ରୋକିବାଲାଗି ଅନେକ ପଦ୍ଧତି ବ୍ୟବହାର କରାଯାଇ ସଂରକ୍ଷଣ କରାଯାଇଥିବା କେନ୍ଦ୍ରମନ୍ତ୍ରୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

ଅନ୍ୟପଟେ ଏଏସ୍‌ଆଇ ମହାନିର୍ଦ୍ଦେଶକ ଉଷା ଶର୍ମା ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କୁ ଚିଠି ଲେଖିଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ଏଏସ୍‌ଆଇର ସଂରକ୍ଷଣ କାର୍ଯ୍ୟ ବାଧିତହେବା ସମ୍ପର୍କିତ ରିପୋର୍ଟ ଦେବା ତଥା ବିଭିନ୍ନ ସ୍ଥାନରେ ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ବେଳେ ସ୍ଥାନୀୟ ଅଫିସ୍‌କୁ ସମସ୍ୟା ଆସିବାପରେ ବୈଠକ କରାଯିବା ଆବଶ୍ୟକ। ଏଥିପାଇଁ ପାଢୀଙ୍କୁ ଉଷା ଶର୍ମା ଚିଠି ଲେଖିଛନ୍ତି। ରାଜ୍ୟ ସରକାରଙ୍କ ସୁବିଧା ଅନୁଯାୟୀ ସମୟ ସ୍ଥିର କରିବାକୁ ସେ ଚିଠିରେ ଉଲ୍ଲେଖ କରିଛନ୍ତି। ଏଥିରେ ସେ ଲେଖିଛନ୍ତି,ଏଏସ୍‌ଆଇ ରାଜ୍ୟରେ ୭୯ଟି ସଂରକ୍ଷିତ କିର୍ତ୍ତୀରାଜିର ସଂରକ୍ଷଣ ମାନ୍ୟତା କାମ ହାତକୁ ନେଇଛି। ଏହା ମଧ୍ୟରୁ କୋଣାର୍କସ୍ଥିତ ସୂର୍ଯ୍ୟ ମନ୍ଦିର ବିଶ୍ୱ ଐତିହ୍ୟସ୍ଥଳର ମାନ୍ୟତା ପାଇଛି। ଅନ୍ତଃରାଷ୍ଟ୍ରୀୟ ମାନଦଣ୍ଡ ଅନୁସାରେ ଏଏସ୍‌ଆଇ ଏହାର କାର୍ଯ୍ୟ କରୁଛି। ସର୍କଲ ଅଫିସ୍ ଏହି ମନ୍ଦିରର ସଂରକ୍ଷଣ ଏବଂ ରକ୍ଷଣାବେକ୍ଷଣ ଉପରେ ବିଶେଷ ଧ୍ୟାନ ଦେଉଛି। ରାଜ୍ୟର କିଛି ସ୍ଥଳରେ ଏଏସ୍‌ଆଇର ସଂରକ୍ଷଣ କାର୍ଯ୍ୟ ବାଧିତ ହୋଇଥିବାନେଇ ରିପୋର୍ଟ ଆସିଛି। ଖୁବ୍‌ଶିଘ୍ର ଏହାର ସମାଧାନ ହେବା ଆବଶ୍ୟକ। ଏଥିପାଇଁ ବୈଠକ ଆୟୋଜନ ପାଇଁ ସମୟ ଧାର୍ଯ୍ୟ କରିବାକୁ ପତ୍ରରେ ସେ ଉଲ୍ଲେଖ କରିଛନ୍ତି।

■ ଆଜି ଦିଲ୍ଲୀରେ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିବେ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ

# ଐତିହ୍ୟସ୍ଥଳୀର ସୁରକ୍ଷା ନେଇ ଆଲୋଚନା କରିବେ

ଭୁବନେଶ୍ୱର,୨୯।୧୧(ବ୍ୟୁରୋ)

କୋଣାର୍କ ମନ୍ଦିର ସହ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଐତିହ୍ୟସ୍ଥଳୀର ସୁରକ୍ଷା ପ୍ରସଙ୍ଗରେ ଆଲୋଚନା କରିବାକୁ ଶୁକ୍ରବାର କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ମହେଶ ଶର୍ମାଙ୍କୁ ସାକ୍ଷାତ କରିବେ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା। ମନ୍ତ୍ରୀ ପଣ୍ଡାଙ୍କ ସହ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଓ କାକଟପୁର ବିଧାୟକ ସୁରେନ୍ଦ୍ର ସେଠୀଙ୍କୁ ନେଇ ଏକ ଟିମ୍ ନୂଆଦିଲ୍ଲୀ ଯାଇ ସେଠାରେ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି। ବର୍ଷାଜଳ ନିଷ୍କାସନ ସମେତ କୋଣାର୍କ ମନ୍ଦିରରେ ଲାଗିରହିଥିବା ବିଭିନ୍ନ ସମସ୍ୟା ଏହି ବୈଠକର ମୁଖ୍ୟ ପ୍ରସଙ୍ଗ ରହିଥିବା ବେଳେ ରାଜ୍ୟର ଅନ୍ୟ କେତେକ ଅବହେଳିତ ଐତିହ୍ୟସ୍ଥଳୀ ସମ୍ପର୍କରେ ମଧ୍ୟ ଆଲୋଚନା ହେବ। ବିଶେଷକରି ବଲାଙ୍ଗୀର ଜିଲାରେ ଥିବା ଐତିହାସିକ ରାଣୀପୁର ଝରିଆଲ ମନ୍ଦିର, ହରିଶଙ୍କର ମନ୍ଦିର ଏବଂ ବରଗଡ଼ ଜିଲାର ନୃସିଂହନାଥ ମନ୍ଦିର କଥା ଉଠାଇବେ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ। ଖଣ୍ଡଗିରି-ଉଦୟଗିରିରେ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ' କାର୍ଯ୍ୟକ୍ଷମ ପାଇଁ ପଦକ୍ଷେପ ନେବାକୁ କେନ୍ଦ୍ରକୁ ଅନୁରୋଧ କରାଯିବ। ପୂର୍ବରୁ ରାଜ୍ୟ ସରକାର କେନ୍ଦ୍ରକୁ ପଠାଇଥିବା ଏକାଧିକ ଡିପିଆର୍ ସମ୍ପର୍କରେ ମଧ୍ୟ ଆଲୋଚନା କରାଯିବ ବୋଲି ପର୍ଯ୍ୟଟନ ମନ୍ତ୍ରୀ ସୂଚନା ଦେଇଛନ୍ତି।


ଶିକ୍ଷା ଅଧିକାର

OFFICE OF THE HEADMASTER
KASTURABA GANDHI BALIKA VIDYALAYA, MAIDALPUR
BLOCK-PAPDAHANDI, DIST-NABARANGPUR, PIN-764071
Cell- 9178370505 (HM), E-mail: kgbvmaidalpur123@rediffmail.com

Letter No. 103/2018 Date: 28.11.2018

**TENDER CALL NOTICE**

Sealed tenders are invited from the registered / reputed firms who having valid PAN, GST registration for supply of Reading Writing Materials & Dress Materials to KGBV MAIDALPUR, Block-Papdahandi, Dist-Nabarangpur. Bids should be submitted in the envelope duly marked on the top "Tender for supply of Reading Writing Materials & Dress Materials" to the Headmistress, KGBV MAIDALPUR, Nabarangpur during office hours by 5.00 PM of Dt. 02.01.19. The bid document shall be opened at 10.00 AM on Dt. 05.01.2019 in the office of the District Project Coordinator, RTE-SSA, Dist-Nabarangpur in the presence of the bidders or their authorized representatives. Any SMC member/official staffs related to the KGBV not allowed to participate as a bidder in tender process invited at KGBV level. The KGBV purchase Committee reserves the right to accept or reject the tender in whole or in part without assigning any reason thereof. The terms and conditions for the tender can be downloaded from the official website http.//www.opepa.in and nabarangpur.nic.in.

Sd./- Headmistress, K.G.B.V. Maidalpur, Papdahandi, Nabarangpur



GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE CHIEF ENGINEER & BASIN MANAGER
Indravati-Kolab Basin, Khatiguda, Dist-Nabarangpur (Odisha), Email: ceuiip@gmail.com, Fax: 06858224238, Phone: 06858224276

No. 1146 Dtd. 26.11.18

**NOTICE INVITATION FOR BIDS (NIFB)**
**Corrigendum to e-Procurement Notice No. CE&BM, IKB-01/2018-19**

No.875-A:- The rate of availability of Bid on-line has been rescheduled from 29.11.2018 at 10 AM to 10.12.2018 upto 05.00 PM instead of 20.11.2018 to 30.11.2018. The last date of seeking clarification has been rescheduled at 05.12.2018 instead of 26.11.2018. And the date of opening of Technical bid has been rescheduled to 11.12.2018 at 11.00 PM instead of 01.12.2018. Other details remain unchanged.

Sd./- Chief Engineer & Basin Manager,
32365/11/0006/1819 Indravati-Kolab Basin, Khatiguda



INVITATION FOR BIDS (IFB)
PANCHAYAT SAMITI, NAYAGARH
Tender Call Notice No.: 02/2018-19

No.: 2360 Dt.28.11.2018

Sealed tendes are invited from the Godrej Authorized dealers having GSTIN Certificate and PAN for supply of Godrej make Various Furniture Item/Office Gadjets intended for DPRC Building, Nayagarh. The prescribed quotation schedule & Detailed Quotation Call Notice can be obtained from the Office of the Block Development Officer during office hours from 30.11.2018 and close on 14.12.2018 on payment of Rs.4000/- (Four thousand) in shape of Cash or Bankers Cheque/ Bank Draft (Non-refundable) for issue of tender paper from any Nationalized Bank drawn in favour of Block Development Officer. The tender paper all required documents along with E.M.D. amounting Rs.40,000/- (Rupees fourth thousand) only in shape of Post Office Savings, Bank Account/National Saving Certificate/Post Office Time Deposit Account/Kisan Bikas Patra/Deposit Receipt of Schedule Bank duly pledged in favour of Block Development Officer, Nayagarh, Dist.- Nayagarh, Odisha should reached the undersigned on or before Dt.14.12.2018 at 5 P.M. The tender paper will be opened in presence of tenderer or authorized agent whosoever may be present by the undersigned on Dt.15.12.2018 at 3 P.M.

Sd./- Block Development Officer, Nayagarh



GOVERNMENT OF ODISHA
OFFICE OF THE SUPERINTENDING ENGINEER
BALANGIR (R&B) CIRCLE, BALANGIR
Mail ID: sepwdbalangir@gmail.com, Fax/Ph. No: 06652-231866

No.944-B:- **e-Procurement Notice**
**BID IDENTIFICATION No: SE(R&B) BGR/14/2018-19**
No. 2444 Dtd. 24.11.18

| | | | |
|---|---|---|---|
| 1. | The Superintending Engineer, Bolangir (R&B) Circle, Bolangir on behalf of Governor of Odisha invites percentage rate bid in double cover system in ONLINE MODE for the construction of works detailed in the table below from B/A/ Special Class Contractors registered with the State Government and contractors of equivalent Grade/ Class registered with Central Government/ MES/ Railways for execution of Civil works. The proof of registration from the appropriate authority shall be enclosed alogn with the bid. | | |
| 2. | Nature of Work | : | Bridge work |
| 3. | No. of tender | : | Bridge Work-02 Nos. |
| 4. | Tender Cost | : | Rs. 10,000/- |
| 5. | Class of Contractor | : | "B" Class, "A" Class & "Special" Class. |
| 6. | Date & Time of sale & Receipt of Bids | : | From Dt. 03.12.2018, 10.00 AM to Dt. 18.12.2018 upto 05.00 PM. |
| 7. | Date of opening Bid | : | Dt. 20.12.2018 at 11.30 AM |
| 8. | The bidders have to participate in ONLINE bidding only. Further details can be seen from the website http://tendersorissa.gov.in. All future corrigendum will be available on ONLINE MODE only. | | |

Sd./-Superintending Engineer,
34131/11/0039/1819 Balangir (R&B) Circle, Balangir



GOVERNMENT OF ODISHA No.: 1067-O
OFFICE OF THE EXECUTIVE ENGINEER, RURAL WORKS DIVISION, MOHANA
E-mail: rwdmohana@gmail.com
NATIONAL COMPETITIVE BIDDING THROUGH e-Procurement
Identification No. Online Tender - 05/MOHANA/2018-19

1. Name of the Work : Building Works
2. Total No. of Work : 05 (Five) Nos.
3. Estimated Cost : Varies from Rs.13.87 Lakhs to Rs.42.88 Lakhs
4. Class of Contractor : 'D', 'C' & 'B' Class Contractors
5. Period of Completion : As per Annexure
6. Other Details :

| Procurement Officer | Bid Identification No. | No. of Works | Availability of Tender Online for Bidding | | Last Date & Time of Seeking Tender Clarification | Date & Time of Opening of Tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Mohana | Online Tender 05/MOHANA / 2018-19 | 05 (Five) Nos. of Building Work | 01.12.2018 from 10.00 A.M. | 15.12.2018 upto 5.00 P.M. | 13.12.2018 upto 5.00 P.M. | 20.12.2018 at 11.30 A.M. |

Further details can be seen from the website: **www.tenderorissa.gov.in**.
25148/11/0008/1819 Sd./- Executive Engineer, R.W. Division, Mohana



OFFICE OF THE CHAIRMAN, P.G. COUNCIL
SHRI JAGANNATH SANSKRIT VISHVAVIDYALAYA
Shri Vihar, Puri-3, Odisha
No. 1060/PGC Dt.27.11.2018

**CORRIGENDUM**

In continuation to this office notification No. 1024/ PGC/2018 dt.09.11.2018, is notified for information of all concerned that the entrance examination for admission into Vishistacharya Course - 2019 will be followed by a Viva-voce Test for the candidates in the same day. All other terms and conditions as reflected in the previous notification remain unchanged.

Sd./- Prof. H.H. Hota, Chairman



GOVERNMENT OF ODISHA No.: 1090-O
OFFICE OF THE ENGINEER-IN-CHIEF, RURAL WORKS, BHUBANESWAR
Lr. No.: 29369 Dtd.: 28.11.18

**CORRIGENDUM TO**
"e" Procurement Notice for Road Works under Plan Roads
(Online - 07/2018-19 (Road) C.E., Plan Roads
Lr. No. 27974, Dt.12.11.2018

| Procurement Officer | Bid Identification | No. of Road Works | Availability of Tender Online for Bidding | |
|---|---|---|---|---|
| | | | From | To |
| Chief Engineer, Plan Roads, Odisha, Bhubaneswar | Online-07/2018-19 C.E., Plan Roads | 7 (Seven) Nos. | 3.12.2018 at 11.00 A.M. | 19.12.2018 upto 3.00 P.M. |

Last Date of seeking tender Clarification - 18.12.2018 upto 1.00 P.M.
Date & Time of Opening of Technical Bid - 20.12.2018 at 11.00 A.M.
Other details can be seen in the bidding documents, which is available in website: **www.tendersorissa.gov.in**.
All other details remain unaltered.
25123/11/0045/1819 Sd./- Chief Engineer, Plan Road, Odisha, Bhubaneswar



ରାଜ୍ୟ ପରିବହନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, ଓଡିଶା, କଟକ

ବସ୍ ମାଲିକଙ୍କ ପାଇଁ ବିଶେଷ ସୂଚନା

କଟକ /ଭୁବନେଶ୍ୱର (ବରମୁଣ୍ଡା) – ରସୁଲଗଡ – କଳ୍ପନା/ପିପିଲି / ପୁରୀ ମାର୍ଗରେ ଚୁଡାନ୍ତ ସୁବ୍ୟବସ୍ଥାକରଣ ସମୟ ସାରଣୀ (Final Rationalized Timing)

ଏତଦ୍ୱାରା କଟକ / ଭୁବନେଶ୍ୱର (ବରମୁଣ୍ଡା) – ରସୁଲଗଡ – କଳ୍ପନା / ପିପିଲି / ପୁରୀ ମାର୍ଗରେ ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ଯାନର ମାଲିକମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଉକ୍ତ ମାର୍ଗରେ ଚୁଡାନ୍ତ / ପୂର୍ଣ୍ଣାଙ୍ଗ ସୁବ୍ୟବସ୍ଥାକରଣ ସମୟ ସାରଣୀ (Final Rationalized Timing) ତା ୦୧.୧୨.୨୦୧୮ ରିଖରୁ ଲାଗୁ କରାଯିବ। ସମସ୍ତ ଯାତ୍ରୀବାହୀ ଯାନର ମାଲିକ ମାନଙ୍କୁ ସୁଚାଇ ଦିଆଯାଉଅଛି କି ସେମାନଙ୍କର ଯାତ୍ରୀବାହୀ ଯାନ ଗୁଡିକୁ ତା ୦୧.୧୨.୨୦୧୮ ରିଖ ଠାରୁ ଚୁଡାନ୍ତ / ପୂର୍ଣ୍ଣାଙ୍ଗ ସୁବ୍ୟବସ୍ଥାକରଣ ସମୟ ସାରଣୀ ଅନୁସାରେ ଚଳାଚଳ କରିବେ। ଚୁଡାନ୍ତ / ପୂର୍ଣ୍ଣାଙ୍ଗ ସୁବ୍ୟବସ୍ଥାକରଣ ସମୟ ସାରଣୀ ରାଜ୍ୟ ପରିବହନ ଆୟୁକ୍ତଙ୍କର ନିମ୍ନରେ ପ୍ରଦତ୍ତ ୱେବସାଇଟରେ ଉପଲବ୍ଧ ଅଟେ।

1. www.odishatransport.gov.in
2. www.orissatransport.nic.in

ସଚିବ,
ରାଜ୍ୟ ପରିବହନ ପ୍ରାଧିକାରୀ,
ଓଡିଶା, କଟକ



COLLECTORATE, MALKANGIRI
(ST & SC Dev. Section)
Letter No.: 2679/2018 Date: 28.11.2018

**ADVERTISEMENT**

Application in prescribed proforma from intending candidates are invited to fill up the Post of Sikshya Sahayak (Junior Teacher) in ST & SC Development Department Schools of Malkangiri District. Application form alongwith details regarding educational qualification, eligibility criteria, selection procedure can be obtained from the District website i.e. **www.malkangiri.nic.in** or from the Office of the Distirct Welfare Officer, Malkangiri in the working days from 10.00 A.M. to 5.00 P.M.
The last date of submission of application to District Welfare Officer, Malkangiri by Registered Post/Speed Post only is 22.12.2018 by 5.00 P.M.

By Order of Collector
Sd./- District Welfare Officer
Malkangiri



ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ
(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)

ଇସ୍ତାହାର ସଂଖ୍ୟା: ୧୨୦୮ ତା: ୨୯।୧୧।୨୦୧୮

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି କି ଯେ ନିମ୍ନଲିଖିତ ଅଜଣା ଶିଶୁକୁ ଉଦ୍ଧାର କରାଯାଇ ଶିଶୁମଙ୍ଗଳ କମିଟି, ଅନୁଗୋଳଙ୍କ ନିର୍ଦ୍ଦେଶରେ ଅନୁଗୋଳ ପଞ୍ଚମହଲା ସ୍ଥିତ ଆଦୃତା ଶିଶୁ ସଦନ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥାରେ ରଖାଯାଇଅଛି। ଉକ୍ତ ଶିଶୁଟିର ଯଦି କେହି ପିତାମାତା/ଅଭିଭାବକ ବା ଆଇନ୍‌ସିଦ୍ଧ ଦାବିଦାର ଥାନ୍ତି ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ, ଫୋନ୍ ନଂ.– ୦୬୭୬୪–୨୩୦୩୨୯କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ ଉକ୍ତ ଶିଶୁ ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁଟିକୁ କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ୍ – ୨୦୧୫ର ଧାରା ୩୮ (ଉପଧାରା–୧) ଅନୁଯାୟୀ ଆବଶ୍ୟକ ଥଇଥାନ କରାଯିବ।

| କ୍ର.ସଂ. | ଶିଶୁଟିର ନାମ | ପୁଅ / ଝିଅ | କେଉଁ ସ୍ଥାନରୁ ଉଦ୍ଧାର | ଶିଶୁ ମଙ୍ଗଳ କମିଟି କେସ୍ ନମ୍ବର | ବର୍ତ୍ତମାନର ଠିକଣା | ଫଟୋ |
|---|---|---|---|---|---|---|
| ୧. | ଲକ୍ଷ୍ମୀ | ଝିଅ | ନୂଆକ୍ଷେତ, ସାରୁଆଳୀ, ଥାନା: ବନ୍ତଳା, ଜିଲ୍ଲା: ଅନୁଗୋଳ | ୯୧/୨୦୧୮ ତା୧୫।୧୧।୧୮ | ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା, ଆଦୃତା ଶିଶୁ ସଦନ, ପଞ୍ଚମହଲା, ଅନୁଗୋଳ |  |

ସ୍ୱା./– ଜିଲ୍ଲାପାଳ, ଅନୁଗୋଳ



ODISHA COAL AND POWER LTD.
Odisha Coal and Power Limited OCPL
(A Govt. of Odisha Company)
Zone - A, Ground Floor, Fortune Towers, Chandrasekharpur, Bhubaneswar - 751023, Odisha
Ph. No.: 0674-2300654 / 0674-2300664

**NOTICE INVITING TENDER**

NIT No.: OCPL/CONS-84/2018 Date: 30.11.2018
Sealed bids in prescribed format are invited from reputed Companies/Firms for execution of the following work at Hemgir, Sundargarh, Odisha:

| Sl. No. | Name of the Work | Cost of Tender Paper | BID Security | Last date of Sale of Tender Document | Date of Submission/ Opening |
|---|---|---|---|---|---|
| 1 | Selection of third party inspection agency for the Quality Assurance, Quality Control and Quantity Survey work for Construction of Manoharpur Township Complex at Sarbahal, Hemgir, Sundargarh, Odisha | Rs.11,800/- (Rupees Eleven thousand and eight hundred only) including GST @ 18% | Rs.1,00,000/- (Rupees One Lakh Only) | 10.12.2018 | 3.00 P.M. on 22.12.2018 3.30 P.M. on 22.12.2018 |

For details please visit our website i.e. **www.ocpl.org.in**. Any further clarifications may please be addressed to the undersigned at the above address or by email to: **a.kanungo@ocpl.org.in**.

Sd./- Addl. General Manager (Commercial & Contracts)
Tel.: 0674-2300964 (D)



NACO
National AIDS Control Organisation
India's voice against AIDS
Ministry of Health & Family Welfare, Government of India
www.naco.gov.in

OSACS

"ନିଜର ଏଚ୍.ଆଇ.ଭି. ସ୍ଥିତି ଜାଣିବା ପାଇଁ ସମସ୍ତଙ୍କୁ ପ୍ରୋତ୍ସାହିତ କରନ୍ତୁ"

- ଏଚ.ଆଇ.ଭି. ପରୀକ୍ଷଣ ରାଜ୍ୟର ୭୭୫ ସରକାରୀ ଏବଂ ୧୭୧ ବେସରକାରୀ ଡାକ୍ତରଖାନାରେ ମାଗଣାରେ ଉପଲବ୍ଧ.
- ଏଚ.ଆଇ.ଭି. ସଂକ୍ରମିତଙ୍କ ପାଇଁ ରାଜ୍ୟରେ ୧୫ଟି ଚିକିତ୍ସା (ଏ.ଆର.ଟି.) କେନ୍ଦ୍ର ଏବଂ ୧୯ଟି ଲିଙ୍କ୍ ଏ.ଆର.ଟି. କେନ୍ଦ୍ର କାର୍ଯ୍ୟ କରୁଅଛି।
- ସମସ୍ତ ଗର୍ଭବତୀ ମହିଳାମାନେ ଏଚ୍.ଆଇ.ଭି. ପରୀକ୍ଷା କରାଇବା ନିତାନ୍ତ ଆବଶ୍ୟକ। ଗର୍ଭବତୀ ମା' ଗର୍ଭାବସ୍ଥାରେ ଏଚ୍.ଆଇ.ଭି. ଆକ୍ରାନ୍ତ ଥିବା ଜଣାପଡିଲେ, ତୁରନ୍ତ ଚିକିତ୍ସା କରାଯାଇ ଶିଶୁକୁ ଏଚ୍.ଆଇ.ଭି. ମୁକ୍ତ କରିହେବ।
- ନିୟମିତ ଏବଂ ସଠିକ ଭାବେ କଣ୍ଡୋମ୍ ବ୍ୟବହାର ଦ୍ୱାରା ଆମେ ଏଚ୍.ଆଇ.ଭି. ସଂକ୍ରମଣକୁ ନିୟନ୍ତ୍ରଣ କରିପାରିବା।
- ଏଚ୍.ଆଇ.ଭି. ସଂକ୍ରମିତ ବ୍ୟକ୍ତି ଯକ୍ଷ୍ମା ସହ-ସଂକ୍ରମଣରେ ପିଡୀତ ହୋଇପାରେ। ସେହିଭଳି ବ୍ୟକ୍ତିଙ୍କର ସିବିନାଟ୍ ମେସିନ୍ ଦ୍ୱାର ଯକ୍ଷ୍ମା ରୋଗର ପରୀକ୍ଷା କରାଯାଇ ସେମାନଙ୍କୁ ସଂପୂର୍ଣ୍ଣ ଚିକିତ୍ସା କରାଇବା ଆବଶ୍ୟକ।

ବାର୍ଷିକ ୧୩୮୯ ଜଣ ବ୍ୟକ୍ତି ଏଡ୍‌ସରେ ମୃତ୍ୟୁବରଣ କରି ଥାନ୍ତି

ବାର୍ଷିକ ୨୪୨୨ ଜଣ ନୂତନ ଭାବେ ଏଚ.ଆଇ.ଭି. ସଂକ୍ରମିତ ହୋଇଥାନ୍ତି

୪୨୦୦୦ ଏଚ୍.ଆଇ.ଭି. ସଂକ୍ରମିତ ବ୍ୟକ୍ତିଙ୍କର ଚିହ୍ନଟ ହୋଇପାରିଛି

"1097" ଏଚ୍.ଆଇ.ଭି. ଏବଂ ଏଡ୍‌ସ୍ ବିଷୟରେ ସବିଶେଷ ବିବରଣୀ ପାଇଁ ଫୋନ କରନ୍ତୁ

ବିଶ୍ୱ ଏଡ୍‌ସ୍ ଦିବସ, ୧ ଡିସେମ୍ବର, ୨୦୧୮

# ଆୟର୍ଲାଣ୍ଡ ବିପକ୍ଷରୁ ଅଷ୍ଟ୍ରେଲିଆର ଅଭିଯାନ


ଅଭ୍ୟାସ ସେସନ ଅବସରରେ ଅଷ୍ଟ୍ରେଲିଆ ହକି ଦଳର ଖେଳାଳିମାନେ।

**ଭୁବନେଶ୍ୱର, ୨୯।୧୧(ସ୍ପୋର୍ଟ୍ସ ବ୍ୟୁରୋ)** ଚଳିତ ହକି ବିଶ୍ୱକପ୍‌ରେ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଶୁକ୍ରବାର ତା'ର ଅଭିଯାନ ଆରମ୍ଭ କରିବ। ପୁଲ୍ ବି'ରେ ଅଷ୍ଟ୍ରେଲିଆ ପ୍ରଥମ ମ୍ୟାଚ୍‌ରେ ଅପେକ୍ଷାକୃତ ଦୁର୍ବଳ ଆୟର୍ଲାଣ୍ଡକୁ ଭେଟିବ। ପୂର୍ବରୁ କ୍ରମାଗତ ଦୁଇଥର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିବା ଅଷ୍ଟ୍ରେଲିଆ ଏଥର ହଟ୍ ଫେଭରାଇଟ୍ ବିବେଚିତ ହେଉଛି। ଏଥର ସଫଳ ହେଲେ ଅଷ୍ଟ୍ରେଲିଆ କ୍ରମାଗତ ୩ଥର ଟାଇଟଲ ହାସଲ ସହ ହାଟ୍ରିକ ଅର୍ଜନ କରିବ। ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍‌ଆଇଏଚ୍) ର୍‍ୟାଙ୍କିଙ୍ଗ୍‌ରେ ଅଷ୍ଟ୍ରେଲିଆ ଶୀର୍ଷ ସ୍ଥାନରେ ରହିଥିବା ବେଳେ ଆୟର୍ଲାଣ୍ଡ ଦଶମ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ ପୂର୍ବରୁ ୩ଥର ବିଶ୍ୱକପ୍ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ପ୍ରଥମେ ଅଷ୍ଟ୍ରେଲିଆ ୧୯୮୬ରେ ବିଶ୍ୱକପ୍ ଟାଇଟଲ ଜିତିଥିଲା। ଏହା ପରେ ୨୦୧୦ ଓ ୨୦୧୪ରେ ମଧ୍ୟ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଥିଲା। ଆଧୁନିକ ହକିରେ ଅଷ୍ଟ୍ରେଲିଆ ଏକ ମହାଶକ୍ତି ଭାବେ ଉଭା ହୋଇଛି ଓ ସାରା ବିଶ୍ୱରେ ଏହି ଦଳ ତା'ର ଆଧିପତ୍ୟ ବିସ୍ତାର କରିବାରେ ସକ୍ଷମ ହୋଇଛି। ଯଦିଓ ଅଲିମ୍ପିକ୍ସରେ ଅଲିମ୍ପିକ୍ସରେ ଅଷ୍ଟ୍ରେଲିଆ ବିଶ୍ୱକପ୍ ଭଳି ସଫଳତା ହାସଲ କରିପାରନାହିଁ।

ଏହି ବିଶ୍ୱ ଚାମ୍ପିୟନ ଦଳର କେତେକ ଅଭିଜ୍ଞ ଖେଳାଳି ଅବସର ଘୋଷଣା କରିଛନ୍ତି। ଜେମି ଡୱେର ଓ ମାର୍କ ନୋଲ୍ସ ଭଳି ତାରକା ତଥା ଅଭିଜ୍ଞ ଖେଳାଳି ଏଥର ବିଶ୍ୱକପ୍ ଦଳରେ ସାମିଲ ହୋଇନାହାନ୍ତି। ଏଥର ଯୁବ ଖେଳାଳିଙ୍କ ଉପରେ ଅଷ୍ଟ୍ରେଲିଆ ଅଧିକ ଭରସା କରିଛି। ଶୁକ୍ରବାର ଆୟର୍ଲାଣ୍ଡକୁ ବୃହତ୍ ବ୍ୟବଧାନରେ ହରାଇ ଅଷ୍ଟ୍ରେଲିଆ ତା'ର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବା ସହ ଆତ୍ମବିଶ୍ୱାସ ବୃଦ୍ଧି କରିବା ଲକ୍ଷ୍ୟରେ ରହିଛି। ସବୁଠାରୁ ବଡ଼ କଥା ହେଉଛି ଅଷ୍ଟ୍ରେଲିଆର ୧୦ ଜଣ ଖେଳାଳି ଏଥର ବିଶ୍ୱକପ୍ ପଦାର୍ପଣ କରିବେ। ତେଣୁ ଅଷ୍ଟ୍ରେଲିଆ ପାଇଁ ନିଶ୍ଚୟ ସମସ୍ୟା ରହିଛି। କିନ୍ତୁ ଏହାକୁ ଅଷ୍ଟ୍ରେଲିଆ ଏକ ଚ୍ୟାଲେଞ୍ଜ୍ ରୂପେ ଗ୍ରହଣ କରିଛି ବୋଲି ଦଳର ଅଧିନାୟକ ଆରନ ଜାଲେୱ୍ସ୍କି କହିଛନ୍ତି। ଏଥରର ଅଷ୍ଟ୍ରେଲିଆ ଦଳ ସମ୍ପୂର୍ଣ୍ଣ ଭିନ୍ନ ବୋଲି ସେ କହିଛନ୍ତି। ଆମର ୧୦ଜଣ ଖେଳାଳି ପ୍ରଥମଥର ପାଇଁ ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି। ତେଣୁ ଦଳଗତ ଭାବେ ଆମେ ବିଶ୍ୱକପ୍ ଜିତିବାର ପ୍ରଥମ ସୁଯୋଗ ହାସଲ କରିଛୁ। ଏକ ଯୁବ ଦଳ ହୋଇଥିବାରୁ ଆମେ ଏହାକୁ ଚାପ ହିସାବରେ ଗ୍ରହଣ ନ କରି ଏହାକୁ ଏକ ଚ୍ୟାଲେଞ୍ଜ୍ ହିସାବରେ ଗ୍ରହଣ କରିଛୁ ବୋଲି ସେ କହିଛନ୍ତି।

ର୍‍ୟାଙ୍କିଙ୍ଗ୍‌ରେ ଆୟର୍ଲାଣ୍ଡ ନିମ୍ନରେ ଥିଲେ ମଧ୍ୟ ଏହି ଦଳକୁ ଆଦୌ ହେୟ ମନେ କରିହେବ ନାହିଁ ବୋଲି ଅଷ୍ଟ୍ରେଲିଆ କୋଚ୍ କୋଲିନ୍ ବ୍ୟାଚ୍ କହିଛନ୍ତି। ଆୟର୍ଲାଣ୍ଡ ବିପର୍ଯ୍ୟୟ ଘଟାଇବାର କ୍ଷମତା ରଖୁଛି। ବିଶ୍ୱକପ୍‌ରେ ଅଂଶଗ୍ରହଣ କରିଥିବା ୧୬ଟି ଯାକ ଦଳ ଚାମ୍ପିୟନ ହେବା ପାଇଁ ଏଠାକୁ ଆସିଛନ୍ତି ଓ ଏହି ଦଳଗୁଡିକ ଯେକୌଣସି ଦଳକୁ ହରାଇବା କ୍ଷମତା ରଖୁଛନ୍ତି। ଚଳିତ ବର୍ଷ ପ୍ରାରମ୍ଭରୁ ଆୟର୍ଲାଣ୍ଡ ବିପକ୍ଷରେ ଆମେ ଖେଳିନାହୁଁ ବୋଲି ବ୍ୟାଚ୍ କହିଛନ୍ତି। ତେଣୁ ଆମେ ଆୟର୍ଲାଣ୍ଡକୁ ଆଦୌ ହେୟ ମନେ କରୁନାହୁଁ। ନିଜ ପ୍ରଦର୍ଶନ ନେଇ ଆମେ ଯତ୍ନବାନ ହେବୁ। ଆୟର୍ଲାଣ୍ଡ ନିଶ୍ଚିତ ଭାବେ କଡ଼ା ଟକ୍କର ଦେବ ଓ ଏହି ଦଳ ଏକ ବିପଜ୍ଜନକ ଦଳ ବୋଲି ବ୍ୟାଚ୍ କହିଛନ୍ତି।

ଅପରପକ୍ଷରେ ଆୟର୍ଲାଣ୍ଡ ପାଇଁ ଏହି ମ୍ୟାଚ୍‌ରେ ସେଭଳି କିଛି ହରାଇବାର ନାହିଁ। ତେଣୁ ଏହି ଦଳ ଉପରେ ଆଦୌ ଚାପ ନାହିଁ। ଏହା ପୂର୍ବରୁ ଅଷ୍ଟ୍ରେଲିଆ ଦୁଇଥର ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବାର ସୁଯୋଗ ହାସଲ କରିଥିଲା। ୧୯୭୮ ଓ ୧୯୯୦ ବିଶ୍ୱକପ୍‌ରେ ଆୟର୍ଲାଣ୍ଡ ଦ୍ୱାଦଶ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ସେହିପରି ଶୁକ୍ରବାର ପୁଲ ବି'ର ଦ୍ୱିତୀୟ ମ୍ୟାଚ୍‌ରେ ଇଂଲଣ୍ଡ ଓ ଚାଇନା ପରସ୍ପରକୁ ଭେଟିବେ।


ଅଭ୍ୟାସରତ ଚାଇନା ଖେଳାଳି।

# ଇଂଲଣ୍ଡ ଫେଭରାଇଟ୍

**ଭୁବନେଶ୍ୱର, ୨୯।୧୧(ସ୍ପୋର୍ଟ୍ସ ବ୍ୟୁରୋ)** ପୁଲ୍ ବି'ରେ ଶୁକ୍ରବାର ଦ୍ୱିତୀୟ ମ୍ୟାଚ୍‌ରେ ଇଂଲଣ୍ଡ ଓ ଚାଇନା ପରସ୍ପରକୁ ଭେଟିବେ। ପ୍ରଥମଥର ପାଇଁ ଚାଇନା ବିଶ୍ୱକପ୍ ଖେଳିବାକୁ ଯାଉଛି। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୧୭ତମ ସ୍ଥାନରେ ଥିବା ଚାଇନା କିନ୍ତୁ ୧୬ଟି ଦଳକୁ ନେଇ ଖେଳାଯିବାକୁ ଥିବା ବିଶ୍ୱକପ୍ ଖେଳିବାକୁ ଯାଉଛି। ଲଣ୍ଡନ୍‌ରେ ଅନୁଷ୍ଠିତ ହକି ୱାର୍ଲ୍ଡ ଲିଗ୍ ସେମିଫାଇନାଲରେ ଅଷ୍ଟମ ସ୍ଥାନ ଅଧିକାର କରି ଅଭିଯାନ ଶେଷ କରିଥିବା ଚାଇନାକୁ ବିଶ୍ୱକପ୍ ଖେଳିବାର ସୁଯୋଗ ମିଳିଥିଲା। ତେବେ ଏହି ମେଗା ଇଭେଣ୍ଟରେ ଚାଇନା ଏକ ଉନ୍ନତ ଦଳ ଭାବେ ଉଭା ହେବାକୁ ଯାଉଛି। ପ୍ରଥମଥର ପାଇଁ ବିଶ୍ୱକପ୍ ଖେଳିବାକୁ ଯାଉଥିବାରୁ ଆମ ଖେଳାଳିମାନେ ବେଶ୍ ଉତ୍ସାହିତ ଅଛନ୍ତି ବୋଲି କୋଚ୍ ସାଙ୍ଗ ରାଇଉଲ କିମ୍ କହିଛନ୍ତି। ଚାଇନାରେ ହକି ସେତେଟା ଲୋକପ୍ରିୟ ନୁହଁ। ୨୦୦୮ରେ ଚାଇନା ମହିଳା ବେଜିଂ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିବା ପରେ ହକିର ଲୋକପ୍ରିୟତା ବୃଦ୍ଧି ପାଇଥିଲା। ଚାଇନା ଏହି ମ୍ୟାଚ୍‌ରେ ଇଂଲଣ୍ଡକୁ କଡ଼ା ଟକ୍କର ଦେବ ବୋଲି ଆଶା କରାଯାଉଛି।

ଅପରପକ୍ଷରେ ଇଂଲଣ୍ଡ ଅପେକ୍ଷାକୃତ ଶକ୍ତିଶାଳୀ ମନେ ହେଉଛି। ବିଶ୍ୱକପ୍‌ର ଗତ ଦୁଇଟି ସଂସ୍କରଣରେ ଇଂଲଣ୍ଡ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଥିଲା। ଗତ ଦୁଇଟି ବିଶ୍ୱକପ୍‌ରେ ଇଂଲଣ୍ଡ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ପୂର୍ବରୁ ୧୯୮୬ ବିଶ୍ୱକପ୍‌ରେ ଇଂଲଣ୍ଡ ରନର୍ସଅପ୍ ହୋଇଥିଲା। ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଇଂଲଣ୍ଡ ଭାରତକୁ ୨-୧ ଗୋଲରେ ହରାଇ ବ୍ରୋଞ୍ଜ୍ ପଦକ ଜିତିଥିଲା। ଚାଇନା ବିପକ୍ଷରେ ଇଂଲଣ୍ଡ ଫେଭରାଇଟ୍ ବିବେଚିତ ହେଉଛି। ତେଣୁ ଏହି ମ୍ୟାଚ୍ ଏକପାଖିଆ ହେବ ବୋଲି ଆଶା କରାଯାଉଛି।

**ଆଜିର ମ୍ୟାଚ୍**

ଅଷ୍ଟ୍ରେଲିଆ ବନାମ ଆୟର୍ଲାଣ୍ଡ
ପୁଲ୍-ବି
ସମୟ ଅପରାହ୍ନ- ୫ଟା

ଇଂଲଣ୍ଡ ବନାମ ଚାଇନା
ପୁଲ୍- ବି
ସମୟ- ରାତି ୭ଟା
ସ୍ଥାନ- କଳିଙ୍ଗ ଷ୍ଟାଡିୟମ

**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ**






## କଳିଙ୍ଗ କର୍ଣ୍ଣର

### ପ୍ରଥମ କ୍ୱାର୍ଟରରୁ ଗୋଲ ବର୍ଷାର ଆଭାସ

ଭୁବନେଶ୍ୱର, ୨୯।୧୧(କ୍ରୀଡ଼ା ପ୍ରତିନିଧି): ହକି ବିଶ୍ୱକପର ଗୁରୁବାର ଅନୁଷ୍ଠିତ ଆର୍ଜେଣ୍ଟିନା-ସ୍ପେନ ମ୍ୟାଚ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ୪ ମିନିଟ ମଧ୍ୟରେ ୨ଟି ଏବଂ ପ୍ରଥମ କ୍ୱାର୍ଟରରେ ୫ଟି ଗୋଲ ସ୍କୋର ହୋଇଥିଲା। ଯାହାକି ଉପସ୍ଥିତ ଦର୍ଶକଙ୍କୁ ମନୋରଞ୍ଜନର ବେଶ୍ ଖୋରାକ ଯୋଗାଇଥିଲା। ଏଥିସହ ମ୍ୟାଚରେ ଗୋଲବର୍ଷାର ଆଭାସ ମିଳିଥିଲା। ସମକକ୍ଷ ଦଳ ମଧ୍ୟରେ ଲଢ଼େଇ ଜୋରଦାର ହୋଇଥିବାରୁ ମ୍ୟାଚଟି ହାଇସ୍କୋରିଂ ହେବା ସ୍ପଷ୍ଟ ହୋଇଯାଇଥିଲା। ଯାହାକି ମ୍ୟାଚରେ ମଧ୍ୟ ପ୍ରତିଫଳିତ ହୋଇଥିଲା। ମୋଟ ୭ଟି ଗୋଲ ହୋଇଥିଲା ଏହି ମ୍ୟାଚରେ।

### ଉତ୍ସାହ ବଢ଼ାଇଲେ ସ୍କୁଲ ଛାତ୍ରୀଛାତ୍ର

ବିଶ୍ୱକପ ପାଇଁ ଭାରତ ଖେଳିବାକୁଥିବା ସମସ୍ତ ମ୍ୟାଚର ଟିକେଟ ବିକ୍ରି ହୋଇ ଯାଇଥିବାବେଳେ ଅନ୍ୟ ଲିଗ୍ ମ୍ୟାଚଗୁଡ଼ିକର ଟିକେଟ ବଳି ପଡ଼ିଥିଲା। ଫଳରେ ମ୍ୟାଚ ଦେଖିବାକୁ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କୁ ସୁଯୋଗ ଦିଆ ଯାଇଥିଲା। ନର୍ଥ, ସାଉଥ୍ ଏବଂ ଇଷ୍ଟ ଷ୍ଟାଣ୍ଡରେ ଅର୍ଦ୍ଧାଧିକ ସିଟ୍‌ରେ ଛାତ୍ରୀଛାତ୍ରଙ୍କୁ ଦେଖିବାକୁ ମିଳିଥିଲା। ପିଲାମାନେ ମଧ୍ୟ ଏହାର ଭରପୂର ଫାଇଦା ଉଠାଇଥିଲେ। ପ୍ରତିଟି ଗୋଲ ଏବଂ ମଧ୍ୟାନ୍ତରରେ ବାଦ୍ୟର ତାଳେତାଳେ ସେମାନେ ତାଳିମାରି ଏବଂ ନାଚିନାଚି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

### ମାସ୍କଟ ଓଲିର ଷ୍ଟାଡିୟମ ପରିକ୍ରମା

ହକି ବିଶ୍ୱକପର ମାସ୍କଟ ଓଲି ମ୍ୟାଚର ମଧ୍ୟାନ୍ତରରେ ଷ୍ଟାଡିୟମ ପରିକ୍ରମା କରିଥିଲା। ଦର୍ଶକଙ୍କ ଉଦ୍ଦେଶ୍ୟରେ ହାତ ହଲାଇବା ସହ ଅଭିବାଦନ ଗ୍ରହଣ କରିଥିଲା। ଷ୍ଟାଡିୟମରେ ଉପସ୍ଥିତ ଛାତ୍ରୀଛାତ୍ରମାନେ କୋଳାହଳ ମାଧ୍ୟମରେ ଓଲିକୁ ଉତ୍ସାହିତ କରିଥିଲେ।

### ଦର୍ଶକ ନିରପେକ୍ଷ

ଗୁରୁବାର ଅନୁଷ୍ଠିତ ୨ଟି ଯାକ ମ୍ୟାଚରେ ଭାରତ ଖେଳୁ ନ ଥିଲା। ତେଣୁ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକମାନେ ଉଭୟ ମ୍ୟାଚରେ ନିରପେକ୍ଷତା ଅବଲମ୍ବନ କରିଥିଲେ। ଆର୍ଜେଣ୍ଟିନା ହେଉ କି ସ୍ପେନ, ନ୍ୟୁଜିଲାଣ୍ଡ କିମ୍ବା ଫ୍ରାନ୍ସ ମ୍ୟାଚର ପ୍ରତିଟି ମୁଭ୍‌ରେ ଏବଂ ଗୋଲ ସ୍କୋର ସମୟରେ ଦର୍ଶକମାନେ କୋଳାହଳ ମାଧ୍ୟମରେ ବିଦେଶୀ ଦଳଗୁଡ଼ିକୁ ଉତ୍ସାହିତ କରିଥିଲେ।

# ଗୋଲ ବର୍ଷିଲା: ଆର୍ଜେଣ୍ଟିନା ୪, ସ୍ପେନ୍ ୩

ଭୁବନେଶ୍ୱର, ୨୯।୧୧(କ୍ରୀଡ଼ା ପ୍ରତିନିଧି)

ହକି ବିଶ୍ୱକପର ଗୁରୁବାର ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ଏବଂ ରୋମାଞ୍ଚକ ମ୍ୟାଚରେ ସ୍ପେନକୁ ୪-୩ ଗୋଲରେ ପରାସ୍ତ କରିଛି ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନା। ହେଭିୱେଟ ମୁକାବିଲାରେ ୮ ନମ୍ବର ର୍‍ୟାଙ୍କିଙ୍ଗପ୍ରାପ୍ତ ୟୁରୋପୀୟ ଦଳ ବିପକ୍ଷରେ ଭାରି ପଡ଼ିଛି ବିଶ୍ୱର ୨ ନମ୍ବର ର୍‍ୟାଙ୍କ ଦକ୍ଷିଣ ଆମେରିକା ଦଳ। ସ୍କିଲ୍ ଗେମ୍‌ର ଜ୍ୱଳନ୍ତ ନିଦର୍ଶନ ପ୍ରତିଫଳିତ ହୋଇଥିଲା ଏହି ମ୍ୟାଚରେ। ପ୍ରଥମ କ୍ୱାର୍ଟରରେ ୫ ଗୋଲ ବର୍ଷା ହେବାସହ ମ୍ୟାଚରେ ମୋଟ ୭ଟି ଗୋଲ ସ୍କୋର ହୋଇଥିଲା। କେବଳ ଦ୍ୱିତୀୟ କ୍ୱାର୍ଟରକୁ ଛାଡ଼ିଦେଲେ ଅନ୍ୟ ୩ଟି ଯାକ କ୍ୱାର୍ଟରରେ ଉଭୟ ଦଳ ପ୍ରତିପକ୍ଷ ଦଳର ନେଟ୍ ସ୍ପର୍ଶ କରିବାରେ ସକ୍ଷମ ହୋଇଥିଲେ। ଆର୍ଜେଣ୍ଟିନା ପକ୍ଷରୁ ଗୋଞ୍ଜାଲୋ ପିଲାଟ ଏବଂ ଅଗଷ୍ଟିନ ମାଜିଲ ୨ଟି ଲେଖାଏ ଗୋଲ ଦେଇଥିବାବେଳେ ସ୍ପେନ ପକ୍ଷରୁ ଏନରିକ୍ ଗୋଞ୍ଜାଲେଜ, ରୋମେଉ ଜୋସେଫ ଓ ରୁଇଜ୍ ଭିସେନ ଗୋଟିଏଲେଖାଏ ଗୋଲ ସ୍କୋର କରିଥିଲେ। ରାଜ୍ୟସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଆର୍ଜେଣ୍ଟିନାର ଅଗଷ୍ଟିନ ମାଜିଲଙ୍କୁ ପ୍ଲେୟର ଅଫ ଦି ମ୍ୟାଚ ପୁରସ୍କାର

**ହେଭିୱେଟ ଲଢ଼େଇରେ ଆର୍ଜେଣ୍ଟିନାର ବାଜିମାତ**



ସ୍ପେନର ଜଣେ ଖେଳାଳି (ଲାଲଜର୍ସି) ଆର୍ଜେଣ୍ଟିନା ଗୋଲପୋଷ୍ଟ ମଧ୍ୟକୁ ବଲ୍ ମାରିବାକୁ ଉଦ୍ୟମ କରୁଛନ୍ତି।

ପ୍ରଦାନ କରିଥିଲେ। ପୁରସ୍କାର ଆକାରରେ ତାଙ୍କୁ ୫୦,୦୦୦ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ମ୍ୟାଚ ଆରମ୍ଭରେ ହକି ଇଣ୍ଡିଆ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଆର.କେ. ଶ୍ରୀବାସ୍ତବ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ।

ଉଭୟ ଦଳ ଆକ୍ରମଣାତ୍ମକ ପନ୍ଥା ଅବଲମ୍ବନ କରିଥିବାରୁ ମ୍ୟାଚଟି ଆରମ୍ଭରୁ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଅଗ୍ରଣୀ ନେବା ଲକ୍ଷ୍ୟରେ ଉଭୟ ଦଳ ଉଦ୍ୟମ କରିଥିବାବେଳେ ପ୍ରଥମ ଗୋଲ ସ୍କୋର କରିଥିଲେ ସ୍ପେନର ଏନରିକ୍। ସେ ଏକ ଫିଲ୍ଡ ଗୋଲ ମାଧ୍ୟମରେ ସ୍ପେନକୁ ୧-୦ରେ ଆଗୁଆ କରାଇଥିଲେ। ମାତ୍ର ସ୍ପେନର ଏହି ଖୁସି ବେଶୀ ସମୟ ତିଷ୍ଠି ନ ଥିଲା। ଏହାର ଗୋଟିଏ ମିନିଟପରେ ଅର୍ଥାତ୍ ୪ର୍ଥ ମିନିଟରେ ଅଗଷ୍ଟିନ ମାଜିଲ ଫିଲ୍ଡ ଗୋଲ ମାଧ୍ୟମରେ ମ୍ୟାଚକୁ ୧-୧ ସ୍ଥିତିକୁ ନେଇ ଆସିଥିଲେ। ୧୦ମିନିଟର ସଂଘର୍ଷପରେ ୧୪ତମ ମିନିଟରେ ଆର୍ଜେଣ୍ଟିନା ଡିଫେଣ୍ଡର ଓ ଗୋଲକିପରଙ୍କୁ ଚକ୍‌ମା ଦେବାରେ ସକ୍ଷମ ହୋଇଥିଲେ ସ୍ପେନର ରୋମେଉ ଜୋସେପ। ସ୍ପେନକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ସେ ଗୋଲରେ ପରିଣତ କରିବାରେ କୌଣସି ଭୁଲ କରି ନ ଥିଲେ। ମାତ୍ର ଏଥର ମଧ୍ୟ ଅଗ୍ରଣୀର ଫାଇଦା ନେଇପାରି ନ ଥିଲା ସ୍ପେନ। ୧ ମିନିଟ ପରେ ଅର୍ଥାତ୍ ୧୫ତମ ମିନିଟରେ ଆର୍ଜେଣ୍ଟିନାର ମାଜିଲ ବ୍ୟକ୍ତିଗତ ଦ୍ୱିତୀୟ ଫିଲ୍ଡ ଗୋଲ ଦେବାରୁ ମ୍ୟାଚ ୨-୨ ସ୍ଥିତିକୁ ଚାଲି ଆସିଥିଲା। ପ୍ରଥମ କ୍ୱାର୍ଟରର ଇଞ୍ଜୁରି ଟାଇମ୍‌ରେ ଆର୍ଜେଣ୍ଟିନା ଏକ ପେନାଲ୍ଟି କର୍ଣ୍ଣର ସୁଯୋଗ ସୃଷ୍ଟି କରିଥିଲା। ଡିଫେଣ୍ଡର ଗୋଞ୍ଜାଲୋ ପିଲାଟ (୧୫ ୟୁକ୍ତ୧) ମିନିଟରେ ଏହାକୁ ଗୋଲରେ ପରିଣତ କରିବାରୁ ଆର୍ଜେଣ୍ଟିନାର ଅଗ୍ରଣୀ ବ୍ୟବଧାନ ୩-୨ରେ ପହଞ୍ଚି ଯାଇଥିଲା।

ଦ୍ୱିତୀୟ କ୍ୱାର୍ଟରରେ ଉଭୟ ଦଳ ଅନେକ ସୁଯୋଗ ସୃଷ୍ଟି କରିଥିଲେ ହେଁ ଗୋଲ ସ୍କୋର କରିପାରି ନ ଥିଲେ। ତୃତୀୟ କ୍ୱାର୍ଟର ଅର୍ଥାତ୍ ମ୍ୟାଚର ୩୫ତମ ମିନିଟରେ ସ୍ପେନର ରୁଇଜ୍ ଭିସେନଙ୍କ ଫିଲ୍ଡ ଗୋଲ ମ୍ୟାଚକୁ ୩-୩ ସ୍ଥିତିକୁ ନେଇ ଆସିଥିଲା। ମ୍ୟାଚ ଜିତିବା ପାଇଁ ଉଭୟ ଦଳ ୪ର୍ଥ କ୍ୱାର୍ଟର ଆରମ୍ଭରୁ ଆକ୍ରମଣକୁ ଜୋରଦାର କରିଥିଲେ। ସ୍ପେନ ଖେଳାଳିଙ୍କ ତ୍ରୁଟି ଯୋଗୁ ୪୯ତମ ମିନିଟରେ ଆର୍ଜେଣ୍ଟିନାକୁ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲା। ଏହି ସୁବର୍ଣ୍ଣ ସୁଯୋଗର ସଦ୍‌ବ୍ୟବହାର କରିଥିଲେ ପିଲାଟ। ସେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେବାସହ ଆର୍ଜେଣ୍ଟିନାକୁ ୪-୩ରେ ଅଗ୍ରଣୀ କରାଇଥିଲେ। ଅବଶିଷ୍ଟ ସମୟରେ ମ୍ୟାଚକୁ ସମାନ ସ୍ତରକୁ ଆଣିବାପାଇଁ ସ୍ପେନ ଖେଳାଳିମାନେ ଆପ୍ରାଣ ଉଦ୍ୟମ କରିଥିଲେ ହେଁ ଆର୍ଜେଣ୍ଟିନା ଡିଫେଣ୍ଡରମାନେ ତାହା ହେବାକୁ ଦେଇ ନ ଥିଲେ। ମ୍ୟାଚ ଶେଷ ହେବାକୁ ମାତ୍ର ୧ସେକେଣ୍ଡ ବାକିଥିବାବେଳେ ସ୍ପେନ ପାଇଁ ବଡ଼ ସୁଯୋଗ ଆସିଥିଲା। ଆର୍ଜେଣ୍ଟିନା ଗୋଲପୋଷ୍ଟରେ ଗ୍ୟାପ୍ ଥିଲେ ହେଁ କ୍ରସ୍ ପାସ୍‌ରେ ଷ୍ଟିକ୍ ସଂଯୋଗ କରିପାରି ନ ଥିଲେ ଏନରିକ ଗୋଞ୍ଜାଲେଜ। ଶେଷ ହ୍ୱିସିଲ ବାଜିବା ସହ ଆର୍ଜେଣ୍ଟିନା ଖେଳାଳିମାନେ ଖୁସି ମନାଇଥିଲେ। ମ୍ୟାଚରେ ସ୍ପେନ ୨ଟି ପେନାଲ୍ଟି କର୍ଣ୍ଣର ପାଇଥିବାବେଳେ ଏଥିରୁ ଗୋଟିଏକୁ ଗୋଲରେ ପରିଣତ କରି ପାରିଥିଲେ। ସେହିପରି ଆର୍ଜେଣ୍ଟିନାକୁ ମିଳିଥିବା ୩ଟି ପେନାଲ୍ଟି କର୍ଣ୍ଣରରୁ ୨ଟି ଗୋଲ ହୋଇଥିଲା। ପୋଲାଣ୍ଡର ଗ୍ରୋଚଲ ମାର୍ସିନ ଓ ଭାରତର ଜାଭେଦ ଶେଖ୍ ଅମ୍ପାୟରର ଦାୟିତ୍ୱ ନିର୍ବାହ କରିଥିଲେ।


ତାମିଲନାଡୁର ଉଟିସ୍ଥିତ କ୍ରିସେଣ୍ଟ କ୍ୟାସେଲ ପବ୍ଲିକ ସ୍କୁଲ ପରିସରରେ ଓଡ଼ିଶା ହକି ବିଶ୍ୱକପ୍-୨୦୧୮ ଲାଗି ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇ ଆୟୋଜିତ ଏକ କାର୍ଯ୍ୟକ୍ରମ।


ଚିୟର ଗର୍ଲଙ୍କ ନୃତ୍ୟ।



ଦୁଇ କୁନି ପ୍ରଶଂସକ



ଷ୍ଟାଡିୟମ ମଧ୍ୟକୁ ପ୍ରବେଶ ପୂର୍ବରୁ ଖୁସି ଜାହିର କରୁଛନ୍ତି କିଛି ପ୍ରଶଂସକ।



କେ.ଏଲ. ରାହୁଲ ଆଉ ଅନଭିଜ୍ଞ କ୍ରିକେଟର ହୋଇ ରହିନାହାନ୍ତି । ବର୍ତ୍ତମାନ ଅଧିକ ଦାୟିତ୍ୱ ବହନ କରିବାର ସମୟ ଆସିଛି ।

–ସଞ୍ଜୟ ବାଙ୍ଗର, ଭାରତୀୟ କ୍ରିକେଟ ଦଳର ଆସିଷ୍ଟାଣ୍ଟ କୋଚ୍



କୋଚ୍ ରମେଶ ପାୱାର ମୋ ବିରୋଧରେ ଯେଉଁ ଅଭିଯୋଗ ଆଣିଛନ୍ତି, ତାହା ମୋତେ ବ୍ୟଥିତ କରିବା ସହ ମର୍ମାହତ କରିଛି ।

–ମିଥାଲି ରାଜ, ଭାରତୀୟ ସିନିୟର ମହିଳା କ୍ରିକେଟର

# ନ୍ୟୁଜିଲାଣ୍ଡ ୨–୧ରେ ଫ୍ରାନ୍ସକୁ ହରାଇଲା




ନ୍ୟୁଜିଲାଣ୍ଡ ଓ ଫ୍ରାନ୍ସ ମଧ୍ୟରେ ବଲ୍ ପାଇଁ ସଂଘର୍ଷ ।

**ଭୁବନେଶ୍ୱର, ୨୯।୧୧(କ୍ରୀଡ଼ା ପ୍ରତିନିଧି)**

ରସେଲ କେନ୍ ଓ ଷ୍ଟିଫେନ ଜେନେସଙ୍କ ଗୋଲ ବଳରେ ନ୍ୟୁଜିଲାଣ୍ଡ ହକି ବିଶ୍ୱକପର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଫ୍ରାନ୍ସକୁ ୨–୧ ଗୋଲରେ ପରାସ୍ତ କରିଛି । କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଫ୍ରାନ୍ସ ପକ୍ଷରୁ ଅଧିନାୟକ ଭିକ୍ଟର ଚାର୍ଲେଟ ଗୋଟିଏ ଗୋଲ ପରିଶୋଧ କରିବାରେ ସକ୍ଷମ ହୋଇଥିଲେ । ବିଶ୍ୱ ର୍ୟାଙ୍କିଙ୍ଗର ୨୦ତମ ସ୍ଥାନରେ ଥିବା ଫ୍ରାନ୍ସ ୯ ନମ୍ବର ଦଳ ନ୍ୟୁଜିଲାଣ୍ଡ ସମକକ୍ଷ ପ୍ରଦର୍ଶନ କରିପାରି ନ ଥିଲା । ଶେଷ ୫ ମିନିଟରେ ଦଳ ଉତ୍ସାହି ପ୍ରଦର୍ଶନ କରିଥିଲେ ହେଁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା । ମ୍ୟାଚ ଆରମ୍ଭରେ ଭାରତୀୟ ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ । ନ୍ୟୁଜିଲାଣ୍ଡର ଜେନେସଙ୍କୁ ପ୍ଲେୟର ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା ।

ଗୁରୁବାରର ଆର୍ଜେଣ୍ଟିନା–ସ୍ପେନ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିବାବେଳେ ନ୍ୟୁଜିଲାଣ୍ଡ–ଫ୍ରାନ୍ସ ଦ୍ୱିତୀୟ ମ୍ୟାଚ ଅପେକ୍ଷାକୃତ ମାନ୍ଦା ରହିଥିଲା । ଆକ୍ରମଣାତ୍ମକ ଖେଳି କୌଣସି ଦଳ ପ୍ରତିପକ୍ଷ ଦଳ ଉପରେ ଚାପ ପକାଇବାରେ ସକ୍ଷମ ହୋଇ ନ ଥିଲେ । ଫଳରେ ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା । ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୧୬ତମ ମିନିଟରେ ନ୍ୟୁଜିଲାଣ୍ଡ ପକ୍ଷରୁ ରସେଲ କେନ୍ ପ୍ରଥମ ଗୋଲ ଦେଇ ମ୍ୟାଚରେ ଉଷ୍ମତା ଭରିଥିଲେ । ଏହାପରେ ଆଉ କେତେକ ସୁଯୋଗ ସୃଷ୍ଟି ହୋଇଥିଲେ ହେଁ କୌଣସି ଦଳ ଏହାକୁ ଗୋଲରେ ପରିଣତ କରିପାରି ନ ଥିଲେ । ତୃତୀୟ କ୍ୱାର୍ଟରରେ ମଧ୍ୟ ଧିମା ଖେଳ ଦେଖିବାକୁ ମିଳିଥିଲା । ଫଳରେ କୌଣସି ଦଳ ଗୋଲ ଦେଇପାରି ନ ଥିଲେ । ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଫ୍ରାନ୍ସ ଗୋଲ ପରିଶୋଧ କରିବାକୁ ଜୋରଦାର ଉଦ୍ୟମ କରିଥିଲା । ଆକ୍ରମଣ ପ୍ରତିଆକ୍ରମଣ ମଧ୍ୟରେ ମ୍ୟାଚର ୫୬ତମ ମିନିଟରେ ଷ୍ଟିଫେନ ଜେନେସ ଗୋଟିଏ ଗୋଲ ଦେଇ ନ୍ୟୁଜିଲାଣ୍ଡ ଅଗ୍ରଣୀ ବ୍ୟବଧାନକୁ ୨–୦ରେ ପହଞ୍ଚାଇ ଦେଇଥିଲେ । ଅସହାୟ ମନେ ହୋଇଥିବା ଫ୍ରାନ୍ସ କିନ୍ତୁ ଶେଷ ୬ ମିନିଟରେ ଖୁବ୍ ଲଢ଼ିଥିଲା । ଦଳପାଇଁ ୫୪ତମ ମିନିଟରେ ଗୋଲ ପରିଶୋଧ କରିବାର ସୁବର୍ଣ୍ଣ ସୁଯୋଗ ଆସିଥିଲା । ମାତ୍ର ଖେଳାଳିମାନେ ତାହାର ସଦୁପଯୋଗ କରିପାରି ନ ଥିଲେ । ମ୍ୟାଚ ଶେଷ ହେବାକୁ ମାତ୍ର ୧ ମିନିଟ ଥିବାବେଳେ ଅର୍ଥାତ୍ ୫୯ତମ ମିନିଟରେ ଦଳକୁ ଆଉ ଏକ ପେନାଲ୍ଟି କର୍ନର ମିଳିଥିଲା । ଏହାକୁ ଗୋଲରେ ପରିଣତ କରିଥିଲେ ଅଧିନାୟକ ଭିକ୍ଟର ଚାର୍ଲେଟ । ଫଳରେ ଶେଷ ୧ ମିନିଟର ଖେଳ ବେଶ୍ ଉତ୍ତେଜନାପୂର୍ଣ୍ଣ ରହିଥିଲା । ମାତ୍ର ନ୍ୟୁଜିଲାଣ୍ଡ ଡିଫେନ୍ସକୁ ଭେଦକରି ଫ୍ରାନ୍ସ ଆଉ ଗୋଲ ଦେଇ ପାରି ନ ଥିଲା । ଫଳସ୍ୱରୂପ ନ୍ୟୁଜିଲାଣ୍ଡ ୨–୧ ଗୋଲରେ ବିଜୟୀ ହୋଇଥିଲା । ନ୍ୟୁଜିଲାଣ୍ଡ ଏହାର ପରବର୍ତ୍ତୀ ମ୍ୟାଚ ଡିସେମ୍ବର ୩ରେ ଆର୍ଜେଣ୍ଟିନା ସହିତ ଖେଳିବ । ସେହିଦିନ ଅନ୍ୟ ଏକ ମ୍ୟାଚ ସ୍ପେନ ଓ ଫ୍ରାନ୍ସ ମଧ୍ୟରେ ଅନୁଷ୍ଠିତ ହେବ ।

## ଜେଥ୍ରୋ ସମ୍ବର୍ଦ୍ଧିତ

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପରେ ବୁଧବାର ଅନୁଷ୍ଠିତ ଭାରତ ବିପକ୍ଷ ମ୍ୟାଚରେ ଦକ୍ଷିଣ ଆଫ୍ରିକାର ଯୁଷ୍ଟିସ ଜେଥ୍ରୋ କ୍ୟାରିୟରର ୧୦୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ । ଗୁରୁବାର ନ୍ୟୁଜିଲାଣ୍ଡ–ଫ୍ରାନ୍ସ ମ୍ୟାଚ ପରେ ଶତକ ମ୍ୟାଚ ପାଇଁ ଜେଥ୍ରୋଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଅନ୍ତର୍ଜାତୀୟ ହକି ଫେଡେରେଶନ ସଭାପତି ନରିନ୍ଦର ବାତ୍ରା । ଏପରି ପରିବେଶରେ ଖେଳିଥିବାରୁ ଏବଂ ୧୦୦ତମ ମ୍ୟାଚରେ ପଦାର୍ପଣ କରିଥିବାରୁ ଜେଥ୍ରୋ ଖୁସି ଜାହିର କରିଥିଲେ ।

■ ଅସଜଡ଼ା ସୁରକ୍ଷା ବ୍ୟବସ୍ଥା

# ରାସ୍ତାରେ ଅଟକିଲେ ଦକ୍ଷିଣ ଆଫ୍ରିକା ଖେଳାଳି

**ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)**

ଦକ୍ଷିଣ ଆଫ୍ରିକା ଏବଂ ପାକିସ୍ତାନ ହକି ଟିମ୍‌ର ଖେଳାଳିମାନେ ଗୁରୁବାର ଏସ୍‌ପ୍ଲାନେଡ୍ ମଲ୍‌କୁ ବୁଲିବାକୁ ଯିବା ସହ ଶପିଂ କରିଥିଲେ । ତେବେ ଦକ୍ଷିଣ ଆଫ୍ରିକା ଖେଳାଳିମାନେ ମଲ୍‌କୁ ଆସିବା ସମୟରେ ସୁରକ୍ଷାରେ କେତେକ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା । ଫଳରେ ଖେଳାଳିମାନେ ଆସିଥିବା ବସ୍‌ଟି ରାସ୍ତାରେ ଅଟକି ରହିଥିଲା । ଖେଳାଳିମାନେ ବସ୍ ଭିତରେ ବସି ରହିଥିଲେ ।

ଗୁରୁବାର ଅପରାହ୍ନ ପ୍ରାୟ ୧ଟା ୩୦ରେ ଦକ୍ଷିଣ ଆଫ୍ରିକା ଖେଳାଳିମାନେ ଏକ ବସ୍‌ରେ ଏସ୍‌ପ୍ଲାନେଡ୍ ମଲ୍ ଆସିଥିଲେ । ରସୁଲଗଡ଼ରୁ ଯିବା ବେଳେ ଏସ୍‌ପ୍ଲାନେଡ୍ ସମ୍ମୁଖ ଡିଭାଇଡର ନିକଟରେ ବସ୍‌ଟି ବୁଲିପାରି ନ ଥିଲା । ଖେଳାଳିଙ୍କ ସୁରକ୍ଷା ଲାଗି ଏକ ଏସ୍କର୍ଟ ଭ୍ୟାନ ଆସିଥିଲେ ମଧ୍ୟ ଠିକ୍ ପଦକ୍ଷେପ ନ ନେବାରୁ ଏପରି ସମସ୍ୟା ଉପୁଜିଥିଲା । ପାଖାପାଖି ୬ରୁ ୭ ମିନିଟ୍ ଧରି ବସ୍‌ଟି ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିଲା । ଖେଳାଳିମାନେ ବସ୍ ଭିତରେ ବସି ରହିଥିଲେ । କିଛି ସମୟ ପରେ ବସ୍‌ଟି ଆଗକୁ ଯାଇ ବମିଖାଲ ଓଭରବ୍ରିଜ ନିକଟରେ ୟୁ ଟର୍ନ କରି ଏସ୍‌ପ୍ଲାନେଡ୍ ସମ୍ମୁଖକୁ ଆସିଥିଲା । ସ୍ଥାନୀୟ ଲୋକେ ପୋଲିସର ସୁରକ୍ଷା ବ୍ୟବସ୍ଥାକୁ ସମାଲୋଚନା କରିଥିଲେ । ଖେଳାଳିମାନେ ପ୍ରାୟ ୨ ଘଣ୍ଟା ମଲରେ ବିତାଇବା ପରେ ହୋଟେଲକୁ ଫେରିଥିଲେ । ଶପିଂ କରିବା ସହ ମଲରେ ଥିବା ରେଷ୍ଟୁରାଣ୍ଟରେ ବିଦେଶୀ କେଏଫ୍‌ସି ଡୋମିନସ ଏବଂ କଣ୍ଟିନେଣ୍ଟାଲ ଫୁଡ୍‌ର ମଜା ନେଇଥିଲେ ।

## ଏସ୍‌ପ୍ଲାନେଡରେ ଶପିଙ୍ଗର ମଜା ନେଲା ପାକିସ୍ତାନ

ଅପରାହ୍ନ ପ୍ରାୟ ୪ଟା ବେଳକୁ କଡ଼ା ସୁରକ୍ଷା ବଳୟ ଭିତରେ ପାକିସ୍ତାନର ଖେଳାଳିମାନେ ଏସ୍‌ପ୍ଲାନେଡ୍ ଆସିଥିଲେ । ପାକିସ୍ତାନ ଖେଳାଳିଙ୍କ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଖେଳାଳିମାନେ ମଲ୍‌ରୁ ପୋଷାକ କିଣିଥିବା ବେଳେ ରେଷ୍ଟୁରାଣ୍ଟରେ ପିଜା ବର୍ଗରର ମଜା ନେଇଥିଲେ । ସନ୍ଧ୍ୟା ପ୍ରାୟ ୬ଟା ବେଳକୁ ସେମାନେ କଡ଼ା ସୁରକ୍ଷା ବ୍ୟବସ୍ଥା ଭିତରେ ହୋଟେଲକୁ ଫେରିଥିଲେ ।



ଗୁରୁବାର ଏସ୍‌ପ୍ଲାନେଡ୍‌ରେ ଶପିଙ୍ଗ ଅବସରରେ ପାକିସ୍ତାନ ହକି ଖେଳାଳି ।

# ଭାରତ–ମାଲେସିଆ ଭେଟ ଚାହାନ୍ତି ଓଲ୍ଟମାନ୍ସ

**ଭୁବନେଶ୍ୱର, ୨୯।୧୧**

କୋଚ୍ ପଦବୀରୁ ହକି ଇଣ୍ଡିଆ ମୋତେ ଆକସ୍ମିକ ବିଦା କରିଦେବା ଘଟଣା ଖୁବ୍ ବ୍ୟଥିତ କରିବା ସହ ଆଶ୍ଚର୍ଯ୍ୟ ଚକିତ କରିଥିଲା ବୋଲି କହିଛନ୍ତି କିମ୍ବଦନ୍ତୀ ଡଚ୍ କୋଚ୍ ରୋଲାଣ୍ଟ ଓଲ୍ଟମାନ୍ସ । ୨୦୧୩ରେ ଓଲ୍ଟମାନ୍ସ ହାଇପରଫର୍ମାନ୍ସ ଡାଇରେକ୍ଟର ଭାବେ ଭାରତ ଆସିଥିଲେ । ଭାରତୀୟ ହକିର ପୁନରୁଥାନ କ୍ଷେତ୍ରରେ ତାଙ୍କର ବିଶେଷ ଭୂମିକା ରହିଥିଲା । ପରେ ସେ ପୁରୁଷ ଦଳର ମୁଖ୍ୟ କୋଚ୍ ପଦ ଅଳଙ୍କୃତ କରିଥିଲେ । ଓଲ୍ଟମାନ୍ସ ଭାରତୀୟ ହକି ସହ ୫ ବର୍ଷ ପାଖାପାଖି ଜଡ଼ିତ ରହିଥିଲେ । ମାତ୍ର ଫଳାଫଳ ନ ମିଳିବାରୁ ସେ ଜାତୀୟ ମହାସଂଘ ଦ୍ୱାରା ବହିଷ୍କୃତ ହୋଇଥିଲେ । ୬୪ବର୍ଷୀୟ ଓଲ୍ଟମାନ୍ସ ଏବେ ବିଶ୍ୱକପ୍ ଖେଳିବାକୁ ଆସିଥିବା ମାଲେସିଆ ଦଳର ମୁଖ୍ୟ କୋଚ୍ ଭାବେ ଭୁବନେଶ୍ୱର ଆସିଛନ୍ତି । ଭାରତରେ ମୋ ୫ ବର୍ଷିଆ କାର୍ଯ୍ୟକାଳକୁ ମୁଁ ବେଶ୍ ଉପଭୋଗ କରିଛି । ଭାରତର ହକି ଇତିହାସ ବେଶ୍ ସମୃଦ୍ଧ । ଭାରତୀୟ ହକିର ପୁନର୍ଜନ୍ମ କ୍ଷେତ୍ରରେ ମୁଁ ଯାହା କରିଛି, ସେଥିରେ ମୁଁ ସନ୍ତୁଷ୍ଟ । ଚଳିତ ବିଶ୍ୱକପ୍ ଟୁର୍ନାମେଣ୍ଟର ନକ୍‌ଆଉଟ୍ ପର୍ଯ୍ୟାୟରେ ଭାରତ ସହିତ ବର୍ତ୍ତମାନର ମୋ ମାଲେସିଆ ଦଳର ଭେଟ ହେବ ବୋଲି ମୁଁ ଆଶା କରୁଛି । ବିଶ୍ୱକପ୍‌ରେ ଭାରତର ସମ୍ଭାବନା ସମ୍ପର୍କରେ ସୂଚନା ଦେବାକୁ ଯାଇ ସେ କହିଛନ୍ତି, ୬ଟି ଶ୍ରେଷ୍ଠ ଦଳ ମଧ୍ୟରୁ ଜଣେ ଟାଇଟଲ ବିଜୟୀ ହେବ ବୋଲି ମୁଁ ମନେ କରୁଛି । ଭାରତ ହେଉଛି ବର୍ତ୍ତମାନ ବିଶ୍ୱର ୫ମ ର୍ୟାଙ୍କିଙ୍ଗପ୍ରାପ୍ତ ଦଳ । ଭାରତ ଛାଡ଼ିବା ପରେ ଓଲ୍ଟମାନ୍ସ ପାକିସ୍ତାନ ଟିମ୍ ସହିତ ୨ ବର୍ଷିଆ ଚୁକ୍ତି କରିଥିଲେ । ମାତ୍ର ସେ ୪ମାସ ପରେ ତାଙ୍କ ପଦବୀରୁ ଇସ୍ତଫା ଦେଇଥିଲେ । ଏସିଆନ ଗେମ୍ସ ପରେ ଓଲ୍ଟମାନ୍ସ ମାଲେସିଆ କୋଚ୍ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ତାଙ୍କ ଦୁଇ ବର୍ଷ କାର୍ଯ୍ୟକାଳ ସମୟରେ ମାଲେସିଆକୁ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରାଇବା ସେ ଲକ୍ଷ୍ୟ ରଖିଛନ୍ତି ।

# ପାଞ୍ଚ ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ଅର୍ଦ୍ଧଶତକ

ସିଡ୍‌ନୀ, ୨୯।୧୧(ପି.ଟି.)– ଟେଷ୍ଟ ସିରିଜ ପୂର୍ବରୁ କ୍ରିକେଟ ଅଷ୍ଟ୍ରେଲିଆ ଏକାଦଶ ବିପକ୍ଷରେ ଏଠାରେ ଚାଲିଥିବା ୪ ଦିବସୀୟ ଅଭ୍ୟାସ ମ୍ୟାଚ୍‌ରେ ଭାରତୀୟ ଦଳର ବ୍ୟାଟ୍ସମ୍ୟାନ ଭଲ ଫର୍ମର ସୂଚନା ଦେଇଛନ୍ତି । ଦ୍ୱିତୀୟ ଦିବସରେ ପାଞ୍ଚଜଣ ଭାରତୀୟ ବ୍ୟାଟ୍ସମ୍ୟାନ ଅର୍ଦ୍ଧଶତକ ହାସଲ କରିଛନ୍ତି । ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ପକ୍ଷରୁ ଅଧିନାୟକ ବିରାଟ କୋହଲିଙ୍କ ସହ ପୃଥ୍ୱୀ ଶ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ ଓ ହନୁମା ବିହାରୀ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ । ଫଳରେ ଭାରତ ପ୍ରଥମ ଇନିଂସରେ ୯୨ ଓଭରରେ ୩୫୮ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ଭ୍ରମଣକାରୀ ଭାରତ ପକ୍ଷରୁ ପୃଥ୍ୱୀ ସର୍ବାଧିକ ୬୬ ରନ୍ (୬୯ ବଲ୍, ୧୧ ଚୌକା) କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୋହଲି ୬୪, ପୂଜାରା ୫୪, ହନୁମା ୫୩ ରନ କରିଥିଲେ । ସେହିଭଳି ରାହାନେ ୧୨୩ ବଲ୍‌ରୁ ଗୋଟିଏ ଚୌକା ସହ ୫୬ ରନ୍ କରି ରିଟାର୍ଡ ଆଉଟ୍ ହୋଇଥିଲେ । ଟେଷ୍ଟ ଦଳକୁ ପ୍ରତ୍ୟାବର୍ତ୍ତନ ପାଇଁ ସଂଘର୍ଷ କରୁଥିବା ରୋହିତ୍ ଶର୍ମା ମଧ୍ୟକ୍ରମରେ ବ୍ୟାଟିଂ କରିବାକୁ ଆସି ୪୦ ରନ କରି ଆଉଟ୍ ହୋଇଥିବାବେଳେ ରିଷଭ ପନ୍ତ ୧୧ ରନ୍ କରି ଅପରାଜିତ ରହିଥିଲେ । ଅଷ୍ଟ୍ରେଲିଆ ଏକାଦଶ ପକ୍ଷରୁ ଆରୋନ ହାର୍ଡିଙ୍କୁ ସର୍ବାଧିକ ୪ଟି ଉଇକେଟ ମିଳିଥିଲା ।

ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି କ୍ରିକେଟ ଅଷ୍ଟ୍ରେଲିଆ ଏକାଦଶ ଗୁରୁବାର ୨ୟ ଦିବସ ଖେଳ ଶେଷ ସୁଦ୍ଧା କୌଣସି ଉଇକେଟ ନ ହରାଇ ୨୪ ରନ୍ ସଂଗ୍ରହ କରିଛି ।

# ନିର୍ଣ୍ଣାୟକ ମୋଡ଼ରେ ଓଡ଼ିଶା–ତ୍ରିପୁରା ମ୍ୟାଚ୍

## ବିପ୍ଳବଙ୍କ ସଂଘର୍ଷପୂର୍ଣ୍ଣ ଅର୍ଦ୍ଧଶତକ, ରାଜେଶଙ୍କୁ ୩ ଉଇକେଟ

**କଟକ ଅଫିସ,୨୯।୧୧**

ନିର୍ଣ୍ଣାୟକ ମୋଡ଼ରେ ରହିଛି ଡ୍ରିମ୍ସ ଗ୍ରାଉଣ୍ଡରେ ହେଉଥିବା ଓଡ଼ିଶା–ତ୍ରିପୁରା ବିପକ୍ଷ ମ୍ୟାଚ୍ । ମ୍ୟାଚ୍‌ର ଦୁଇ ଦିନ ଖେଳ ଶେଷ ହୋଇଥିବା ବେଳେ ଉଭୟ ଦଳର ପ୍ରଥମ ଇନିଂସ୍ ସମାପ୍ତ ହୋଇସାରିଲାଣି । ୯୦ ରନ୍‌ରେ ପଛୁଆ ରହିଥିବା ତ୍ରିପୁରା ଦ୍ୱିତୀୟ ଇନିଂସ୍ ବ୍ୟାଟିଂ ଆରମ୍ଭ କରି ୫ ଉଇକେଟ ବିନିମୟରେ ୧୩୦ ରନ୍ କରିଛି । ହାତରେ ୫ ଉଇକେଟ ବାକିଥିବା ବେଳେ ତ୍ରିପୁରା ମାତ୍ର ୪୦ ରନ୍‌ର ଅଗ୍ରଣୀ ହାସଲ କରିଛି । ତୃତୀୟ ଦିବସରେ ଓଡ଼ିଶା ବଳକା ଉଇକେଟ ଅକ୍ତିଆର କରି ଘରୋଇ ମାଟିରେ ମ୍ୟାଚ୍‌କୁ କବ୍‌ଜା କରିବ ବୋଲି ଆଶା କରାଯାଉଛି । ତ୍ରିପୁରାର ପ୍ରଥମ ଇନିଂସ୍ ୧୨୨ ରନ୍ ଜବାବରେ ଓଡ଼ିଶାର ପ୍ରଥମ ଇନିଂସ୍ ୨୧୨ ରନ୍‌ରେ ସୀମିତ ରହିଥିଲା । ଓଡ଼ିଶା ଅଧିନାୟକ ବିପ୍ଳବ ସାମନ୍ତରାୟ ସଂଘର୍ଷପୂର୍ଣ୍ଣ ୮୯ ରନ୍ ଇନିଂସ ଖେଳି ଓଡ଼ିଶାକୁ ୯୦ ରନ୍‌ର ଗୁରୁତ୍ୱପୂର୍ଣ୍ଣ ପ୍ରଥମ ଇନିଂସ୍ ଅଗ୍ରଣୀ ଦେଇଥିଲେ ।

ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ଓଡ଼ିଶା ୩ ଉଇକେଟ ବିନିମୟରେ ୧୦୧ ରନ୍ କରିଥିଲା । ଶୁଭ୍ରାଂଶୁ ସେନାପତି ୩୬ ରନ୍ ଓ ଅଧିନାୟକ ବିପ୍ଳବ ୧୯ ରନ୍‌ରେ ଅପରାଜିତ ଥିଲେ । ପେସ୍ ବୋଲରଙ୍କୁ ସୁହାଉଥିବା ଡ୍ରିମ୍‌ସ ପିଚ୍‌ରେ ଓଡ଼ିଶା ୩ୟ ଦିବସ ଖେଳ ଆରମ୍ଭ ହେବା ମାତ୍ରେ ଅନ୍ୟ ଏକ ଉଇକେଟ ହରାଇଥିଲା । ଶୁଭ୍ରାଂଶୁ ୪୧ ରନ୍‌ରେ ପାଭିଲିୟନ ଫେରିଥିଲେ । ପରେ ଅଲ୍‌ରାଉଣ୍ଡର ଅଭିଷେକ ରାଉତ ୧ ରନ୍‌ରେ, ରାଜେଶ ମହାନ୍ତି ଖାତା ଖୋଲି ନ ପାରି ଓ ଉଇକେଟ କିପର ସୁଜିତ ଲେଙ୍କା ୪ ରନ୍‌ରେ ଆଉଟ ହୋଇଥିଲେ । ଅଭିଷେକ ଓ ରାଜେଶଙ୍କୁ ଗୋଟିଏ ଓଭରରେ ତ୍ରିପୁରାର ଏ.କେ. ସରକାର ଆଉଟ କରିଥିଲେ । ୧୩୭ ରନ୍‌ରେ ୭ ଉଇକେଟ ହରାଇ ଘରୋଇ ଦଳ ଓଡ଼ିଶା ସଙ୍କଟରେ ପଡ଼ିଥିଲା । ମାତ୍ର ଅଧିନାୟକ ବିପ୍ଳବ ଗୋଟିଏ ପାର୍ଶ୍ୱରୁ ତ୍ରିପୁରାର ପେସ୍ ଆଟାକ୍‌କୁ ସହଜରେ ସମ୍ମୁଖୀନ କରିଥିଲେ । ୯୯ ବଲ୍‌ରୁ ବିପ୍ଳବ ଅର୍ଦ୍ଧଶତକ ହାସଲ କରିଥିଲେ । ପ୍ରଥମ ଶ୍ରେଣୀ କ୍ରିକେଟରେ ବିପ୍ଳବଙ୍କର ଏହା ୧୮ତମ ଅର୍ଦ୍ଧଶତ । ଦେବବ୍ରତ ପ୍ରଧାନ ୭ ରନ୍‌ରେ ଆଉଟ ହେବା ପରେ ୮ମ ଉଇକେଟରେ ସୂର୍ଯ୍ୟକାନ୍ତ ପ୍ରଧାନ ଓ ବିପ୍ଳବଙ୍କ ମଧ୍ୟରେ ୪୭ ରନ୍‌ର ଭାଗୀଦାରି ସୃଷ୍ଟି ହୋଇଥିଲା । ଏହି ଭାଗୀଦାରି ଓଡ଼ିଶା ସ୍କୋରକୁ ୨୦୦ ରନ୍ ଅତିକ୍ରମ କରାଇବାରେ ସହାୟକ ହୋଇଥିଲା । ସୂର୍ଯ୍ୟକାନ୍ତ ୧୪ ରନ୍‌ରେ ଆଉଟ ହେବା ବେଳକୁ ଓଡ଼ିଶାର ଦଳୀୟ ସ୍କୋର ୨୧୨ ଥିଲା । ପରବର୍ତ୍ତୀ ଓଭରରେ ବିପ୍ଳବ ୮୯ ରନ୍‌ରେ ଆଉଟ ହେବା ସହ ଓଡ଼ିଶାର ପ୍ରଥମ ଇନିଂସ ସମାପ୍ତ ହୋଇଥିଲା । ୧୩ଟି ଚୌକା ବଳରେ ବିପ୍ଳବ ଏହି ରନ୍ କରିଛନ୍ତି । ତ୍ରିପୁରା ପକ୍ଷରୁ ଏମ.ବି. ମୁରାସିଂ ଓ ଏ.କେ. ସରକାର ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ । ଏ.ଏସ୍. ସରକାର ୨ଟି, ରାଣା ଦତ୍ତ ଓ ହରମିତ ସିଂ ଗୋଟିଏ ଲେଖାଏ ଉଇକେଟ ହାସଲ କରିଛନ୍ତି । ଓଡ଼ିଶା ପ୍ରଥମ ଇନିଂସ୍‌ରେ ୯୦ ରନ୍ ଅଗ୍ରଣୀ କରିଥିଲା । ଦ୍ୱିତୀୟ ଇନିଂସ୍ ବ୍ୟାଟିଂ ଆରମ୍ଭ କରିଥିବା ତ୍ରିପୁରା ଦ୍ୱିତୀୟ ଓଭରରେ ଓପ୍‌ନର ୟୁ.ୟୁ. ବୋଷଙ୍କ ଉଇକେଟ ହରାଇଥିଲା । ଦଳୀୟ ସ୍କୋର ଶୂନ ଥିବା ବେଳେ ବସନ୍ତ ମହାନ୍ତି ବୋଷଙ୍କୁ ଏଲ୍‌ବିଡବ୍ଲ୍ୟୁ କରିଥିଲେ । ଦ୍ୱିତୀୟ ଉଇକେଟରେ ଅଧିନାୟକ ବିଶାଲ ଘୋଷ ଓ ନିନାଦ କଦମ ୪୪ ରନ୍ ସଂଗ୍ରହ କରିଥିଲେ । ନବାଗତ ପେସ୍ ବୋଲର ରାଜେଶ ମହାନ୍ତି ନିନାଦ(୧୧ରନ୍)ଙ୍କୁ ଉଇକେଟ କିପର ସୁଜିତ ଲେଙ୍କାଙ୍କ ହାତରେ କ୍ୟାଚ୍ ଆଉଟ କରି ବ୍ରେକ୍ ଥ୍ରୁ ଦେଇଥିଲେ । ପରେ ରାଜେଶଙ୍କ ଏକ ବାଉନ୍ସର ବଲ୍‌କୁ ପୁଲ ଶଟ ମାରିବାକୁ ଯାଇ ଅଧିନାୟକ ବିଶାଲ ଉଇକେଟ କିପର ସୁଜିତଙ୍କ ହାତରେ ଧରାପଡ଼ିଥିଲେ । କ୍ରିଜ୍‌କୁ ଆସିବା ମାତ୍ରେ ଆକ୍ରମଣାତ୍ମକ ବ୍ୟାଟିଂ ଆରମ୍ଭ କରିଥିଲେ ଉଇକେଟ କିପର ସ୍ମିତ ପଟେଲ । ଦେବବ୍ରତ ପ୍ରଧାନଙ୍କ ଗୋଟିଏ ଓଭରରେ ସ୍ମିତ ୩ଟି ବାଉଣ୍ଡାରି ମାରିଥିଲେ । ମାତ୍ର ଏହାର ପରବର୍ତ୍ତୀ ଓଭରରେ ରାଜେଶଙ୍କ ଏକ ଇନ୍ ସୁଇଂ ବଲ୍‌କୁ ବୁଝି ନ ପାରି ଏଲ୍‌ବିଡବ୍ଲ୍ୟୁର ଶିକାର ହୋଇଥିଲେ ସ୍ମିତ୍ । ୯୯ ରନ୍‌ରେ ତ୍ରିପୁରା ୪ଟି ଉଇକେଟ ହରାଇଥିଲା । ପ୍ରଥମ ଇନିଂସ୍‌ରେ ୭ ଉଇକେଟ ହାସଲ କରିଥିବା ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ପ୍ରଥମ ଶିକାର ପାଲଟିଥିଲେ ମଧ୍ୟକ୍ରମର ବ୍ୟାଟ୍ସମ୍ୟାନ ଆର.ଡି. ବନିକ । ଦ୍ୱିତୀୟ ଦିବସର ଅନ୍ତିମ କିଛି ଓଭର ଓଡ଼ିଶା ସ୍ପିନ ବୋଲିଂ ଉପରେ ଭରସା କରିଥିଲା । ଗୋବିନ୍ଦ ପୋଦ୍ଦାର ୩ ଓଭର ଓ ଅଭିଷେକ ରାଉତ ଗୋଟିଏ ଓଭର ବୋଲିଂ କରିଥିଲେ ମଧ୍ୟ ଉଇକେଟ ଶୂନ୍ୟ ରହିଛନ୍ତି । ପ୍ରତ୍ୟୁଷ ସିଂ ୧୮ ରନ୍, ରଣା ଦତ୍ତ ୧୦ ରନ୍‌ରେ ଅପରାଜିତ ଅଛନ୍ତି । ଓଡ଼ିଶା ପକ୍ଷରୁ ରାଜେଶ ୩, ସୂର୍ଯ୍ୟକାନ୍ତ ଓ ବସନ୍ତ ଗୋଟିଏ ଲେଖାଏ ଉଇକେଟ ପାଇଛନ୍ତି ।

### ଧିମା ବୋଲିଂ ପାଇଁ ଦଣ୍ଡିତ ହୋଇପାରନ୍ତି ଦୁଇ ଦଳ

ଦ୍ୱିତୀୟ ଦିବସରେ ଉଭୟ ଦଳ ଧିମା ବୋଲିଂ କରିଛି । ଏ ନେଇ ମ୍ୟାଚ୍ କମିଶନରଙ୍କ ପକ୍ଷରୁ କୌଣସି ବିଧିବଦ୍ଧ ଘୋଷଣା ହୋଇ ନ ଥିଲେ ମଧ୍ୟ ତାହା ବିଶେଷ ସୂତ୍ରରୁ ଜଣାପଡ଼ିଛି । ଏପରି କି ଏ ସଂକ୍ରାନ୍ତରେ ରିପୋର୍ଟ ଲେଖାସରିଛି । ଦ୍ୱିତୀୟ ଦିବସ ପ୍ରାରମ୍ଭରୁ ତ୍ରିପୁରା ଓ ପରବର୍ତ୍ତୀ ସମୟରେ ଓଡ଼ିଶା ବୋଲରମାନେ ବୋଲିଂ କରିବାରେ ଅଧିକ ସମୟ ନେଇଥିଲେ ବୋଲି ଜଣେ ଅଧିକାରୀ ନାମ ଗୋପନ ରଖି କହିଛନ୍ତି ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ– ୨୧୨ରେ ଅଲ୍‌ଆଉଟ, ବିପ୍ଳବ ୮୯ରନ୍, ଶୁଭ୍ରାଂଶୁ ୪୧ରନ୍, ଏ.କେ ସରକାର ୩୩/୩, ମୁରା ସିଂ ୩୭/୩ ।

ତ୍ରିପୁରା ଦ୍ୱିତୀୟ ଇନିଂସ୍– ୧୩୦/୫, ବିଶାଲ ୪୮ରନ୍, ସ୍ମିତ୍ ୨୯ରନ୍, ରାଜେଶ ୪୨/୩, ବସନ୍ତ ୧୫/୧ ।



ବିପ୍ଳବ ସାମନ୍ତରାୟ



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଶୁକ୍ରବାର, ନଭେମ୍ବର ୩୦/୨୦୧୮ Balasore, Friday, November 30 / 2018





ସମଗ୍ର ଭାରତବର୍ଷରେ ମିଳିଲା ପରିଣାମ

Uttarakhand — ଲକ୍ଷ୍ମୀ ବାନାର୍ଜୀ, ବୟସ ୫୬ ବର୍ଷ, ବିଗତ ୨-୩ ବର୍ଷ ଧରି ଅଣ୍ଟା ଯନ୍ତ୍ରଣା ଏବଂ ସାଇଟିକାର ପୀଡ଼ା ରହିବାକୁ ଲାଗିଥିଲା, କେଉଁଆଡ଼େ ଯିବା କଥାରୁ ହିଁ ଡର ଲାଗୁଥିଲା। ମୁଁ ସମ୍ପୂର୍ଣ୍ଣ ଆଶା ସହିତ ଦିନରେ ଦୁଇଥର ଆୟୁର୍ବେଦିକ ଡା. ଅର୍ଥୋ କ୍ୟାପ୍‌ସୁଲ ସେବନ ଆରମ୍ଭ କଲି। ମାତ୍ର ଦୁଇ-ତିନି ସପ୍ତାହରେ ହିଁ ୭୦ ପ୍ରତିଶତ ଆରାମ ପାଇଲି।

Haryana — କିରଣ ଶର୍ମା, ବୟସ ୫୦ ବର୍ଷ, ବିଗତ ନଅ ବର୍ଷ ଧରି ମୋତେ ଅଣ୍ଟା ଯନ୍ତ୍ରଣାର ସମସ୍ୟା ଥିଲା। ଅନେକ ଔଷଧ ଖାଇଲି କିନ୍ତୁ କିଛି ଲାଭ ହେଲାନାହିଁ। ଦିନେ ଟି.ଭି.ରେ ଡା. ଅର୍ଥୋ ସମ୍ପର୍କରେ ଜାଣିବାକୁ ପାଇଲି। ମୁଁ ଡା. ଅର୍ଥୋ ତେଲ ଏବଂ କ୍ୟାପ୍‌ସୁଲ ସେବନ କରିବା ଆରମ୍ଭ କଲି। ମାତ୍ର ୨୦-୨୫ ଦିନରେ ମୋର ଅଣ୍ଟା ଯନ୍ତ୍ରଣା ସମସ୍ୟା ରହିନାହିଁ।

Himachal — କେବଲ କୁମାର, ସାରା ଦିନର ଧାଁଦଉଡ଼ କାରଣରୁ ଆଣ୍ଠୁ ଯନ୍ତ୍ରଣା ସମସ୍ୟା ବଢ଼ିବାକୁ ଲାଗିଥିଲା। ଅନେକ ଔଷଧ ସେବନ କଲି କିନ୍ତୁ କିଛି ଲାଭ ମିଳିଲା ନାହିଁ। ଦିନେ ଖବରକାଗଜରେ ଡା. ଅର୍ଥୋର ବିଜ୍ଞାପନ ପଢ଼ିଲି। ମୁଁ ଆୟୁର୍ବେଦିକ ଡା. ଅର୍ଥୋ ଟ୍ରିଟ୍‌ମେଣ୍ଟ ଆରମ୍ଭ କରିଦେଲି। ମାତ୍ର ଦେଢ଼-ଦୁଇ ମାସରେ ସବୁ ସମସ୍ୟାରୁ ଉପଶମ ମିଳିବାକୁ ଲାଗିଲା।

Haryana — ଜୟ ସିଂହ, ବୟସ ୬୬ ବର୍ଷ, ସେନାରୁ ଅବସରପ୍ରାପ୍ତ। ଆଣ୍ଠୁ ଓ ଅଣ୍ଟା ବ୍ୟଥା ଏତେ ବଢ଼ିଯାଇଥିଲା ଯେ ବ୍ୟାୟାମ ଦୂରର କଥା ଚଲାବୁଲା କଷ୍ଟକର ହୋଇଯାଇଥିଲା। ଦିନେ ଖବରକାଗଜରେ ଡା. ଅର୍ଥୋ କ୍ୟାପ୍‌ସୁଲର ବିଜ୍ଞାପନ ଦେଖି ନିଜ ପାଇଁ ଟ୍ରିଟ୍‌ମେଣ୍ଟ ଆରମ୍ଭ କଲି। ଏହାଦ୍ୱାରା ମୋତେ ଅଦ୍ଭୁତ ପରିଣାମ ମିଳିଲା। ଆଜି ମୁଁ ସମ୍ପୂର୍ଣ୍ଣ ସୁସ୍ଥ।

Bihar — ନନ୍ଦକିଶୋର ବିଶ୍ୱକର୍ମା, ବୟସ ୪୦ ବର୍ଷ, ଅନେକ ସମୟ ଧରି ମୋତେ ଗଣ୍ଠି ଯନ୍ତ୍ରଣାର ସମସ୍ୟା ଥିଲା। ଚଲାବୁଲା କରିବା ସମୟରେ ଆଣ୍ଠୁରୁ ଶବ୍ଦ ଶୁଣାଯାଉଥିଲା। ବନ୍ଧୁଙ୍କ ପରାମର୍ଶ ଶୁଣି ମୁଁ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଏବଂ କ୍ୟାପ୍‌ସୁଲ ଦୈନିକ ସେବନ ଆରମ୍ଭ କଲି। ମୋତେ ଏହା ଦ୍ୱାରା ବହୁତ ଲାଭ ମିଳିଲା। ଆଜି ମୁଁ ଠିକ୍ ଭାବେ ଉଠି-ବସି ପାରୁଛି।

Uttarakhand — ରାଜେନ୍ଦ୍ର, ବୟସ ୬୫ ବର୍ଷ, ପେସାରେ ମୋର ରେଡିମେଡ୍ ପୋଷାକର ଶୋରୁମ୍ ଅଛି। ସାରାଦିନ ବସିରହିବା କାରଣରୁ ଆଣ୍ଠୁଦ୍ୱୟ ଫୁଲିଯାଇଥିଲା। ମୁଁ ଟି.ଭି.ରେ ଆୟୁର୍ବେଦିକ ଡା. ଅର୍ଥୋର ବିଜ୍ଞାପନ ଦେଖିଲି। ମୁଁ ସମ୍ପୂର୍ଣ୍ଣ ବିଶ୍ୱାସ ସହିତ ଡା. ଅର୍ଥୋ ତେଲ ଏବଂ କ୍ୟାପ୍‌ସୁଲ ସେବନ କରିବା ଆରମ୍ଭ କଲି। ୨୦ ଦିନ ମଧ୍ୟରେ ହିଁ ଲାଭ ମିଳିଲା। ଆଜି ମୁଁ ସମ୍ପୂର୍ଣ୍ଣ ସୁସ୍ଥ।

0171-3055100 | drorthooil.com | drorthooil | ସବୁ ପ୍ରମୁଖ ମେଡିକାଲ ଷ୍ଟୋର୍‌ରେ ଉପଲବ୍ଧ


# ଆୟକର ବିଭାଗର ଚଢ଼ାଉ

**ବାଲେଶ୍ୱର ଅଫିସ,୨୯।୧୧**

ଆୟକର ବିଭାଗର ଭୁବନେଶ୍ୱର ଏବଂ ଦିଲ୍ଲୀ ଶାଖା ତରଫରୁ ଏକ ଟିମ୍ ଗୁରୁବାର ସକାଳେ ବାଲେଶ୍ୱରରେ ପହଞ୍ଚି ହରି ଉଦ୍ୟୋଗ ପରିଚାଳନା ନିର୍ଦ୍ଦେଶକଙ୍କୁ ସାକ୍ଷାତ କରିଥିଲେ। ପରେ ଅଭିଯୋଗ ସମ୍ପର୍କରେ ଜଣାଇଥିଲେ। ଏହି ଟିମ୍ ତାଙ୍କର ବସ୍‌ଷ୍ଟାଣ୍ଡ ନିକଟରେ ଥିବା ହୋଣ୍ଡା ଶୋ'ରୁମ୍, ଖାନ୍‌ନଗର ସ୍ଥିତ ହରି ମେରାଇନ୍, କୁରୁଡ଼ା ସ୍ଥିତ ହରି ପ୍ଲାଷ୍ଟ, ଆଇଟିଆଇ ଶିଳ୍ପାଞ୍ଚଳସ୍ଥିତ ହରି ରବର ପ୍ରଡକ୍ଟ ଫ୍ୟାକ୍ଟ୍ରି ଏବଂ ନିର୍ଦ୍ଦେଶକଙ୍କ ବାସଭବନ ଉପରେ ଚଢ଼ାଉ କରି ବିଭିନ୍ନ କାଗଜପତ୍ର ତନଖିଛନ୍ତି। ଏହି ଚଢ଼ାଉରେ ୩ଟି ଟିମ୍ ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ତାଲା ବନ୍ଦ କରି ଚଢ଼ାଉ କରିଥିଲେ। ଏ ନେଇ ବିଭାଗୀୟ ଅଧିକାରୀଙ୍କ କୌଣସି ପ୍ରତିକ୍ରିୟା ମିଳିନାହିଁ। ଅନ୍ୟପକ୍ଷରେ ହରି ଉଦ୍ୟୋଗର ପରିଚାଳନା ନିର୍ଦ୍ଦେଶକ ହିମାଂଶୁ ଦାସଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ, ପ୍ରତିବର୍ଷ ଆୟକର ବିଭାଗ ପକ୍ଷରୁ ତନଖି କରାଯାଇଥାଏ। ଗୁରୁବାର ମଧ୍ୟ ଆୟକର ବିଭାଗର ୩ଟି ଟିମ୍ ପହଞ୍ଚି ବିଭିନ୍ନ ଅଫିସର କାଗଜପତ୍ର ତନଖି କରିଛନ୍ତି।


ଆୟକର ବିଭାଗ ପକ୍ଷରୁ ତନଖି କରାଯାଉଛି।

# ଗର୍ଭବତୀଙ୍କ ଅସ୍ୱାଭାବିକ ମୃତ୍ୟୁ

**ଜଳେଶ୍ୱର, ୨୯।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ନିର୍ବାଚନମଣ୍ଡଳୀ ସିଂଲା ଥାନା ଚୋରମାରା ଗ୍ରାମର ମନୋରଞ୍ଜନ ଜେନାଙ୍କ ଗର୍ଭବତୀ ସ୍ତ୍ରୀ ସବିତା(୨୭)ଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଛି। ଏଥେ ସମ୍ପୃକ୍ତ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଗର୍ଭ ଯନ୍ତ୍ରଣାରେ ଛଟପଟ ହେଉଥିବା ସବିତାଙ୍କୁ ଜଳେଶ୍ୱରସ୍ଥିତ ଜିକେ ଭଟ୍ଟର ସରକାରୀ ଡାକ୍ତରଖାନାକୁ ଆଣିବା ନିମନ୍ତେ ଜନନୀ ଏକ୍ସପ୍ରେସକୁ ଯୋଗାଯୋଗ କରାଯାଇଥିଲା। ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ହେବାରୁ ସବିତାଙ୍କ ମୃତ୍ୟୁ ହୋଇଥିବା ତାଙ୍କ ପରିବାର ବର୍ଗ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସବିତା ଡାକ୍ତରଖାନାରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାପରେ ଡାକ୍ତରଖାନା ପରିସରରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଏନେଇ ଜଳେଶ୍ୱର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩୫/୧୮) ରୁଜୁ ହେବା ସହ ତଦନ୍ତ ଆରମ୍ଭ ହୋଇଛି। ମୃତ ସବିତାଙ୍କର ପୂର୍ବରୁ ଗୋଟିଏ ଝିଅ ଓ ପୁଅ ଅଛନ୍ତି।

# ଦୁର୍ଘଟଣାରେ ୩ ଗୁରୁତର

**ଜଳେଶ୍ୱର, ୨୯।୧୧(ଡି.ଏନ.ଏ.):** ଜଳେଶ୍ୱର ଥାନା ଆମ୍ବିଳିଅଠା ଧାନଖଟି ନିକଟରେ ଗୁରୁବାର ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଆମ୍ବିଳିଅଠା ଅଞ୍ଚଳର ବିରେନ୍ଦ୍ର ସେଠୀ, ଭୋଗରାଇ ବ୍ଲକ କିର୍ତ୍ତନୀୟା ଅଞ୍ଚଳର ଚାଷୀ ଯୋଗେଶ୍ୱର ସାହୁ ଓ ବେଲା ଗ୍ରାମର ଚାଷୀ ଗଣେଶ ଚନ୍ଦ୍ର ଜେନା। ଆହତ ୨ ଚାଷୀ ଜଳେଶ୍ୱରସ୍ଥିତ ଜିଲା କୃଷି କାର୍ଯ୍ୟାଳୟକୁ ତାଲିମ ନେବା ପାଇଁ ଆସୁଥିଲେ।

# 'ମୋ ଝିଅକୁ ମାରି ଦିଆଯାଇଛି'

**ଆରଡ଼ି, ୨୯।୧୧ (ଡି.ଏନ.ଏ.):** ଭଦ୍ରକ ଜିଲା ଧୂଷୁରୀ ଥାନା ଅଧୀନ ଆରଡ଼ି ଗାଁର ବଧୂ ଧରିତ୍ରୀ ପଣ୍ଡା(୨୭) ବୁଧବାର ଅପରାହ୍ନରେ ବେକରେ ରଶି ଦେଇ ଆତ୍ମହତ୍ୟା କରିଥିବା କୁହାଯାଉଛି। ଅନ୍ୟପକ୍ଷେ ଧରିତ୍ରୀଙ୍କ ବାପା ଯାଜପୁର ଜିଲା ମଙ୍ଗଳପୁର ଥାନା ଅନ୍ତର୍ଗତ ଚାନ୍ଦକୁଡା ଗାଁର ନିରୋଦ କୁମାର ଦାଶ ତାଙ୍କ ଝିଅକୁ ମାରି ଦିଆଯାଇଥିବା ଧୂଷୁରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ( ନଂ. ୧୯୨/୧୮) ରୁଜୁ କରି ତଦନ୍ତ ଚଳାଇଛି। ଏତଲାରେ ଦର୍ଶାଯାଇଛି ଯେ, ଧରିତ୍ରୀ ୨୦୧୬ ଏପ୍ରିଲ ୨୭ ତାରିଖରେ ବୈଦିକ ରୀତିରେ ଆରଡ଼ି ଗାଁର ବିଭୀଷଣ ପଣ୍ଡାଙ୍କୁ ବିବାହ କରିଥିଲେ। ପରେ ତାଙ୍କୁ ଶାଶୁଘର ଲୋକେ ବିଭିନ୍ନ ସମୟରେ ନିର୍ଯାତନା ଦେଇ ଆସୁଥିଲେ। ବୁଧବାର ରାତିରେ ଧରିତ୍ରୀ ଆତ୍ମହତ୍ୟା କରିଥିବା ତାଙ୍କ ବାପଘରକୁ ଖବର ଦିଆଯାଇଥିଲା। ଗୁରୁବାର ସକାଳେ ଧୂଷୁରୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା।

# ମୁମୂର୍ଷୁ ଅବସ୍ଥାରେ ବୃଦ୍ଧ ଉଦ୍ଧାର

**ଜଳେଶ୍ୱର, ୨୯।୧୧(ଡି.ଏନ୍.ଏ.):** ଜଳେଶ୍ୱର ରେଳଷ୍ଟେଶନ ପରିସରରେ ଗତ ୬ ଦିନ ଧରି ମୁମୂର୍ଷୁ ଅବସ୍ଥାରେ ପଡ଼ି ରହିଥିବା ୬୦ବର୍ଷୀୟା ଅଚିହ୍ନା ବୃଦ୍ଧଙ୍କୁ ଗୁରୁବାର ସକାଳେ ସ୍ଥାନୀୟ ଅଞ୍ଚଳର କେତେକ ଯୁବକ ମିଶି ଆମ୍ବୁଲାନ୍ସ ସହାୟତାରେ ସ୍ଥାନୀୟ ଜିକେ ଭଟ୍ଟର ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଉକ୍ତ ବୃଦ୍ଧଙ୍କୁ ଚିକିତ୍ସା କରାଯିବା ପରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହୋଇଛି।


## ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ
# ହକି ଓଡ଼ିଶାରେ ବିଶ୍ୱ

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡଓ୍ୱର୍କ ନୁହେଁ ସ୍ମାର୍ଟଓ୍ୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।

**ମୂଲ୍ୟ: ୮୦**

**ଯୋଗାଯୋଗ:**
**ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ:** ଆଲୋକ କାନୁନ୍‌ଗୋ (୯୯୩୭୨୭୪୩୭୬/୮୨୪୯୫୮୪୦୧୦)
**ଭଦ୍ରକ:** ଦେବରାଜ ସାମଲ (୯୯୩୮୧୩୭୭୪୬)
ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ



SRM INSTITUTE OF SCIENCE & TECHNOLOGY — www.srmuniv.ac.in — KATTANKULATHUR | RAMAPURAM VADAPALANI | DELHI-NCR, GHAZIABAD
SRM UNIVERSITY DELHI-NCR, SONEPAT — www.srmuniversity.ac.in — DELHI-NCR SONEPAT, HARYANA
SRM UNIVERSITY SIKKIM — www.srmus.ac.in — SIKKIM
SRM UNIVERSITY AP Amaravati — www.srmap.edu.in — AMARAVATI, AP

BEGIN YOUR SUCCESS STORY WITH SRMJEEE



DREAM PLACEMENTS:
• 5122 jobs offered till date in 2018 and continuing • Superdream Offer (39.5L+CTC) • Dream Offer (10L+CTC)
• ABB • Accenture • Amazon • Amdocs • Bank Of America • Capgemini • CEAT • Cisco • CTS • Cybage • Deloitte
• Fresh Works • Hashedin • HUL • Indian Navy • Infosys • Intel • KPIT • LTI • Microsoft • Nationstar • Nestle
• NSE • PayPal • Schneider Electric • Shell India • TCS • Vestas • Wells Fargo • Wipro • Zomato • Zs Associates

Your path to a successful future begins at SRM with SRMJEEE, the only gateway for our Engineering admissions.
IDEAL
• IDEAL (Interdisciplinary Experiential Active Learning) equips you with Dual Specialisation
• World-class faculty and Infrastructure
• International Exposure

OUR WIDE RANGE OF PROGRAMS

LIST OF MAJORS
• Aerospace
• Agro Informatics
• Automobile
• Biotechnology
• Biomedical Engineering
• Bioinformatics
• Chemical
• Civil
• Computer Science
• Electrical and Electronics
• Electronics and Communication
• Information Technology
• Mechanical
• Mechatronics Engineering
• Nanotechnology
• Robotics and Automation

LIST OF SPECIALISATIONS
• Automotive Electronics
• Regenerative Medicine
• Genetic Engineering
• Artificial Intelligence and Machine Learning
• Big Data Analytics
• Cloud Computing/ Mobile Based Applications
• Cyber Security
• Internet of Things (IOT)
• Software Engineering
• Instrumentation Engineering
• Embedded Systems
• Signal Processing
• CAD / CAM
• Robotics
• Smart Manufacturing

LIST OF MINORS
• English
• Management
• Entrepreneurship and Innovation
• Economics
• Finance
• Journalism
• Psychology
• Patent Rights

• Students can pursue any Engineering Majors as a Minor
• Choice of Minors and Specialisations will vary according to the campuses

All Programs in Engineering of Kattankulathur, Ramapuram, Vadapalani and between Delhi-NCR Ghaziabad campuses approved by AICTE
• Multicultural Learning Environment
• Students from all states of India
• 4% International Students from 64 Countries
• 125 MOUs with 20 countries
• SRM Innovation & Incubation center (SRMIIC) funded by National Science and Technology Entrepreneurship Development, DST, Govt. of India

NATIONAL RECOGNITION - SRMIST
• NAAC "A++" grade • MHRD Category I
• Ranked 41st under University category by NIRF

GLOBAL RECOGNITION - SRMIST
• QS I-GAUGE Diamond rated Institute

QS STARS RATED FOR EXCELLENCE — Quacquarelli Symonds (QS) also awarded SRM 5 stars for Teaching, Employability and Inclusiveness.

TAKE THE SRMJEEE (B.TECH) 2019.
ONLINE APPLICATIONS:
OCT. 28, 2018 ONWARD.

Online Exam Dates: April 15-25, 2019
To Apply, visit - https://applications.srmuniv.ac.in/
Make e-payment OR send the filled application form with DD for ₹ 1100/-
For eligibility and fee details, visit the respective websites.
*Top 3000 SRMJEEE rank holders will get Scholarship.

For Queries
Call: +91 44 2745 5510
+91 44 4743 7500
Email: admissions.india@srmuniv.ac.in

SRM University Sikkim offers only Science and Humanities.


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

**ସଂକ୍ଷେପରେ**

## ପଣ୍ଡିତ ଜିତୁ ଦାଶଙ୍କୁ ପ୍ରଜ୍ଞାପୁରୁଷ ସମ୍ମାନ



**ଘସିପୁରା/କୋଲିମାଟି, ୨୯।୧୧:** ଘସିପୁରା ମାଟିର ଗୌରବ ବିଶିଷ୍ଟ ପ୍ରବଚକ ପଣ୍ଡିତ ଜିତୁ ଦାଶଙ୍କୁ ପ୍ରଜ୍ଞା ପୁରୁଷ ସମ୍ମାନରେ ସମ୍ମାନିତ କରାଯାଇଛି। କେନ୍ଦ୍ରାପଡ଼ା ଜିଲାର ଅଣ୍ଡରାସ୍ଥିତି ମା' ଧାନଧାନ୍ୟୀ ପୀଠରେ ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ପଣ୍ଡିତ ଜିତୁ ଦାଶ ଭାଗବତ ଓ ଶ୍ରୀଜଗନ୍ନାଥ ମହିମା ସମ୍ପର୍କରେ ପ୍ରବଚନ ଦେଇ ପଣ୍ଡିତ ସମ୍ମିଳନୀରେ ଉଚ୍ଚ ପ୍ରଶଂସିତ ହୋଇଥିଲେ। ଦିଲ୍ଲୀ ବେଦ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଶଙ୍କରଲାଲ ଉପାଧ୍ୟାୟ ଅତିଥି ଭାବେ ଯୋଗଦେଇ ଦାଶଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ପ୍ରଜ୍ଞାପୁରୁଷ ସମ୍ମାନରେ ସମ୍ମାନିତ କରିଥିଲେ। ଏ ନେଇ ଆନନ୍ଦପୁର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

## ଘାଟିରାସ୍ତାରେ ଦୁର୍ଘଟଣା ବାଇକ୍‌ରୁ ପଡ଼ି ୩ ଗୁରୁତର

**ଆନନ୍ଦପୁର/ଘସିପୁରା, ୨୯।୧୧(ସ୍ୱ.ପ୍ର.):** ଆନନ୍ଦପୁର ଥାନା ସୀମାନ୍ତ ସାତକୋଶିଆ ଘାଟି ନିକଟରେ ବାଇକ୍‌ରୁ ପଡି ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଆନନ୍ଦପୁରର ବାପୁନ୍ ମୁଖୀ(୨୦), ଗୁଡୁ ମୁଖି(୧୯) ଓ ପପୁ ରଣା(୨୫)। ମୟୁରଭଞ୍ଜ ଜିଲା ସାତକୋଶିଆ ହାଟରୁ ସେମାନେ ଫେରୁଥିବାବେଳେ ଘାଟି ରାସ୍ତାରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବାଇକ୍ ଚୁରମାର ହୋଇଯାଇଥିବା ବେଳେ ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ୩ ଗୁରୁତରଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ।

## ରକ୍ତନମୁନା ପରୀକ୍ଷା ପାଇଁ ଅର୍ଥ ଆଦାୟ

**ଆନନ୍ଦପୁର, ୨୯।୧୧(ସ୍ୱ.ପ୍ର.):** ଘସିପୁରା ବ୍ଲକ କେଶଦୁରାପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ନମୁନା ପରୀକ୍ଷା ପାଇଁ ଅର୍ଥ ମାଗିବା ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସରକାରୀ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବା ଠାରୁ ଆରମ୍ଭ କରି ଔଷଧ, ବିଭିନ୍ନ ପରୀକ୍ଷା ମାଗଣାରେ ହେବା ନେଇ ବିଧି ବ୍ୟବସ୍ଥା ରହିଛି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଟେକନିସିଆନ୍ ଅର୍ଥ ମାଗିବା ଘଟଣାକୁ ସ୍ଥାନୀୟ ବାସିନ୍ଦା ସହଜରେ ଗ୍ରହଣ କରିପାରିନାହାନ୍ତି। ସ୍ଥାନୀୟ ଅଞ୍ଚଳର ଚନ୍ଦନ ପାତ୍ରଙ୍କ ଦେହ ଅସୁସ୍ଥ ହୋଇଥିଲା। ସେ କେଶଦୁରାପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଯାଇଥିଲେ। ସେଠାରେ ଡାକ୍ତର ରାଜେନ୍ଦ୍ର ମୁର୍ମୁ ତାଙ୍କୁ ରକ୍ତ ପରୀକ୍ଷା କରାଇବା ପାଇଁ ପରାମର୍ଶ ଦେଇଥିଲେ। ଚନ୍ଦନ ଡାକ୍ତରଖାନାରେ ରକ୍ତ ସାମ୍ପୁଲ୍ ଦେଇଥିଲେ ହେଲେ ସେଠାରେ ପରୀକ୍ଷା ନିରୀକ୍ଷା ଦାୟିତ୍ୱରେ ଥିବା ଜଣେ କର୍ମଚାରୀ ଅର୍ଥ ନ ଦେଲେ ପରୀକ୍ଷା ହୋଇପାରିବ ନାହିଁ ବୋଲି କହିଥିଲେ। ପରେ ଚନ୍ଦନ ରକ୍ତ ପରୀକ୍ଷା ପାଇଁ ଦାବି ମୁତାବକ ଅର୍ଥ ଦେଇଥିବା ସୂଚନା ଦେଇଛନ୍ତି। ଏ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୬ ପଞ୍ଚାୟତର ଅଧିବାସୀ ନିର୍ଭର କରୁଥିବାବେଳେ ଏଭଳି ଅବ୍ୟବସ୍ଥା ପାଇଁ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିବା ସହ କେନ୍ଦୁଝର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

**ତେଲକୋଇ, ୨୯।୧୧(ଡି.ଏନ.ଏ.):** ତେଲକୋଇ ମୁଖ୍ୟାଳୟର ମେଡିକାଲ ଛକରେ ଏକ ବାଇକ୍ ଦୁର୍ଘଟଣାରେ ତଳସାହିର ପ୍ରତାପ ବେହେରା ଗୁରୁତର ହୋଇଛନ୍ତି। ତାଙ୍କୁ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ର ପରେ କେନ୍ଦୁଝର ମୁଖ୍ୟାଳୟକୁ ନିଆଯାଇଛି। ଗୁରୁବାର ୧୨ଟା ସମୟରେ ବଜାର ଅଞ୍ଚଳର ଏକ ବିଦ୍ୟୁତ୍ ଖୁଣ୍ଟରେ ତାଙ୍କ ବାଇକ ଧକ୍କା ହୋଇଥିଲା। ଦମକଳବାହିନୀ ତାଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ବାଇକ୍ ନଂ ଓଡିଜି୩୬୮୮କୁ ପୋଲିସ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଠକାମିର ଶିକାର ବନବାସୀ

**କେନ୍ଦୁଝର, ୨୯।୧୧(ସ୍ୱ.ପ୍ର.)**

- ବେପାରୀଙ୍କ କବ୍ଜାରେ ଚାଷୀଙ୍କ ପତ୍ର
- ରାସ୍ତାକଡ଼ରେ ହଳଦୀପତ୍ରର ମହକ
- ପ୍ରଥମାଷ୍ଟମୀ ଲାଗି ଗ୍ରାହକଙ୍କ ଭିଡ଼

ପ୍ରଥମାଷ୍ଟମୀ ଆସିଲେ ଓଡ଼ିଆ ଘରେ ହଳଦୀପତ୍ରର ମହକ ବାସିଥାଏ। ହଳଦୀପତ୍ରର ପିଠା (ଯାହାକୁ ଏଣ୍ଡୁରୀ ପିଠା କୁହାଯାଏ)ର ସ୍ୱାଦ ନିଆରା। ଅରୁଆ ଚାଉଳ ଓ ବିରି ମିଶାଇ ପିଠଉ କରି ସେଥିରେ ନଡିଆ କୋରା ବା ପନିର ଆଦି ପୁର ଦେଇ ପିଠା ପ୍ରସ୍ତୁତ କରାଯାଏ। ହଳଦୀପତ୍ର ସୁମଧୁର ବାସ୍ନା ପିଠାର ସ୍ୱାଦକୁ ଦ୍ୱିଗୁଣିତ କରିଥାଏ। ପ୍ରଥମାଷ୍ଟମୀ ଦିନ ସେହି ପିଠାର ଶୁଭାରମ୍ଭ ହୋଇଥାଏ। ପଢ଼ୁଆଁ ବା ଘରର ବଡ ପୁଅ/ଝିଅ ନୂଆ ବସ୍ତ୍ର ପିନ୍ଧି ପୂଜାପାଠ କରି ପିଠା ଖାଇଥାନ୍ତି। ଏହି ଦିନରେ ହଳଦୀପତ୍ରର ଚାହିଦା ବଢିଯାଏ। ଚାଷୀ ତଥା ବନବାସୀ ହଳଦୀପତ୍ର କାଟି ଆଣି ହାଟବଜାରରେ ବିକ୍ରି କରନ୍ତି। କିଛି ବର୍ଷ ହେଲା କଟକଣା ଅଭାବରୁ ହଳଦୀପତ୍ର ବେପାରୀଙ୍କ କବଜାକୁ ଚାଲିଯାଇଛି। ତେଣୁ ସାଧାରଣ ଲୋକ ବହୁ ଅସୁବିଧା ଭୋଗୁଛନ୍ତି।

ଏହି ଅବସରରେ ଶୁକ୍ରବାର ପ୍ରଥମାଷ୍ଟମୀ ପାଳନ ହେଉଥିବାରୁ ଗୁରୁବାର କେନ୍ଦୁଝର ସହରରେ ତଥା ହାଟବଜାରରେ ଭିଡ଼ ଦେଖିବାକୁ ମିଳିଥିଲା। କେତେକ ବେପାରୀ ଚାଷୀ ବା ବନବାସୀଙ୍କ ଠାରୁ ହଳଦୀପତ୍ର ବହୁତ କମ ଦାମରେ କିଣି ଗଛିତ ରଖି କୃତ୍ରିମ ଅଭାବ ସୃଷ୍ଟି କରିଛନ୍ତି। ହଳଦୀପତ୍ର ବିଡା ୫ ଟଙ୍କାରୁ ୧୦ ଟଙ୍କାରେ କିଣି ବିଡାକୁ ଖୋଲି ଛୋଟ ବିଡା କରି ବେପାରୀ ୩ରୁ ୪ ଗୁଣା ବେଶ ମୁନାଫା କମାଉଛନ୍ତି ବୋଲି ବ୍ରଜ କିଶୋର ରାୟ କହିଛନ୍ତି। କେତେକ ସ୍ଥାନରେ ଭିଡ ଯୋଗୁଁ ଅନେକ ଲୋକ ହଳଦୀପତ୍ର ନ ପାଇ ନିରାଶ ହୋଇ ଫେରିଛନ୍ତି। ହଳଦୀପତ୍ର ପାଇଁ କିଛି ସ୍ଥାନରେ ଧସ୍ତାଧସ୍ତି ପରିସ୍ଥିତି ଦେଖା ଦେଇଥିଲା। ପ୍ରଥମାଷ୍ଟମୀରେ ହଳଦୀପିଠା ଖାଇବାର ମଜା ଅଲଗା ହୋଇଥିବାରୁ ସମସ୍ତେ ଅଧିକ ଦାମରେ କିଣିଛନ୍ତି ବୋଲି ବଣିଆପାଟ ଅଞ୍ଚଳର ଫକୀର ଚନ୍ଦ୍ର ମିଶ୍ର କହିଛନ୍ତି।



ହଳଦୀପତ୍ର କିଣିବା ପାଇଁ ଗ୍ରାହକଙ୍କ ଭିଡ଼।

## ସିଟି ସ୍କୁଲ ଛାତ୍ରୀଛାତ୍ରଙ୍କ ଧାରଣା



ଧାରଣାରେ ବସିଥିବା ଫକୀରପୁର ସିଟି ସ୍କୁଲର ଛାତ୍ରୀଛାତ୍ର।

**ଆନନ୍ଦପୁର, ୨୯।୧୧(ସ୍ୱ.ପ୍ର.)**

ଆନନ୍ଦପୁର ପୌରପରିଷଦ ଫକୀରପୁରଠାରେ ଥିବା ସିଟି ସ୍କୁଲର ଛାତ୍ରୀଛାତ୍ର ୨ ଦିନ ଧରି ଧାରଣାରେ ବସିଛନ୍ତି। ବିଭିନ୍ନ ମୁକ୍ତ ବିଦ୍ୟାଳୟ ଗୁଡିକରେ ଅନିୟମିତ ଭାବେ ସିଟି ଶିକ୍ଷାଲାଭ କରି ଓଟିଇଟି ପରୀକ୍ଷା ଦେବା ପାଇଁ ସରକାରୀ ସ୍ତରରେ ମାନ୍ୟତା ପାଇଥିବାରୁ ଏହାକୁ ତାଲିମ ପ୍ରାପ୍ତ ସିଟି ଛାତ୍ରୀଛାତ୍ର ଘୋର ବିରୋଧ କରିଛନ୍ତି। ମୁକ୍ତ ବିଦ୍ୟାଳୟରେ ସ୍ୱଳ୍ପ ତାଲିମ ପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିୟମିତ ସରକାରୀ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକଙ୍କ ସହିତ ସମାନ ଭାବେ ତୁଳନା କରାଯିବାକୁ ଘୋର ବିରୋଧ କରାଯାଇଛି। ମୁକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଓଟିଇଟି ପରୀକ୍ଷା ପାଇଁ ଅନୁମତି ଦେବା ଘଟଣାକୁ ବାରଣ କରିବା ନେଇ ଦାବି ଜଣାଇଛନ୍ତି।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଝୁମ୍ପୁରା, ୨୯।୧୧(ଡି.ଏନ.ଏ.)**

ଶିକ୍ଷକ ମାଗୁଣି ଚରଣ ନାଏକ ଏବଂ ଶିକ୍ଷକ ଶଶୀଭୂଷଣ ନାୟକଙ୍କୁ ଗୁରୁବାର ଧନୁର୍ଜୟପୁର ୟୁଜିୟୁପି ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ମାଗୁଣି ନାଏକ ଫେବ୍ରୁୟାରୀ ୨୦୧୭ ଏବଂ ଶଶୀଭୂଷଣ ନାୟକ ଅକ୍ଟୋବର ୨୦୧୮ରେ ଶିକ୍ଷକତା ଜୀବନରୁ ଅବସର ଗ୍ରହଣ କରିଥିଲେ। ବିଳମ୍ବରେ ହେଲେ ବି ଶକ୍ଷକ ଦ୍ୱୟଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜଙ୍ଗଲ ମୂଳକରେ ଅପହଞ୍ଚ ଇଲାକା ଗୁଡିକରେ ଥିବା ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ଶିକ୍ଷକ ଦ୍ୱୟ ନିଜର ଅର୍ଦ୍ଧାଧିକ ଚାକିରି ସମୟ କଟାଇ ଶିକ୍ଷାଦାନ କ୍ଷେତ୍ରରେ ନିୟୋଜିତ ଥିଲେ। ଅବସର ସମୟରେ ଶିକ୍ଷକ ଦ୍ୱୟ ମଲଦା ପଞ୍ଚାୟତ ନୋଡାଲ ୟୁପିମଇ ଏବଂ କାଶିଆ ଗ୍ରାମ ୟୁଜିୟୁପି ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ଏ ନେଇ ଝୁମ୍ପୁରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରାଜେନ୍ଦ୍ର ସାହୁ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସଂଘ ସମ୍ପାଦକ ମିତ୍ରଭାନୁ ବାରିକ, ବ୍ଲକ ଶିକ୍ଷାଧିକାରୀ ଚତୁର୍ଭୂଜ ସେଠୀ, ଏବିଇଓ ଏଜଳ ସାହୁ, ବିଆରସିସି କମଳଲୋଚନ ବିଶ୍ୱାଳ, ସମ୍ପୃକ୍ତ ଅଞ୍ଚଳର ସମସ୍ତ ସିଆରସିସି ଯୋଗ ଦେଇଥିଲେ।



ଶିକ୍ଷକ ଦ୍ୱୟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବିନା ଅଧ୍ୟକ୍ଷରେ ଚାଲିଛି ପାଠପଢ଼ା

**ହାଟଡିହୀ, ୨୯।୧୧**



ହାଟଡିହୀ ଆଞ୍ଚଳିକ ମହାବିଦ୍ୟାଳୟ।

ବୁଦ୍ଧିଜୀବୀଙ୍କ ଉଦ୍ୟମରେ ହାଟଡିହୀ ଆଞ୍ଚଳିକ ମହାବିଦ୍ୟାଳୟ ସ୍ଥାପିତ ହୋଇଥିଲା। ଦୀର୍ଘ ଦିନ ବିତିଯାଇଥିଲେ ହେଁ ତାହାର ଭିତ୍ତିଭୂମିର ବିକାଶ ହୋଇ ପାରିନାହିଁ। ଆବଶ୍ୟକୀୟ ଶ୍ରେଣୀ ଗୃହର ଅଭାବ, ଖେଳ ପଡ଼ିଆ ଓ ଖେଳ ଉପକରଣ ନ ଥିବା ବେଳେ ଲାଇବ୍ରେରୀ ବହି ଓ ବିଜ୍ଞାନ ବିଭାଗ ପାଇଁ ଉପକରଣର ଅସୁବିଧା ହେଉଛି। +୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଭୋକେସନାଲ ପାଠ୍ୟକ୍ରମ ରହିଛି। +୩ରେ କେବଳ କଳା ବିଭାଗ ରହିଛି। ପ୍ରାୟ ୧୫ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରିଥାନ୍ତି। ଗମନାଗମନର ସୁବିଧା ଓ କଲେଜଟି ହାଟଡିହୀ ବ୍ଲକର ମଧ୍ୟ ସ୍ଥଳରେ ହୋଇଥିବାରୁ ସମସ୍ତଙ୍କ ପ୍ରଥମ ପସନ୍ଦ। ଦୀର୍ଘ ଦିନ ହେଲା ଅଧ୍ୟକ୍ଷ ପଦବୀ ଖାଲିପଡିଥିବା ବେଳେ କିରାଣି ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ଆବଶ୍ୟକତା ଅନୁସାରେ କମ୍ ଅଛନ୍ତି।

ଇଂରାଜୀ ଓ ଓଡିଆ ବିଭାଗରେ କିଛି ଅଧ୍ୟାପିକାଅଧ୍ୟାପକ ନିୟମିତ କ୍ଲାସ କରୁ ନ ଥିବାର ଅଭିଯୋଗ ହେଉଛି। କଲେଜର ସୁପରିଚାଳନା ପାଇଁ ଏକ ସ୍ୱୀକୃତି ପ୍ରାପ୍ତ ପରିଚାଳନା କମିଟି ରହିଥିଲେ ହେଁ ବହୁଦିନ ହେଲା ବୈଠକ ବସି ନ ଥିବା କୁହାଯାଉଛି। ଉକ୍ତ କମିଟିର ସଭାପତି ବିଧାୟକ ମାୟାଧର ଯେନା ସମୟ ଦେଇ ପାରୁ ନ ଥିବାରୁ ନିୟମିତ ବୈଠକ ବସି ପାରୁ ନ ଥିବା ଆଲୋଚନା ହେଉଛି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ନେବା ସହ ଶୀଘ୍ର +୩ ବିଜ୍ଞାନ ବିଭାଗ ଖୋଲିବା ପାଇଁ ଦାବି ହେଉଛି।

## ବିମଳା ଘାଟି ଗାର୍ଡୱାଲ ନିର୍ମାଣରେ ଅନିୟମିତତା

**ତେଲକୋଇ, ୨୯।୧୧(ଡି.ଏନ.ଏ.)**

ତେଲକୋଇ ବ୍ଲକ ବିମଳା ପଞ୍ଚାୟତ ପେଟରା ଘାଟିରେ ରାସ୍ତା ନିର୍ମାଣ ପାଇଁ ଗାର୍ଡୱାଲ ନିର୍ମାଣ କରାଯାଉଛି। ଉକ୍ତ କାର୍ଯ୍ୟରେ ଅନିୟମିତତା ହେଉଥିବା ସ୍ଥାନୀୟ ସରପଞ୍ଚ ଖୁଲଣା ନାଏକ ସମେତ ଗ୍ରାମବାସୀ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଢେଙ୍କାନାଳ ଜିଲା ଗଡପଳାଶୁଣୀଠାରୁ ବିମଳା ଦେଇ ସିରିଗିଡା ପର୍ଯ୍ୟନ୍ତ ପିଡବ୍ଲ୍ୟୁଡି ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ କରାଯାଉଛି। ଘାଟି ଅଞ୍ଚଳର ଜଙ୍ଗଲକୁ ଜେସିବି ମାଧ୍ୟମରେ ମାଟି ଉଠାଯାଉଥିବା ଯୋଗୁଁ ଗ୍ରାମବାସୀଙ୍କ ଚାଷ ଜମି କ୍ଷତି ହେବାରେ ଲାଗିଛି। ଜଙ୍ଗଲ ଧ୍ୱଂସ ହେଉଛି ବୋଲି ସରପଞ୍ଚଙ୍କ ସମେତ ମୁରଲୀ ମହାନ୍ତ, ପ୍ରମୋଦ ପାତ୍ର, ନକୁଳ ନାଏକ, କୁନା ନାଏକ, ହରିହର ପାତ୍ର, କୃଷ୍ଣ ପାତ୍ର ସମେତ ସମସ୍ତ ଗ୍ରାମବାସୀ କହିଛନ୍ତି। ଏହାର ତଦନ୍ତ ଦାବି କରିଛନ୍ତି।

# ଅଘୋଷିତ ବିଦ୍ୟୁତ୍‌କାଟକୁ ବିରୋଧ

**କେନ୍ଦୁଝର, ୨୯।୧୧(ସ୍ୱ.ପ୍ର.)**

- ପିଲାମାନଙ୍କ ପାଠପଢା ବ୍ୟାଘାତ
- କଂଗ୍ରେସ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ସହର ଓ ଗ୍ରାମାଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ ପ୍ରତିବାଦରେ ଜିଲା କଂଗ୍ରେସ କମିଟି ପକ୍ଷରୁ ଗୁରୁବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ହାତୀ ଉପଦ୍ରବ ରୋକିବାରେ ଅସମର୍ଥ ହେଉଥିବା ପ୍ରଶାସନ ବିଦ୍ୟୁତ୍ ବିଭାଗର ଅପାରଗତାକୁ ସୁରକ୍ଷା ଦେଉଛି। ଜିଲାରେ ଦିନରାତି ବିଦ୍ୟୁତ୍ କାଟକୁ ଜିଲା କଂଗ୍ରେସ ସମାଲୋଚନା କରିଛି। ଆଗକୁ ବୋର୍ଡ, ପ୍ରିବୋର୍ଡ ତଥା ଅନ୍ୟ ପରୀକ୍ଷା ଥିବାରୁ ପିଲାମାନଙ୍କ ପାଠ ପଢା ବ୍ୟାଘାତ ହେଉଛି। ଗ୍ରାମାଞ୍ଚଳରେ ଅନ୍ଧାର ଯୋଗୁଁ ହାତୀ ଓ ଅନ୍ୟ ଜୀବଜନ୍ତୁଙ୍କ ଉପଦ୍ରବ ଯୋଗୁଁ ଲୋକେ ଭୟ ଓ ଆତଙ୍କିତ ଅବସ୍ଥାରେ ରହୁଥିବା କହିଛନ୍ତି। ଏହାଛଡା ଅନ୍ଧାରର ସୁଯୋଗ ନେଇ ଚୋରି, ଲୁଟ, ରାହାଜାନୀ ଭଳି ଅପରାଧ ବୃଦ୍ଧି ପାଇବାରେ ଲାଗୁଛି। ଅସାମାଜିକ ଲୋକଙ୍କ ଦୌରାତ୍ମ୍ୟ ବୃଦ୍ଧିପାଇବାରେ ଲାଗୁଛି ବୋଲି କହିଛନ୍ତି। ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁଁ କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟୀ କ୍ଷତିଗ୍ରସ୍ତ ହେଉଥିବା କଂଗ୍ରେସ କମିଟି ପକ୍ଷରୁ କୁହାଯାଇଛି।




ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା କଂଗ୍ରେସ କର୍ମକର୍ତ୍ତା।

## ଅନ୍ଧାରରେ ଆନନ୍ଦପୁର ପୌରପରିଷଦ

**ଘସିପୁରା, ୨୯।୧୧**

ଆନନ୍ଦପୁର ପୌରପରିଷଦର ବିଭିନ୍ନ ୱାର୍ଡ଼ ଅନେକ ସମୟରେ ଅନ୍ଧାରରେ ରହୁଛି। ବିଦ୍ୟୁତ୍ ଖୁଣ୍ଟରେ ଏଲଇଡ଼ି ବଲ୍‌ବ ଅଚଳ ହୋଇଯାଇଛି। ୧ ବର୍ଷ ପୂର୍ବେ ଏକ ନିର୍ଦ୍ଦିଷ୍ଟ କମ୍ପାନୀ ସ୍ଥାନୀୟ ପୌରପରିଷଦର କଲ୍ୟାଣ ମଣ୍ଡପଠାରେ ୫୦ ବଲ ମହଜୁଦ୍ କରି ରଖିଥିଲା। ଅଦ୍ୟାବଧି ଆଉ ଅଧିକ ବଲ ଯୋଗାଇ ନ ଥିବାରୁ ବାଧ୍ୟହୋଇ ପୌର କାର୍ଯ୍ୟାଳୟ ପକ୍ଷରୁ ୧୦୦ ପାୱାର ବଲବ ବିଦ୍ୟୁତ୍ ଖୁଣ୍ଟିରେ ଲଗାଯାଇଛି। ପୌରାଞ୍ଚଳର ପଦ୍ମପୁର, ଫକୀରପୁର, ଶାଳପଡ଼ା, ଘସିପୁରା, ଶୈଳଙ୍ଗ ପ୍ରମୁଖ ଅଞ୍ଚଳର ବିଭିନ୍ନ ସାହି ବସ୍ତିରେ ବିଜୁଳିବତୀ ନ ଥିବାରୁ ପୌରବାସୀ ଅନ୍ଧକାରରେ ଯାତାୟାତ କରୁଛନ୍ତି। ଉକ୍ତ ସମସ୍ୟା ସମ୍ପର୍କରେ କେନ୍ଦୁଝରସ୍ଥିତ ଜୋନ କୋଡ଼ିନେଟର ରଶ୍ମିରଞ୍ଜନ ଦତ୍ତଙ୍କୁ ପଚାରିବାରୁ ଜାନୁଆରୀ ୧୫ ତାରିଖ ମଧ୍ୟରେ ସୁ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

## ବାର୍ଷିକ ଶିଶୁ ପ୍ରତିଭା ଉତ୍ସବ



ଉତ୍ସବରେ ଯୋଗ ଦେଇଥିବା ଅତିଥି।

**ହାଟଡିହୀ, ୨୯।୧୧**

ହାଟଡିହୀ ବ୍ଲକ ଓରାଳୀ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ବାର୍ଷିକ ଶିଶୁ ପ୍ରତିଭା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ପ୍ରଧାନ ଶିକ୍ଷକ ଗୌରଙ୍ଗ ଚରଣ ନାୟକ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ବାଇଧର ବେହେରା ଯୋଗଦେଇ ଶିଶୁଙ୍କର ବୌଦ୍ଧିକ ଜ୍ଞାନ ବିକାଶ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଗୁଣନିଧି ଦାସ ଶୃଙ୍ଖଳା ଓ ସମୟାନୁ ବର୍ତ୍ତିତା ସଂପର୍କରେ ଶିଶୁଙ୍କୁ ମାର୍ଗ ଦର୍ଶନ ଦଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଧନେଶ୍ୱର ଖଣ୍ଡେଇ, ସୁରେଶ ଯେନା, ସିଆରସିସି ପ୍ରଭାକର ବେହେରା, ବ୍ଲକ ପ୍ରଥମିକ ଶିକ୍ଷକ ସଂଘ ସଭାପତି ଲକ୍ଷ୍ମୀଧର ସେଠୀ ଓ ସରପଞ୍ଚ ମମତା ରାଣୀ ଯେନା ପ୍ରମୁଖ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ଦୀପ୍ତି ଦେବଦର୍ଶିନୀ ସୂତାର, ଲତା ପରିଡା, ମମତା ଦାସ ଓ ଶିକ୍ଷକ ଦେବାଶିଷ ଦାସ ପରିଚାଳନାରେ ସହଯୋଗ କରିଥିଲେ।

## ଛାତ୍ରୀଛାତ୍ରଙ୍କୁ ମିଳିଲା ପୋଷାକ



ଜଣେ ଛାତ୍ରଙ୍କୁ ପୋଷାକ ବଣ୍ଟନ କରାଯାଉଛି।

**ଘସିପୁରା/କୋଲିମାଟି, ୨୯।୧୧**

ଘସିପୁରା ବ୍ଲକ ଅନ୍ତର୍ଗତ ପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ଅଲେଖ ମହିମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରାଯାଇଛି। ଅଲେଖ ମହିମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଘସିପୁରା ବ୍ଲକ ଶିକ୍ଷାଧିକାରୀ ଗୋପାଳ ଚନ୍ଦ୍ର ପତି, ସମ୍ମାନିତ ଅତିଥି ଭାବେ ଏବିଓ ମନମୋହନ ସାମଲ, ସିଆରସିସି ପ୍ରଭାତ ଜେନା, ବଳରାମପୁର ସରକାରୀ ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅନିଲ ନାୟକ, ଅବସରପ୍ରାପ୍ତ ଶିକ୍ଷକ କୀର୍ତ୍ତନ ବିହାରୀ ପୃଷ୍ଟି ଓ ବିଶେଷ ଅତିଥି ଭାବେ ଭାବା ଆଣବିକ କେନ୍ଦ୍ରର ଅବସରପ୍ରାପ୍ତ ବୈଜ୍ଞାନିକ ଡ. କେଦାରନାଥ ପଟ୍ଟନାୟକ ଯୋଗ ଦେଇଥିଲେ। ଏହି ଅବସରରେ ପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ସାହୁ ଅତିଥି ପରିଚୟ ଦେଇଥିଲେ। ବୈଜ୍ଞାନିକ ଡ. କେଦାରନାଥ ପଟ୍ଟନାୟକ ଛାତ୍ରୀଛାତ୍ରଙ୍କୁ ପୋଷାକ, ଜୋତା, ସ୍କୁଲବ୍ୟାଗ୍ ଓ ଟେଷ୍ଟପେପର ବଣ୍ଟନ କରିଥିଲେ। ଶିକ୍ଷକ ଶୁକଦେବ ନାହାକ, ଦିଲ୍ଲିପ ଭୂୟାଁ, ସ୍ୱେଚ୍ଛାସେବୀ ଅଲେଖ ନନ୍ଦନ ପୃଷ୍ଟିଙ୍କ ସହ ସମସ୍ତ ଶିକ୍ଷକ ଓ ପରିଚାଳନା କମିଟିର ସଭ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ■ ସମବାୟ ବ୍ୟାଙ୍କର ବାର୍ଷିକ ସାଧାରଣ ସଭା

# ଚାଷୀଙ୍କ ବିକାଶକୁ ଗୁରୁତ୍ୱ

**କେନ୍ଦୁଝର, ୨୯।୧୧(ସ୍ୱ.ପ୍ର.)**

କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ୬୫ତମ ସାଧାରଣ ସଭା ବ୍ୟାଙ୍କର ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ସଭାପତି କାନନ ବିହାର ପହିଙ୍କ ସଭାପତିତ୍ୱରେ ଉପସଭାପତି ସୁଷମା ମହାନ୍ତି, ବୋର୍ଡ ସଦସ୍ୟା ତଥା ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ବୋର୍ଡ ସଦସ୍ୟା ଜ୍ୟୋସ୍ନାମୟୀ ଜେନା, କେନ୍ଦୁଝର ଜିଲା ସମବାୟ ସଂଘ ସଭାପତି ଧିରେନ୍ଦ୍ର ରାଉତ, କୃଷି ଉପନିର୍ଦ୍ଦେଶକ କେନ୍ଦୁଝରଙ୍କ ପ୍ରତିନିଧି ସତ୍ୟବାନ ସୋରେନ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ। ବ୍ୟାଙ୍କ ସର୍ବଦା ଜିଲାର ଚାଷୀ ଓ ଚାଷର ବିକାଶ ପାଇଁ କାମ କରିଆସୁଛି। ଚାଷୀଙ୍କ ସୁବିଧା ପାଇଁ ଜିଲାର ୫ ଅପହଞ୍ଚ ଇଲାକା ରେକୁଟିଆ, ଗୟଳମୁଣ୍ଡା, ବାଂଶପାଳ, ଉଖୁଣ୍ଡା ଓ ପାଟଣାଠାରେ ବ୍ୟାଙ୍କର ଶାଖା ଖୋଲାଯିବ ବୋଲି କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ପୋହି କହିଥିଲେ। ଆଗାମୀ ଦିନରେ ୧୨କୋଟିରୁ ଊର୍ଦ୍ଧ୍ୱ ବ୍ୟୟରେ ନୂତନ କୋଠା ନିର୍ମାଣ ସମ୍ପର୍କରେ ସେ ସୂଚନା ଦେଇଥିଲେ।

ସୋସାଇଟି ଓ ଲ୍ୟାମ୍ପ୍‌ସଗୁଡିକର ଅଡିଟ ରିପୋର୍ଟ ସଂସ୍ଥାର ସଭାପତିଙ୍କ ବିନା ସ୍ୱାକ୍ଷରରେ ପ୍ରକାଶ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଥିଲା। ଆଗାମୀ ଦିନରେ ସଭାପତିଙ୍କ ବିନା ସ୍ୱାକ୍ଷରରେ ଅଡିଟ୍ ରିପୋର୍ଟ ପ୍ରକାଶ ନେଇ ତଦନ୍ତ ପୂର୍ବକ ପଦକ୍ଷେପ ନେବାକୁ ଡିଆର୍‌ସିଏସ୍‌ଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କେନ୍ଦ୍ର ସମବାୟ ବ୍ୟାଙ୍କର ସମ୍ପାଦକ ନାରାୟଣ ମଢେଇ ୨୦୧୭-୧୮ ବର୍ଷର ଅଡିଟ୍ ରିପୋର୍ଟ ପାଠ କରିଥିଲେ। ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ବୋର୍ଡ ସଦସ୍ୟ ତଥା ଜିଲା ବ୍ୟାଙ୍କ ବୋର୍ଡ ସଦସ୍ୟ ଦେବପ୍ରିୟ ପାତ୍ର ମଧ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସମବାୟ ସଂଘ ସଭାପତି ଧୀରେନ୍ଦ୍ର ଧନ୍ୟବାଦ ଦେଇଥିଲେ। ଜିଲାର ୪୪ଟି ସମବାୟ ସଂସ୍ଥାର ପ୍ରତିନିଧିଙ୍କ ସମେତ ନିବନ୍ଧିକରଣ ହୋଇଥିବା ସମବାୟ ସଂସ୍ଥାର ପ୍ରତିନିଧି ଅଂଶଗ୍ରହଣ କରିଥିଲେ।




ଆୟୋଜିତ ସଭାରେ ଯୋଗ ଦେଇଥିବା ସମିତିର କର୍ମକର୍ତ୍ତା।




## ସଂକ୍ଷେପରେ

### ୧ରୁ ଇଗ୍ନୁ ପରୀକ୍ଷା

**କେନ୍ଦୁଝର, ୨୯।୧୧(ସ୍ୱ.ପ୍ର.):** ୧ରୁ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ଅବଧୀ ପରୀକ୍ଷା ହେବ। ସ୍ଥାନୀୟ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଥିବା ଇଗ୍ନୁ ଅଧ୍ୟୟନ କେନ୍ଦ୍ରରେ ପରୀକ୍ଷା ଦେବାକୁ କେନ୍ଦ୍ରର ସଂଯୋଜକ ଦୋଳଗୋବିନ୍ଦ ରାଉତ ସୂଚନା ଦେଇଛନ୍ତି। ହଲ ଟିକଟ ଇଗ୍ନୋ ୱେବସାଇଟରେ ଉପଲବ୍ଧ ଥିବା ସୂଚନା ଦେଇଛନ୍ତି।

### ହାଟଡ଼ିହୀରେ ଏଟିଏମ୍ ଅଚଳ

**ହାଟଡ଼ିହୀ, ୨୯।୧୧:** ହାଟଡ଼ିହୀ ବ୍ଲକରେ ଥିବା ଏଟିଏମ୍ ଗୁଡିକ ଉପରେ ଲୋକଙ୍କର ଭରସା କମିବାରେ ଲାଗିଛି। ବ୍ଲକର ହାଟଡିହୀ, ଛେନାପଦୀ, ଶାଳଣୀଆ, ଢେଙ୍କା ଓ ବାଙ୍ଗୋରଠାରେ ବିଭିନ୍ନ ବ୍ୟାଙ୍କର ଏଟିଏମ୍ ରହିଛି। ହାଟଡିହୀ ଓ ଛେନାପଦୀରେ ଏକ ଏଟିଏମ୍ ଗୁଡିକରେ ସବୁବେଳେ ଅଧିକ କାରାବାର ହେଉଛି। ଫଳରେ ଏଟିଏମ୍ ଅଚଳ ହୋଇ ପଡୁଛି। ଅନେକ ଏଟିଏମ୍‌ରେ ଥିବା ଇନ୍‌ଭଟର କାମ କରୁନାହିଁ। ବିଦ୍ୟୁତ୍ କଟିଲେ ଲୋକେ ହଇରାଣ ହେଉଛନ୍ତି। ଗ୍ରାହକମାନେ ଟଙ୍କା ଉଠାଇବା ସମୟରେ ହଠାତ୍ ଏଟିଏମ୍ ଅଚଳ ହୋଇଯାଉଛି। ଲୋକଙ୍କ ଜମାଖାତାରୁ ଟଙ୍କା କଟି ଯାଉଛି। ମାତ୍ର ଟଙ୍କା ବାହାରୁ ନାହିଁ। ବିଭାଗୀୟ ଅଧୀକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

### ବ୍ଲକସ୍ତରୀୟ ବିଜ୍ଞାନ ମେଳା

**ତେଲକୋଇ, ୨୯।୧୧(ଡି.ଏନ.ଏ.):** ତେଲକୋଇ ବ୍ଲକ ମୁଖ୍ୟାଳୟର ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ମେଳାରେ ପ୍ରାଥମିକ ବିଦ୍ୟାଳୟ ସମେତ ଉଚ୍ଚ ବିଦ୍ୟାଳୟର ୧୨୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବିଜ୍ଞାନ ପ୍ରଦର୍ଶନରେ ୯ କୃତୀ ଛାତ୍ରୀଛାତ୍ର ଜିଲାସ୍ତରକୁ ଉତୀର୍ଣ୍ଣ ହୋଇଛନ୍ତି। ମେଳାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଥାନା ଅଧିକାରୀ ଦେବେନ୍ଦ୍ର ନାଥ ପିଙ୍ଗୁଆ, ଅନ୍ୟ ଅତିଥିଙ୍କ ମଧରେ ବ୍ଲକ ଶିକ୍ଷାଧିକାରୀ ଗୋଲପ ପଧାନ, ଦୋବଲାପାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୁଖ ଯୋଗ ଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମାଧବ ଚନ୍ଦ୍ର ବୈଦ୍ୟ ସଭା ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀ ସହାୟତା କରିଥିଲେ।

# ଲୁହାପଥର ପରିବହନ ନେଇ ଅନୁକମ୍ପା

**କେନ୍ଦୁଝର, ୨୯।୧୧(ସ୍ୱ.ପ୍ର)**

ଯୋଡ଼ା ବ୍ଲକ ଅଞ୍ଚଳରେ ଥିବା ଏକ ଖଣିକୁ ଓଏମସିର ଅହେତୁକ ଅନୁକମ୍ପା ପ୍ରଦର୍ଶନକୁ ନେଇ ଚର୍ଚ୍ଚା ଜୋର ଧରିଛି। ଚୋରା ଖଣି କାରବାରକୁ ପରୋକ୍ଷରେ ଓଏମସି ଖଣି ସରକାରୀ ଉଦ୍ୟୋଗ ସଂସ୍ଥା ପ୍ରୋତ୍ସାହିତ କରୁଥିବା ଅଭିଯୋଗ ହେଉଛି। ଓଏମସି ଅଧୀନରେ ଥିବା ଯୋଡା ବ୍ଲକର ଏକ ଖଣି ଦୀର୍ଘ ବର୍ଷ ହେଲା ବନ୍ଦ ରହିଛି। ଉକ୍ତ ଖଣି ଚାଲୁ କରିବା ନେଇ ସଂସ୍ଥା ଆନ୍ତରିକତା ପ୍ରଦର୍ଶନ କରୁନାହିଁ। ମାତ୍ର ଅନ୍ୟ ଖଣି କାର୍ଯ୍ୟକ୍ଷମ କରିବାକୁ ସହାୟତା କରୁଥିବା ଅଭିଯୋଗ ହେଉଛି। ଏଭଳି ଓଏମସି ଖଣି ସଂସ୍ଥା ନିଜ ଲିଜ ଅଞ୍ଚଳ ଦେଇ ଯାଇଥିବା ରାସ୍ତାରେ ଏକ ଖଣି ସଂସ୍ଥାର ଖଣିଜ ଲୁହାପଥର ପରିବହନ ପାଇଁ ଅନୁମତି ଦେବା ଘଟଣା ଆଲୋଚ୍ୟର ବିଷୟ ହୋଇଛି। ଯଦିଓ ୧୪ଟି ସର୍ତ୍ତ ରଖିଛି। ପରୋକ୍ଷରେ ଖଣି ଚୋରାକାରବାରକୁ ପ୍ରୋତ୍ସାହିତ କରିବ ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। ଉକ୍ତ ରାସ୍ତାରେ କେତେକ ଆଦିବାସୀଙ୍କ ଜମି ରହିଥିବା ବେଳେ ସେମାନଙ୍କୁ ପ୍ରଲୋଭିତ କରି ଲୁହାପଥର ପରିବହନ କରାଯାଉଥିବା ଅଭିଯୋଗ ହେଉଛି।

ଜଣଙ୍କ ଲିଜ ଅଞ୍ଚଳ ଦେଇ କିପରି ଅନ୍ୟ ଏକ ସଂସ୍ଥା ଲୁହାପଥର ପରିବହନ କରିବ ତାହାକୁ ନେଇ ବିବାଦ ମୁଣ୍ଡ ଟେକୁଛି। ଘରୋଇ ସଂସ୍ଥାର ଖଣି ପାଇଁ ସରକାରୀ ଖଣି ସଂସ୍ଥା ନିଜର ଲିଜ ଅଞ୍ଚଳ ଦେଇ ଯାଇଥିବା ରାସ୍ତାକୁ ବ୍ୟବହାର କରିବାକୁ ଅନୁମତି ଦେଲେ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଉକ୍ତ ସଂସ୍ଥାକୁ ଅହେତୁକ ଅନୁକମ୍ପା ଦିଆଯାଇଥିବା ଅଭିଯୋଗ ହୋଇଛି। ଚିଠି ନମ୍ବର ୬୯୯୭/୯-୫-୨୦୧୮ରେ ଓଏମସିର ନିର୍ବାହୀ ନିର୍ଦ୍ଦେଶକ ଏହି ଆଦେଶ ପତ୍ର ଦେଇଥିବା ଜଣାପଡିଛି। ଏ ନେଇ ଓଏମସି ଆଞ୍ଚଳିକ ପରିଚାଳକ ଏଲ.ଏନ. ଘଣାଙ୍କୁ ପଚାରିବାରୁ ଖଣି ନିର୍ଦ୍ଦେଶକଙ୍କ ଆଦେଶକ୍ରମେ ଓଏମସି ପକ୍ଷରୁ ଅନୁମତି ମିଳିଛି। ଉକ୍ତ ରାସ୍ତା ଖଣି ବାହାରେ ଯାଇଛି। କୌଣସି ଅସୁବିଧା ନାହିଁ ବୋଲି ସେ କହିଛନ୍ତି। ଉକ୍ତ ଲିଜ ମିଳିଥିବା ଜମିର ମାଲିକ ସରକାର। ଓଏମସି ହେଉଛି ଲିଜଧାରୀ। ଓଏମସି ସଂସ୍ଥା ଏ ନେଇ ସରକାରଙ୍କଠାରୁ ଅନୁମତି ଲୋଡିଛି କି ନାହିଁ ତାହା ତଦନ୍ତ ସାପେକ୍ଷ ବୋଲି ଆଲୋଚନା ହେଉଛି।

# ଯାତ୍ରୀଙ୍କଠାରୁ ଟଙ୍କା, ମୋବାଇଲ ଲୁଟ୍

**ଯୋଡ଼ା, ୨୯।୧୧(ଡି.ଏନ.ଏ.)**

ଯୋଡ଼ାରୁ ବିଲେଇପଦା ଯାଉଥିବା ଜଣେ ଟ୍ରେନ୍ ଯାତ୍ରୀଙ୍କୁ କେତେକ ଦୁର୍ବୃତ୍ତ ମାଡ ମାରି ଟଙ୍କା ଓ ମୋବାଇଲ ଲୁଟି ନେଇଥିବା ଅଭିଯୋଗ ହୋଇଛି। ବନେଇକଳାରେ ରହି ସୁପରଭାଇଜର ଭାବେ ଇଶ୍ୱର ଚନ୍ଦ୍ର ସ୍ୱାଇଁ କାର୍ଯ୍ୟ କରନ୍ତି। ସେ ଗୁରୁବାର ପୁରୀକୁ ଯିବା ପାଇଁ ବିଲେଇପଦା ରେଳ ଷ୍ଟେଶନ ଯାଉଥିବା ବେଳେ ଲହଣ୍ଡାଠାରେ ଲୁଟ୍‌ର ଶିକାର ହୋଇଥିଲେ। ଏକ ବାଇକ୍‌ରେ ୩ ଜଣ ଯୁବକ ଆସି ତାଙ୍କୁ ଲିଫ୍ଟ ଦେବାକୁ କହିଥିଲେ। ପରେ ସାଙ୍ଗରେ ନେଇ ଏକ ନିଛାଟିଆ ସ୍ଥାନରେ ଓହ୍ଲାଇ ତାଙ୍କୁ ମାଡ ମାରିଥିଲେ। ତାଙ୍କଠାରୁ ୧୫ ଶହ ଟଙ୍କା ନଗଦ ସହ ମୋବାଇଲ ଲୁଟି ନେଇଛନ୍ତି। ପୋଲିସ ଉପରେ ଭରସା ତୁଟି ଯାଉଥିବାରୁ ଲୁଟ୍‌ର ଶିକାର ହୋଇଥିବା ଇଶ୍ୱର ଥାନାରେ କୌଣସି ଅଭିଯୋଗ କରି ନ ଥିବା ଜଣାଯାଇଛି। ଏ ସମ୍ପର୍କରେ ବିଲେଇପଦା ଫାଣ୍ଡି ଅଧିକାରୀ ନରେଶ ଚନ୍ଦ୍ର ଦାସଙ୍କୁ ପଚାରିବାରୁ ଫାଣ୍ଡିରେ ଏ ନେଇ କୌଣସି ଲିଖିତ ଅଭିଯୋଗ ହୋଇନାହିଁ। ଲିଖିତ ଅଭିଯୋଗ ହେଲେ ମାମଲା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରି ଅଭିଯୋଗ ଆସିଲେ ଏହାର ତଦନ୍ତ କରାଯାଉଥିବା ସେ କହିଛନ୍ତି।

# ପାଟଣାରେ ଗଡ଼ିଲା ସଚେତନତା ରଥ



ସଚେତନତା ରଥକୁ ଉଦ୍‌ଘାଟନ କରାଯାଉଛି।

**ପାଟଣା, ୨୯।୧୧(ସ୍ୱ.ପ୍ର.)**

ମହିଳାଙ୍କୁ ସୁରକ୍ଷା ଦେବା ସହ ହିଂସା ବିରୋଧରେ ସାମାଜିକ ଓ ଆଇନ ଗତ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଗୁରୁବାର ପାଟଣା ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ସଚେତନତା ରଥ ଉଦ୍‌ଘାଟିତ ହୋଇଛି। ସ୍ୱେଚ୍ଛାସେବୀ ସଙ୍ଗଠନ ଓସ୍କା ତରଫରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାଟଣା ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ନାଏକ ଓ ବିଡ଼ିଓ କୁଶଳ ଚନ୍ଦ୍ର ନାଏକ ପତାକା ଦେଖାଇ ରଥକୁ ଶୁଭାରମ୍ଭ କରିଥିଲେ। ଓସ୍କା ବ୍ଲକ ସଂଯୋଜକ ମିତ୍ରଭାନୁ ମହନ୍ତଙ୍କ ସଂଯାଜନାରେ ଜିଲାପରିଷଦ ସଭ୍ୟ ସୁରେଶ ଚନ୍ଦ୍ର ନାଏକ, ସମିତି ସଭ୍ୟ ଧରିତ୍ରୀ ମହାନ୍ତ, ଜିପିଓ ରଶ୍ମିରେଖା ମହାନ୍ତି, ପରିମଳ ବିଭାଗ ଯନ୍ତ୍ରୀ ସସ୍ମିତା ନାଏକ, ବ୍ଲକ ସଂଯୋଜିକା ଦୀପ୍ତି ପଣ୍ଡା, ଯୋଗାଣ ନିରୀକ୍ଷକ ବିଦ୍ୟୁତ୍‌ଲତା ନାଏକ ଓ ପିଏ ନିତ୍ୟାନନ୍ଦ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ସଚେତନତା ରଥ ୩ ଦିନ ଧରି ବ୍ଲକର ବିଭିନ୍ନ ଗାଁ ପରିକ୍ରମା କରିବା ବୋଲି ସୂଚନା ମିଳିଛି।

### ସମବାୟ ସମିତିର ବାର୍ଷିକ ସାଧାରଣ ସଭା

**ତେଲକୋଇ, ୨୯।୧୧(ଡି.ଏନ.ଏ.)**

ତେଲକୋଇ ବୃହଦାକାର ବହୁମୁଖୀ ସମବାୟ ସମିତିର ବାର୍ଷିକ ସାଧାରଣ ସଭା ଗୁରୁବାର ସମବାୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୭ଶହରୁ ଉର୍ଦ୍ଧ୍ୱ ଚାଷୀ, ସଭ୍ୟ ଯୋଗ ଦେଇଥିଲେ। ଗତ ସାଧାରଣ ସଭାର ବିବରଣୀ ପାଠ ହୋଇଥିଲା। ଚାଷୀଙ୍କ ଧାନ ସଂଗ୍ରହର ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବାର୍ଷିକ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଶାଖା ପରିଚାଳନା ନୃସିଂହ ଚରଣ ପାଢୀ, ସମିତିର ସଭାପତି ନୀଳମଣି ଦେହୁରି, ପରିଚାଳନା ନିର୍ଦ୍ଦେଶକ କେଶବ ଚନ୍ଦ୍ର ସାହୁ, ଶାଖା ମ୍ୟାନେଜର ଆଶ୍ୱିନୀ କୁମାର ସାହୁ, ଅଧିକାନ୍ତ ଅମାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ୩ ସନ୍ତାନ ଜନ୍ମ ଦେଲେ ଜୁଆଙ୍ଗ ମହିଳା

**ତେଲକୋଇ, ୨୯।୧୧(ଡି.ଏନ.ଏ.)**

ତେଲକୋଇ ସଲଗ୍ନ ମଧୁସୁଦନପୁର ଜୁଆଙ୍ଗ ବସ୍ତିର ଜଣେ ମହିଳା ୩ ସନ୍ତାନ ଜନ୍ମ ଦେଇଛନ୍ତି। ନବଜାତକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବା ଜଣାଯାଇଛି। ବସ୍ତିର ଜୁଆଙ୍ଗ ମହିଳା ସୁକୁଟି ନାଏକ(୨୫)ଙ୍କ ଗର୍ଭ ଯନ୍ତ୍ରଣା ହୋଇଥିଲା। ତାଙ୍କୁ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଶାଦିଦି ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠା ଯାଇଥିଲା। ମୁଖ୍ୟ ଚିକିତ୍ସାଳୟରେ ବୁଧୁବାର ରାତି ୨ଟାରେ ମହିଳାଙ୍କ ଗୋଟିଏ ପୁଅ ଓ ୨ଝିଅ ଜନ୍ମ ହୋଇଥିଲା। ମୁଖ୍ୟ ଚିକିତ୍ସାଳୟରୁ



ଆଦିବାସୀ ମହିଳା ସହ ୩ ନବଜାତକ।

## ମିଳିଲାନି ଅଧିକ ଚିକିତ୍ସା ସୁବିଧା

ସେମାନଙ୍କୁ ଘରକୁ ପଠାଇ ଦିଆଯାଇଛି। ମହିଳା ଜଣଙ୍କ ଅସହାୟ ହୋଇ ଘରେ ୩ ପିଲାଙ୍କୁ ନେଇ ରହିଛନ୍ତି। ପାଖରେ ଅର୍ଥ ନ ଥିବାରୁ ଅଧିକ ଚିକିତ୍ସା ନ କରି ଡାକ୍ତରଖାନା କର୍ତ୍ତୃପକ୍ଷ ଘରକୁ ପଠାଇ ଦେଲେ ବୋଲି ମହିଳାଙ୍କ ସ୍ୱାମୀ ଚନ୍ଦ୍ର ନାଏକ କହିଛନ୍ତି। ଜିଲା ଚିକିତ୍ସାଧିକାରୀଙ୍କୁ ପଚାରିବାରୁ ଏ ନେଇ କୌଣସି ଉତ୍ତରଦେବାକୁ ମନା କରିଦେଇଥିଲେ।

# ରାସ୍ତା ପାର୍ଶ୍ୱରେ କୁଢ଼କୁଢ଼ ଆବର୍ଜନା

**ଘସିପୁରା, ୨୯।୧୧**

ଆନନ୍ଦପୁର ପୌରାଞ୍ଚଳରେ ଅଳିଆ ଆବର୍ଜନା ପଡ଼ି ରହିଛି। ଏ ନେଇ ଅସନ୍ତୋଷ ଦେଖାଦେଉଛି। ପୌରପରିଷଦର ପରିମଳ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ନିମନ୍ତେ ଟେଣ୍ଡର ନେଇଥିବା କମ୍ପାନୀର ଅବଧି ଶେଷ ହୋଇଯାଇଥିବାରୁ ଅଦ୍ୟାବଧି କୌଣସି ନୂତନ ଟେଣ୍ଡର ହୋଇନାହିଁ। ଘସିପୁରା, ଆନନ୍ଦପୁର, ଫକୀରପୁର, ପଦ୍ମପୁର, ଶାଳପଡ଼ା, ଶୈଳଙ୍ଗ ପ୍ରମୁଖ ଅଞ୍ଚଳର ୧୬ ଗୋଟି ୱାର୍ଡ଼କୁ ନେଇ ପୌରପରିଷଦ ଗଠିତ ହୋଇଛି। ଶାଳପଡ଼ାଠାରେ ଅଳିଆ ଆବର୍ଜନା ପକାଇବା ପାଇଁ ଡ଼ମ୍ପିଂୟାର୍ଡ଼ ହୋଇଛି। ସେଠାରେ ଆବର୍ଜନା ନ ପକାଇ ରାସ୍ତାପାର୍ଶ୍ୱରେ ପକା ଯାଉଛି। ଫଳରେ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ଏ ନେଇ ପୌରପରିଷଦର ସ୍ଥାୟୀ କାର୍ଯ୍ୟ ନିର୍ବାହୀ ଅଧିକାରୀ ନ ଥିବାରୁ ଅତିରିକ୍ତ ଦାୟିତ୍ୱରେ ଥିବା ଆନନ୍ଦପୁର ତହସିଲଦାର ତପନ କୁମାର ନାୟକଙ୍କୁ ପଚରାଯିବାରୁ ପ୍ରତିକାର ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଠିକା କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଆନନ୍ଦପୁର, ୨୯।୧୧(ସ୍ୱ.ପ୍ର.)**

ଆନନ୍ଦପୁର ଟେଲିକମ୍ ବିଭାଗର ଠିକା କର୍ମଚାରୀ ଗତ ୨୬ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକାରା ଦେଇଥିଲେ। ଠିକାଦାରଙ୍କ ଦୁର୍ବ୍ୟବହାର, ନିୟମିତ ଦରମା, ଚାକିରିରୁ ବହିଷ୍କାର ଭୟ ଆଦି ୩ ଦଫା ଦାବି ନେଇ ଆନ୍ଦୋଳନ ଆରମ୍ଭ ହୋଇଛି। ଫଳରେ ଟେଲିଫୋନ୍ ସେବାରେ ବ୍ୟାଘାତ ଘଟିଛି। ସଂଘର ସଭାପତି ଶ୍ରୀଧର ସାହୁ, ସମ୍ପାଦକ ପ୍ରମୋଦ ମଲ୍ଲିକ, ଦୀପକ ସାହୁ, ପ୍ରମୋଦ ଖଟୁଆ, ରମେଶ ସେଠୀ, ଗୌରାଙ୍ଗ ସା, କିଶୋର ସିଂ. ସୁଦର୍ଶନ ଜେନା, ତୈଲଙ୍ଗ ସେଠୀ, ସନ୍ତୋଷ ମାଝୀ, ରାଜକିଶୋର ନାଇକ, ଭଗବାନ ନାୟକ, ଦକ୍ଷୀଣେଶ୍ୱର ସୋରେନ, ମୋହନ ବେସ୍ରା, ହେମନ୍ତ ନାଇକ, ଲକ୍ଷ୍ମଣ ନାଇକ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ସେମାନଙ୍କ ଦାବି ପୂରଣ ଦିଗରେ ବିଭଗ ପକ୍ଷରୁ ସେଭଳି କିଛି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ସୂଚନା ମିଳିଛି।




ଠିକା କର୍ମଚାରୀ ଧାରଣାରେ ବସିଛନ୍ତି।

### ବିକାଶ କାର୍ଯ୍ୟରେ ଯୁବକ ସଂଘ

**ରାଇସୁଆଁ, ୨୯।୧୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ସଦର ବ୍ଲକ ବୋଦାପଳଶା ପଞ୍ଚାୟତ କେନ୍ଦୁଆ ଗ୍ରାମର ପ୍ରଥମିକ ବିଦ୍ୟାଳୟରେ ନେହୁର ଯୁବକ କେନ୍ଦ୍ର, ଓ ପାର୍ଥସାରଥୀ ଯୁବକ ସଂଘ ଦ୍ୱାରା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ୫୦ ଯୁବକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମା' ରିଜିଓନାଲ କଲେଜ ଝାରବେଲଦାର ରାଜନୈତିକ ବିଭାଗର ଅଧକ୍ଷ ପରେଶ ଚନ୍ଦ୍ର ଧଳ ଯୋଗ ଦେଇଥିଲେ। ଦିବାକର ମହାନ୍ତ, ପିତାମ୍ବର ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଯୁବ ଗୋଷ୍ଠିଙ୍କ ବିକାଶ ଉପରେ ଆଲୋକପାତ କରାଯାଇଥିଲା।

## ପ୍ରାଥମିକ ବର୍ଗ ବୈଠକରେ ୩୦ ଆଚାର୍ଯ୍ୟା

**ହାଟଡିହୀ,୨୯।୧୧**

ହାଟଡିହୀ ବ୍ଲକରେ ଥିବା ଏକଲ ବିଦ୍ୟାଳୟ ସମୂହର ସଞ୍ଚସ୍ତରୀୟ ପ୍ରାଥମିକ ବର୍ଗ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକକୁ ସଞ୍ଚ ସମ୍ପାଦକ ବିଜୟ କୁମାର ଜେନା ଉଦ୍‌ଘାଟନ କରିଥିଲେ। ସଙ୍ଗଠନର ପୂର୍ଣ୍ଣକାଳୀନ ତଥା ପ୍ରାଥମିକ ବର୍ଗ ପ୍ରମୁଖ ରାଧା ରାଣୀ ଜେନା ବୈଠକ ସମ୍ପର୍କରେ ସୂଚନା ଦେଇଥିଲେ। ସହସମ୍ପାଦକ ଅନନ୍ତ ଚରଣ ପହୀ ଏକଲ ବିଦ୍ୟାଳୟର ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥିତ ଆଚାର୍ଯ୍ୟାଙ୍କୁ ମାର୍ଗ ଦର୍ଶନ ଦେଇଥିଲେ। ବିଦ୍ୟାଳୟର ସୁବିଧାଅସୁବିଧା ସମ୍ପର୍କରେ ସମ୍ପାଦକଙ୍କୁ ଅବଗତ କରାଯାଇଥିଲା। ସଙ୍ଗଠନର ପୂର୍ଣ୍ଣକାଳୀନ ତଥା ଗତିବିଧି ପମୁଖ ବନଜା ନାୟକ ବିଦ୍ୟାଳୟରେ କିପରି ଶିକ୍ଷାଦାନ ଦିଆଯିବ ସେ ସମ୍ପର୍କରେ ଆଚାର୍ଯ୍ୟାଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ସଙ୍ଗଠନର ଯୁବା ପ୍ରମୁଖ ବିଶ୍ୱନାଥ ସହୁ ସଙ୍ଗଠନ କିପରି ମଜ୍‌ଭୁତ ହୋଇପାରିବ ସେ ଉପରେ ଆଲୋକପାତ କରିଥିଲେ। ହାଟଡିହୀ ବ୍ଲକର ୩୦ ଏକଲ ବିଦ୍ୟାଳୟର ଆଚାର୍ଯ୍ୟା ଯୋଗ ଦେଇଥିଲେ।

## ରଚନା, ବକ୍ତୃତା ପ୍ରତିଯୋଗିତା

**ଆନନ୍ଦପୁର, ୨୯।୧୧(ସ୍ୱ.ପ୍ର.)**

ଆନନ୍ଦପୁର ମହାବିଦ୍ୟାଳୟ ରସାୟନ ବିଜ୍ଞାନ ସେମିନାର କକ୍ଷରେ ଏଚ୍‌ଆଇଭି ଏଡସ୍ ଉପରେ ରଚନା ଓ ବକ୍ତୃତା ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ୧ ତାରିଖ ବିଶ୍ୱ ଏଡସ୍ ଦିବସ ଅବସରରେ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମକୁ ଅଧକ୍ଷ ପ୍ରଫେସର ରମାକାନ୍ତ ନାୟକ, ଡ. ମୀନାକ୍ଷୀ ମିଶ୍ର, ଡ. ଦିଲ୍ଲିପ ଦାଶ, ଯୁବ ରେଡକ୍ରସ୍ ଉପଦେଷ୍ଟା ଅଧାପକ ପ୍ରଫୁଲ୍ଲ କୁମାର ପଣ୍ଡା, ଉମାକାନ୍ତ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଡ. ନିମାଇଁ ଚରଣ ରାଉତ, ଦିବ୍ୟଲୋଚନ ଭୂୟାଁ, ଗୀତାଞ୍ଜଳି ନାୟକ, କମଳିନୀ ଯେନା ବିଚାରକ ଭାବେ ଯୋଗ ଦେଇଥିଲେ।

# ହାର ମାନିଛି ଶାରୀରିକ ଅକ୍ଷମତା



ରଇବୁ ପରିବା ବିକ୍ରି ପାଇଁ ହାଟକୁ ନେଉଛନ୍ତି।

**ପାଟଣା,୨୯/୧୧(ସ୍ୱ,ପ୍ର,)**

- ଉଦାହରଣ ପାଲଟିଛନ୍ତି ରଇବୁ
- ଦୃଢ଼ ମନୋବଳ ଦେଇଛି ସଫଳତା

ଦୃଢ଼ ମନୋବଳ, ଇଚ୍ଛାଶକ୍ତି ଆଗରେ ହାର ମାନିଛି ଶାରୀରିକ ଅକ୍ଷମତା। ଭିନ୍ନକ୍ଷମ ସତ୍ତ୍ୱେ କୌଣସି ପରିସ୍ଥିତିରେ କାହାରି ଉପରେ ବୋଝ ସାଜି ନାହାନ୍ତି କି ଭିକ୍ଷାବୃତ୍ତିକୁ ଆପଣାଇ ନାହାନ୍ତି। ସେ ସ୍ୱାଭିମାନର ସହ ବଞ୍ଚିବା ସିଖିଛନ୍ତି। ୮୦ ପ୍ରତିଶତ ଭିନ୍ନକ୍ଷମ ହୋଇ ବି ରୋଜଗାର କ୍ଷମ ହୋଇପାରିଛନ୍ତି। ଜଣେ ଦିବ୍ୟାଙ୍ଗ ହୋଇ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଏଭଳି ଜଣେ କର୍ମବୀର ହେଉଛନ୍ତି ପାଟଣା ବ୍ଲକ ଚେମେଣା ପଞ୍ଚାୟତ ଧନୁର୍ଜୟପୁର ଯୋଡ଼ା ପୋଖରୀ ସାହିର ରଇବୁ ମହାନ୍ତ(୪୯)। ପିଲା ଦିନରୁ ରଇବୁ ପୋଲିଓରେ ରୋଗାକ୍ରାନ୍ତ ହୋଇଥିଲେ। ତାଙ୍କର ଅଣ୍ଟା ତଳକୁ ୨ ଗୋଡ ସମ୍ପୂର୍ଣ୍ଣ ବାଙ୍କି ଯାଇଥିଲା। ସେ ଆଉ ପାଦରେ ସଳଖି ଠିଆ ହେବାକୁ ସକ୍ଷମ ହୋଇ ନ ଥିଲେ କି ଚାଲି ବି ପାରି ନ ଥିଲେ। ସେବେଠାରୁ ଦୁଇହାତ ପାପୁଲି ସାହାଯ୍ୟରେ ଚଳପ୍ରଚଳ କରୁଛନ୍ତି। ହାଇସ୍କୁଲ ପାଠ ପଢିବା ପାଇଁ ଘରଠାରୁ ୭ କି.ମି. ଦୂର ଚେମେଣାକୁ ତାଙ୍କୁ ଯିବା ଆସିବା କରିବାକୁ ପଡିଲା। ଦୁଇହାତ ଓ ପୋଲିଓଗ୍ରସ୍ତ ୨ଗୋଡ ସହାୟତାରେ ସେ ସାଧାରଣ ମଣିଷଙ୍କ ଭଳି ନିଜ କାମ ନିଜେ କରୁଛନ୍ତି। ଅକର୍ମଣ୍ୟତା ତାଙ୍କ ଜୀବନ ଯୁଦ୍ଧରେ ବାଧକ ହୋଇପାରିନାହିଁ। ତାଙ୍କ ଭିନ୍ନକ୍ଷମ ସ୍ତ୍ରୀ ଭାନୁମତୀଙ୍କ ସହ ମିଶି ଗଢିଛନ୍ତି ସୁନ୍ଦର ଏକ ସଂସାର। ଘର ପାଖ ପଡ଼ିଆରେ ସେ ପରିବା ଚାଷ ଆରମ୍ଭ କରିଥିଲେ। ପାଣି ବୋହିବା ତାଙ୍କ ପକ୍ଷେ କଷ୍ଟକର ହୋଇପଡିଥିଲା। ହାଇସ୍କୁଲ ଯାଏ ପାଠପଢିଥିବାରୁ ଚାଷ କାମରେ କାର୍ଯ୍ୟ ଲାଗି ପାରିଛି। ବୁଦ୍ଧି ଖଟାଇ ସେ ଘର ନିକଟ ପୋଖରୀରୁ କିଭଳି ସହଜରେ ଚାଷ ଜମିକୁ ପାଣି ମଡାଇ ପାରିବେ ଯୋଜନା କରିଥିଲେ। ଆଉ ସଫଳ ମଧ ହେଲେ। ପୋଖରୀ କୂଳରେ ଏକ ମଞ୍ଚା ମାରିଲେ। ମଞ୍ଚାକୁ ବାଲଟି ସାହାଯ୍ୟରେ ପାଣି ଉଠାଇ ଏକ ପାଇପରେ ଢାଳିଲେ। ପାଣି ଆସି ନଳ ଦେଇ ସହଜରେ ବଗିଚାରେ ପହଞ୍ଚିଲା। ବାଡ଼ିରେ ଝୁଡ଼ଙ୍ଗ, ମୂଳା, ବିଲାତି, ଲଙ୍କା ଓ ଶାଗ ଆଦି ଚାଷ କରି ଡୁରୁମୁଙ୍ଗା, ବେଲେଦା ଓ ଚେମେଣା ସାପ୍ତାହିକ ହାଟକୁ ନିଜ ପରିବା ୩ ଚକିଆ ସାଇକେଲରେ ନେଇ ବିକ୍ରି କରୁଛନ୍ତି। ମିଳୁଥିବା ପଇସାରେ ତାଙ୍କର ତେଲଲୁଣର ସଂସାର ଚଳୁଛି। ସାର ଓ ବିହନ ପାଇଁ ଭାନୁମତୀ ସ୍ୱୟଂ ସହାୟିକା ଗୋଷ୍ଠୀରୁ ଋଣ ଆଣିଛନ୍ତି। ଏହି ଦମ୍ପତି ତାଙ୍କ ଦୁଇ ଝିଅଙ୍କୁ ବିବାହ ଦେଇ ସାରିଲେଣି। ସରକାରଙ୍କ ତରଫରୁ ରଇବୁଙ୍କୁ କେବଳ ମାସକୁ ୩ଶହ ଟଙ୍କାର ଭତ୍ତା ଓ ଖାଦ୍ୟସୁରକ୍ଷା ଯୋଜନାରେ ଚାଉଳ ମିଳୁଛି। ଭାନୁମତୀଙ୍କୁ ଏଯାବତ ଭତ୍ତା ମିଳିପାରିନାହିଁ। ଚାଷ ପାଇଁ ତାଙ୍କୁ ସରକାରୀ ସହାୟତାରେ ବୋରୱେଲ ସହ କୃଷି ଋଣ ମିଳିଲେ ରଇବୁଙ୍କ ଜୀବନ ଜୀବିକାରେ ସୁଖମୟ ହୁଅନ୍ତା ବୋଲି ସେ କହିଛନ୍ତି।